

ଜେଲ୍ ଯିବେ ଉତାପ୍ପା ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 268 | ଭାଗ ୩୨ | ସଂଖ୍ୟା ୨୬୮ Bhubaneswar | Sunday 22 December 2024 | Page 8 Rs. 4.00 ଭୁବନେଶ୍ୱର ରବିବାର ୨୨ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଭଦ୍ରକକୁ ଆଇଓସିଏଲ୍‌ର ଉପହାର

### ପ୍ରତିଷ୍ଠା ହେବ ବୟନ ପାର୍କ



- ୪୩୮୨ କୋଟି ଟଙ୍କା ବିନିଯୋଗ କରିବ ଇଣ୍ଡିଆନ୍ ଅଏଲ୍
- ମୋଦିଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ
- ସୃଷ୍ଟି ହେବ ୬ ହଜାର ନିଯୁକ୍ତି ସୁଯୋଗ
- ଯୁବଗୋଷ୍ଠୀ ଲାଭବାନ୍ ହେବେ: ସୂର୍ଯ୍ୟବଂଶୀ ସୂରଜ

**ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ):** ଭଦ୍ରକରେ ବୟନ ପାର୍କ ପ୍ରତିଷ୍ଠା ପାଇଁ ୪ ହଜାର ୩ ଶହ ୮୨ କୋଟି ଟଙ୍କା ବିନିଯୋଗ କରିବାକୁ ଇଣ୍ଡିଆନ୍ ଅଏଲ୍ ଅନୁମୋଦନ କରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ୍ ବିଭାଗ ମନ୍ତ୍ରୀ ହରଦୀପ ସିଂପୁରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଇଣ୍ଡିଆନ୍ ଅଏଲ୍‌କୁ ବି ଧନ୍ୟବାଦ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏହାଦ୍ୱାରା ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସହ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୃଷ୍ଟି ହେବ ବୋଲି ସୋଶାଲ୍ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏହାସହିତ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟ୍ୱିଟ୍ ଯୋଗେ ଧନ୍ୟବାଦ ଜଣାଇଛନ୍ତି। ଭଦ୍ରକ ଜିଲ୍ଲା ଓ ସ୍ଥାନୀୟ ଯୁବଗୋଷ୍ଠୀ ଏହି ପ୍ରକଳ୍ପ ଦ୍ୱାରା ବିଶେଷ ରୂପେ ଲାଭବାନ୍ ହେବେ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ୍ସରେ କହିଛନ୍ତି।

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍ ଅଧୀନ ଧାମନଗର ଛକଠାରେ ହେବାକୁ ଥିବା ଏହି ବୟନ ପାର୍କ ପାଇଁ ୪ ହଜାର ୩ ଶହ ୮୨ କୋଟି ଟଙ୍କା ବିନିଯୋଗ କରିବାକୁ ଇଣ୍ଡିଆନ୍ ଅଏଲ୍ ଅନୁମୋଦନ କରିଛି। ଆଇଓସିଏଲ୍ ଓ ଏମ୍‌ସିପିଆଇ ପ୍ରାଇଭେଟ୍ ଲିମିଟେଡ୍ର ୫୦:୫୦ ଭାଗୀଦାରିରେ ଏହି ପ୍ରକଳ୍ପ ସ୍ଥାପନ ହେବ। ପ୍ରକଳ୍ପରେ ୯୦୦ ଟିପିଡି କଣ୍ଟିନ୍ୟୁୟସ୍ ପଲିମେରାଇଜେସନ୍ (ସିପି) ୟୁନିଟ୍ ସହିତ ଟେକ୍ସଚର ସୂତା (ଡିଟିୱାଇ),

## ପ୍ରବାସୀ ଭାରତୀୟଙ୍କୁ ମୋଦିଙ୍କ ନିମନ୍ତ୍ରଣ



- ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗଦେବାକୁ ଆମନ୍ତ୍ରଣ
- ଶ୍ରୀଜଗନ୍ନାଥ ଦର୍ଶନ ସହ ପ୍ରୟାଗରାଜ ମହାକୁମ୍ଭରେ ସାମିଲ ହେବାକୁ ଅପିଲ

**କୁଏତ, ୨୧।୧୨ (ଏଜେନ୍ସି):** କୁଏତରେ ପ୍ରବାସୀ ଭାରତୀୟଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କୁଏତ୍‌ର 'ହାଲା ମୋଦି' (ସ୍ୱାଗତ ମୋଦି) କାର୍ଯ୍ୟକ୍ରମରେ ଏହି ନିମନ୍ତ୍ରଣ କରିଛନ୍ତି ପ୍ରଧାନମନ୍ତ୍ରୀ। ଭୁବନେଶ୍ୱରରେ ଆସନ୍ତା ମାସରେ ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସରେ ସାମିଲ ହେବାକୁ ସେ କୁଏତର ପ୍ରବାସୀ ଭାରତୀୟଙ୍କୁ ନିମନ୍ତ୍ରଣ କରିଛନ୍ତି । ଏଥିସହ କୁଏତୀ ବନ୍ଧୁଙ୍କୁ ମଧ୍ୟ ସାଥିରେ ଆଣିବାକୁ ମୋଦି ଆମନ୍ତ୍ରଣ କରିଛନ୍ତି।

'ହାଲା ମୋଦି' କାର୍ଯ୍ୟକ୍ରମରେ ହଜାର ହଜାର ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ବିକଶିତ ଭାରତର ଯାତ୍ରା ପ୍ରବାସୀ ଭାରତୀୟଙ୍କ ଭାଗିଦାରୀ ବିନା ଅସମ୍ଭବ। ମୁଁ ଆପଣ ସମସ୍ତଙ୍କୁ ବିକଶିତ ଭାରତର ସଂକଳ୍ପ ସହ ଯୋଡ଼ିହେବା ପାଇଁ ଆମନ୍ତ୍ରଣ କରୁଛି। ନୂଆବର୍ଷର ପ୍ରଥମ ମାସ ଅର୍ଥାତ୍ ୨୦୨୫ ଜାନୁଆରୀ ଏଥର ଅନେକ ➩ପୃଷ୍ଠା-୬

## ସୁଭଦ୍ରା ସହାୟତା ଫେରାଇବେ ଅଯୋଗ୍ୟ



**ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ):** ମୋହନ ସରକାରଙ୍କ ଫ୍ଲାଗସିପ୍ ଯୋଜନା ସୁଭଦ୍ରାରେ ସହାୟତା ପାଇଥିବା ମହିଳାଙ୍କ ମଧ୍ୟରୁ ଅଯୋଗ୍ୟ ହିତାଧିକାରୀଙ୍କୁ ଖୋଜିବାକୁ ସଙ୍କେତ ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ। ଏସବୁ ଭିତରେ ନୂଆବର୍ଷରେ ଆଉ ୨୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଭେଟି ଦେବାକୁ ସରକାର ପ୍ରସ୍ତୁତି ଜାରି ରଖିଛନ୍ତି। ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି । ଏବେ ପର୍ଯ୍ୟନ୍ତ ୮୦ ଲକ୍ଷ ୨୮ ହଜାର ମହିଳାଙ୍କୁ ସୁଭଦ୍ରା ସହାୟତା ମିଳି ସାରିଲାଣି । କିନ୍ତୁ ସହାୟତା ପାଇଥିବା ସବୁ ମହିଳା ଯେ ଯୋଗ୍ୟ ସେ ଗ୍ୟାରେଣ୍ଟି ଦେଇ ପାରୁନାହାନ୍ତି ସରକାର । ଖୁବଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କ ଭଳି ଅଯୋଗ୍ୟ ହିତାଧିକାରୀଙ୍କ ଏକ ତାଲିକା ପ୍ରକାଶ ହେବ । ଦ୍ୱିତୀୟ କିସ୍ତି ଟଙ୍କା ଦେବା ପୂର୍ବରୁ ଅଯୋଗ୍ୟ ହିତାଧିକାରୀଙ୍କୁ ନେଇ ଏଭଳି ଚରମ ନିଷ୍ପତ୍ତି ନିଆଯାଇପାରେ ବୋଲି ସଙ୍କେତ ଦେଇଛନ୍ତି ଶ୍ରୀମତୀ ପରିଡା। ସେ କହିଛନ୍ତି, ନୂଆବର୍ଷରେ ମିଳିବ ସୁଭଦ୍ରାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା। ଓଟିପି ସମସ୍ୟା ପାଇଁ ସହାୟତା ପାଇ ନ ଥିବା ଯୋଗ୍ୟ ହିତାଧିକାରୀଙ୍କ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରିତ କରିବା ସହ ଜାନୁଆରୀରୁ ସୁଭଦ୍ରା ଟଙ୍କା ଦେବାକୁ ସରକାର ପ୍ରସ୍ତୁତିକୁ ଜୋରଦାର କରିଛନ୍ତି।

ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ପାଇବା ପାଇଁ ଆବେଦନକାରୀମାନେ ଅପେକ୍ଷାରେ ଅଛନ୍ତି। ଅପେକ୍ଷାରତ ଅବେଦନକାରୀଙ୍କୁ କେବେ ଟଙ୍କା ମିଳିବ ସେନେଇ ଯଦିଓ ବିଦ୍ଧିବଦ୍ଧ ଭାବେ ତାରିଖ ଘୋଷଣା ହୋଇନାହିଁ, ସମ୍ଭବତଃ ଜାନୁଆରିରେ ମିଳିବ ବୋଲି ଆଶା କରାଯାଉଛି। ➩ପୃଷ୍ଠା-୬

## ଦେଶରେ ବଢ଼ିଛି ଜଙ୍ଗଲ ପରିସୀମା



**ନୂଆଦିଲ୍ଲୀ , ୨୧।୧୨ (ସଂଚାର ବ୍ୟୁରୋ):** ବର୍ତ୍ତମାନ ସମୟରେ ଦେଶରେ ଯେଉଁଭଳି ଭାବେ ଜନସଂଖ୍ୟା ବୃଦ୍ଧି ପାଉଛି ଜନବସତି ନେଇ ବହୁ ପରିମାଣର ଜଙ୍ଗଲ ନଷ୍ଟ କରାଯାଉଛି। ଏହା ସହ ଶିଳ୍ପାଞ୍ଚଳ ଓ ଚାଷ ପାଇଁ ମଧ୍ୟ ବହୁ ମାତ୍ରାରେ ଗଛ ଗୁଡିକ କାଟି ଦିଆଯାଉଛି । ଫଳରେ ଏହାର ସିଧା ସଳଖ ପ୍ରଭାବ ମୌସୁମୀ ପରିବର୍ତ୍ତନ, ପ୍ରଦୂଷଣ ବୃଦ୍ଧି ଓ ବନ୍ୟପ୍ରାଣୀମାନେ ଭୋଗୁଛନ୍ତି । ହେଲେ ଏହା ଭିତରେ ଏକ ଆଶ୍ୱସ୍ତି ➩ପୃଷ୍ଠା-୬

### ଭାରତରତ୍ନ ଚୌଧୁରୀ ଚରଣ ସିଂହ ପୁରସ୍କାର ସମାରୋହ

## ସଶକ୍ତ କୃଷକ ହିଁ ଶକ୍ତିଶାଳୀ ରାଷ୍ଟ୍ର ଗଠନ କରିପାରିବ

- ଚୌଧୁରୀ ଚରଣ ସିଂହ ଚାଷୀଙ୍କ ଆର୍ଥିକ ସ୍ୱାଧୀନତା ଏବଂ ଆତ୍ମନିର୍ଭର ସଂସ୍କାରର ବଟବୃକ୍ଷ ଥିଲେ
- ଭୂମି ସଂସ୍କାରରେ ହିନ୍ଦୀ ଭାଷାକୁ ପ୍ରାଥମିକତା ଦେଇଥିଲେ, ଯାହା ତାଙ୍କର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ପ୍ରତିଫଳନ
- ଆମ ସରକାର ଭାରତୀୟ ଭାଷାରେ ଶିକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି




**ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ):** ଜଣେ ସଶକ୍ତ କୃଷକ ହିଁ ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ କରିପାରିବ। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଚୌଧୁରୀ ଚରଣ ସିଂହଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରି ମୋଦୀ ସରକାର କୃଷକଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶନିବାର ଚୌଧୁରୀ ଚରଣ ସିଂହଙ୍କ ୧୨୨ତମ ଜୟନ୍ତୀର ଅବ୍ୟବହିତ ପୂର୍ବରୁ କିଷାନ ଟ୍ରଷ୍ଟ ଦ୍ୱାରା ଆୟୋଜିତ ପୁରସ୍କାର ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମାଜରେ ସନ୍ତୁଳନ, ସମାନତା ଓ ନ୍ୟାୟ ସୁନିଶ୍ଚିତ କରିବା ଉପରେ ଆଧାରିତ 'ଭାରତ ରତ୍ନ ଚୌଧୁରୀ ଚରଣ ସିଂହ ଜୀ'ଙ୍କ ମହାନ ମୂଲ୍ୟବୋଧ, ଭାବନା ଓ ଚିନ୍ତାଧାରାର ପ୍ରତୀକ ହେଉଛି ଏହି ପୁରସ୍କାର। ➩ପୃଷ୍ଠା-୬

## ଧାନ ନଷ୍ଟ ହେଲେ କ୍ଷତିପୂରଣ



**ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସକ୍ରିୟ ଅବପାତ ପାଇଁ ରାଜ୍ୟରେ ୨ ଦିନ ଧରି ଜାରି ରହିଛି ବର୍ଷା । ଅଦିନିଆ ବର୍ଷା ଯୋଗୁ ପ୍ରାୟ ସବୁ ଜିଲ୍ଲାରେ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି। ବହୁ ଅର୍ଥ ବ୍ୟୟ କରି ଓ ପରିଶ୍ରମ କରି ଉତ୍ପାଦନ କରିଥିବା ଫସଲ ପଚିବାରେ ଲାଗିଛି। ଫଳରେ ଚାଷୀଙ୍କ ଆର୍ଥିକ ସ୍ଥିତି ବିପର୍ଯ୍ୟସ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ସୂଚନା ଚାଷୀଙ୍କ ମନରେ କିଛିମାତ୍ରାରେ ଆଶା ସୃଷ୍ଟି କରିଛି। ଅନେକ ସ୍ଥାନରୁ ଫସଲ ନଷ୍ଟର ଖବର ଆସୁଥିବା ବେଳେ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ସେ କହିଛନ୍ତି, ଧାନ ନଷ୍ଟ ହେଲେ କ୍ଷତିପୂରଣ ଦିଆଯିବ। ମଣ୍ଡିରେ ଧାନର ସୁରକ୍ଷା ପାଇଁ ଜରି ପାଲର ବ୍ୟବସ୍ଥା କରାଯାଇଛି । ମଣ୍ଡିରେ ଧାନ ଓଦା ହେବା ସମ୍ଭାବନା କମ । ବିଲରେ ବର୍ଷା ଯୋଗୁଁ ଗଜା ହୋଇ ଯାଇପାରେ। ବର୍ଷା କମିଲେ ଧାନ ଶୁଖିଲା ପରେ ମଣ୍ଡିରେ କିଣାଯିବ। ଚାଷୀମାନେ ଧୈର୍ଯ୍ୟର ସହ ପରିସ୍ଥିତି ମୁକାବିଲା କରିବାକୁ ସେ ନିବେଦନ କରିଛନ୍ତି।

### ଟ୍ରେଣ୍ଡିଂ ନ୍ୟୁଜ୍

- କୁଏତରେ ପୂର୍ବତନ ଆଇଏଫ୍ଏସ୍ ଅଫିସର ମଙ୍ଗଳ ସୈନି ହଣ୍ଡା(୧୦୧)ଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।
- ମହାକାଶଚାରୀଙ୍କୁ ତାଲିମ ଓ ଗବେଷଣା ପାଇଁ ଇସ୍ରୋ ଏବଂ ୟୁରୋପୀୟ ମହାକାଶ ସଂସ୍ଥା ମଧ୍ୟରେ ରାଜିନାମା।
- ପାକିସ୍ତାନର ଖାଇବର ପାଖତୁନଖୱାଠାରେ ଆତଙ୍କବାଦୀ ଆକ୍ରମଣ: ୧୬ ଯବାନଙ୍କର ମୃତ୍ୟୁ ଓ ୮ ଆହତ।
- ନିର୍ବାଚନ ପୂର୍ବରୁ ଆପ୍‌କୁ ଶକ୍ତ ଝଟକା: ଝାଡୁ ଛାଡ଼ି ପଦ୍ମ ଧରିଲେ ବଲବୀର ସିଂହ।
- ବିଏମସି ନିର୍ବାଚନରେ ଶିବସେନା (ୟୁବିଟି) ଏକୁଟିଆ ଲଢ଼ିବ।
- ଲାଞ୍ଚ ନେଇ ଧରାପଡ଼ିଲେ ଡିଆଇସି ଜିଏମ୍ ବିପିନ ଦେହୁରୀ।

## ଇଣ୍ଟେଲିଜେଣ୍ଟ ଫୁଲ୍






**ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ):** ୨୦୨୪ ନିର୍ବାଚନରେ ବିଜେଡି କାହିଁକି ହାରିଗଲା। ନବୀନ ପଟ୍ଟନାୟକ ଓଡିଶାର ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ କାହିଁକି ଭୋଟରଙ୍କ ଆଶା ଓ ଭରସା ଜିତିପାରିଲେନି। କେଉଁଠି ରହିଲା ସମସ୍ୟା। ଏସବୁ ପ୍ରଶ୍ନକୁ ନେଇ ରାଜନୈତିକ ସମୀକ୍ଷକମାନେ ଭିନ୍ନ ଭିନ୍ନ ଆକଳନ କରୁଥିବା ବେଳେ ବରିଷ୍ଠ ସାମ୍ବାଦିକ ରୁବେନ ବାନାର୍ଜୀ ନିଜ ନୂଆ ପୁସ୍ତକରେ ପାଣ୍ଡିଆନଙ୍କ ତାଙ୍କ ରାଜନୈତିକ ଗୁରୁଙ୍କୁ ହରାଇଦେଇଥିବା ଦର୍ଶାଇଛନ୍ତି। ମଧ୍ୟ ବୟସ୍କ ଏହି ଆଇଏଏସ ଅଫିସର କେମିତି ନବୀନଙ୍କ ନିକଟତର ହେଲେ ଏବଂ ପରବର୍ତ୍ତି ସମୟରେ ସବୁ ଅଫିସରଙ୍କୁ ତାଙ୍କ ଠାରୁ ଦୂରେଇ ଦେଲେ ସେ ସମ୍ପର୍କରେ ରୁବେନ ବାନାର୍ଜୀ ସ୍ପଷ୍ଟ ଭବେ ଲେଖିଛନ୍ତି। ୨୦୧୨ରେ ପ୍ୟାରୀମୋହନ ମହାପାତ୍ରଙ୍କ ମିଡନାଇଟ ଅପରେସନରେ ବିଧାୟକଙ୍କୁ ନବୀନ ନିବାସ ଡକାଇବା ଏବଂ ବିଦେଶରୁ ଫେରିବା ସମୟରେ ବିରାଟ ଶୋଭାଯାତ୍ରାରେ ଶକ୍ତି ପ୍ରଦର୍ଶନ ପାଇଁ ନବୀନ ଜଣେ ଭରସାଯୋଗ୍ୟ ବ୍ୟକ୍ତିଙ୍କୁ ଖୋଜୁଥିଲେ। ଆଉ ସେ ସମୟରେ ସେ ଦାୟିତ୍ୱ ନେଇଥିଲେ ପାଣ୍ଡିଆନ। ଆଉ ତାପରଠାରୁ ସେ ନବୀନଙ୍କ ବିଶ୍ୱାସଭାଜନ ହେଲେ ଆଉ ନେତାଙ୍କୁ ନବୀନଙ୍କ ଠାରୁ ଦୂରେଇ ରଖିବାରେ କୋଭିଡ ଏକ ବଡ ଅସ୍ତ୍ର ସାଜିଥିଲା। ଏହାଦ୍ୱାରା ଧିରେ ଧିରେ ନବୀନ ପଟ୍ଟନାୟକ ନେତାମାନଙ୍କ ଠାରୁ ପ୍ରକୃତ ତଥ୍ୟ ପାଇଲେ ନାହିଁ। ପାଣ୍ଡିଆନଙ୍କ ଆଖିରେ ସେ ବିକାଶ ଦେଖିଲେ ଆଉ ତାଙ୍କ ମୁହଁରେ ସତ ଶୁଣିଲେ। ଯାହାର ଫଳ ସ୍ୱରୂପ ବାସ୍ତବତା ଠାରୁ ଦୂରେଇଗଲେ ନବୀନ ପଟ୍ଟନାୟକ। ସବୁ କ୍ଷମତାକୁ ଏକା ଜାବୁଡ଼ି ଧରିବାର ଲୋଭ ପାଣ୍ଡିଆନଙ୍କୁ ଏତେ ମାତ୍ରାରେ ଗ୍ରାସ କରିଥିଲା ଯେ, ନବୀନଙ୍କ ସହ ଆଉ କାହାର ଘନିଷ୍ଠତାକୁ ଗ୍ରହଣ କରିବାକୁ ରାଜି ନଥିଲେ। ➩ପୃଷ୍ଠା-୬

## ସାରିଦେଲା ଶାବଳ !

ବାରବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଯିବା ଭଳି ନୂଆ ସରକାରର ସମସ୍ତ ଭଲ କାମ ଏବେ ନିନ୍ଦୁକଙ୍କ ଆଖିରେ ଛୋଟ ହୋଇଯାଇଛି। ଏହାର ମୂଳ କାରଣ ଆଇନଶୃଙ୍ଖଳା। ରାଜ୍ୟର ଆଇନଶୃଙ୍ଖଳା ଠାରୁ ଏବେ ଅଧିକ ବିଗିଡି ଯାଇଛି ରାଜଧାନୀ ଭୁବନେଶ୍ୱର ଆଇନଶୃଙ୍ଖଳା। କଥା କଥାକେ ବୁଲୁଛି ହତିଆର। ରାତି ପାହିଲେ ଲୁଟୁଛନ୍ତି ଲୁଟେରା। ପୋଲିସକୁ ଥଳ କୂଳ ଦେଉନାହାନ୍ତି। ଦୁଇଦିନ ତଳେ ଧଉଳି ଥାନା ବିଜୟ ବିହାର ଲୁଟ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଖୋଜୁଥିବା ବେଳେ, ଦିନକ ତଳେ ଇନ୍‌ଫୋସିଟି ଥାନା ଆଦର୍ଶ ବିହାରରେ ଜଣେ କ୍ରୀଡ଼ାବିତଙ୍କ ଘରୁ କଳାକନା




ବୁଲାଇଛନ୍ତି ଲୁଟେରା। ସେହି ଘଟଣାରେ ଲଜ୍ଜିତ ପୋଲିସ କାହାକୁ ଧରିବାକୁ ଅଣ୍ଡାଳୁଥିବା ବେଳେ ପୁଣି ରାଜଧାନୀରେ ଥିବା ସୁନା ଦୋକାନରୁ ହୋଇଛି ଲୁଟ। ମଞ୍ଚେଶ୍ୱର ଥାନା ଚକେଇଶିଆଣିରେ ଥିବା ସୁବର୍ଣ୍ଣ ଜୁଏଲରରେ ପଶି ସହ ଶାବଳ ଦ୍ୱାରା ତାଲା ଭାଙ୍ଗିଛନ୍ତି। ଶାବଳ ପୁରାଇ ତାଲା ଓପାଡିଛନ୍ତି। ଯାହା ସୁନା ରୁପା ଥିଲା, ସବୁ ନେଇଯାଇଛନ୍ତି। ଚୋରି ପୂର୍ବରୁ ସାହସ ଜୁଟାଇ ଶାବଳ ଧରି ସିସିଟିଭି ଆଡକୁ ମୁହଁ କରିଛି ଚୋର। ଧରପଡିଯିବା ଭୟରେ ପରେ ସିସିଟିଭି ଡିଭିଆର ତାଡି ନେଇଯାଇଛନ୍ତି। ଏ ନେଇ ମଞ୍ଚେଶ୍ୱର ଥାନାରେ ଦୋକାନ ମାଲିକ ବ୍ରହ୍ମା ସାହୁ ଥାନାରେ ଅଭିଯୋଗ କରିବା ପରେ ତଥାକଥିତ ଭାବେ ପୋଲିସ ଆସି ତଦନ୍ତ ଚଳାଇଛି। ଲଜ୍ଜାର ବିଷୟ ହେଉଛି, ଲୁଟ ରୋକିବା ପାଇଁ କିଛିଦିନ ତଳେ ଟିମ ଅଦୃଶ୍ୟ ଗଠନ ହୋଇଛି। ଏଠାରେ କୁଆଡେ ୧୫୦ ପୋଲିସ ରହି ଲୁଟ ରୋକିଥାନ୍ତେ। ସେହିପରି ବେଶ ପାରିବାର ସ୍ପେଶାଲ ସ୍କ୍ୱାଡ୍, ସ୍ପେଶାଲ କ୍ରାଇମ ୟୁନିଟ କାମ କରୁଛି। ପିଓପିଡି ଟିମ ରାତିତମାମ ଛାନଭିନ କରୁଛି। ଏହାବାଦ ପିସିଆର ଓ ପୋଲିସ ଭ୍ୟାନ ➩ପୃଷ୍ଠା-୬

## ଭିଡିଓ ରେକର୍ଡିଂ ଦେଖାଇବେନି ନିର୍ବାଚନ କମିଶନ

**ଭୁବନେଶ୍ୱର,୨୧।୧୨ (ସଂଚାର ବ୍ୟୁରୋ):** ନିର୍ବାଚନ ପରିଚାଳନା ନିୟମରେ ଗୋଟିଏ ବଡ଼ ପରିବର୍ତ୍ତନ କରିଛନ୍ତି କେନ୍ଦ୍ର ସରକାର। ସିସିଟିଭି ଫୁଟେଜ୍ ଓ ଭିଡିଓ ରେକର୍ଡିଂ ଭଳି କେତେକ ଇଲେକ୍ଟ୍ରୋନିକ୍ ଡକ୍ୟୁମେଣ୍ଟର ସର୍ବସାଧାଣ ତନଖି ଉପରେ ଲାଗିଛି ରୋକ। ପୂର୍ବରୁ ନିର୍ବାଚନ ପ୍ରକ୍ରିୟାକୁ ନେଇ ଆପତ୍ତି ଆସିଲେ ଭିଡିଓ ରେକର୍ଡିଂର ଯାଞ୍ଚ କରାଯିବାର ପ୍ରାବଧାନ ରହିଥିଲା।

କିନ୍ତୁ ସେଥିରେ ସରକାର ନିର୍ବାଚନ କମିଶନଙ୍କ ସୁପାରିସ ଆଧାରରେ ସଂଶୋଧନ କରି ଦେଇଛନ୍ତି। ସରକାରଙ୍କ ଏପରି ପଦକ୍ଷେପକୁ କଂଗ୍ରେସ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ନିର୍ବାଚନ ପ୍ରକ୍ରିୟାର ବିଶ୍ୱସନୀୟତା ହ୍ରାସ ପାଉଥିବା ନେଇ ଦଳ ଯେଉଁ ଆଶଙ୍କା କରୁଥିଲା, ତାହା ଏବେ ସତ ପ୍ରମାଣିତ ହୋଇଛି। ଶୁକ୍ରବାର କେନ୍ଦ୍ର ଆଇନ ମନ୍ତ୍ରଣାଳୟ, ନିର୍ବାଚନ କମିଶନଙ୍କ ସୁପାରିସ ଆଧାରରେ ନିର୍ବାଚନ ପରିଚଳନା ନିୟମ ୧୯୬୧ର ଧାରା ୯୩ରେ ସଂଶୋଧନ କରିଛନ୍ତି। ନିର୍ବାଚନ ପ୍ରକ୍ରିୟା ସହ ଜଡ଼ିତ କେଉଁ ସବୁ ଦସ୍ତାବିଜର ତନଖି ସର୍ବସାଧାଣରେ କରାଯାଇ ପାରିବ ନାହିଁ, ତା'ର ତାଲିକା ପ୍ରସ୍ତୁତ ହୋଇଛି। ନିର୍ବାଚନ ପରିଚାଳନାର ଧାର ୯୩(୨)(କ)ରେ ପୂର୍ବରୁ କୁହାଯାଇଥିଲା ଯେ "ନିର୍ବାଚନ ସହ ଜଡ଼ିତ ଅନ୍ୟ ସମସ୍ତ ନଥି ସର୍ବସାଧାରଣ ଯାଞ୍ଚ ପାଇଁ ଉପଲବ୍ଧ ହୋଇପାରିବ।" ନିୟମର ସଂଶୋଧିତ କରାଯାଇ କୁହାଯାଇଛି ଯେ ନିର୍ବାଚନ ସହ ଜଡ଼ିତ ଏହି ନିୟମରେ ଉଲ୍ଲେଖ କରାଯାଇଥିବା ଅନ୍ୟ ସମସ୍ତ କାଗଜପତ୍ର ସାଧାରଣ ଯାଞ୍ଚ ପାଇଁ ଉପଲବ୍ଧ ରହିବ।

ଗୋଟିଏ କୋର୍ଟ କେସ୍ ଯୋଗୁ ହିଁ ସରକାର ଏହି ନିୟମରେ ସଂଶୋଧନ କରାଯାଇଥିବା ଅଭିଯୋଗ ହୋଇଛି।

ନିର୍ବାଚନ କମିଶନର ଜଣେ ଅଧିକାରୀ କହିଛନ୍ତି, "ପୂର୍ବ ନିୟମକୁ ଆଧାର କରି ଏପରି କିଛି ଘଟଣା ଘଟିଛି ଯେଉଁଠାରେ ନିର୍ବାଚନ ସହ ଜଡ଼ିତ ଇଲେକ୍ଟ୍ରୋନିକ୍ ରେକର୍ଡକୁ ଖୋଜା ଯାଇଛି। ଏବେ ସଂଶୋଧନ ଦ୍ୱାରା ସୁନିଶ୍ଚିତ କରାଯାଇଛି ଯେ କେବଳ ➩ପୃଷ୍ଠା-୬



### କାନ ଡେରିଥା

ବିଷ୍ଣୁପଦ ଆଡେ ସିବିଆଇ ଆସି
ଦିଲ୍ଲୀ ଚାଲିଗଲା ପଳେଇ
ଏହାପରେ ପୁଣି ଇଡ଼ି ଉଡ଼ିଆସି
ଘାଣ୍ଟୁଛି ନିରଞ୍ଜନ ଖାଲେଇ।

## ବିଜେପିକୁ ଅଡୁଆ ହେଲେଣି ଆଶାୟୀ

- ଭାଙ୍ଗୁଛି ଧୈର୍ଯ୍ୟ ବନ୍ଧ
- ସୋସିଆଲ ମିଡିଆରେ ତେରେଛା ବାଣ



**ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ):** ଛଅ ମାସ ପୂରିଥିବା ବିଜେପି ସରକାର ପାଇଁ ଆଶାୟୀମାନେ ଧିରେ ଧିରେ ଅଡୁଆ ହେବାରେ ଲାଗିଛନ୍ତି। କୌଣସି ପଦବୀ ନ ପାଇବା ଓ ଦଳରେ ଅଣଦେଖା ହେବାକୁ ନେଇ ପୁରୁଖା ନେତାମାନେ ଖୋଲା ଅସନ୍ତୋଷ ପ୍ରକଟ ଆରମ୍ଭ କରିଦେଲେଣି।

ଦଳର ଜଣେ ପୁରୁଖା ନେତା ହେଉଛନ୍ତି ଦିଲ୍ଲୀପ ମଲ୍ଲିକ। ଦୀର୍ଘଦିନ ଧରି ଦଳରେ ରହିଛନ୍ତି । ଗତ ନିର୍ବାଚନରେ କଟକରୁ ଲଢିବାପାଇଁ ଆଶାୟୀ ଥିଲେ । ହେଲେ ଦଳ ହଠାତ୍ ପ୍ରକାଶ ସେଠୀଙ୍କୁ ଟିକେଟ ଦେଇଦେଲା। ପ୍ରକାଶ ବି ବିଜେପି ପ୍ରାର୍ଥୀଭାବେ ଜିଣିଗଲେ। ଦିଲ୍ଲୀପ ଭାବିଥିଲେ ଟିକଟ ନ ପାଇଲେ ନାହିଁ, ଦଳରେ ତାଙ୍କୁ ପୁରୁଖା ନେତା ହିସାବରେ ସମ୍ମାନ ମିଳିବ। କିନ୍ତୁ ସରକାରକୁ ଛଅ ମାସ ପୁରିଥିବାବେଳେ ଦିଲ୍ଲୀପ ଏବେ ବି ଅଣଦେଖା। ଯଦିଓ ଦଳ ପାଇଁ ଶିଙ୍ଘ ପକେଇ ମିଡିଆ ଆଗରେ ଲଢୁଛନ୍ତି, କିନ୍ତୁ କିଛି ପଦ ପଦବୀ ନ ଥିବାରୁ ନିଜ ନିଜ ସମର୍ଥକ ଓ କର୍ମୀଙ୍କୁ ସହାୟତା କରିପାରୁ ନାହାନ୍ତି । ଆଉ ଦଳର ଏଭଳି ଅଣଦେଖାକୁ ନେଇ ଖୋଲାଖୋଲି ଭାବେ ସୋସିଆଲ ମିଡିଆରେ ନିଜର ଅସନ୍ତୋଷ ଝାଡିଛନ୍ତି। ଦଳରେ ୧୫ବର୍ଷ ଧରି ରହିଥିବା ପୁରୁଣା ନେତାଙ୍କ କିଭଳି ଅଣଦେଖା କରାଯାଉଛି ତାହା ସିଧା ଲେଖିଛନ୍ତି । କଟକରେ ବିଜେପିର ବିଜୟ ପାଇଁ ବି ଖୁସିବ୍ୟକ୍ତ କରିବା ସହିତ ଲକ୍ଷ୍ୟ ପୂରଣ ହୋଇଥିବା କହିଛନ୍ତି। ଦିଲ୍ଲୀପଙ୍କର ସୋସିଆଲ ମିଡିଆରେ ଏଭଳି ତେରେଛା ବାଣ ଏବେ ବିଜେପି ଶିବିରରେ ଆଲୋଡନ ସୃଷ୍ଟି କରିଛି । ଯଦିଓ ଏହା ଉପରେ ତର୍ଜମା ହୋଇନାହିଁ, କିନ୍ତୁ ଦିଲ୍ଲୀପଙ୍କ ଭଳି ପୁରୁଖା ନେତାଙ୍କ ଏଭଳି ମନ୍ତବ୍ୟକୁ କେହି ହାଲୁକାରେ ନେଉ ନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀପଙ୍କ ଭଳି ଅନେକ ନେତା, ଯେଉଁମାନେ ବି ନୂଆ ସରକାରରେ ପଦ ପଦବୀ ପାଇବାକୁ ଆଶାୟୀଥିଲେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏହାର କାରଣ ହେଉଛି ସରକାରକୁ ଛଅମାସ ପୂରିଥିଲେ ମଧ୍ୟ କୌଣସି ରାଜନୈତିକ ନିଯୁକ୍ତି ହେଉନାହିଁ । ନିର୍ବାଚନ ସମୟରେ ଟିକଟରୁ ବଞ୍ଚିତ ହୋଇ କିମ୍ବା ବିଜେଡି ସହିତ ଲଢ଼ି ହାରିଥିବା ନେତାମାନେ ଥଇଥାନ ହେବାପାଇଁ ➩ପୃଷ୍ଠା-୬

# ସୁନାମୀ ରେଡି ଗାଁର ସ୍ଥିତି ପରଖିଲେ ୟୁନେସ୍କୋ ପ୍ରତିନିଧି ଦଳ



**ରାଜନଗର, ୨୧।୧୨ (ସଂଚାର ବ୍ୟୁରୋ) :** ସୁନାମୀ ପ୍ରସ୍ତୁତ (ସୁନାମୀ ରେଡ଼ି) ଗ୍ରାମ ଭାବରେ ସ୍ୱୀକୃତିପ୍ରାପ୍ତ ରାଜନଗର ବ୍ଲକ୍‌ର କଇଥାକୁ ଆଜି ଆନ୍ତର୍ଜାତୀୟ ଅନୁଷ୍ଠାନ ୟୁନେସ୍କୋ ଅଧିକାରୀବୃନ୍ଦ, ଜାତୀୟ ସୁନାମୀ ନିରୀକ୍ଷଣ ଅନୁଷ୍ଠାନ ଓ ଜାତୀୟ ଗଣମାଧ୍ୟମ ପ୍ରତିନିଧିଗଣ ଗସ୍ତ କରିଥିଲେ। ସେମାନେ ଗ୍ରାମର ଶିଶୁ, କିଶୋର, ମହିଳା ଓ ଗ୍ରାମବାସୀ ଙ୍କ ସହିତ ସୁନାମୀ ସମ୍ବନ୍ଧୀୟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ ଓ ପ୍ରସ୍ତୁତି ଦେଖିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ସମସ୍ତ ଗ୍ରାମବାସୀ ଦୀର୍ଘ ସମୟ ଉପସ୍ଥିତ ରହି ଗ୍ରାମର ସୁନାମୀ ସମ୍ପର୍କିତ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ ଓ ସୁନାମୀ ଆସିଲେ କିପରି ପରିପାଙ୍ଗରା ବାତ୍ୟା ଆଶ୍ରୟସ୍ଥଳୀ ରେ ପହଞ୍ଚିବେ ତାହା ଜଣାଇଥିଲେ। ନେଚର୍ସ କ୍ଲବ୍ ସହଯୋଗରେ କଇଥା ଗ୍ରାମ ନିଜକୁ ସୁନାମୀ ରେଡି କରିପାରିଛି ଏହା ଗ୍ରାମବାସୀ ମାନେ ପ୍ରତିନିଧି ଦଳକୁ ଅବଗତ କରାଇଥିଲେ। ସୁନାମୀ ରେଡି ଗ୍ରାମ ଭାବରେ ଆନ୍ତର୍ଜାତୀୟ ପ୍ରମାଣପତ୍ର ଆନୁଷ୍ଠାନିକ ଭାବରେ ଗ୍ରହଣ କରିବା ପାଇଁ ଗ୍ରାମ ତରଫରୁ ହସ୍ତତିନା ଗ୍ରା. ପ. ସରପଞ୍ଚ ଶ୍ରୀ ସମୀର ସେଠି ଏବଂ ଡେରା ସରପଞ୍ଚ ନିରଞ୍ଜନ ରାଉତ ଆସନ୍ତା ଡିସେମ୍ବର ୨୬ ତାରିଖରେ( ୨୦୦୪ ସୁନାମୀ ର ୨୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ) ହାଇଦ୍ରାବାଦ ଗସ୍ତ କରିବେ। ସୂଚନା ଯୋଗ୍ୟ ଏହି ସୁନାମୀ ପ୍ରସ୍ତୁତି ନିମନ୍ତେ ନେଚର୍ସ କ୍ଲବର ବରିଷ୍ଠ ଉପଦେଷ୍ଟା ବିରଜା ପ୍ରସାଦ ପତି ଏବଂ ଇସିଆର୍‌ଆଇସିସି କାର୍ଯ୍ୟକ୍ରମ ଅଧିନସ୍ଥ ସ୍ଥାନୀୟ ସଂଯୋଜକ ରଶ୍ମିତା, ନର୍ମଦା ଏବଂ କ୍ଲାଇମେଣ୍ଟ ଚମ୍ପିଆନ ମମତା ସାହୁ, ମାମା ସ୍ୱାଇଁ, କୁମାରୀ ଝରଣା ପରିଡ଼ା ଏବଂ ସୁପ୍ରିୟା ସାହୁ ସକ୍ରିୟ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଜିଲ୍ଲା ଜରୁରକାଳୀନ ବିଭାଗୀୟ ଅଧିକାରୀ ସନ୍ତୋଷ ବେହୁରା ଜିଲ୍ଲା ତରଫରୁ ଏହାର ପରିଚାଳନା କରୁଛନ୍ତି।

# ସଦାଶିବ ଯୁବକ ସଂଘ ତରଫରୁ ବୃକ୍ଷରୋପଣ



**ମହାକାଳପଡ଼ା, ୨୧।୧୨ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ବ୍ଲକ ବାରଡାଙ୍ଗ ପଞ୍ଚାୟତ ଭିତରଶୋବଳା ଗ୍ରାମର ସଦାଶିବ ଯୁବକ ସଂଘ ତରଫରୁ ଚିହ୍ନାର ଖେଳପଡ଼ିଆ ହୁଡାରେ ସଂଘର କର୍ମକର୍ତ୍ତାମାନେ ବୃକ୍ଷ ରୋପଣ କରିଛନ୍ତି। ଖେଳପଡିଆ ଚାରିପଟେ ଥିବା ଫାଙ୍କା ହୁଡାରେ କାଜୁ,ଆମ୍ବ,ପଣସ, ପିଜୁଳି ଆଦି ୫୦ ଫଳଗଛ ରୋପଣ କରିବା ସହିତ ଗଛର ସୁରକ୍ଷା ପାଇଁ ବାଡର ବ୍ୟବସ୍ଥା କରିଛନ୍ତି। ଦିନକୁ ଦିନ ବୃଦ୍ଧି ତାପମାତ୍ରା ବୃଦ୍ଧି କାରଣରୁ ଅନେକ ସମୟରେ ପ୍ରକୃତିର ଅସନ୍ତୁଳନ ଦେଖିବାକୁ ମିଳୁଛି। ଏହି ମର୍ମକୁ ହୃଦୟଙ୍ଗମ କରି ସଙ୍ଗଠନର ସଦସ୍ୟମାନେ ବୃକ୍ଷ ରୋପଣ କରିଛନ୍ତି। କାର୍ଯ୍ୟକ୍ରମ ରେ ମନରଞ୍ଜନ ସାମଲ, ରଶ୍ମି ରଞ୍ଜନ ସାମଲ, ଅଙ୍ଗଦ ପାଇଟାଳ, ଶଙ୍କର ଦାସ, ଅଞ୍ଜନ ବସନ୍ତିଆ,ଗୁରୁଦେବ ଦାସ,ଗୌତମ ସାମଲ, ବିଶ୍ୱ ରଞ୍ଜନ ବାରିକ ଉପସ୍ଥିତ ଥିଲେ।

**ଦାଉ ସାଜିଛି ଅଦିନିଆ ବର୍ଷା**

# ଧାନ ଏବଂ ପନିପରିବା ଫସଲକୁ ନେଇ ଚିନ୍ତାରେ ଚାଷୀ



**କେନ୍ଦ୍ରାପଡ଼ା, ୨୧।୧୨ (ସଂଚାର ବ୍ୟୁରୋ) :** ଚାଷୀଙ୍କ ଉପରେ ଦାଉ ସାଧିଲା ଅଦିନିଆ ବର୍ଷା । ବର୍ଷା ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ କ୍ଷେତରେ ଭିଜିଲା ପାଚିଲା ଧାନ । ଅଦିନିଆ ବର୍ଷା ପାଇଁ କଟା ଧାନ ଖଳାକୁ ନେଇ ପାରିଲେନି ଚାଷୀ। ବର୍ଷା ଯୋଗୁଁ ଚିନ୍ତାରେ ପଡ଼ିଛନ୍ତି ଚାଷୀ । ରାଜ୍ୟର ବିଭିନ୍ନ ସ୍ଥାନରେ ଗତ ଶୁକ୍ରବାର ଦିନଠୁ ଲାଗି ରହିଛି ଝିପ୍‌ଝିପ୍ ବର୍ଷା। ଶୀତ ଅପେକ୍ଷା ଅଦିନିଆ ବର୍ଷା ଚାଷୀଙ୍କ ପାଇଁ ମହରଗ ହୋଇଛି। ଅଦିନିଆ ବର୍ଷା ଯୋଗୁଁ ଜମିରେ ପାଚିଲା ଧାନ କିପରି ଖଳାକୁ ଆସିବ, ସେନେଇ ଜିଲ୍ଲାର ଚାଷୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ବର୍ତ୍ତମାନ ଧାନକଟା ସମୟ। ଧାନ ପାଚି ଯାଇଥିବାରୁ ଚାଷୀମାନେ ଅମଳ ପାଇଁ ତରତର ହେଉଥିବା ବେଳେ ହଠାତ୍ ବର୍ଷା ଏଥିରେ ବାଧକ ସାଜିଛି।

ଶୁକ୍ରବାର ଏବଂ ଶନିବାର ଉପକୂଳବର୍ତ୍ତୀ ଜିଲ୍ଲାରେ ଝିପିଝିପି ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବରୁ ପୂର୍ବାନୁମାନ କରିବା ପରେ ଚାଷୀ ମନରେ ଛନକା ପଶିଥିଲା। ବିଲରେ ପାଚିଲା ଧାନ ଥିବା ବେଳେ ଘରେ ଶାନ୍ତିରେ ଶୋଇ ପାରି ନଥିଲେ ଚାଷୀ। କେମିତି ଧାନ କଟା ହୋଇ ଖଳାକୁ ଆସିବ, ସେହି ଚିନ୍ତାରେ ଥିବା ବେଳେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଝିପିଝିପି ବର୍ଷା ଆହୁରି ଡରାଇ ଦେଇଛି। ଜିଲ୍ଲାର ଥିବା ଖାଲୁଆ ଅଞ୍ଚଳ ମହାକାଳପଡା, ରାଜନଗର, ପଟ୍ଟାମୁଣ୍ଡାଇ, ମାର୍ଶାଘାଇ, ଗରଦପୁର ଆଦି ଅଞ୍ଚଳ ବିଶେଷ ଭାବେ ପ୍ରଭାବ ପକାଇଛି। ସାଧାରଣତଃ ବିଲ ଶୁଖିଲା ଥିଲେ ଧାନ କାଟିବା ପାଇଁ ସୁବିଧା ହୋଇଥାଏ। ହେଲେ ଏହି ବର୍ଷା ଯୋଗୁଁ ବିଲରେ ପାଣି ଜମିଲା, ସେଥିପାଇଁ ଧାନ ଅମଳ କିଛିଦିନ ବିଳମ୍ବ ହେବ। ଏମିତି ବି ଅନେକ ଧାନ ନଷ୍ଟ ହୋଇଯିବ ବୋଲି କହିଛନ୍ତି ମହାକାଳପଡ଼ା ଅଞ୍ଚଳର ଚାଷୀ ସରୋଜ ପରିଡ଼ା। ସେ କହିଛନ୍ତି, ବର୍ଷା ଯୋଗୁଁ ପଡ଼ିଯାଇଥିବା ଧାନ କଚଡ଼ା ରେ ପାଣି ଲାଗିଥିବା ହେତୁ ଗଜା ହେବାର ବହୁ ସମ୍ଭାବନା ରହିଛି। ଯଦି ପୁନର୍ବାର ରବିବାର ଏହିପରି ଝିପି ଝିପି ବର୍ଷା ଲାଗି ରୁହେ ତେବେ ୫୦ ରୁ ୬୦ ଭାଗ ଧାନ ଫସଲ ବିଲରେ ନଷ୍ଟ ହୋଇଯିବ। ଏହି ଅଦିନିଆ ବର୍ଷା ଚାଷୀ ମୁଣ୍ଡରେ ଚଡ଼କ ପକାଇଛି।

କେବଳ ଧାନ ଫସଲ ନଷ୍ଟ ହେବ ତାହା ନୁହେଁ ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ହୋଇଥିବା ପନିପରିବା ଚାଷୀଙ୍କ ଅଦିନିଆ ବର୍ଷା ନିଦ ହଜାଇ ଦେଇଛି। କାରଣ ସହ ସହ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ପରିବା ଚାଷ ହେଉଥିବା ଦେଖା ଦେଇଛି। ନଦୀ ପଠା ଠୁ ଆରମ୍ଭ କରି ଖାଲୁଆ ଅଞ୍ଚଳ ର ଥିବା ଉଚ୍ଚା ଜମିରେ ହଜାର ହଜାର ଚାଷୀ ବାଇଗଣ, ଟମାଟୋ, କଲରା, ଫୁଲ କୋବି, ଆଳୁ, ଝୁଡୁଙ୍ଗ, ବିଭିନ୍ନ ପ୍ରକାର ଶାଗ, ଚିନା ବାଦାମ ସହ ବିରି ଚାଷକୁ ନେଇ ଚିନ୍ତିତ ହୋଇପଡିଛନ୍ତି ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପାଇଁ ସାହାରା ପାଇଲେ ବୃଦ୍ଧ ଦମ୍ପତି

**କେନ୍ଦ୍ରାପଡ଼ା, ୨୧।୧୨ (ସଂଚାର ବ୍ୟୁରୋ) :** ଜିଲ୍ଲା ଆଇନ ସେବା ପ୍ରାଧିକରଣ ଇତିହାସରେ ଯୋଡ଼ି ହେଲା ଆଉ ଏକ ନୂଆ ଫର୍ଦ୍ଦ । ଭାଙ୍ଗି ଯାଇଥିବା ପରିବାରକୁ ଆଉ ଥରେ ଯୋଡ଼ି ପ୍ରଶଂସା ସାଉଁଟିଛି। ପୁଅ ବୋହୂ ଏବଂ ବାପା ମାଆଙ୍କ ବିବାଦର ଅନ୍ତ ଘଟିଛି। କେନ୍ଦ୍ରାପଡ଼ା ଜିଲ୍ଲା ପଣ୍ଡିରିର ମରଡ଼ପୁର ଅଞ୍ଚଳର ୮୫ ବର୍ଷୀୟ ତ୍ରିଲୋଚନ ସ୍ୱାଇଁ ଓ ୮୦ ବର୍ଷୀୟ ଅଗଣି ସ୍ୱାଇଁଙ୍କ କ୍ଷେତ୍ରରେ ଏହିଭଳି ଦେଖିବାକୁ ମିଳିଛି। ବଡ଼ ପୁଅ ଶରତ ବୃଦ୍ଧ ଓ ବାପା ମାଙ୍କର ଭଲ ମନ୍ଦ ବୁଝିବା ପରିବର୍ତ୍ତେ



ମରଣାନ୍ତକ ଆକ୍ରମଣ କରି ଘରୁ ତଡି ଦେଇଥିଲେ। ଏହି ଅଭିଯୋଗ ଜିଲ୍ଲା ଆଇନ ସେବା ପ୍ରାଧିକରଣ ନିକଟରେ ପହଞ୍ଚିବା ପରେ ଏହାର ସଚିବ ସୁମିତ୍ରା ସାହୁ ସେମାନଙ୍କର ବଡ଼ ପୁଅକୁ କାର୍ଯ୍ୟାଳୟ ନିକଟକୁ ଡ଼କାଇଥି ବାପା ମାଆ ଓ ପୁଅ ବୋହୁଙ୍କ ମଧ୍ୟରେ ଥିବା ମତାନ୍ତର ମନାନ୍ତରକୁ ଆପୋଷ ବୁଝାମଣା ମାଧ୍ୟମରେ ସମସ୍ୟାର ସମାଧାନ କରାଇଥିଲେ ଏବଂ ବଡ଼ପୁଅ ଶରତଙ୍କ ଠାରୁ ଆଗାମୀ ଦିନରେ ବାପା ମାଆଙ୍କୁ ଆଉ ହତାଦର କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ନିଆଯାଇଥିଲା ।

# ଜମ୍ବୁ-ମାର୍ଶାଘାଇ ମୁଖ୍ୟ ରାସ୍ତାରେ ଫାଟ

**ମହାକାଳପଡ଼ା, ୨୧।୧୨ (ସଂଚାର ବ୍ୟୁରୋ) :** ପୂର୍ତ୍ତ ବିଭାଗ ଦ୍ୱାରା ନୂଆକରି ନିର୍ମାଣ ହୋଇଥିବା ରାସ୍ତା କାମରେ ଫାଟ ଦେଖିବାକୁ ମିଳିଛି। ଜମ୍ବୁ ଠାରୁ ମାର୍ଶାଘାଇ ପର୍ଯ୍ୟନ୍ତ ହାରାହାରି ୨୭ କିଲୋମିଟର ରାସ୍ତାର ଗୋପାଳପୁର ଗୋଡା ରୁ ବାଲଣା ଗୋଡ଼ା ମଧ୍ୟରେ ଏହି ଫାଟ ଦେଖିବାକୁ ମିଳିଛି। ଗତ ସରକାର ସମୟରେ ଏହି ରାସ୍ତାର ଅନୁମୋଦନ ମିଳିଥିଲା। ନିମ୍ନମାନର କାର୍ଯ୍ୟ ପାଇଁ ଏମିତି ଫାଟ ହୋଇଥିବା ଅଭିଯୋଗ କରିଛନ୍ତି ଲୋକେ।

ବର୍ତ୍ତମାନ ଏହି କାମ ଅଧା ସମ୍ପୂର୍ଣ୍ଣ କରାଯାଇଥିବା ବେଳେ ଆଉ ଅଧା କାମ ଜାରି ରହିଛି। ହେଲେ ହୋଇଥିବା ରାସ୍ତାରେ ଦେଖାଦେଇଥିବା ଫାଟ ରାସ୍ତାର କାମର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋଟିକୋଟି ଟଙ୍କା ବ୍ୟୟବରାଦ ହୋଇ କାମ ହେଲା ହେଲେ କେଇଟା ଦିନରେ ରାସ୍ତାର ଅବସ୍ଥା ବେହାଲ୍। ଏହି ମୁଖ୍ୟ ରାସ୍ତା ଦେଇ ବସ୍, ଟ୍ରକ୍ ଓ ଭାରିଯାନ ଚାଲୁଛି। ଆଗାମୀ ଶିଳ୍ପକୁ ଲକ୍ଷ୍ୟରେ ରଖି ଏହାର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଏଠି ପ୍ରଶ୍ନ



**ରାସ୍ତା କାମକୁ ହୋଇନି ୨ ମାସ**

**ନିମ୍ନମାନର କାର୍ଯ୍ୟ ଅଭିଯୋଗ**

ଉଠୁଛି ଏମିତି ମୁଖ୍ୟ ରାସ୍ତାରେ ଫାଟ ସୃଷ୍ଟି ହେଲା କାହିଁକି? ଜେଇଙ୍କ ଉପସ୍ଥିତିରେ ରାସ୍ତାର କାର୍ଯ୍ୟ ହେଉନି କି? ନିମ୍ନମାନର କାର୍ଯ୍ୟ ପାଇଁ ଏମିତି ଫାଟ ସୃଷ୍ଟି ହେଲା କି? ଫଟା ରାସ୍ତାକୁ ପିଚୁ ବୋଲି ଦୋଷ ଲୁଚାଇବେ ନା ପୁଣି ନୂଆ କରିବେ? ଏମିତି ରାସ୍ତା ଯଦି ରୁହେ ତେବେ କେତେବେଳେ ଯେ ରାସ୍ତା ଧସିବ ତାହା କିଏ କହିବ?

ଏମିତି ଘଟଣାକୁ ନେଇ ଜନସାଧାରଣ ଅଭିଯୋଗ କରିଥିବା ବେଳେ ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ଫାଟରେ ଲେପ ଦେଇ ବିଭାଗ ଦୋଷ ଲୁଚାଇବ ନା ଠିକା ସଂସ୍ଥାକୁ ନୂଆ ଭାବେ କରିବାକୁ ନିର୍ଦ୍ଦେଶ ଦେବେ ତାକୁ ନେଇ ପ୍ରଶ୍ନ ଉଠିଛି।

# ସର୍ଟ ସର୍କିଟରୁ ଜଳିଗଲା ୪ ବଖରା ଚାଳଘର

**ମହାକାଳପଡ଼ା, ୨୧।୧୨ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ବ୍ଲକ ଯଦୁପୁର ପଞ୍ଚାୟତ ଖସାଡି ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ଗ୍ରାମର ଯୋଗେନ୍ଦ୍ର ସ୍ୱାଇଁଙ୍କ ୪ ବଖରା ଚାଳଘର ସମ୍ପୂର୍ଣ୍ଣ ଜଳି ଯାଇଛି। ରାତ୍ର ପ୍ରାୟ ୮.୩୦ ଘଟିକା ସମୟରେ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିବା ଦେଖିବାକୁ ମିଳିଥିଲା। ସଙ୍ଗେସଙ୍ଗେ ନିଆଁ ଘର ଭିତରେ ବ୍ୟାପି ଯାଇଥିଲା। ଜୀବନ ବିକଳରେ ଘରୁ ବାହାରି ଯୋଗେନ୍ଦ୍ର ପାଟି କରି ଡ଼ାକ ପକାଇଥିଲେ। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ବିଘ୍ନେଶ ସେଠୀ ଅଗ୍ନିଶମ ବାହିନୀ କୁ ଖବର ଦେଇଥିଲେ। ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନିଆଁ କୁ ଆୟତ୍ତ କରିବାକୁ ପ୍ରୟାସ କରାଯାଇଥିଲା। ନିଆଁର କରାଳ ତାପରେ ଘରର ସମସ୍ତ ଆସବାବପତ୍ର,ଧାନ, ଚାଉଳ, ଲୁଗାପଟା, ଟଙ୍କା ପଇସା ଆଦି ସବୁକିଛି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇ ପରିବାର ଏବେ ଭାଙ୍ଗି ପଡ଼ିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# କ୍ରାଇମ୍ ସିଣ୍ଡିକେଟ ପାଲଟିଛି ମାର୍ଶାଘାଇ ଥାନା: ସୌଭାଗ୍ୟ

**କେନ୍ଦ୍ରାପଡ଼ା, ୨୧।୧୨ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ମାର୍ଶାଘାଇ ଥାନାରେ ଏବେ ଚାଲିଛି କ୍ରାଇମ୍ ସିଣ୍ଡିକେଟ। କେନ୍ଦ୍ରାପଡ଼ା ସଦର ଥାନାରୁ ଆସିଥିବା ଜଣେ କନେଷ୍ଟବଳ ଏବେ ଥାନାର ଅଘୋଷିତ ଥାନା ଅଧିକାରୀ ସାଜିଛନ୍ତି। ଥାନା ଅଧିକାରୀ ଗାଦିରେ ସିନା ବସୁ ନାହାଁନ୍ତି ହେଲେ ତାଙ୍କ ନିର୍ଦ୍ଦେଶରେ ଏବେ ସବୁ ଚାଲିଛି। ବାଲି ଚୋରି, ତେଲ ଚୋରି, ଚୋରା ମଦ ଆଦି କାରବାରରେ ଏହି କନେଷ୍ଟବଳ ସାଜିଛନ୍ତି ମୁଖ୍ୟ କାର୍ପଟଦାର। କନେଷ୍ଟବଳ ବାବୁଙ୍କୁ ଏହି କାମରେ ସହଯୋଗ କରୁଛନ୍ତି ଦଶିପୁର ପଞ୍ଚାୟତର ଜଣେ ଯୁବ ବ୍ୟକ୍ତି। ଏହି ସବୁ କାମରୁ ଯେଉଁ ସିଂହ ଭାଗ ଆସୁଛି ତାହା ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଆତ୍ମଘୋଷିତ ସୁପର ବିଧାୟକ ଯିଏ ନିଜକୁ ଗଡଫାଦର ଭାବୁଛନ୍ତି ତାଙ୍କ ନିକଟକୁ ମଧ୍ୟ ଯାଉଛି। ମହାକାଳପଡ଼ା ବିଧାୟକଙ୍କ ଅଗୋଚରରେ ନିଜକୁ ଛାୟା ବିଧାୟକ ସଜାଇ ପ୍ରତି ପଞ୍ଚାୟତକୁ ଗସ୍ତ କରୁଛନ୍ତି ଓ ସେଠାରେ ତୁହାକୁ ତୁହା ବୈଠକ କରୁଛନ୍ତି। ସାମାଜିକ ଗଣମାଧ୍ୟମରେ ଏମିତି ଅଭିଯୋଗ ଆଣି ପୁରା ବ୍ୟବସ୍ଥାକୁ ବାଣ ମାରିଛନ୍ତି ବିଜେପି ନେତା ଡଃ ସୌଭାଗ୍ୟ ପରିଡ଼ା।




ସୌଭାଗ୍ୟଙ୍କ ଏହି ନିଶାନା ପରେ ସମଗ୍ର ଜିଲ୍ଲାରେ ଏବେ ଚର୍ଚ୍ଚା ଜୋର୍ ଧରିଛି। ସେ ଆହୁରି ମଧ୍ୟ କହିଛନ୍ତି ଛୋଟମୋଟ କାମ ପାଇଁ ଲୋକମାନଙ୍କୁ ଟଙ୍କା ଦେବାକୁ ପଡୁଛି। ଗାଁ ଗାଁକୁ ପାନୀୟ ଜଳ ପହଞ୍ଚି ପାରିନି ହେଲେ ଚୋରା ମଦ ବ୍ୟବସାୟ ବ୍ୟାପିଗଲାଣି। ଲୋକମାନେ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ମାର୍ଶାଘାଇ ଥାନା ଅଧିକାରୀ ଧରିଥିବା ଦାମି ମୋବାଇଲ, ଅଙ୍ଗୁଳାଇ ଖୁସି ମଣ୍ଡପରେ ଆଇଆଇସିଙ୍କ ଜନ୍ମଦିନ ପାଳନର ସମସ୍ତ ଖର୍ଚ୍ଚ ଚାଲୁଥିବା କ୍ରାଇମ ସିଣ୍ଡିକେଟ ଦ୍ୱାରା କରାଯାଇଛି ବୋଲି ଶ୍ରୀଯୁକ୍ତ ପରିଡ଼ା ସିଧାସଳଖ ନିଶାନା କରି ମାର୍ଶାଘାଇ ଥାନାରେ ଚାଲିଥିବା ବ୍ୟବସ୍ଥା ଉପରକୁ ପ୍ରଶ୍ନ ବାଣ ମାରିଛନ୍ତି। ଆଉ ଏକ ବଡ଼ କଥା ହେଉଛି ସୁପର ବିଧାୟକ ଏବେ ଈଛାପୁରରେ ଏକ ଅଫିସ ଖୋଲିଛନ୍ତି। ସେହିଠାରେ ବସି ସକାଳର ଗୁଡ଼ ମର୍ଣ୍ଣିଂ ଓ ରାତ୍ରିର ଗୁଡ଼ ନାଇଟ ମେସେଜ କନେଷ୍ଟବଳଙ୍କ ନିକଟକୁ ଛାଡୁଛନ୍ତି। ଯାହା ତାଙ୍କ ମୋବାଇଲ ଚେକ୍ ହେଲେ ପ୍ରମାଣ ମିଳିବ। କେନ୍ଦ୍ରାପଡ଼ା ଏସପି ମହୋଦୟଙ୍କୁ ବିଗତ ଦିନରେ ଏବାବଦରେ ସେ ଭେଟିକି ଜଣାଇଛନ୍ତି। ଯଥାଶୀଘ୍ର ଏସପି ମହୋଦୟ ମାର୍ଶାଘାଇ ଥାନାର ଗୌରବ ଫେରେଇ ଆଣିବାକୁ ସେ ଦାବି କରିଛନ୍ତି। ଜଣେ ଶାସକ ଦଳର ନେତା ନିର୍ବାଚନମଣ୍ଡଳୀର ଏମିତି ଏକ ସମ୍ବେଦନଶୀଳ ଘଟଣା ଉପରେ ପ୍ରଶ୍ନ କରିବା ପରେ ବେଶ୍ ସରଗରମ ହୋଇଛି ରାଜନୀତି ପାଣିପାଗ।

**କନେଷ୍ଟବଳ ସାଜିଛନ୍ତି ଅଘୋଷିତ ଥାନା ଅଧିକାରୀ !**

**ଆତ୍ମଘୋଷିତ ସୁପର ବିଧାୟକଙ୍କ ପାଖକୁ ଯାଉଛି ପିସି !**

ଏଠି ସବୁଠାରୁ ବଡ଼ ପ୍ରଶ୍ନ ସୌଭାଗ୍ୟ କହୁଥିବା ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ସୁପର୍ ବିଧାୟକ କିଏ? ତାଙ୍କ ଇଙ୍ଗିତରେ କନେଷ୍ଟବଳ କାର୍ଯ୍ୟ କରିବା ପଛରେ କାରଣ କ'ଣ ? କନେଷ୍ଟବଳଙ୍କୁ ଅଘୋଷିତ ଥାନା ଅଧିକାରୀ ସଜାଇବାରେ ଛାୟା ବିଧାୟକଙ୍କ ଭୂମିକା ନାହିଁ ତ ? ଏମିତି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମନରେ ଉଙ୍କି ମାରୁଛି।

# ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ଚଣ୍ଡିଆଗଡ଼ି ସତ୍‌ସଙ୍ଗ ବିହାର ପରିଦର୍ଶନ

**ଆଳି, ୨୧।୧୨ (ସଂଚାର ବ୍ୟୁରୋ) :** ସତ୍‌ସଙ୍ଗର ପରମ ପୂଜ୍ୟ ପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ଓଡ଼ିଶା ପରିକ୍ରମା ଅବସରରେ ଆଳି ବ୍ଲକ ଅନ୍ତର୍ଗତ ଚଣ୍ଡିଆଗଡ଼ି ଠାରେ ଥିବା ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ ବିହାର ଏବଂ ନିର୍ମାଣାଧିଣ ଭବ୍ୟ ଶ୍ରୀମନ୍ଦିର ପରିଦର୍ଶନ କରିଥିଲେ। ଆଚାର୍ଯ୍ୟ ଦେବ ଚଣ୍ଡିଆଗଡ଼ି ଠାରେ ପହଁଚିବା ସମୟରେ ସମଗ୍ର ଆଳିର କୋଣ ଅନୁକୋଣରୁ ଆସିଥିବା ଶହ ଶହ ଗୁରୁଭାଇ ଓ ମା ମାନେ



ଶଙ୍ଖ, ହୁଳହୁଳି ଓ ବନ୍ଦେ ପୁରୁଷୋତମ ଧ୍ୱନି ଦେଇ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କୁ ପାଛୋଟି ନେଇଥିଲେ। ଆଚାର୍ଯ୍ୟ ଦେବ ନିଜର ସ୍ୱଳ୍ପ ରହଣି ସମୟରେ ନିର୍ମାଣଧିନ ଶ୍ରୀ ମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ନିର୍ମାଣ ଦାୟିତ୍ୱରେ ଥିବା ସହ ପ୍ରତି ଋତ୍ୱିକ ଶ୍ରୀଯୁକ୍ତ ଜୟନ୍ତ କୁମାର ପରିଡ଼ାଙ୍କ ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହ ପ୍ରତି ରିତ୍ୱିକ ରମାକାନ୍ତ ମିଶ୍ର, ଗଦାଧର ବେହେରା, ଧିରେନ୍ଦ୍ର ନାଥ ସାହୁ, ଅଧ୍ୟାପକ ସୁରେଶ ଚନ୍ଦ୍ର ସାହୁ, ବାବୁ ରଞ୍ଜନ ସାହୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଷଣ୍ଢପଲ୍ଲୀରେ ବିଜେପିର ମିଶ୍ରଣ ପର୍ବ

**ପଟ୍ଟାମୁଣ୍ଡାଇ, ୨୧।୧୨ (ସଂଚାର ବ୍ୟୁରୋ) :**ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବିଜେପି ସଂଗଠନକୁ ମଜଭୁତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ପୌର ପରିଷଦ ନଂ ୧୪ୱାର୍ଡରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ କାଉନସିଲର ବରିଷ୍ଠ ବିଜେପି ନେତା ପଦାରବିନ୍ଦ ସାହୁଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ ପର୍ବ ରେ ରାଜନଗର ନିର୍ବାଚନମଣ୍ଡଳୀ ବିଜେପି ନେତା ଲଳିତ ବେହେରା,ବରିଷ୍ଠ ଯୁବନେତା ମିଟୁ ମନୋଜ ନାୟକ, ଯୁବନେତା ସୁରେଶ ସାହୁ, ପ୍ରକାଶ ଦାସ, ସଞ୍ଜୟ ସ୍ୱାଇଁ, ପ୍ରସନ୍ନ ତ୍ରିପାଠୀ, ଶିଶିର ମଲିକ, ବସନ୍ତ ସାହୁ, ଭଞ୍ଜ କିଶୋର ବାରିକ ପ୍ରମୁଖ ବହୁ ବିଜେପି ନେତା ଓ କର୍ମକର୍ତ୍ତା ଯୋଗ ଦେଇ ବିଭିନ୍ନ ଦଳ ତ୍ୟାଗ କରି ନୂତନ ଭାବେ ଦଳରେ ଯୋଗ ଦେଇଥିବା ଅକ୍ଷୟ ଧଳ, ଅଜିତ ବେହେରା,ମୁରଲୀ ଘଡାଇ, ମାନସ ବେହେରା,ଅଜୟ ଘଡାଇ, ଧୀରେନ ସାହୁ,ରବୀନ୍ଦ୍ର ଦାସ, ନିରାକାର ସାହୁ, ସୁବାଷ ସାହୁ, ସୁଶୀଲ ମହାଳିକ ଜୟରାମ ଘଡାଇ, ଅକ୍ଷୟ ରାଉଳ, ଭଜନା ପାତ୍ର, ରମେଶ ବେହେରା ଓ ପପୁ ଘଡାଇ ପ୍ରମୁଖ ବହୁ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସ୍ୱାଗତ କରିବା ସହିତ ବିଜେପି ଦଳରେ ସାମିଲ କରିଥିଲେ ।



# ମୃତକଙ୍କ ପରିବାରକୁ ବିଧାୟକଙ୍କ ସହାୟତା



**ମହାକାଳପଡ଼ା, ୨୧।୧୨ (ସଂଚାର ବ୍ୟୁରୋ) :** ମସ୍ତିଷ୍କ ରୋଗରେ ଆକ୍ରାନ୍ତ ଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଖବର ପାଇ ବିଧାୟକଙ୍କ ସହାୟତା ପ୍ରଦାନ କରିଛନ୍ତି। ସୂଚନା ଥାଉକି ମହାକାଳପଡ଼ା ବ୍ଲକ ମହାକାଳପଡ଼ା ପଞ୍ଚାୟତ ତିଥି ଗ୍ରାମର ଗଜେନ୍ଦ୍ର ଖୁଣ୍ଟିଆଙ୍କ ପତ୍ନୀ ବିଦୁଲତା ଖୁଣ୍ଟିଆ (୪୭) ଦୀର୍ଘ ୬ ମାସ ହେବ ମସ୍ତିଷ୍କ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଥିଲେ। ପରବର୍ତ୍ତୀ ଅବସ୍ଥାରେ ଘରକୁ ଫେରିଆସି ଔଷଧ ଚିକିତ୍ସା ଜାରି ରହିଥିଲା। ଇତିମଧ୍ୟରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ଖବର ପାଇ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ପରିବାରକୁ ସମବେଦନା ଜଣାଇବା ସହିତ ଯୁବନେତା ରୋହିତ ରାଉତଙ୍କ ମାଧ୍ୟମରେ ସହାୟତା ପ୍ରଦାନ କରାଯାଇଛି।

# ଓକାକ୍ ପାଇଁ ଅଧାରୁ ଅଟକିଛି ପାଠ ପଢ଼ା

**ଜନ୍ମ ପ୍ରମାଣପତ୍ର ବଦଳାଇବା ଯୋଗୁଁ ହୋଇ ପାରୁନି ଆଧାର ସଂଶୋଧନ**

**କେନ୍ଦ୍ରାପଡା, ୨୧।୧୨ (ସଂଚାର ବ୍ୟୁରୋ) :** ପିଲାଟି ଦିନରୁ ପାଠ ପଢ଼ି ଭଲ ଭବିଷ୍ୟତ ଗଢ଼ିବାରେ ଆଗ୍ରହ ରଖିଥିବା ଜଣେ ଛାତ୍ରୀଙ୍କ ସବୁ ଆଶା ଏବେ ନିରାଶା ହୋଇଯାଇଛି । ଝିଅକୁ ନେଇ ସ୍ୱପ୍ନ ଦେଖିଥିବା ଗରିବ ବାପା ମାଆ ମଧ୍ୟ ଏବେ ପିଲାର ଅଧା ପାଠପଢ଼ାରେ ଅଟକିବାକୁ ନେଇ ଚିନ୍ତାରେ । ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ଯୁକ୍ତ ୨ରେ ମଧ୍ୟ ସଫଳତା ଅର୍ଜନ କଲେ ହେଲେ ଏବେ ନର୍ସିଂ ପଢ଼ିବା ପାଇଁ ଆଗ୍ରହ ରଖି ଛାତ୍ରୀ ଜଣଙ୍କ କଲେଜ୍‌ରେ ଆଡ଼ମିଶନ କରିବାକୁ ଯାଇ ଫେଲ୍ ମାରିଛନ୍ତି କାରଣ ତାଙ୍କର ଆଧାରରେ ତ୍ରୁଟି ଥିବା କଲେଜ୍ କର୍ତ୍ତୃପକ୍ଷ ଛାତ୍ରୀ ଓ ତାର ଅଭିଭାବକଙ୍କୁ ସୂଚନା ଦେଇଛନ୍ତି । ଏଭଳି ସମସ୍ୟା କେବଳ ଓକାକ୍ ବା ଆଧାର କର୍ମଚାରୀଙ୍କ ପାଇଁ ଦେଖା ଦେଇଥିବା ଜଣାପଡିଛି ।

ବର୍ତ୍ତମାନ ଦେଶ ତଥା ରାଜ୍ୟରେ ବିନା ଆଧାରକାର୍ଡରେ କୌଣସି ସରକାରୀ ଯୋଜନା ଉପଲବ୍ଧ ହେଉନି । ରାସନ୍ କାର୍ଡଠାରୁ ଆରମ୍ଭ କରି ଜବ କାର୍ଡ, ଲେବର କାର୍ଡ, ସାମାଜିକ ସୁରକ୍ଷା ଯୋଜନା, ସ୍କୁଲ ନାମଲେଖା, ଜାତି ପ୍ରମାଣପତ୍ରଠାରୁ ଶିକ୍ଷା ବୃତ୍ତି, ଭତ୍ତା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସରକାର ଆଧାରକାର୍ଡକୁ ବାଧ୍ୟ କରିଛନ୍ତି । ଆଧାରକାର୍ଡ ବାଧ୍ୟତା ପାଇଁ କେତେଜଣ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ହେଉଥିବା ପରିଲକ୍ଷିତ ହୋଇଛି।



ଆଧାରକାର୍ଡରେ ରହିଥିବା ଛୋଟମୋଟ ତ୍ରୁଟିକୁ ସଂଶୋଧନ ମଧ୍ୟ କରିହେଉନି। ଏହି ଭଳି ସରକାରୀ ନିୟମ ଫଳରେ ଜଣେ ଛାତ୍ରୀ ନର୍ସିଂ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପଟେ ବୟସ ଗଡ଼ି ଚାଲିଥିବାରୁ ଆଉ ଆଗକୁ ପାଠ ପଢ଼ିବେ କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହୋଇଛି ।

ଏହିଭଳି ଏକ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅଧୀନ ଗରଦପୁର ଗ୍ରାମର ଉମେଶ ବେହେରାଙ୍କ ଝିଅ ରୂପାଲି ବେହେରା( ୧୭ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି ।

ସେ ଜଣେ ଅନୁସୂଚିତ ଜାତିର ଛାତ୍ରୀ । ଯୁକ୍ତ ୨ ବିଜ୍ଞାନ ପାଠ ପଢ଼ିବା ପରେ ନର୍ସିଂ କରିବାକୁ ମନ ବଳାଇଥିଲେ। ମାଟ୍ରିକ ଏବଂ ଯୁକ୍ତ ୨ରେ ଭଲ ନମ୍ବର ରଖି ପାସ ମଧ୍ୟ କରିଛନ୍ତି । ପରିବାରର ଆର୍ଥିକ ସ୍ଥିତି ଖରାପ ଥିବାରୁ ସରକାରଙ୍କ ପକ୍ଷରୁ ଅନୁସୂଚିତ ଜାତି ମାନଙ୍କ ପାଇଁ ମିଳୁଥିବା ଷ୍ଟାଇପେଣ୍ଡ ଜରିଆରେ ନର୍ସିଂ ଶିକ୍ଷ୍ୟା ଗ୍ରହଣ କରିଥାନ୍ତେ । ଏନେଇ ସବୁ ପ୍ରସ୍ତୁତି ସରିଥିଲା। ହେଲେ ଆଡ଼ମିଶନ ସମୟରେ ଆଧାର କାର୍ଡରେ ଏକ ସାମାନ୍ୟ ତ୍ରୁଟି ଯୋଗୁଁ ତାଙ୍କୁ ଫେରାଇ ଦିଆଯାଇଥିଲା। ତ୍ରୁଟି ସଂଶୋଧନ ପାଇଁ ଭୁବନେଶ୍ୱର ଠାରୁ କଟକ ଆଉ କେନ୍ଦ୍ରାପଡ଼ା ଦୌଡି ଦୌଡି ଶେଷରେ ନିରାଶ ହୋଇ ଏବେ ଘରେ ବସି ରହିଛନ୍ତି। ରୂପାଲିଙ୍କର ମାଟ୍ରିକ ଏବଂ ଯୁକ୍ତ ୨ ସାର୍ଟିଫିକେଟରେ ଜନ୍ମ ୨୩/୧୨/୨୦୦୬ ରହିଥିବା ବେଳେ ଆଧାରରେ ୨୫/୧୨/୨୦୦୬ ରହିଛି। ଏହି ଦୁଇଦିନ ତ୍ରୁଟିକୁ କୌଣସି ସ୍ଥାନରେ ସଂଶୋଧନ କରିହେଉନି । ଫଳରେ ସେ ଏବେ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି ।

**ଜାଲ୍ ସାର୍ଟିଫିକେଟରେ ଅଙ୍ଗନବାଡି କର୍ମୀ ନିଯୁକ୍ତି ପ୍ରସଙ୍ଗ**

# ତଦନ୍ତ ପୂର୍ବରୁ ନବନିଯୁକ୍ତ କର୍ମୀଙ୍କ ଇସ୍ତଫା

**ରାଜକନିକା, ୨୧।୧୨ (ସଂଚାର ବ୍ୟୁରୋ) :** ଜାଲ୍ ସାର୍ଟିଫିକେଟ ଦେଇ ହାତେଇ ଥିବା ଅଙ୍ଗନବାଡି ପଦବୀ ଶେଷରେ ମହଙ୍ଗା ପଡିଛି। ତଦନ୍ତ ହେବା ପୂର୍ବରୁ ହିଁ ପଦବୀରୁ ଇସ୍ତଫା ଦେଇ କର୍ମୀ ଜଣଙ୍କ ଚାକିରି ହରାଇଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରକାଶଯୋଗ୍ୟ ଯେ ଗତ ସୋମବାର ଦିନ ରାଜକନିକା ବ୍ଲକ ଅନ୍ତର୍ଗତ ବାଘବୁଡା ପଞ୍ଚାୟତ ପରିସରରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜନଶୁଣାଣୀ ବେଳେ ଦେଉଳସାହି ଅଙ୍ଗନବାଡି କେନ୍ଦ୍ରର ନବ ନିଯୁକ୍ତ ଅଙ୍ଗନବାଡି କର୍ମୀ ସ୍ମିତାରାଣୀ ପରିଡାଙ୍କ ବିରୋଧରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରୀ ହାତେଇ ଥିବାର ଗୁରୁତର ଅଭିଯୋଗ ଆଣିଥିଲେ ସେଇ ଗ୍ରାମର ସ୍ମୃତିରେଖା ସାମଲ। ତାଙ୍କ ଅଭିଯୋଗ ଅନୁଯାୟୀ ଅଙ୍ଗନବାଡି ପଦବୀ ନିମନ୍ତେ ୧୧ ଜଣ ପାର୍ଥୀନୀ ଆବେଦନ କରିଥିବା ବେଳେ ତାଙ୍କର ସର୍ବାଧିକ ନମ୍ବର ଥାଇ ବି ତାଙ୍କୁ ଉପେକ୍ଷା କରାଯାଇଛି। ସ୍ମିତାରାଣୀଙ୍କ ପ୍ରକୃତ ମାର୍କ ୨୫୪ ଥାଇ ବି ସାର୍ଟିଫିକେଟ ଏଡିଟ୍ କରାଯାଇ ୪୬୯ କରାଯାଇ ବେଆଇନ୍ ଭାବେ ନିଯୁକ୍ତି ମିଳିଛି। ଯାହାକି ସମ୍ପୂର୍ଣ୍ଣ ରୂପେ ଅବୈଧ ଅଟେ। ଏହାକୁ ତଦନ୍ତ କରାଯାଇ କାର୍ଯାନୁଷ୍ଠାନ ନିଆଯାଇ ଯୋଗ୍ୟ ପାର୍ଥୀନୀକୁ ନିଯୁକ୍ତ କରାଯାଉ ବୋଲି ଦାବି ରଖିଥିଲେ । ତେବେ ଜିଲ୍ଲାପାଳ ଏଭଳି ଗୁରୁତର ପ୍ରସଙ୍ଗକୁ ଧ୍ୟାନରେ ରଖି ତଦନ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାର ତଦନ୍ତ ଚାଲୁଥିବା ବେଳେ କର୍ମୀଜଣଙ୍କ ପରିବାରର ସମସ୍ୟା ଦେଖାଇ ଇସ୍ତଫା ଦେଇ ଥିବାର ସୂଚନା ଦେଇଛନ୍ତି ରାଜକନିକା ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର ଅଧିକାରିଣୀ ରଞ୍ଜୁଲତା ଦାସ। ଏ ସମ୍ପର୍କରେ ଗତ ମଙ୍ଗଳବାର ଦିନ ଗଣମାଧ୍ୟମରେ "ରାଜକନିକା ମହିଳା ଓ ଶିଶୁ ପ୍ରକଳ୍ପ ରେ ଜାଲିଆତି, ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ" ଖବର ପ୍ରକାଶିତ ହୋଇ ହଟଚମଟ ସୃଷ୍ଟି କରିଥିଲା।

**କେବେ ହେବ କାର୍ଯ୍ୟାନୁଷ୍ଠାନ ?**

# ୬୯ ତମ 'ଆତି ବିଶିଷ୍ଟ ରେଳ ସେବା ପୁରସ୍କାର' ପ୍ରଦାନ



ନୂଆଦିଲ୍ଲୀ,୨୧।୧୨: ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଭାରତୀୟ ରେଳବାଇ ୧୦୧ ଜଣ ଅତୁଳନୀୟ କର୍ମଚାରୀ ଏବଂ ଅଧିକାରୀଙ୍କୁ ୬୯ତମ "ଆତି ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୪" ରେ ସମ୍ମାନିତ କରିଛି। ଏହି ପୁରସ୍କାର ଗୁଡ଼ିକ କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ରେଳ ରାଜ୍ୟ ଏବଂ ଜଳ ଶକ୍ତି ରାଜ୍ୟମନ୍ତ୍ରୀ ଶ୍ରୀ ଭି ସୋମନ୍ନା, ରେଳ ରାଜ୍ୟ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଜ୍ୟମନ୍ତ୍ରୀ ଶ୍ରୀ ରବନୀତ ସିଙ୍ଗ, ରେଳବୋର୍ଡ ଅଧ୍ୟକ୍ଷ ଓ ସିଇଓ ଶ୍ରୀ ସତୀଶ କୁମାର, ରେଳବୋର୍ଡର ସଦସ୍ୟମାନେ ଏବଂ ବିଭିନ୍ନ ରେଳ ଜୋନ ଓ ଉତ୍ପାଦନ ୟୁନିଟ୍ ର ମହାପ୍ରବନ୍ଧକ ମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷର ବିଷୟବସ୍ତୁ 'ମେ ହୁନ୍ ଭାରତୀୟ ରେଳ' ଭାରତୀୟ ରେଳ କର୍ମଚାରୀଙ୍କ ଅଦମ୍ୟ ସ୍ପୃହା ଏବଂ ଉତ୍ସର୍ଗୀକୃତତାକୁ ଆଲୋକିତ କରିଛି। ବ୍ୟକ୍ତିଗତ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବ ତଟ ରେଳପଥ ର ଏନ ହରିପ୍ରିୟା, ମୁଖ୍ୟ ବାଣିଜ୍ୟ ନିରୀକ୍ଷକ, ପ୍ରୋଟୋକଲ୍ ଅଧିକାରୀ ପ୍ରଦୀପ କୁମାର ଝା ଏବଂ ଟେକ୍ନିସିଆନ-୨ ସୁପ୍ରଭତ୍ ମିତ୍ର, ସେମାନଙ୍କର ଆଦର୍ଶ ସେବା ତଥା ଉତ୍କର୍ଷତା ଓ ପ୍ରତିବଦ୍ଧତା ପାଇଁ ସମ୍ମାନିତ ହୋଇଥିଲେ। ବ୍ୟକ୍ତିଗତ ପୁରସ୍କାର ସହିତ, ଭାରତୀୟ ରେଳବାଇର ଦକ୍ଷତା, ନିରାପତ୍ତା ଏବଂ ଯାତ୍ରୀ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ବିଭିନ୍ନ ବର୍ଗର ସର୍ବୋତ୍ତମ ପ୍ରଦର୍ଶନକାରୀ ରେଳ ଜୋନ୍ ଗୁଡ଼ିକୁ ୨୨ ଟି ଶିଲ୍ଡ ପ୍ରଦାନ କରାଯାଇଥିଲା। ଯେଉଁଥିରେ, ପୂର୍ବ ତଟ ରେଳପଥକୁ ଶ୍ରେଷ୍ଠ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଶିଲ୍ଡର ଯୁକ୍ତ ବିଜେତା ଭାବେ ସମ୍ମାନିତ କରାଯାଇଥିଲା।

# ଉତ୍ତରପୂର୍ବ ରାଜ୍ୟମାନଙ୍କ ସହ ଛିଡା ହୋଇଛନ୍ତି ମୋଦୀ ସରକାର




ନୂଆଦିଲ୍ଲୀ,୨୧।୧୨: କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ତ୍ରିପୁରାର ଅଗରତାଲାଠାରେ ଉତ୍ତର-ପୂର୍ବ ପରିଷଦ (ଏନଇସି) ର ୭୨ତମ ପ୍ଲେନାରୀ ଅଧିବେଶନରେ ଉଦବୋଧନ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଜ୍ୟୋତିରାଦିତ୍ୟ ଏମ ସିନ୍ଧିଆ, ତ୍ରିପୁରାର ରାଜ୍ୟପାଳ ଶ୍ରୀ ଇନ୍ଦ୍ରସେନା ରେଡ୍ଡୀ ନାଲ୍ଲୁ, ତ୍ରିପୁରା ମୁଖ୍ୟମନ୍ତ୍ରୀ ପ୍ରଫେସର (ଡ.) ମାଣିକ ସାହା ଏବଂ କେନ୍ଦ୍ର ଗୃହ ସଚିବ ଶ୍ରୀ ଗୋବିନ୍ଦ ମୋହନ ଉପସ୍ଥିତ ଥିଲେ। ଏହି ବୈଠକରେ ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ ଏବଂ ସିକ୍କିମର ରାଜ୍ୟପାଳଙ୍କ ସମେତ ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମିଜୋରାମ, ନାଗାଲାଣ୍ଡ ଏବଂ ସିକ୍କିମ ମୁଖ୍ୟମନ୍ତ୍ରୀଙ୍କ ସମେତ ମେଘାଳୟର ଗୋଷ୍ଠୀ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଏବଂ ଅନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ନିଜ ଅଭିଭାଷଣରେ କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ଉତ୍ତର-ପୂର୍ବାଞ୍ଚଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଯେଉଁଭଳି ଭାବରେ ଏହି ଅଞ୍ଚଳ ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି ତାହା ସମଗ୍ର ଉତ୍ତର-ପୂର୍ବ ପାଇଁ ପରିବର୍ତ୍ତନକାରୀ। ଶ୍ରୀ ଶାହ କହିଛନ୍ତି ଯେ ଦୀର୍ଘ ଦିନ ଧରି ଏହି ଅଞ୍ଚଳ ଦିଲ୍ଲୀ ପାଇଁ କେବଳ ଭାଷଣର ପ୍ରସଙ୍ଗ ଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଦୂରଦୃଷ୍ଟି ଏବଂ ସମ୍ବେଦନଶୀଳତା ବଳରେ ଏହି କ୍ଷେତ୍ରକୁ ବିକାଶର କେନ୍ଦ୍ରକୁ ଆଣିଛନ୍ତି। ସେ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ଉତ୍ତର-ପୂର୍ବାଞ୍ଚଳରେ ଭିତ୍ତିଭୂମିର ଅଭୂତପୂର୍ବ ବିକାଶ ଯୋଗୁଁ କେବଳ ଭୌତିକ ଦୂରତା ହ୍ରାସ ପାଇନାହିଁ, ବରଂ ପ୍ରଧାନମନ୍ତ୍ରୀ ମୋଦୀ ଏହି ଅଞ୍ଚଳ ଏବଂ ଦିଲ୍ଲୀ ମଧ୍ୟରେ ହୃଦୟର ଦୂରତାକୁ ଦୂର କରିବା ପାଇଁ ମଧ୍ୟ କାର୍ଯ୍ୟ କରିଛନ୍ତି।

କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ନିଜେ ଉତ୍ତର-ପୂର୍ବକୁ ପ୍ରାଥମିକତା ଦେଇଥିଲେ, ଏହା ସ୍ୱାଭାବିକ ଭାବେ ସମଗ୍ର କେନ୍ଦ୍ର ସରକାରଙ୍କ ପାଇଁ ପ୍ରାଥମିକତା ପାଲଟିଥିଲା। ବହୁ ବିବିଧତା ସତ୍ତ୍ୱେ ଆଜି ଆମ ଉତ୍ତର-ପୂର୍ବାଞ୍ଚଳ ବିକାଶ ପଥରେ ଗତି କରୁଛି ବୋଲି ସେ କହିଥିଲେ। ୧୦ ବର୍ଷ ତଳେ ୨୦୦ରୁ ଅଧିକ ଆଦିବାସୀ ଗୋଷ୍ଠୀ ଏବଂ ଏହି ଅଞ୍ଚଳର ୧୯୫ରୁ ଅଧିକ ଉପଭାଷା ଓ ଭାଷା ଏକ ପ୍ରକାରରେ ଆମର ଦୁର୍ବଳତା ପାଲଟିଥିଲା, ଯାହା ବିଭିନ୍ନ ପ୍ରକାର ସଂଘର୍ଷ ସୃଷ୍ଟି କରିଥିଲା। ଶ୍ରୀ ଶାହା କହିଛନ୍ତି ଯେ ଆଜି ଯେତେବେଳେ ଆମେ ପଛକୁ ଚାହିଁବୁ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜୀ ହିଁ ସେହି ଦୁର୍ବଳତାକୁ ମଜବୁତ ଓ ଶକ୍ତିରେ ପରିଣତ କରିବାର କାର୍ଯ୍ୟ କରିଛନ୍ତି। ସେ କହିଥିଲେ ଯେ ଆଜି ୨୦୦ରୁ ଅଧିକ ଆଦିବାସୀ ଗୋଷ୍ଠୀ ସେମାନଙ୍କର ସାଂସ୍କୃତିକ ବିବିଧତା କାରଣରୁ ସମଗ୍ର ବିଶ୍ୱ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି ଏବଂ ୧୯୫ରୁ ଅଧିକ ଉପଭାଷା ଏବଂ ଭାଷା ଉତ୍ତର-ପୂର୍ବାଞ୍ଚଳକୁ ବିଶ୍ୱର ୩୬ଟି ଜୈବ ବିବିଧତା ହଟସ୍ପଟ୍ ମଧ୍ୟରୁ ଅନ୍ୟତମ କରିବାରେ ଯୋଗଦାନ ଦେଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ କେବଳ ଉତ୍ତର-ପୂର୍ବାଞ୍ଚଳରେ ବିଭିନ୍ନ ପ୍ରକାର ବନ୍ୟଜନ୍ତୁ ଓ ଜଳସମ୍ପଦ ସହିତ ୭୫୦୦ରୁ ଅଧିକ ପ୍ରଜାତିର ଫୁଲ ରହିଛି। ଏହି ପ୍ରାକୃତିକ ବିବିଧତାକୁ ସଂରକ୍ଷଣ କରିବା ଏବଂ ଏହି ଅଞ୍ଚଳକୁ ଏକ ପସନ୍ଦର ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ପାଇଁ ମୋଦୀ ସରକାର ଗତ ୧୦ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ଉତ୍ତର-ପୂର୍ବରେ ଶାନ୍ତି ପ୍ରତିଷ୍ଠା ପାଇଁ ମୋଦୀ ସରକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଅନେକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି ଏବଂ ପ୍ରାୟ ୧୦୫୭୪ ସଶସ୍ତ୍ର ଯୁବକ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି, ଉତ୍ତର-ପୂର୍ବାଞ୍ଚଳରେ ଶାନ୍ତି ଆଣିଛନ୍ତି ଏବଂ ବିକାଶର ମୂଳଦୁଆ ପକାଇଛନ୍ତି। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ସମଗ୍ର ଦେଶ ଏବଂ ବିଶ୍ୱ ଏବେ ମୋଦିଙ୍କ 'ଅଷ୍ଟଲକ୍ଷ୍ମୀ'ର ଧାରଣାକୁ ଗ୍ରହଣ କରୁଛି। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଆଜି ସମଗ୍ର ଦେଶ ପ୍ରତ୍ୟେକ ବ୍ୟକ୍ତି ଏବଂ ଉତ୍ତର-ପୂର୍ବର ରାଜ୍ୟମାନଙ୍କ ପାଇଁ ସମୃଦ୍ଧି ଚାହୁଁଛି ଯାହା ଦ୍ୱାରା ଉତ୍ତର-ପୂର୍ବ ଦେଶର ବିକାଶରେ ଯୋଗଦାନ ଜାରି ରଖିବ। ମୋଦୀ ସରକାରଙ୍କ ୧୦ ବର୍ଷରେ ଏଭଳି ବିବିଧତା ସହ ବିକାଶ ପଥରେ ଆଗକୁ ବଢିବା ପାଇଁ ସବୁ ପ୍ରକାର ଭିତ୍ତିଭୂମି ନିର୍ମାଣ ପାଇଁ ପ୍ରୟାସ କରାଯାଇଛି ବୋଲି ସେ କହିଛନ୍ତି।

> 'ଆକ୍ଟ ଇଷ୍ଟ ଏବଂ ଆକ୍ଟ ଫାଷ୍ଟ' ମନ୍ତ୍ର କୁ କାର୍ଯ୍ୟକାରୀ କରୁଛନ୍ତି
>
> ଶାନ୍ତି ଚୁକ୍ତି ମାଧ୍ୟମରେ ଉତ୍ତର-ପୂର୍ବାଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରିବାରେ ମୋଦୀ ସରକାର ସଫଳତା ହାସଲ କରିଛନ୍ତି

## ଟ୍ୱିନ୍ ସିଟି କ୍ରାଇମ୍

### ଗୋ ଚୋରା ଚାଲାଣ ବେଳେ ବନ୍ଧାହେଲେ



ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ପୁଲିସ ଅଭିଯୋଗକାରୀ ଶ୍ରୀ ଭୂପେଷ କୁମାର ନାୟକଙ୍କ ଅଭିଯୋଗ ଆଧାରରେ ଉପରୋକ୍ତ ମାମଲା ରୁଜୁକରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ଜଣେ ସମାଜ ସେବକ ଅଟନ୍ତି। ସେ ଏକ ସଂଗଠନର କିଛି ସଦସ୍ୟଙ୍କ ସହିତ ଗାନ୍ଧୀ ଛକ ନିକଟରେ ଛିଡ଼ା ହୋଇଥିବା ବେଳେ, ଏକ ଟାଟା ଏସି ଗାଡି ଭିଙ୍ଗାରପୁର ଦିଗରୁ ଆସୁଥିବାର ଦେଖୁଥିଲେ। ଯାନଟିକୁ ଅଟକାଇବାରୁ ଗାଡିରେ ଦୁଇଟି ଗାଈ ଓ ଦୁଇ ଯୁବକ, ଅହମ୍ମଦ ଖାନ୍ ଓ ବ୍ରିଜ୍ ମୋହନ୍ କେବଟ୍ ଥିବା ଦେଖିବାକୁ ପାଇଥିଲେ। ପରେ ସେଠାରେ ଉପସ୍ଥିତ ସଂଗଠନର ସଦସ୍ୟଙ୍କ ସହିତ ଉଭୟ ଯୁବକଙ୍କ ଝଗଡ଼ା ହୋଇଥିଲା ଏବଂ ଝଗଡ଼ାରେ ମାରପିଟ୍ ଯୋଗୁଁ ଯୁବକ ଅହମ୍ମଦ ଖାନ୍ ଆହତ ହୋଇଥିବା ବେଳେ, ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଘଟଣାର ଅଭିଯୋଗ ପରେ, ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ଟାଟା ଏସି ଗାଡିକୁ ଜବତ କରିଥିଲେ ଓ ଦୁଇ ଗାଈଙ୍କୁ ଉଦ୍ଧାର କରି ବାଙ୍କୁଆଳ ଗୋଶାଳାରେ ଛାଡ଼ିଦେଇଥିଲେ। ପଚରାଉଚରା ବେଳେ ବ୍ରିଜ ମୋହନ୍ ଉକ୍ତ ଦୁଇ ଗାଈଙ୍କୁ ଚୋରି କରି ଆଣିଥିବା କଥା ସ୍ୱୀକାର କରିଥିଲେ।

### ମୋବାଇଲ ଚୋରି କରି ଦୁଇ ଗିରଫ



ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ): ଖାରବେଳନଗର ଥାନା ପୁଲିସ ଅଭିଯୋଗକାରୀ ଶ୍ରୀ ରଞ୍ଜିତ ମାଝିଙ୍କ ଅଭିଯୋଗ କ୍ରମେ ମାମଲାର ତଦନ୍ତ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ଗତ ତା.୧୬.୧୨.୨୦୨୪ ରିଖିଦିନ ପ୍ରାୟ ୩.୨୦ ସମୟରେ ଏମ.ଏଲ.ଏ କଲୋନିରୁ ଚାଲିଚାଲି ଘରକୁ ଫେରୁଥିବା ସମୟରେ ଦୁଇ ଅଭିଯୁକ୍ତ ଏକ ସ୍କୁଟିରେ ଆସି ଅଭିଯୋଗକାରୀଙ୍କର ଫୋନଟିକୁ ଜୋରଜବରଦସ୍ତ ଛିନତାଇ କରି ନେଇଯାଇଥିଲେ। ଏନେଇ ଅଭିଯୋଗକାରୀ ଜଣକ ଖାରବେଳନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଏସ.ବି.ଆଇ କଲୋନି ଅଞ୍ଚଳରୁ ଗିରଫ କରିବା ସହିତ ତାଙ୍କ ନିକଟରୁ ଚୋରୀ ଯାଇଥିବା ମୋବାଇଲ ଫୋନ ଓ ଘଟଣାରେ ବ୍ୟବହୃତ ସ୍କୁଟିଟିକୁ ଜବତ କରିଥିଲେ। ପଚରାଉଚରା ବେଳେଅଭିଯୁକ୍ତ ଦୁହେଁ ନିଜର ଅପରାଧ ସ୍ୱୀକାର କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ବିକାଶ ବେହେରାଙ୍କ ନାମରେ ପୂର୍ବରୁ ମଧ୍ୟ ଖାରବେଳନଗର ଥାନାରେ ୩ ଟି ଓ ଅଭିଯୁକ୍ତ ବାଲାଜୀ ବେହେରାଙ୍କ ନାମରେ ଗୋଲକ୍ଷରା ଥାନାରେ ଗୋଟିଏ ଅପରାଷ୍ଟ୍ରିକ ମାମଲା ରହିଥିବାର ଜଣାପଡିଛି।

### ମଦ ପିଇବାକୁ ଟଙ୍କା ନଦେବାରୁ ବ୍ରହ୍ମ ଚାପୁଡା



ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରୀଙ୍କର ଏତଲା ଆଧାରରେ ଧଉଳି ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ତା.୧୦.୧୨.୨୦୨୪ ରିଖ ଦିନ ଅଭିଯୋଗକାରୀଙ୍କ ସ୍ୱାମୀ ତଥା ପୀଡ଼ିତ ବିନୟକୃଷ୍ଣ ଦାସ ଘରକୁ ଫେରୁଥିବା ସମୟରେ ଦୟା ନଦୀ କୂଳ ଅଞ୍ଚଳରେ ବନ୍ଧୁ ପ୍ରଶାନ୍ତ ମହାପାତ୍ର ଓ ବୃନ୍ଦାବନ ଦାସଙ୍କୁ ଦେଖା ହୋଇଥିଲେ। ବନ୍ଧୁ ପ୍ରଶାନ୍ତ ମହାପାତ୍ର ମଦ୍ୟପାନ କରିବା ନିମନ୍ତେ ଅଭିଯୁକ୍ତ ସୁଭାଷ ଚନ୍ଦ୍ର ପ୍ରଧାନଙ୍କୁ ଟଙ୍କା ଦେଇଥିଲେ। ସୁଭାଷ ବିଳମ୍ବରେ ଆସିବାରୁ ବିନୟକୃଷ୍ଣ ଦାସଙ୍କର ତାଙ୍କ ସହିତ ଝଗଡା ହୋଇଥିଲା। ଝଗଡ଼ାରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ସୁଭାଷ ବିନୟକୃଷ୍ଣଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ ଓ ହତ୍ୟାର ଧମକ ଦେବା ସହ ତାଙ୍କୁ ଏକ ଶକ୍ତ ଧକ୍କା ଦେଇଥିଲେ। ଫଳରେ ବିନୟକୃଷ୍ଣ ତଳେ ପଡ଼ିଯାଇ ଆହତ ହୋଇଥିଲେ। ପରେ ଏନେଇ ଅଭିଯୋଗକାରିଣୀ ଧଉଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲେ।

### ଅନ୍ତରଙ୍ଗ ଫଟୋ ଭାଇରଲ କରିଦେବାକୁ କହି ୪ ଲକ୍ଷ ଠକିନେଲେ



ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ): ମହିଳା ଥାନା ପୁଲିସ ଅଭିଯୋଗକାରିଣୀଙ୍କ ଅଭିଯୋଗ ଭିତ୍ତିରେ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ମନୋରଞ୍ଜନ ଅଭିଯୋଗକାରିଣୀଙ୍କ ଦୂର ସମ୍ପର୍କୀୟ ହୋଇଥିବା ବେଳେ, ଉଭୟଙ୍କ ମଧ୍ୟରେ ଉତ୍ତମ ବନ୍ଧୁତା ଥିଲା। ଏହି ବନ୍ଧୁତାର ଫାଇଦା ଉଠାଇ ଅଭିଯୁକ୍ତ ମନୋରଂଜନ ପୀଡ଼ିତାଙ୍କ ଅଜାଣତରେ ତାଙ୍କର କିଛି ଅନ୍ତରଙ୍ଗ ତଥା ଆପତ୍ତିଜନକ ଫଟୋ ଏବଂ ଭିଡିଓ ନିଜ ପାଖରେ ରଖିଥିଲେ। ରଖିଥିବା ଫଟୋ ଏବଂ ଭିଡିଓକୁ ଭାଇରାଲ୍ କରିବାର ଧମକ ଦେଇ ଅଭିଯୁକ୍ତ ପୀଡ଼ିତାଙ୍କ ଠାରୁ ୟୁ.ପି.ଆଇ ଜରିଆରେ ୧୬,୫୦୦ ଟଙ୍କା ଓ ନଗଦ ୪ଲକ୍ଷ ଟଙ୍କା ନେଇଯାଇଥିଲେ। ଅଭିଯୁକ୍ତ ଜଣକ ବାରମ୍ବାର ଟଙ୍କା ମାଗିବାରୁ ପୀଡ଼ିତା ଟଙ୍କା ଦେବାକୁ ମନା କରିଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଜଣକ ପାଖରେ ରଖିଥିବା ଫଟୋ ଏବଂ ଭିଡିଓ ଗୁଡିକୁ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ପଠାଇବା ସହିତ ନାନା ପ୍ରକାର ଧମକ ଦେଇଥିଲେ।

### ଯୁବତୀଙ୍କ ଘରେ ପଶି ବନ୍ଧାହେଲେ



ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ): ତମାଣ୍ଡୋ ଥାନା ପୁଲିସ ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ଉପରୋକ୍ତ ମାମଲା ରୁଜୁକରି ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ନିମ୍ନୋକ୍ତ ଅଭିଯୁକ୍ତ ଝିକାଶ ନାୟକ ବର୍ଷେ ହେବ ପୀଡ଼ିତାଙ୍କୁ ବାରମ୍ବାର ଅନୁସରଣ କରିଆସୁଥିଲେ। ଉଭୟ ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ପରିବାରର ସଦସ୍ୟଙ୍କ ବାରଣ ସତ୍ତ୍ୱେ ଅଭିଯୁକ୍ତ ଝିକାଶ ନାୟକ ପୀଡ଼ିତାଙ୍କୁ ହଇରାଣ ହରକତ କରୁଥିଲେ। ଗତ ତା.୨୦.୧୨.୨୦୨୪ ରିଖ ଦିନ ୧.୩୦ ସମୟରେ ପୀଡ଼ିତା ଜଣେ ବନ୍ଧୁଙ୍କ ସହିତ ନିଜ ଘରେ ଉପସ୍ଥିତ ଥିବା ସମୟରେ ଅଭିଯୁକ୍ତ ଝିକାଶ ବଳପୂର୍ବକ ଭାବେ ତାଙ୍କ ଘରଭିତରକୁ ପଶି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ।

## ଭଦ୍ରକ ରେଳ ଷ୍ଟେସନ ୟାର୍ଡ ପୁନଃନିର୍ମାଣ କାର୍ଯ୍ୟ ସମାପ୍ତ

ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଭଦ୍ରକ୍ ରେଳ ଷ୍ଟେସନରେ ପ୍ରମୁଖ ୟାର୍ଡ଼ ପୁନଃ ନିର୍ମାଣ କାର୍ଯ୍ୟକୁ ସଫଳତାର ସହିତ ସମାପ୍ତ କରିଛି, ଯାହା ଷ୍ଟେସନର ଆଧୁନିକୀକରଣ ପ୍ରୟାସରେ ଏକ ମହତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ। କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଟ୍ରେନ୍ ପରିଚାଳନାକୁ ଶୃଙ୍ଖଳିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଏହି କାର୍ଯ୍ୟ, କୌଣସି ବିଳମ୍ବ କିମ୍ବା ଅତିରିକ୍ତ ସମୟ ଆବଶ୍ୟକ ନକରି ସମାପ୍ତ ହୋଇଛି। ଗୁରୁତ୍ୱପୂର୍ଣ୍ଣ ଭାବରେ, ଏହି ପ୍ରକଳ୍ପ କାର୍ଯ୍ୟ ସମୟରେ କୌଣସି ଅତିରିକ୍ତ ଟ୍ରେନ୍ ବାତିଲ୍ ହୋଇନଥିଲା ଏବଂ ସାଧାରଣ ସ୍ଥିରୀକୃତ କାର୍ଯ୍ୟସୂଚୀ ଅନୁଯାୟୀ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଭଦ୍ରକ୍ ରେଳ ଷ୍ଟେସନର ପୁନଃନିର୍ମାଣରେ ବିଭିନ୍ନ ପ୍ଲାଟଫର୍ମ ଅପଗ୍ରେଡ୍, ବର୍ଦ୍ଧିତ ଟ୍ରେନ୍ ଚଳାଚଳ ପାଇଁ ଅତିରିକ୍ତ ଲାଇନ ଏବଂ ଭଦ୍ରକ ଏବଂ ରାଣୀତାଲ ରେଳ ଷ୍ଟେସନ ମଧ୍ୟରେ ତୃତୀୟ ଲାଇନର କାର୍ଯ୍ୟ କାର୍ଯ୍ୟକ୍ଷମ ସମେତ ବିଭିନ୍ନ ପ୍ରମୁଖ ଉନ୍ନତି କାରଣ କାର୍ଯ୍ୟ ସଂଯୋଗ କରାଯାଇଥିଲା।

## ଶ୍ରମିକ ଶିବିର ପରିଦର୍ଶନ କଲେ ମୋଦୀ

ନୂଆଦିଲ୍ଲୀ,୨୧।୧୨: କୁଏତ ଗସ୍ତର ପ୍ରଥମ କାର୍ଯ୍ୟକ୍ରମ ଭାବରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କୁଏତର ମୀନା ଅବଦୁଲ୍ଲା ଅଞ୍ଚଳରେ ଏକ ଶ୍ରମ ଶିବିର ପରିଦର୍ଶନ କରିଛନ୍ତି ଯେଉଁଥିରେ ପାଖାପାଖି ୧୫୦୦ ଭାରତୀୟ ନାଗରିକ କାମ କରୁଛନ୍ତି। ପ୍ରଧାନମନ୍ତ୍ରୀ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ଭାରତୀୟ ଶ୍ରମିକଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଶ୍ରମ ଶିବିର ଗସ୍ତ ବିଦେଶରେ ଥିବା ଭାରତୀୟ ଶ୍ରମିକଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତାକୁ ଦର୍ଶାଉଛି।

## ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଲୁଟିନେଲେ ଟଙ୍କା

# ଭୂତମାନେ ନେଉଛନ୍ତି ଭତ୍ତା




ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ): ମଧୁବାବୁ ପେନସନ ଯୋଜନାରେ ଦୁର୍ନୀତି। ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଲୁଟିନେଲେ ପେନସନ୍ ଟଙ୍କା। ନବରଙ୍ଗପୁର ପାପଡାହାଣ୍ଡି ବ୍ଲକ୍ ନୂଆକୋଟ ଗ୍ରାମର ପଞ୍ଚାୟତ ଅଧିକାରୀଙ୍କ ନାମରେ ଏପରି ସାଙ୍ଘାତିକ ଅଭିଯୋଗ ସାମନାକୁ ଆସିଛି। ଯାହାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଇଛନ୍ତି। ବର୍ତ୍ତିଲେନି ମୃତକ। ବର୍ଷ ବର୍ଷ ଧରି ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଲୁଟିନେଲେ ମଧୁବାବୁ ପେନସନ ଯୋଜନା ଟଙ୍କା। ମୃତକଙ୍କ ପରିବାରର ଅଜାଣତରେ ଏଭଳି କରାଯାଇଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ସଦର ପଞ୍ଚାୟତର ନୂଆକୋଟ ଗାଁରୁ ଏପରି ଘଟଣା ସାମନାକୁ ଆସିଛି। କିଛି ଲୋକଙ୍କ ଆଙ୍ଗୁଳି ଛାପରେ ପେନସନ୍ ଟଙ୍କା ଉଠାଯାଇଥିବା ବେଳେ ଆଉ କିଛି ମୃତକଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର୍ ହୋଇଛି। ତେବେ କାହା ଆଙ୍ଗୁଠି ଛାପରେ ଟଙ୍କା ଉଠାଯାଇଛି ତାହା ଏବେ ଯାଏଁ ଅସ୍ପଷ୍ଟ ରହିଛି। ଏଥିରେ ନୂଆକୋଟ ପଞ୍ଚାୟତ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ମୃତକଙ୍କ ନାଁରେ ପେନସନ୍ ଟଙ୍କା ଉଠାଯାଇଥିବା ନେଇ ପଞ୍ଚାୟତର ସମିତି ସଭ୍ୟ ଓ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ସମସ୍ତ ଦସ୍ତାବିଜ ଦାଖଲ କରିଛନ୍ତି। ଅନ୍ୟପଟେ ମୃତକଙ୍କ ପରିବାର ସଦସ୍ୟ ହିଁ ଟଙ୍କା ନେଉଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ପାଲଟା ଜବାବ୍ ଦେଇଛନ୍ତି। ଅନେକ ସମୟରେ ମୃତକଙ୍କ ନାଁରେ ପେନସନ୍ ଟଙ୍କା ଉଠୁଥିବା ଖବର ସାମନାକୁ ଆସୁଛି।

## ପିକ୍ଅପ୍ ଧକ୍କାରେ ବାଇକ ଆରୋହୀ ମୃତ



ସମ୍ବଲପୁର,୨୧।୧୨(ସଂଚାର ବ୍ୟୁରୋ): ବରଗଡ଼-ସମ୍ବଲପୁର ଏନ୍ଏଚ୍ ୫୩ ଅତାବିରା ବସଷ୍ଟାଣ୍ଡରେ ମାଲବାହୀ ପିକ୍ ଅପ୍ ବାଇକକୁ ଦେଲା। ଫଳରେ ୱାଇକ ଆରୋଦୀ ଜଣଙ୍କର ମୃତ୍ୟୁ ଘଟିଛି ସେ ଅତାବିରା ଥାନା ଲସ୍ତଲା ଗ୍ରାମର ରାମଚନ୍ଦ୍ର ମେହେର(୭୦)ଙ୍କ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ପୋଲିସ ଘଟଣାସ୍ଥଳରୁ ଆହତଙ୍କୁ ନେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ପୂର୍ବାହ୍ଣ ୧୧ଟା ସମୟରେ ରାମଚନ୍ଦ୍ର ବାଇକରେ କୁଲୁଣ୍ଡା ରାସ୍ତା ପଟରୁ ବସଷ୍ଟାଣ୍ଡ ଆସି ଚାରିଥାକିଆ ଜାତୀୟ ରାଜପଥର ଗୋଟିଏ ରାସ୍ତା ପାର ହୋଇ ଅନ୍ୟ ରାସ୍ତାକୁ ଯାଉଥିବା ସମୟରେ ବରଗଡ଼ ପଟରୁ ସମ୍ବଲପୁର ପଟକୁ ଦ୍ରୁତ ଗତିରେ ଯାଉଥିବା ଏକ ମାଲବାହୀ ପିକ୍ ଅପ୍ (ଓଡ଼ି ୧୭ ଏମ୍ ୪୪୨୯) ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେଇଥିଲା।

## ପ୍ରବାସୀ ଭାରତୀୟଙ୍କ ପାଇଁ ଯତ୍ନବାନ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୧।୧୨: ବିଶ୍ୱର ବିଭିନ୍ନ ଦେଶରେ ରହୁଥିବା ପ୍ରବାସୀ ଭାରତୀୟମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛନ୍ତି। କୁଏତରେ ଭାରତୀୟ ପ୍ରବାସୀଙ୍କ ଏକ ବଡ଼ ସମୁଦାୟ ରହିଛି। ଭାରତୀୟମାନେ କୁଏତରେ ସବୁଠାରୁ ବଡ଼ ପ୍ରବାସୀ ସମୁଦାୟ ଏବଂ ସେଠାରେ ପ୍ରାୟ ୧୦ ଲକ୍ଷ ଭାରତୀୟ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ରହିଛନ୍ତି। ଏହାକୁ ହୃଦୟଙ୍ଗମ କରି ପ୍ରଧାନମନ୍ତ୍ରୀ ଆଜି କୁଏତରେ ଗଲ୍ଫ ସ୍ପିକ୍ ଶ୍ରମିକ ଶିବିର ପରିଦର୍ଶନ କରିଛନ୍ତି। ସେଠାରେ ୯୦% ରୁ ଅଧିକ ଲୋକ ଭାରତୀୟ କାର୍ଯ୍ୟରତ ଅଛନ୍ତି ଏବଂ ସେମାନଙ୍କ ସହ ପ୍ରଧାନମନ୍ତ୍ରୀ ମତବିନିମୟ କରିଛନ୍ତି। ଅତୀତରେ ମଧ୍ୟ ବିଦେଶରେ ଥିବା ଭାରତୀୟ ଶ୍ରମିକଙ୍କୁ ପ୍ରଧାନମନ୍ତ୍ରୀ ସାକ୍ଷାତ କରିବା ସହ ବାର୍ତ୍ତାଳାପ କରିବାର ଅନେକ ଉଦାହରଣ ଦେଖିବାକୁ ମିଳିଛି।

## ବନ୍ଦ ଶିଳ୍ପାନୁଷ୍ଠାନ ପୁନରୁଦ୍ଧାର ପାଇଁ ଚାପ



ଭୁବନେଶ୍ୱର, ୨୧।୧୨ ଓଡ଼ିଶାରେ ବଡ ବଡ କଳ କାରଖାନା ପ୍ରତିଷ୍ଠା ପାଇଁ ପୁଞ୍ଜିନିବେଶ ଲାଗି ଦେଶ ବିଦେଶର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କୁ ରାଜ୍ୟ ସରକାର ନିମନ୍ତ୍ରଣ କରୁଥିବାବେଳେ ରାଜ୍ୟରେ ବନ୍ଦହୋଇ ପଡ଼ିଥିବା ଶିଳ୍ପାନୁଷ୍ଠାନଗୁଡିକର ପୁନରୁଦ୍ଧାର ଲାଗି ଏବେ ବିଭିନ୍ନ ମହଲରୁ ଚାପ ବୃଦ୍ଧି ପାଇବାରେ ଲାଗିଛି। ବଡମ୍ବା, ନୟାଗଡ଼, ବରଗଡ଼, ବଲାଙ୍ଗିର ଆଦିରେ ପ୍ରତିଷ୍ଠା କରାଯାଇଥିବା ଚିନିକଳଗୁଡିକ ବନ୍ଦହୋଇ ପଡ଼ିଥିବାବେଳେ ଆସିକା ଚିନିକଳ କଷ୍ଟେ ମଷ୍ଟେ ଚାଲୁଛି। ଢେଙ୍କାନାଳରେ ଘରୋଇ ଉଦ୍ୟମରେ ଚାଲିଥିବା ଚିନିକଳର ସ୍ୱାସ୍ଥ୍ୟାବସ୍ଥା ବି ଭଲ ନାହିଁ। ଚିନିକଳଗୁଡିକ ବନ୍ଦହୋଇ ପଡ଼ିବା ଫଳରେ ଆଖୁ ଭଳି ଅର୍ଥକରୀ ଫସଲରୁ ଚାଷୀମାନେ ଯେଉଁ ଉପାର୍ଜନ କରୁଥିଲେ ତାହା ବନ୍ଦହୋଇ ଯାଇଛି। ରାଜ୍ୟର ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବାପାଇଁ ଅନ୍ୟ ରାଜ୍ୟରୁ ଚିନି କିଣି ଓଡ଼ିଶା ଲୋକେ ଖର୍ଚ୍ଚାନ୍ତ ହେଉଥିବା ପରିପ୍ରେକ୍ଷୀରେ ବନ୍ଦ ହୋଇଥିବା ଚିନିକଳଗୁଡିକୁ କାର୍ଯ୍ୟକ୍ଷମ କରାଇବା ସହିତ ଅନ୍ୟ ଯେଉଁସବୁ ସ୍ଥାନରେ ଆଖୁଚାଷ ଓ ଚିନିକଳ ପ୍ରତିଷ୍ଠାର ସମ୍ଭାବନା ରହିଛି ତାହା ଉପରେ ଗୁରୁତ୍ୱ ଦେବାକୁ ଦାବି ବଢୁଛି। ସେହିଭଳି ପରିବେଶ ଦୃଷ୍ଟିରୁ ପ୍ଲାଷ୍ଟିକ ଅଖା ବ୍ୟାଗ ପରିବର୍ତ୍ତେ ଝୋଟ ବ୍ୟାଗ ଉପରେ ଗୁରୁତ୍ୱ ଦିଆଯାଉଛି। ଗୋଟିଏ ସମୟରେ ଝୋଟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଥିଲା ଏବଂ ଧାନମଣ୍ଡଳ ଝୋଟକଳରୁ ଉତ୍ପାଦିତ ସାମଗ୍ରୀ ରାଜ୍ୟର ଚାହିଦା ମେଣ୍ଟାଇବା ସହିତ ଅନ୍ୟ ରାଜ୍ୟକୁ ବି ରପ୍ତାନି ହେଉଥିଲା। ଚଷୀମାନେ ଲଳିତା ଚାଷକରି ଉପକୃତ ହେଉଥିଲେ ଏବଂ ଲଳିତା ଚାଷ କରାଯାଉଥିବା ଜମିରେ ଖରିଫ ଧାନ ଚାଷ କରାଯିବା ଯୋଗୁଁ ଜମିଗୁଡିକ ବି ଲଳିତା ପତ୍ରରୁ ବେଶ୍ ଉର୍ବର ହୋଇପାରୁଥିଲା। ଓଡ଼ିଶାରେ ଥିବା ବହୁ କାଗଜକଳ ବନ୍ଦହୋଇ ଯାଇଛି। ଫଳରେ ବହି ଖାତା ପାଇଁ ଆବଶ୍ୟକ ପଡୁଥିବା କାଗଜ ଲାଗି ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏମିତିକି ରାଜ୍ୟ ସରକାରୀ ଦପ୍ତରଗୁଡିକର ନଥି କାମ ପାଇଁ ବି ବାହାରୁ କାଗଜ ଆଣିବାକୁ ପଡୁଛି।ଓଡ଼ିଶାରେ ଥିବା ଚୌଦ୍ୱାରର ଓଟିଏମ୍ ସମେତ ୧୩ଟି ଲୁଗାକଳ ଓ ଅନ୍ୟ ୧୩ଟି ସୂତାକଳ ମଧ୍ୟ ବନ୍ଦହୋଇ ପଡ଼ିଛି। ଫଳରେ ଓଡ଼ିଶାର ଲୋକେ ନିଜ ଚାହିଦା ମେଣ୍ଟାଇବାପାଇଁ ଅନ୍ୟ ରାଜ୍ୟରେ ତିଆରି କପଡ଼ା ଉପରେ ନିର୍ଭର କରୁଛନ୍ତି ଏବଂ ଏଠାକାର ବୟନଶିଳ୍ପୀ ଓ ବୁଣାଳିମାନେ ଅନ୍ୟ ରାଜ୍ୟରେ ଦାଦନ ଶ୍ରମିକ ଭାବେ କାମ କରିବାକୁ ବାଧ୍ୟ ହେଉଛନ୍ତି। ହସ୍ତତନ୍ତ ଶିଳ୍ପରୁ ଯେତିକି ବି କପଡ଼ା ଉତ୍ପାଦିତ ହେଉଛି ତାହା ସମୁଦ୍ରକୁ ଶଙ୍ଖେ ଭଳି। ରାଜ୍ୟର ସୂତାକଳ ଓ ଲୁଗାକଳଗୁଡିକ ବନ୍ଦଥିବା ପରିପ୍ରେକ୍ଷୀରେ ଓଡ଼ିଶାର ଚାଷୀ ଉତ୍ପାଦନ କରୁଥିବା ତୁଳାକୁ ନାମମାତ୍ର ଦରରେ ଅନ୍ୟ ରାଜ୍ୟର ବ୍ୟବସାୟୀଙ୍କ ଯାଚି ଗୁଞ୍ଜି ଦେଉଛି। (ତଥ୍ୟ)

## ଶାନ୍ତି ଧାମ ଫାଉଣ୍ଡେସନ୍ ; 'ଝୁମ୍ ଇଣ୍ଟରନାସନାଲ୍' ଉଦ୍‌ଯାପିତ




ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ): ଶାନ୍ତି ଧାମ ଫାଉଣ୍ଡେସନ୍ ତରଫରୁ ଝୁମ୍ ଇଣ୍ଟରନ୍ୟାସନାଲ୍- ୨୦୨୪ ଅଷ୍ଟମ ସଂସ୍କରଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଉଦଯାପନୀ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଆଜିର ଏହି ଆନ୍ତର୍ଜାତୀୟ ପୁରସ୍କାର ଉତ୍ସବରେ ସାରା ଭାରତ ବର୍ଷରୁ ୧୫.୬୮ ପ୍ରତିଯୋଗିଙ୍କର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ଜାତୀୟ, କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ମାନଙ୍କ ପାଇଁ ନୃତ୍ୟ, ଗୀତ, ସ୍ପିଡ଼ପେଣ୍ଟି, ଅଭିନୟ, ମିମିକ୍ରି, ଆଙ୍କରିଙ୍ଗ ଏବଂ ଅନ୍ୟାନ୍ୟ ବହୁତ ପ୍ରକାର ରୁଚିଥିବା ପ୍ରତିଭା ପ୍ରଦର୍ଶନ କରାଯାଇଥିଲା।ଏହି ପ୍ରତିଯୋଗୀଙ୍କୁ ସର୍ବଭାରତୀୟ ଏବଂ ବିଶ୍ୱସ୍ତରରେ ସମକକ୍ଷ କରିବା ପାଇଁ ଏମାନଙ୍କୁ ବିଭିନ୍ନ ସୋସିଆଲ ମିଡ଼ିଆ ଯଥା ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଏବଂ ୟୁଟ୍ୟୁବ୍ ମାଧ୍ୟମରେ ତାଙ୍କ ପ୍ରତିଭାର ପ୍ରସାରଣ କରାଯିବ ବୋଲି ଟ୍ରଷ୍ଟି ପକ୍ଷରୁ ନିଷ୍ପତ୍ତି ନିଆ ଯାଇଛି। ଶାନ୍ତି ଧାମ ଫାଉଣ୍ଡେସନ ସାରା ଭାରତବର୍ଷର ୯୪ଟି ସଙ୍ଗଠନ ସହିତ ଜଡ଼ିତ ହୋଇ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ବିଗତ ୮ ବର୍ଷ ହେଲା କରି ଆସୁଛି। ଶାନ୍ତି ଧାମ ଫାଉଣ୍ଡେସନର ମୁଖ୍ୟ ବସ୍ତୁହେଲା କିପରି ଭିନ୍ନକ୍ଷମମାନେ ସଂଗଠିତ ହେବେ ଓ ଜାତୀୟ ଏବଂ ବିଶ୍ୱସ୍ତରରେ ବିଭିନ୍ନ ଲୁଚିରହିଥିବା ପ୍ରତିଭାକୁ ପ୍ରତିପାଦିତ କରିପାରିବେ। ଏବଂ ରୋଜଗାର କ୍ଷମ ହେଇପାରିବେ।

## ଆକ୍ଟିଭେସନ କାର୍ଯ୍ୟକ୍ରମରେ ସାମିଲ ହେଲେ ବିଦ୍ୟାଳୟସମୂହ ଛାତ୍ରଛାତ୍ରୀ




ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ୧୮ ତମ ପ୍ରବାସୀ ଭାରତୀୟ ଦିବସ ୨୦୨୫ ପାଇଁ ସାଧାରଣ ନାଗରିକଙ୍କଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ହେଉଛନ୍ତି ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମରେ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆୟୋଜିତ ଏହି ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମରେ ଯୋଡି ହୋଇଛନ୍ତି ଭୁବନେଶ୍ୱର ବିଦ୍ୟାଳୟ ସମୂହ। ଗତ କାଲି ସୁଦ୍ଧା କ୍ଲଷ୍ଟର ସ୍ତରୀୟ ବିଦ୍ୟାଳୟଗୁଡିକରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୃତ୍ୟ, ସଙ୍ଗୀତ, ବକ୍ତୃତା ଓ ଚିତ୍ରାଙ୍କନ ଏହି ୪ଟି ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ଶହ ଶହ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ତିନି ଦିନ ଧରି ଚାଲିବାକୁ ଥିବା ପ୍ରବାସୀ ଭାରତୀୟ ଦିବସରେ ଯୋଗ ଦେବା ପାଇଁ ବିଦେଶରେ ବିଭିନ୍ନ କାମ କରୁଥିବା ୫ ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଓଡ଼ିଶା ଆସିବେ। ଏଥିପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ମାନ ନିଆଯାଉଛି। ଗତକାଲି ବିଏମ୍‌ସିର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ପୋରେଟରଙ୍କ ତତ୍ତ୍ୱାବଧାନରେ ୱାର୍ଡସ୍ତରୀୟ ପ୍ରତିଯୋଗିତାମାନ ସଂଗଠିତ କରିବା ପାଇଁ ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ ଓ କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ ଅନୁରୋଧ କରିଥିଲେ।

## ସୋଆରେ 'ଗ୍ରାଣ୍ଡ ହୋମ୍ କମିଂ'- ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ



ଭୁବନେଶ୍ୱର,୨୧।୧୨(ସଂଚାର ବ୍ୟୁରୋ): ନିଜ ଶିକ୍ଷାନୁଷ୍ଠାନ ପ୍ରତି ପୁରାତନ ଛାତ୍ରଛାତ୍ରୀଙ୍କର ଏକ ବଡ଼ ଦାୟିତ୍ୱ ରହିଛି। ତେଣୁ ଯେଉଁଠାରୁ ଶିକ୍ଷା ଗ୍ରହଣ କରିଛ ସେହି ଶିକ୍ଷାନୁଷ୍ଠାନ ସହ କିଭଳି ଯୋଡ଼ି ହୋଇ ରହିହେବ ଏବଂ ତାହାର ମାନକୁ କିଭଳି ଉଚ୍ଚକୁ ନେଇ ହେବ ସେ ଦିଗରେ ପୁରାତନ ଛାତ୍ରଛାତ୍ରୀମାନେ ଯତ୍ନବାନ ହେବା ଉଚିତ୍ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ। ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପୁରାତନ ଛାତ୍ରଛାତ୍ରୀଙ୍କର ସମାବେଶ 'ଗ୍ରାଣ୍ଡ ହୋମ କମିଂ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ଆଚର୍ଯ୍ୟ ନିଜକୁ ମଧ୍ୟ ସୋଆର ଜଣେ ପୁରାତନ ଛାତ୍ର ବୋଲି ନିଜ ଭାଷଣ ପ୍ରସଙ୍ଗରେ କହିଥିଲେ। ସୋଆର ପ୍ରଥମ ସମାବର୍ତ୍ତନ ଉତ୍ସବରେ ତାଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିବାରୁ ନିଜକୁ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ଭାବେ ଅଭିହିତ କରିଥିଲେ ପ୍ରଫେସର ଆଚାର୍ଯ୍ୟ। ଏହି ପରିପ୍ରେକ୍ଷୀରେ ନିଜ ଶିକ୍ଷାନୁଷ୍ଠାନ ସହ ପୁରାତନ ଛାତ୍ରଛାତ୍ରୀ ସମ୍ପର୍କ ସୁଦୃଢ଼ କରିବା ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅଭିନେତା ତଥା ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)ର ୨୦୧୩ ବ୍ୟାଚର ଛାତ୍ର ଶ୍ରୀ ଦୀପନ୍ୱିତ ଦାସମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ତାଙ୍କ ଅଭିନୟ ଜୀବନ ସୋଆରୁ ଆରମ୍ଭ ହୋଇଥିଲା ବୋଲି ଗର୍ବର ସହ କହିଥିଲେ। ସୋଆର ଡ୍ରାମା କ୍ଲବ 'ଟନେଲ୍ ଷ୍ଟୁକ୍'ରେ ଅଭିନୟ କରିବା ପରଠାରୁ ହିଁ ତାଙ୍କର ଅଭିନୟ ପ୍ରତି ଆଗ୍ରହ ବଢ଼ିଥିଲା ବୋଲି ସେ କହିଥିଲେ। 'ଦମନ୍', 'ପ୍ରତୀକ୍ଷା' ଏବଂ ନିକଟରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର ' ପରବ'ର ଅଭିନେତା ତଥା ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପୁରସ୍କାର ପାଇଥିବା ଶ୍ରୀ ଦାସମହାପାତ୍ର ନିଜ କ୍ୟାରିୟରର ଶ୍ରେୟ ସୋଆକୁ ହିଁ ଦେଇଥିଲେ। ଅଭିନୟ କରିବାର ସ୍ୱପ୍ନ ସେ ସୋଆରୁ ହିଁ ଦେଖିଥିଲେ ବୋଲି ସେ କହିଥିଲେ। ସେହିପରି ନିଜ ଭାଷା, ସଂସ୍କୃତି, ପରମ୍ପରା ଓ ଓଡ଼ିଆ ଚଳଚ୍ଚିତ୍ରକୁ ଆଗକୁ ନେବା ପାଇଁ ସମସ୍ତଙ୍କର ସହଯୋଗ ଲୋଡିଥିଲେ ଶ୍ରୀ ମହାପାତ୍ର।

### ଜୀବନ ଅମୃତ ଅନୁଚିନ୍ତା

ହୃଦୟର ଆକୁଳତା-ଈଶ୍ୱରଙ୍କୁ ପାଇବାକୁ ହେଲେ ହୃଦୟର ଆକୁଳତା ଆବଶ୍ୟକ। ଯେଉଁମାନେ କେବଳ ଲାଳସା ବା ପାର୍ଥିକ ଇଚ୍ଛା ପୂରଣ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି ସେମାନଙ୍କ ଭିତରେ ହୃଦୟର ସେହି ଆକୁଳତା ନଥାଏ।

SANCHAR
ସଂଚାର

ରବିବାର ୨୨ ଡିସେମ୍ବର ୨୦୨୪, ଭୁବନେଶ୍ୱର
Sunday 22 December 2024 Bhubaneswar



# କର ବା ମର ଲଢ଼େଇ

ବିଧାନସଭା ନିର୍ବାଚନ ପରେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଗତ ଦୁଇ ମାସ ମଧ୍ୟରେ ଉପତ୍ୟକାରେ ଆତଙ୍କବାଦୀ ଆକ୍ରମଣରେ ଅନେକ ସୁରକ୍ଷା କର୍ମୀ ଓ ସାଧାରଣ ନାଗରିକ ପ୍ରାଣ ହରାଇଲେଣି। ଏହା କିଛି କମ କଥା ନୁହେଁ। ଏହା ପଛରେ ସୀମାପାର ଆତଙ୍କବାଦୀ ସଙ୍ଗଠନର ହାତ ରହିଛି। ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିବର କାରଣ କ'ଣ ? ଏହା ପଛରେ ଉଦ୍ଦେଶ୍ୟ ହେଲା ନିଜ ସ୍ଥିତି ଜାହିର କରିବା ଏବଂ କାଶ୍ମୀରରେ ଭୟ ତଥା ଆତଙ୍କର ବାତାବରଣ ସୃଷ୍ଟି କରି ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା। ଧାରା ୩୭୦ ହଟିବା ପରେ ଜାମ୍ମୁ-କାଶ୍ମୀରରେ ବିକାଶ ତ୍ୱରାନ୍ୱିତ ହୋଇଛି ଏବଂ ଶାନ୍ତି ପ୍ରତିଷ୍ଠା ହୋଇଛି। ଲୋକସଭା ନିର୍ବାଚନରେ କାଶ୍ମୀରବାସୀ ବିପୁଳ ସଂଖ୍ୟାରେ ଭୋଟ ଦେଇ ନିଜ ପ୍ରତିନିଧି ଚୟନ କଲେ। ଏହା ଦ୍ୱାରା ସେମାନେ ଭାରତୀୟ ସମ୍ବିଧାନ ପ୍ରତି ସେମାନଙ୍କର ଆସ୍ଥା ଓ ବିଶ୍ୱାସ ରହିଛି ବୋଲି ପ୍ରମାଣିତ କଲେ। ଆଗକୁ ସେଠାରେ ବିଧାନସଭା ନିର୍ବାଚନ ମଧ୍ୟ ହେବାକୁ ଯାଉଛି। ଏହାକୁ ଭଣ୍ଡୁର କରିବା ପାଇଁ ଦେଶ ବିରୋଧୀ ଶକ୍ତି ଓ ଆତଙ୍କବାଦୀ ସଙ୍ଗଠନ ଗୁଡ଼ିକ ଯୋଜନା କରୁଛନ୍ତି। ସୁରକ୍ଷା ବାହିନୀ ଉପରେ ଆକ୍ରମଣ ପଛରେ ଆତଙ୍କୀ ସଙ୍ଗଠନର ଏକ ମୁଖ୍ୟ ଉଦ୍ଦେଶ୍ୟ। ପ୍ରତିଥର ଆତଙ୍କବାଦୀଙ୍କ ଆକ୍ରମଣ ପରେ ସରକାର କହୁଛନ୍ତି ଏଥର ଆତଙ୍କବାଦୀଙ୍କୁ ଦୃଢ଼ ହସ୍ତରେ ଦମନ କରାଯିବ, ଯବାନଙ୍କ ବଳିଦାନ ବ୍ୟର୍ଥ ହେବନି, କାଶ୍ମୀର ଉପତ୍ୟକାରୁ ଆତଙ୍କବାଦକୁ ନିର୍ମୂଳ କରାଯିବ। କିନ୍ତୁ କେବେ ତାହା ବାସ୍ତବତାରେ ପରିଣତ ହେଉନି। ଆତଙ୍କବାଦର ମୁକାବିଲା ନିମନ୍ତେ ଉଦ୍ୟମ ଯେ ହେଉନି ସେକଥା ନୁହେଁ। ଏଥିରେ ଅନେକ ସଫଳତା ମଧ୍ୟ ମିଳିଛି। କିନ୍ତୁ ତାହା ଯଥେଷ୍ଟ ନୁହେଁ। କାଶ୍ମୀର ଉପତ୍ୟକାରୁ ଆତଙ୍କବାଦକୁ ସମ୍ପୂର୍ଣ୍ଣ ନିର୍ମୂଳ କରାଯାଇପାରିନି। କାରଣ ପାକିସ୍ତାନ ବରାବର ଭାରତରେ ଆତଙ୍କବାଦୀଙ୍କୁ ସହାୟତା କରୁଛି, ସେମାନଙ୍କୁ ପ୍ରୋତ୍ସାହିତ କରୁଛି। କାଶ୍ମୀରରେ ଅନେକ ମୌଳବାଦୀ ସଙ୍ଗଠନ, ବିଚ୍ଛିନ୍ନତାବାଦୀ ମଧ୍ୟ ପରଦା ପଛରେ ରହି ଏହାକୁ ସହଯୋଗ କରୁଛନ୍ତି। ଏବେ ସମୟ ଆସିଛି କାଶ୍ମୀରରୁ ଆତଙ୍କବାଦକୁ ସମ୍ପୂର୍ଣ୍ଣ ନିର୍ମୂଳ କରିବା ଲାଗି ନିର୍ଣ୍ଣୟାତ୍ମକ ଲଢ଼େଇ ହେବା ଉଚିତ। ଏଥିରେ ସେନା ବାହିନୀ ସହିତ ଅର୍ଦ୍ଧସାମରିକ ବାହିନୀ ଏବଂ ରାଜ୍ୟ ପୋଲିସ ଏପରିକି ଅନ୍ୟ ରାଜ୍ୟର ପୋଲିସକୁ ମଧ୍ୟ ଏଥିରେ ନିୟୋଜିତ କରାଯାଇପାରିବ। ଏହି ଲଢ଼େଇ କର ବା ମର ଭଳି ହେବା ଉଚିତ। ଏଥିଲାଗି ପୁରା ଉପତ୍ୟକାର ପ୍ରତ୍ୟେକ ଇଞ୍ଚକୁ ଭଲଭାବେ ଯାଞ୍ଚ କରାଯିବା ଉଚିତ। ପାକିସ୍ତାନକୁ ଲାଗିଥିବା ସୀମାକୁ ସମ୍ପୂର୍ଣ୍ଣ ଭାବେ ସିଲ କରାଯିବା ଉଚିତ। ଆବଶ୍ୟକ ପଡ଼ିଲେ ଆତଙ୍କବାଦୀଙ୍କ ଗୁପ୍ତ ଆଡ୍ଡା ଉପରେ ଆକାଶ ମାର୍ଗରୁ ବୋମାମାଡ଼ ହେବା ଉଚିତ। ଜଣେ ହେଲେ କେହି ଆତଙ୍କବାଦୀ ଏଥିରୁ ବର୍ତ୍ତିବା ଅନୁଚିତ। ଆତଙ୍କବାଦ ଦମନ ଅଭିଯାନରେ ଗୁଇନ୍ଦା ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଆତଙ୍କବାଦୀଙ୍କ ଯୋଜନା, ଗତିବିଧି ଏବଂ ସେମାନଙ୍କୁ ସହାୟତା ପ୍ରଦାନ କରୁଥିବା ବ୍ୟକ୍ତି ବା ସଙ୍ଗଠନ ସମ୍ପର୍କରେ ଟିକିନିଖି ଖବର ସଂଗ୍ରହ କରିବାକୁ ପଡ଼ିବ। ଏଥିରେ ସାଧାରଣ ଲୋକଙ୍କ ସହଯୋଗର ମଧ୍ୟ ଆବଶ୍ୟକତା ରହିଛି। ଯେଉଁମାନେ ସୁରକ୍ଷା ବାହିନୀକୁ ସହଯୋଗ ଏବଂ ସହାୟତା କରିବେ ସେମାନଙ୍କୁ ସମ୍ମାନୀତ ଏବଂ ପୁରସ୍କୃତ କରାଯିବା ଉଚିତ। ଗୃହ ମନ୍ତ୍ରୀ ଅମିତ ଶାହା ଜଣେ ଦକ୍ଷ ଏବଂ ଦୃଢ଼ ବ୍ୟକ୍ତି। ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କ ଶାସନ କାଳରେ ଯଦି ଏହା ସମ୍ଭବ ନହେବ ତେବେ ଆଗାମୀ ବହୁ ବର୍ଷ ଭିତରେ ଆତଙ୍କବାଦ ବିରୋଧୀ ଅଭିଯାନ ସଫଳ ହେଇପାରିବ ନାହିଁ। ନିକଟରେ ସୁରକ୍ଷା ବାହିନୀ ସହ ଏନକାଉଣ୍ଟରରେ ୫ଜଣ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଏମାନେ ସମସ୍ତେ ପାକ୍ ଅନୁପ୍ରବେଶକାରୀ ବୋଲି ଜଣାପଡ଼ିଛି। ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏଥିରେ ଗୋଟିଏ କଥା ପ୍ରମାଣିତ ଯେ, ସୁରକ୍ଷା ବାହିନୀର ସତର୍କତା ସତ୍ତ୍ୱେ ଏବେ ବି ସୀମା ଆରପଟୁ ଆତଙ୍କବାଦୀଙ୍କ ଅନୁପ୍ରବେଶ ଜାରି ରହିଛି। ଏହା ଏକ ବଡ଼ ଚାଲେଞ୍ଜ। ଏହାର ମୁକାବିଲା ନିମନ୍ତେ ସ୍ୱତନ୍ତ୍ର ଯୋଜ୍ତନା ଏବଂ ଅଭିଯାନର ଆବଶ୍ୟକତା ରହିଛଇ। ଯେ ପର୍ଯ୍ୟନ୍ତ ସୀମାପାର ଆତଙ୍କବାଦର ଅନ୍ତ ନହୋଇ ସେ ପର୍ଯ୍ୟନ୍ତ କାଶ୍ମୀର ଉପତ୍ୟକାରେ ରକ୍ତପାତ ବନ୍ଦ ହେବନି। ଏଥିରେ ରାଜ୍ୟ ସରକାରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେ ପର୍ଯ୍ୟନ୍ତ ଓମାର ଅବଦୁଲ୍ଲା ଆତଙ୍କବାଦ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ ନକରିଛନ୍ତି ସେ ପର୍ଯ୍ୟନ୍ତ ସେନା ଏକାକି ସ୍ଥିତି ସୁଧାରିପାରିବ ନାହିଁ। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଏହା ସଫଳ ହୋଇପାରିବ। ଏଥିଲାଗି ଏକ ନୂତନ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେବା ଆବଶ୍ୟକ। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କୁ ଏହାର ଦାୟିତ୍ୱ ପ୍ରଦାନ କରାଯିବା ଉଚିତ।

# ଦରଦାମ ବୃଦ୍ଧି, ରିଜର୍ଭବ୍ୟାଙ୍କ ଏବଂ ସରକାର



**ଗୋପାଳ ମହାପାତ୍ର**

ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ଏଥର ରେପୋ ରେଟ ୬.୫ ପ୍ରତିଶତକୁ ସ୍ଥିର ରଖିଛି। ଏହା ପଛର ମୁଖ୍ୟ କାରଣ ହେଉଛି ଗତ ଅକ୍ଟୋବର ଠାରୁ ଡିସେମ୍ବର ତ୍ରୈମାସିକୀରେ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ମାତ୍ରାଧିକ ରହିଥିଲା। ଅନୁମାନ ଅନୁସାରେ ୨୦୨୫ ପ୍ରାରମ୍ଭରେ ଖାଦ୍ୟଦ୍ରବ୍ୟର ମୂଲ୍ୟ କମିପାରେ। ଜିନିଷପତ୍ର ଖାଦ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧିର ପ୍ରଭାବ ଲୋକଙ୍କ କ୍ରୟ ଶକ୍ତି ଉପରେ ପଡ଼ିଥାଏ। ଯଦି ଠିକ୍ ସମୟରେ ଏହାକୁ ନିୟନ୍ତ୍ରଣ କରାନଯାଏ ତେବେ ଅର୍ଥ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଥାଏ। ରିଜର୍ଭବ୍ୟାଙ୍କ ୧୧ଶ ଥର ପାଇଁ ରେପୋରେଟ ସ୍ଥିର ରଖିବାର କାରଣ ବୋଧହୁଏ ଏହି କଥାର ସଙ୍କେତ ଦେଉଛି। ମୋଦୀ ସରକାରଙ୍କ ଦୁଇ ମନ୍ତ୍ରୀ ନିର୍ମଳା ସୀତାରାମଣ ଏବଂ ପିୟୁଷ ଗୋଏଲ ରେପୋରେଟରେ ପରିବର୍ତ୍ତନ ପାଇଁ ରିଜର୍ଭବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତି ଦାସଙ୍କୁ ଅନୁରୋଧ କରିଥିଲେ ମଧ୍ୟ ଗଭର୍ଣ୍ଣର ଦାଶ ସେମାନଙ୍କ ଅନୁରୋଧକୁ ଉପେକ୍ଷା କୀରି ରେପୋରେଟକୁ ସ୍ଥିର ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଣୁ ସରକାରଙ୍କୁ ମଧ୍ୟ ଏ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଏବାବଦରେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଆମେ ପ୍ରଥମେ ଜାଣିବା ଆବଶ୍ୟକ ଯେ 'ରେପୋରେଟ' କ'ଣ? ରେପୋରେଟ ହେଉଛି ସେହିସୁଧହାର ଯାହା ଉପରେ ଭୋତୀୟ ରିଜର୍ଭବ୍ୟାଙ୍କ ଦେଶର ବାଣିଜ୍ୟକ ବ୍ୟାଙ୍କ ମାନଙ୍କୁ ଋଣ ସୂତ୍ରରେ ଦେଇଥାଏ। ଏହାକୁ ପୁନଃ କ୍ରୟ ବୁଝାବଣା ବୋଲି କୁହାଯାଇପାରେ ବା ପୁନଃ କ୍ରୟ ବିକଳ୍ପ ମଧ୍ୟ କୁହାଯାଇପାରେ। ରେପୋ ଶବ୍ଦ ପୁନଃ କ୍ରୟ ବୁଝାମଣାରୁ ଆସିଛି, ଦରଦାମ ବୃଦ୍ଧିର ନିୟନ୍ତ୍ରଣ ପାଇଁ ରେପୋରେଟକୁ କାର୍ଯ୍ୟକାରୀ କରାଯାଇଥାଏ। ଯେତେବେଳେ ବାଣିଜ୍ୟକ ବ୍ୟାଙ୍କ ମାନଙ୍କ ପାଖରେ ଧନର ଅଭାବ ରହେ ଅଥବା ବଜାରର ଅସ୍ଥିର ସ୍ଥିତିକୁ ସ୍ଥିର କରିବାର ଆବଶ୍ୟକତା ପଡ଼େ ସେତେବେଳେ ବ୍ୟାଙ୍କ ମାନେ ରିଜର୍ଭବ୍ୟାଙ୍କ ଠାରୁ ଋଣ ଆଣିଥାନ୍ତି। ସେହି ଋଣ ଉପରେ ରିଜର୍ଭବ୍ୟାଙ୍କ ଯେଉଁ ସୁଧ ନିଏ ବା ସ୍ଥିର କରିଥାଏ ତାକୁ ରେପୋରେଟ କୁହାଯାଏ। ରେପୋରେଟ ବୃଦ୍ଧି କରାଗଲେ ବ୍ୟାଙ୍କମାନେ ରିଜର୍ଭ ବ୍ୟାଙ୍କରୁ ଋଣ ନେବା ପାଇଁ ଅନିଚ୍ଛୁକ ହୋଇଥାନ୍ତି ବା କମ୍ ଋଣ ନେଇଥାନ୍ତି। ଏହା ଦ୍ୱାରା ଅର୍ଥ ବ୍ୟବସ୍ଥାରେ ମୁଦ୍ରାର ଆପୁର୍ତ୍ତି କମିଯାଇଥାଏ ଏବଂ ଦରଦାମ ନିୟନ୍ତ୍ରଣ ସହଜ ହୋଇଥାଏ। ରିଜର୍ଭ ବ୍ୟାଙ୍କ ବାଣିଜ୍ୟବ୍ୟାଙ୍କ ଓ ଆର୍ଥୀକ ସଂସ୍ଥାମାନଙ୍କୁ ସ୍ୱଳ୍ପ କାଳ ଅବଧି ପାଇଁ ଯେଉଁ ସୁଧ ହାରରେ ଋଣ ଦେଇଥାଏ ତାକୁ ରେପୋରେଟ କୁହାଯାଏ।

ରିଜର୍ଭବ୍ୟାଙ୍କ ରେପୋରେଟ ସ୍ଥିର ରଖିବା ପରେ ଏବେ ସରକାର ଚିନ୍ତା କରିବା ଆବଶ୍ୟକ ଯେ ସ୍ଥିର ଏବଂ ସୀମିତ ଆୟରେ ଜୀବନଯାପନ କରୁଥିବା ଦେଶର ୭୦ରୁ ୮୦ ପ୍ରତିଶତ ଲୋକଙ୍କ ସ୍ଥିତି ଏବେ ଖରପରୁ ଖରାପ ହେବ। କୃଷକଙ୍କ ପ୍ରତି ଦରଦ ଦେଖାଇବା ପାଇଁ ରିଜର୍ଭବ୍ୟାଙ୍କ ଯଦିଓ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତର ଋଣ ପାଇଁ ଗ୍ୟାରେଣ୍ଟିର ଆବଶ୍ୟକତା ନାହିଁ ବୋଲି ନିଷ୍ପତ୍ତି ନେଇଛି ହେଲେ ଦରଦାମ ବୃଦ୍ଧିର ସମୟରେ କୃଷକ ବା ଚାଷୀ ଏହି ଋଣ ନେଲେ ପରିଶୋଧ କରିବେ କେମିତି ଏହା ଉପରେ ମଧ୍ୟ ବିଚାର କରିବା ଆବଶ୍ୟକ। ୧୧ଶ ଥର ପାଇଁ ରିଜର୍ଭବ୍ୟାଙ୍କ ରେପୋରେଟ (ଦର)କୁ ଯଥାବିତ୍ ରଖିଛି। ଗତ ବର୍ଷ ଫେବୃୟାରୀ (୨୦୨୩-ଫେବୃୟାରୀ) ଠାରୁ ଏହା ୬.୫ ପ୍ରତିଶତ ରହିଛି। ଏହି ସ୍ଥିତି କାରଣରୁ ଗାଡି (କାର/ମଟରସାଇକେଲ) ପାଇଁ ଋଣ ନେଉଥିବା ମଧ୍ୟବିତ୍ତ ବର୍ଗର ଲୋକେ ପ୍ରଭାବିତ ହେଉଛନ୍ତି। ଯଦି ରିଜର୍ଭବ୍ୟାଙ୍କ ରେପୋରେଟ ହ୍ରାସ କରିଥାନ୍ତେ ତେବେ ଋଣ ନେଉଥିବା ଲୋକଙ୍କ କିସ୍ତି କିଛି କମି ଯାଇଥାନ୍ତା। କିନ୍ତୁ ଦରଦାମ ଯେପରି ଭାବେ ବଢ଼ିଚାଲିଛି ତାକୁ ଦେଖି ରିଜର୍ଭବ୍ୟାଙ୍କ ରେପୋରେଟରେ ପରିବର୍ତ୍ତନ କରିବା ପାଇଁ ଉଚିତ୍ ମନେ କରିନାହାଁନ୍ତି। ବ୍ୟାଙ୍କମାନେ ରିଜର୍ଭବ୍ୟାଙ୍କ ଠାରୁ ଯେଉଁ ହାରରେ (ରେପୋରେଟରେ) ଋଣ ଆଣନ୍ତି ତାଠାରୁ ଢେର



ଅଧିକହାରରେ ଲୋକଙ୍କୁ ଋଣ ଦେଇଥାନ୍ତି। ଗତ ଥରର ରେପୋରେଟ ବୃଦ୍ଧିର କିଛି ପ୍ରଭାବ ଦରଦାମ ବୃଦ୍ଧି ଉପରେ ଦେଖିବାକୁ ମିଳିଥିଲା। କିନ୍ତୁ ରେପୋରେଟକୁ ଅଧିକ ଅବଧି ପର୍ଯ୍ୟନ୍ତ ଉଚ୍ଚାରଖିଲେ ଦରଦାମ ବୃଦ୍ଧି ଉପରେ ଏହାର ଅଧିକ ପ୍ରଭାବ ପଡ଼େ ନାହିଁ।

ରେପୋରେଟ ଉଚ୍ଚ ହେଲେ ବ୍ୟାଙ୍କମାନଙ୍କର ବ୍ୟବସାୟକୁ ପ୍ରଭାବିତ ହୋଇଥାଏ। ବ୍ୟାଙ୍କର ବ୍ୟାବସାୟ ଉପରେ ପଡୁଥିବା ନକାରାତ୍ମକ ପ୍ରଭାବକୁ କମ୍ କରିବା ଉଦେଶ୍ୟରେ ସିଆରଆର ବା ଆରକ୍ଷିତ ନଗଦ ଅନୁପାତରେ ୫୦ ଆଧାର ଅଙ୍କର ହ୍ରାସ କରିଦିଆଯାଇଛି। ସିଆରଆର ଅର୍ଥାତ୍ ଯେଉଁ ଅର୍ଥ (ପୁଞ୍ଜି) ବ୍ୟାଙ୍କ ସବୁବେଳେ ନିଜ ପାଖରେ ସଂରକ୍ଷିତ ରଖିଥାନ୍ତି ସେଥିରୁ ବ୍ୟାଙ୍କକୁ କେତେ ସହାୟତା ମିଳିଥାଏ ତାହା କହିବା ମୁସ୍କିଲ। କଥା ହେଉଛି ଅର୍ଥ ବ୍ୟବସ୍ଥାର ବିକାଶ ହାରରେ ଅନେକ ବିସଙ୍ଗତି ଦେଖିବାକୁ ମିଳୁଛି। ଚଳିତ ଆର୍ଥୀକ ବର୍ଷର ଦ୍ୱିତୀୟ ତୈମାସିକୀରେ ବିକାଶ ହାର ସରକାରଙ୍କ ପାଇଁ ଚେତାବନୀ ସଦୃଶ ଥିଲା। ଅନ୍ୟପଟରେ ଦରଦାମ ବୃଦ୍ଧି ନୟନ୍ତ୍ରଣ ବାହାରେ ରହିଛି। ଡ଼ଲାର (ଆରେରିକୀୟ ମୁଦ୍ରା) ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଚିନ୍ତାଜନକ ସ୍ତରକୁ ଖସି ଆସିଛି। ବିନିର୍ମାଣ କ୍ଷେତ୍ରର ଅବସ୍ଥା ଭଲ ନାହିଁ ଏଭଳି ଅବସ୍ଥାରେ ରେପୋରେଟକୁ ଯଥାବିତ୍ ରଖାଗଲେ ଦରଦାମକୁ ନିୟନ୍ତ୍ରଣ କରିବା ଏବଂ ବିକାଶ ହାର ମଧ୍ୟରେ କେମିତି ସନ୍ତୁଳନ ରଖାଯାଇ ପାରିବ ସେ କଥା ବୁଝିହେଉ ନାହିଁ। ଦୀର୍ଘ ସମୟହେଲା ଲୋକଙ୍କ କ୍ରୟ ଶକ୍ତି ବୃଦ୍ଧି କରିବାର ବ୍ୟବହାରିକ ଉପାୟ ଖୋଜାଯାଉଛି କିନ୍ତୁ ସରକାର ତମାମ ପ୍ରତିଶ୍ରୁତି ସତ୍ୱେ ରୋଜଗାର ସୃଜନ ଏବଂ ଆୟରେ ବିଷମତା ପ୍ରସଙ୍ଗରେ ଠୋସ୍ ବ୍ୟବସ୍ଥା କରିପାରୁନାହାଁନ୍ତି। ରିଜର୍ଭବ୍ୟାଙ୍କ ମୌଦ୍ରିକ ସମୀକ୍ଷାରେ ନୀତିଗତ ବିକାଶ କଥାକୁ ଚିନ୍ତା କରିବା ସହ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ ରଖିବାକୁ ପ୍ରାଥମିକତା ଦେଇଛି। ଜିଡିପିର ଚିତ୍ର ରିଜର୍ଭବ୍ୟାଙ୍କ ଏବଂ ବଜାରର ଆକଳନ କରୁଥିବା ଅର୍ଥ ବିଶେଷଜ୍ଞ ଏବଂ ବଜାର ଆକଳନ କରୁଥିବା ବିଶ୍ଳେଷକଙ୍କ ଅନୁମାନ ମଧ୍ୟ ଅଲଗା ଅଲଗା ରହୁଛି।

ଅର୍ଥବ୍ୟବସ୍ଥାର ଗତି ଧିମେଇ ଯାଇଥିବା କଥା ପୂର୍ବରୁ ଦେଖିବାକୁ ମିଳିଥିଲା କିନ୍ତୁ ୫.୪ ପ୍ରତିଶତର ବୃଦ୍ଧି ଅନେକ ସୂଚନା ଦେଉଛି। ଏହା ଅର୍ଥବ୍ୟବସ୍ଥାରେ ସ୍ଥାୟିତ୍ୱକୁ ମଧ୍ୟ ସୂଚୀତ କରୁଛି। ଅର୍ଥବ୍ୟବସ୍ଥାର ଧିମାପଣର କାରଣ ଖୋଜିଲେ ସ୍ପଷ୍ଟ ଯେ ନୀତିଗତ ସୁଧ ହାରକୁ ୨୧ ମାସ ପର୍ଯ୍ୟନ୍ତ ଯଥାବିତ୍ ରଖିଥିବା ରିଜର୍ଭବ୍ୟାଙ୍କର ନୀତି ଏଥିପାଇଁ କେତେକ ପରିମାଣରେ ଦାୟୀ। ଏହାକୁ ନେଇ ଅନେକ ଆଲୋଚନା ସମାଲୋଚନା ଚାଲିଛି। ଔଦ୍ୟୋଗିକ ଗତିବିଧିକୁ ଗଢ଼ି ଦେବା ପାଇଁ ସୁଧ ହାରରେ ହ୍ରାସର ଆବଶ୍ୟକତାକୁ ନେଇ ଦୀର୍ଘ ସମୟ ଧରି ତର୍ଜମା ଜାରି ରହିଛି। ଏସବୁ ପରିସ୍ଥିତି ଓ ଅବସ୍ଥାକୁ ଦେଖି ରିଜର୍ଭବ୍ୟାଙ୍କ ଏବେବି ସୁଧ ହାର ହ୍ରାସକୁ ନେଇ ସଙ୍କୋଚ କରୁଛି କାରଣ ବ୍ୟାଙ୍କ ଚାହୁଁଛି ଯେ ଯେମିତି ବି ହେଉ ସ୍ଥିତି ଯେମିତି ଅଣାୟତ ନହେଉ। ଏଣୁ ପୁଣି ସେଇ ଏକ ପ୍ରଶ୍ନ ଉଠିପାରେ ଦରଦାମ ବୃଦ୍ଧିକୁ କେମିତି ରୋକାଯାଇ ପାରିବ? ଏକଥା ନୁହେଁ ଯେ ସରକାରଙ୍କ ପାଖରେ ଦରଦାମ ବୃଦ୍ଧିକୁ ରୋକିବା ପାଇଁ ଉପାୟ ନାହିଁ। ଅନେକ ସମୟରୁ ଦାବି ଉଠୁଛି ଯେ କେନ୍ଦ୍ର ଓ ରାଜ୍ୟସରକାର ମାନେ ପେଟ୍ରୋଲ ଏବଂ ଡିଜେଲ ଉପରୁ ଅସୁଲ କରାଯାଉଥିବା ଟିକସ ହ୍ରାସ କରନ୍ତୁ। ଟିକସ ହ୍ରାସ ହେଲେ ପେଟ୍ରୋଲ ଓ ଡିଜେଲର ଦାମ କମିବ ଓ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ। ନିକଟରେ ରୀଜର୍ଭବ୍ୟାଙ୍କର ମୌଦ୍ରିକନୀତି କମିଟି ମଧ୍ୟ ପେଟ୍ରୋଲିୟମ ପଦାର୍ଥ ଉପରୁ ଟିକସ ହାର କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସରକାର କିନ୍ତୁ ଯୁକ୍ତି ଦର୍ଶାଉଛନ୍ତି ଯେ ପେଟ୍ରୋଲ ଡିଜେଲ ଉପରୁ ଅସୁଲ କରାଯାଉଥିବା ଟିକସ ଅର୍ଥରେ ଗରୀବ ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସରକାରଙ୍କ ଯୁକ୍ତି ଠିକ୍ ହୋଇପାରେ କିନ୍ତୁ ଦରଦାମ ବୃଦ୍ଧିକୁ ରୋକାଯିବ କେମିତି? ସାଧାରଣ ଲୋକଙ୍କ ଉପରେ ଦରଦାମ ବୃଦ୍ଧିର ପ୍ରଭାବ ପଡୁଛି। ଏଣୁ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପ୍ରସଙ୍ଗକୁ ସରକାର ପ୍ରାଥମିକତା ଦେବା ଉଚିତ୍।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ଜିରୋ ଏଫ୍‌ଆଇଆର ବାସ୍ତବରେ ଜିରୋ ପାଲଟିଗଲାଣି



**ପୁଷ୍ପମିତ୍ର ମହାପାତ୍ର**

ଆଇନଗତ ମାମଲାରେ ଜିରୋ ଏଫଆଇଆର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିକଟରେ ଓଡ଼ିଶା ପୁଲିସ ଟୁଇଟ ଯୋଗେ ମହିଳା ଦୁଷ୍କର୍ମ ମାମଲାରେ ଜିରୋ ଏଫଆଇଆରକୁ କଡ଼ାକଡ଼ି କରାଯାଇଥିବା ନେଇ ବଡ଼ ଘୋଷଣାଟି କରିଛନ୍ତି। ମହିଳା ନିର୍ଯାତନା କ୍ଷେତ୍ରରେ ଜଣେ ନିର୍ଯାତିତା ଯେ କୌଣସି ଥାନାରେ ମାମଲା ରୁଜୁ କରିପାରିବ। କିନ୍ତୁ ଏବେ ଜିରୋ ଏଫଆଇଆରକ ନେଇ ବିଭିନ୍ନ ଦ୍ୱନ୍ଦ୍ୱ ଉପୁଜିଛି। ନିୟମ ଅନୁସାରେ କୌଣସି ଲୋକ ଯେକୌଣସି ଥାନାରେ ଯେ କୌଣସି ମାମଲା ରୁଜୁ କରିପାରିବେ। କିନ୍ତୁ ଏବେ ବି ବିଭିନ୍ନ ମାମଲାରୁ ଜିରୋ ଏଫଆଇଆର ଲାଗୁ ହେଉ ନାହିଁ। ବିଶେଷକରି ସାଇବର କ୍ରାଇମ ଭଳି ମାମଲାରେ ଜିରୋ ଏଫଆଇଆର ଲାଗୁ କି ନାହିଁ ଏହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ମଧ୍ୟ ସାଇବର ଅପରାଧ ଗୁଡ଼ିକ ମାମଲା ରଖୁ ନଥିବା ଅଭିଯୋଗ ହୋଇଛି। ଏଣେ ତ୍ୱରିତ ନ୍ୟାୟ ଆଶାରେ ରାଜ୍ୟର କୋଣ ଅନୁକୋଣରୁ ବହୁଲୋକ ରାଜଧାନୀ ଆସି ମାମଲା ରୁଜୁ କରୁଛନ୍ତି। କିନ୍ତୁ ସାଇବର ଥାନା ପୁଲିସ ମାମଲା ରୁଜୁ ନକରି କେବଳ ଡାଇରି କରି ସମ୍ପୃକ୍ତ ଥାନାକୁ ପଠାଇ ଦେଉଥିବା ଅଭିଯୋଗ ହେଉଛି। ଫଳରେ ସାଧାରଣ ଲୋକଟି ନ୍ୟାୟ ନ ପାଇ ଏ ଥାନା ସେ ଥାନା ଘୁରି ବୁଲୁଛି।

କେତେକ କ୍ଷେତ୍ରରେ ବୋଝ ହଟାଇବା ଭାବରେ ନିକଟସ୍ଥ ଥାନାମାନେ ମାମଲା ରଖି ନଥାନ୍ତି ଯାହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଆବେଦନକାରୀଟି ଭୁବନେଶ୍ୱର ସାଇବର ଥାନାକୁ ଅଭିଯୋଗ କରିବା ପାଇଁ ନୟାନ୍ତ ହୋଇ ଆସିଥାନ୍ତି। ଏ ଅଭିଯୋଗ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଛି। ଫଳରେ ଜିରୋ ଏଫଆଇଆରର ସୁଫଳ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ବ୍ୟବସ୍ଥା ରହିଛି ଯେକୌଣସି ଲୋକ ରାଜ୍ୟର ଯେକୌଣସି ଥାନାରେ ମାମଲା ରୁଜୁ କରିପାରିବେ। ସମ୍ପୃକ୍ତ ଥାନା ଅଧିକାରୀ ଅଭିଯୋଗକାରୀଙ୍କ ମାମଲା ରୁଜୁ କରିବା ସହିତ ବୟାନ ରେକର୍ଡ଼ କରିବା ପରେ ମାମଲା ଅନ୍ୟ ଥାନାକୁ ମାମଲାର ଲିଖିତ ଅଭିଯୋଗ ଓ ବୟାନକୁ ହସ୍ତାନ୍ତର କରିବାକୁ ଜିରୋ ଏଫଆଇଆର କୁହାଯାଏ। ବିଶେଷ କରି ମହିଳାଙ୍କ ପାଇଁ ଏହି ଜିରୋ ଏଫଆଇଆର ଭରସା ବହୁତ ଉପଯୋଗୀ। ନିୟମାନୁସାରେ ମହିଳାମାନେ ନିର୍ଯାତନାର ଶିକାର ହେଲେ ଯେକୌଣସି ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିପାରିବେ। କିନ୍ତୁ ରାଜଧାନୀରେ ଅଧିକାଂଶ କ୍ଷେତ୍ରରେ ଏହା ଦେଖିବାକୁ ମିଳୁନାହିଁ। ଏ ଅଭିଯୋଗ କେବଳ ଦ୍ୱୈତ ନଗରୀରେ ମଧ୍ୟ ନୁହଁ, ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏପରି ଅଭିଯୋଗ ଆସୁଛି। କୌଣସି ଥାନାରେ ଅଭିଯୋଗ ହେଲେ ସେଠାକାର ପୁଲିସ ନିର୍ଯ୍ୟାତିତ ମହିଳାଙ୍କୁ ମହିଳା ଥାନାକୁ ପଠାଇ ନିଜ ଉପରୁ ଦାୟିତ୍ୱ ଖସାଇ ଦେଉଛନ୍ତି। ବଡ଼ ବଡ଼ ଅପରାଧରେ ଜିରୋ ଏଫଆଇଆର ଲାଗୁ ହେବାର ବିଧି ରହିଛି। ଏମିତିକି ଦୁଇଟି ଥାନା ମଧ୍ୟରେ ଯଦି ସୀମାକୁ ନେଇ ସନ୍ଦେହ ସୃଷ୍ଟି ହୁଏ ସେ କ୍ଷେତ୍ରରେ ସଙ୍ଗିନ ମାମଲାକୁ ଯେକୌଣସି ଥାନାରେ ଲିଖିତ ଅଭିଯୋଗ କରାଯାଇପାରିବ। ସୀମା ସମସ୍ୟା ତୁଟିଲା ପରେ ଏତଲା ସମ୍ପୃକ୍ତ ଥାନାରେ ପଞ୍ଜୀକୃତ କରାଯିବ। କିନ୍ତୁ ପୁଲିସ ଅଭିଯୋଗକାରୀଙ୍କ ଅଭିଯୋଗ ନରଖି ପଠାଇ ଦେଉଛି। ବିଶେଷ କରି ରେଳବାଇ ପୁଲିସ, କ୍ୟାପିଟାଲ ପୁଲିସ ଓ ଖାରବେଳନଗର ଥାନା ପୁଲିସ ମଧ୍ୟରେ ସୀମାକୁ ନେଇ ଦ୍ୱନ୍ଦ୍ୱ ଦେଖା ଦେଉଛି। ରାଜଧାନୀରେ ଭାରତପୁର ଓ ଖଣ୍ଡଗିରି ଥାନା ମଧ୍ୟରେ ମଧ୍ୟ ସୀମା ସନ୍ଦେହ ପାଇଁ ମାମଲା ଗୁଡ଼ିକୁ ପରସ୍ପର ଥାନାକୁ ପଠାଇ ଦିଆଯାଇଛି। ଏହାସହ ରାଜଧାନୀକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି ମାମଲା ରୁଜୁ କରୁଛନ୍ତି କିନ୍ତୁ ପୁଲିସ ମାମଲା ରୁଜୁ ନକରି ପଠାଇ ଦେଉଥିବା କିମ୍ବା ସିସିଟିଏନଏସର ଆଳ ଦେଖାଇ ସେମାନଙ୍କୁ ପଠାଇ ଦେଉଥିବା ଅଭିଯୋଗ ହେଉଛି।

ଏନେଇ କମିସନରେଟ ପୁଲିସର ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ ରାଜଧାନୀର ଥାନା ଗୁଡ଼ିକରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୋକ ଆସି ମାମଲା ରୁଜୁ କରୁଛନ୍ତି। କିଛି କାରଣ ନଥିଲେ ମଧ୍ୟ ନିଜ ଅଞ୍ଚଳର ଥାନାକୁ ଛାଡ଼ି କିଛି ଅଭିଯୋଗକାରୀ ଭୁବନେଶ୍ୱର ଥାନାରେ ଅଭିଯୋଗ କରୁଛନ୍ତି। ତେଣୁ କମିସନରେଟ ପୁଲିସ ଅଞ୍ଚଳରେ ଥିବା ଥାନାରେ ମାମଲା ଅହେତୁକ ଭାବେ ବୃଦ୍ଧି ପାଉଛି। ଗତବର୍ଷ ଏଠାରେ ପାଖାପାଖି ୧୨ ହଜାର ମାମଲା ରୁଜୁ ହୋଇଛି। ଗୋଟିଏ ଗୋଟିଏ ଥାନାରେ ୧୦୦୦ରୁ ୧୨୦୦ ମାମଲା ରୁଜୁ ହେଉଛି। ଅନ୍ୟପକ୍ଷରେ ସେହି ସମୟରେ ଜିଲ୍ଲାର ବଡ଼ ବଡ଼ ଥାନାଗୁଡ଼ିକରେ ୫୦୦ ଭିତରେ ମାମଲା ରୁଜୁ ହେଉଛି। ମହିଳା ଥାନା ଓ ସାଇବର ଥାନା ଯେ ରାଜ୍ୟର ସବୁ ମାମଲା ରଖିବେ ଓ ତାର ତଦନ୍ତ କରିବେ, ସେମିତି କିଛି ନିୟମ ନାହିଁ। ସବୁଆଡୁ ମାମଲା ଆସିବା ଫଳରେ କମିସନରେଟ ପୁଲିସ ଉପରେ ଅଧିକ ଚାପ ପଡୁଛି। ସେହିଭଳି କାରଣ ନଥିଲେ ଥାନାରେ ମାମଲା ରୁଜୁ କରାଯିବ ନାହିଁ। ଭାରତୀୟ ନ୍ୟାୟ ସଂହିତା ଅନୁସାରେ ଇ-ମେଲ ଜରିଆରେ ମାମଲା ରୁଜୁ କରି ତିନିଦିନ ମଧ୍ୟରେ ଥାନାକୁ ଯାଇ ମାମଲା କରିହେବ। ଆଜିକାଲି ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ ରହିଛି। ସମସ୍ତେ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ସିସିଟିଏନଏସ ଜରିଆରେ ମଧ୍ୟ ମାମଲା ପଞ୍ଜୀକୃତ କରାଯାଇପାରିବ। ତେଣୁ ଲୋକମାନେ ଏଥିପ୍ରତି ସଚେତନତା ହେବା ଆବଶ୍ୟକ।

**ସେକ୍ଟର-୯, ସିଡିଏ, କଟକ**
**ମୋବାଇଲ୍: ୯୪୩୭୨୨୫୬୮୯**

# ଜୀବେ ନିଷ୍ଠୁରତା ନିରୋଧ ଆଇନକୁ ଫୁ



**ଯୁଧିଷ୍ଠିର ମହାରଣା**

ଓଡ଼ିଶାରେ ଗୋ ସମ୍ପଦର ବିକାଶ ପାଇଁ ନୂଆ ସରକାର ଅନେକ ଯୋଜନା ଓ ଲୋକପ୍ରିୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ ନେଇ ବଜେଟରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ସହ ନୂଆ ଗୋଶାଳା ପ୍ରତିଷ୍ଠା ଓ ଗୋମାତା ପ୍ରତି ଲୋକମାନଙ୍କ ଭିତରେ ଭଲପାଇବା ତଥା ଆଦର ବୃଦ୍ଧି ପାଇଁ ଯୋଜନା ହାତକୁ ନିଆଯାଇଥିଲେ ମଧ୍ୟ ବାସ୍ତବରେ କିନ୍ତୁ ପୂର୍ବପରି ଦିନକୁ ଦିନ ଗୋଚାଲାଣ ବଢୁଛି କିନ୍ତୁ ଏ ଚାଲାଣ ଉପରେ ଆହ୍ ଦୃଶିଆ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁନଥିବାରୁ ଗୋଚାଲାଣ ଦିନକୁ ଦିନ ବଢ଼ିବାକୁ ଲାଗୁଥିବାବେଳେ କେତେକ ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ବିଗିଡ଼ି ଯାଉଛି। କାରଣ ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ମାଫିଆମାନେ ଯୋଜନାବଦ୍ଧ ଭାବେ ଗୋଚାଲାଣ କରୁଥିବାବେଳେ କିଛି ଉଦ୍ୟମୀ, ସମାଜସେବୀ ତଥା ଗୋମାତାକୁ ଭଲ ପାଉଥିବା ଯୁବ ବର୍ଗ ଏହାକୁ ବିଧିବଦ୍ଧ ଭାବେ ବିରୋଧ କରିବା ସହ ଗୋ ଚାଲାଣ ର୍‌ୟାକେଟ୍‌କୁ ପ୍ରତିରୋଧ କରୁଥିବାରୁ ଭୟଙ୍କର ମାଡ଼ଗୋଳ ହେବା ସହ ପରିସ୍ଥିତି ସଙ୍ଗୀନ ହୋଇଯାଉଛି। କେତେକ କ୍ଷେତ୍ରରେ ଅକାରଣରେ ଜୀବନ ମଧ୍ୟ ଚାଲି ଯାଉଛି ଏବଂ ସବୁଠାରୁ ବଡ଼କଥା ହେଉଛି ଗୋଚାଲାଣକାରୀ ଯେତେବେଳେ ଜାଣୁଛନ୍ତି ଯେ ସେମାନଙ୍କୁ ଗୋରକ୍ଷକମାନେ ଅନୁଧାବନ କରୁଛନ୍ତି ଯାହାଫଳରେ ସେମାନେ ବିପଜ୍ଜନକ ଭାବରେ ଗାଡ଼ି ଚାଳନା କରିବା ଦ୍ୱାରା ଗାଡ଼ି ଭିତରେ ଥିବା ଗୋମାତାଙ୍କ ମୃତ୍ୟୁ ହୋଇଯିବା ସହ କେତେକ ସ୍ଥାନରେ ଗାଡ଼ି ଓଲଟି ଯାଇ ଅନେକ ଗୋମାତାଙ୍କ ଜୀବନ ଚାଲିଯାଉଛି। ଓଡ଼ିଶାର ବିଶେଷକରି ଗ୍ରାମାଞ୍ଚଳର ଚାଷୀଙ୍କ ଠାରୁ ବେପାରୀ ଶାଗମାଛ ଦରରେ ଗାଈ ସଂଗ୍ରହ କରି ତାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖି ଟ୍ରକ ଓ କଣ୍ଟେନର ମାଧ୍ୟମରେ ବାହାର ରାଜ୍ୟର ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ଏହି ବେଆଇନ ଗୋ ଚାଲାଣ ଚେର ଆନ୍ଧ୍ର, ତେଲେଙ୍ଗାନା ଓ ପଶ୍ଚିମବଙ୍ଗକୁ ଲମ୍ବିଛି। ବିଶେଷକରି କଟକ, ଯାଜପୁର, ଖୋର୍ଦ୍ଧାରୁ ଅଧିକ ଚାଲାଣ ହେଉଥିବା ଅଭିଯାନ ହୋଇଛି। ଏ ନେଇ ପଶୁପ୍ରେମୀ ଉଦବେଗ ପ୍ରକାଶ କରିଛନ୍ତି। ଜୀବେ ନିଷ୍ଠୁରତା ନିରୋଧ ଆଇନ କେବଳ କାଗଜକଲମରେ ସୀମିତ ରହିଯାଇଛି।



ରାଜ୍ୟରେ ଆବଶ୍ୟକତା ଅନୁସାରେ ଗୋଶାଳା ଏବଂ ରେସକ୍ୟୁ ସେଣ୍ଟର ଅଭାବ ରହିଛି। କିଛି ଗରିବ ଚାଷୀ ମଧ୍ୟ ବାଧ୍ୟ ହୋଇ ପଇସା ପାଇଁ ଗାଈଗୋରୁ ବିକ୍ରି କରୁଛନ୍ତି। ଦେଶର ସର୍ବାଧିକ ଗୋଚାଲାଣ ଓଡ଼ିଶାରୁ ହେଉଛି। ଓଡ଼ିଶାରୁ ଆନୁମାନିକ ଭାବେ ସପ୍ତାହକୁ ପ୍ରାୟ ୧୫୦ ଟ୍ରକ ଗୋଚାଲାଣ କରାଯାଉଛି। ଦେଶର ବିଭିନ୍ନ ରାଜ୍ୟରେ ଏ ନେଇ ସଶକ୍ତ ଆଇନ ଥିବାବେଳେ ଆମ ରାଜ୍ୟରେ ସେଭଳି କଡ଼ା ଆଇନ ନାହିଁ। ଯେଉଁ ଆଇନ ରହିଛି ତାହା ସଠିକ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୋଇଛି। ପ୍ରତିଦିନ ରାତିରେ ଅତି ନିଷ୍ଠୁର ଭାବେ ଗୋ ସମ୍ପଦକୁ ବାନ୍ଧି ପଡ଼ୋଶୀ ରାଜ୍ୟକୁ ଚାଲାଣ କରାଯାଉଛି। ରାଜ୍ୟରେ ଗୋ ହତ୍ୟା ଓ ବେଆଇନ ଗୋଚାଲାଣ ବନ୍ଦ କରିବା ଲାଗି ବିଭିନ୍ନ ସମୟରେ ପ୍ରଶାସନ ଓ ପୋଲିସକୁ ଜଣାଇଲେ ମଧ୍ୟ ବିଶେଷ କିଛି ସୁଫଳ ମିଳୁନାହିଁ। ବାର୍ଷିକ ପ୍ରାୟ ୧୫ ଲକ୍ଷ ଗୋରୁ ଚାଲାଣ ହେଉଥିବା ଜଣାପଡ଼ିଛି। ରାଜ୍ୟରେ ପ୍ରାଣୀ ପରିବହନ ଆଇନ ୧୯୭୮ ଓଡ଼ିଶଶ ପ୍ରିଭେଣ୍ଟିଭ ଅଫ କାଓ ସ୍ଲଟର ଆକ୍ଟ ୧୯୬୦ ଅନୁସାରେ ଗୋ ପରିବହନ ପାଇଁ ସ୍ୱୀକୃତୀ ପ୍ରାପ୍ତ ପ୍ରାଣୀ ଚିକିତ୍ସକ, ପୋଲିସ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଅନୁମତି ଦରକାର। ମାତ୍ର ଏହାକୁ ଉପେକ୍ଷା କରି ଚାଲଣ ହେଉଥିବା ଜଣାପଡ଼ିଛି। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ବିଶ୍ୱ ହିନ୍ଦୁ ପରିଷଦ ଉଦବେଗ ପ୍ରକାଶ କରି ସେମାନଙ୍କର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏ ନେଇ ଆଇନକୁ କଠୋର କରିବା ସହ ସହଯୋଗ ଲୋଡ଼ିଛନ୍ତି।

ଓଡ଼ିଶାରେ ଗୋ ହତ୍ୟା ନିରୋଧ ଆଇନ ଅଛି, କିନ୍ତୁ ବାସ୍ତବରେ ତାହାକୁ କ୍ରିୟାନ୍ୱିତ କରାଯାଇନାହିଁ। ଯଦିଓ ଏହି ଆଇନ କଠୋର ନୁହେଁ ତଥାପି ଯାହା ଅଛି ତାହାକୁ ସଠିକ ଭାବେ କାର୍ଯ୍ୟକାରୀ କରାଗଲେ କିଛି ମାତ୍ରାରେ ଏହି ବେଆଇନ କାର୍ଯ୍ୟରେ ଅଙ୍କୁଶ ଲାଗିପାରନ୍ତା। ସରକାର ତୁରନ୍ତ ଏହି ଆଇନକୁ କଠୋର କରିବା ସହ ସେଥିପ୍ରତି ଗୁରୁତ୍ୱ ଦେଇ ସଂଶୋଧନ ଆଣନ୍ତୁ ବୋଲି ଦାବୀ ଉଠୁଛି। ଲୋକମାନଙ୍କ ଭିତରେ ଗୋମାତାକୁ ଭଲପାଇବା ଓ ନିଜ ସୀମିତ ସାଧ୍ୟ ମତେ ସାମାଜିକ ଓ ସେବା ଦାୟିତ୍ୱ ନିର୍ବାହ କରିବାର ସମୟ ପହଞ୍ଚିଛି। ସରକାରୀ ଭାବେ ଆଇନ ଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ହେଉନଥିବାରୁ ଜୀବେ ନିଷ୍ଠୁରତା ନିରୋଦ ସମିତି ପକ୍ଷରୁ ମଧ୍ୟ ଉଦବେଗ ପ୍ରକାଶ ପାଇବା ସହ ରାଜ୍ୟରେ ବେଆଇନ ଗୋଚାଲାଣ ଆଇନ କଠୋର ନ ହେବା ଯୋଗୁଁ ଏଭଳି କାର୍ଯ୍ୟ ହେଉଛି ବୋଲି ମତବ୍ୟକ୍ତ କରିଛନ୍ତି। ସରକାର ମଧ୍ୟ ସ୍ୱତନ୍ତ୍ର ଭାବେ ଏ ଦିଗରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

# ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଚେତାବନୀ

**ଅମୂଲ୍ୟ ଆଚାର୍ଯ୍ୟ**

କରୋନା ମହାମାରୀ ଦୂର ହୋଇନି। ଏବେ ବି କରୋନା ଭାଇରସ ନୂଆ ରୂପ ନେଇ ଆକ୍ରମଣ କରିବାର ଆଶଙ୍କା ରହିଛି ବୋଲି ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ଚେତାବନୀ ଦେଇଛି। ହୁ ପକ୍ଷରୁ କୁହାଯାଇଛି ଯେ, ଅନେକ ଦେଶ ଏବେ କୋଭିଡ ସଂକ୍ରମଣର ସ୍ଥିତି ଉପରେ ନଜର ରଖି ନାହାଁନ୍ତି ବା ରିପୋର୍ଟ ଦେଉ ନାହାଁନ୍ତି। ଅନେକ ଦେଶରେ ଏବେ ବହୁ କୋଭିଡ ସଂକ୍ରମିତ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ପ୍ରାଣ ହରାଉଛନ୍ତି। ୨୦୧୯ ଶେଷ ଭାଗରେ ଚୀନରେ ଏମିତି କରୋନା ଆରମ୍ଭ ହୋଇଥିଲା। ସେତେବେଳେ କେହି କଳ୍ପନା କରିନଥିଲେ ଯେ, ଏହା ସମଗ୍ର ବିଶ୍ୱରେ ହାହାକାର ରଚିଦେବ ବୋଲି। ଚୀନର ଉହାନ ନଗରୀରୁ ପ୍ରଥମେ କୋଭିଡ ମହାମାରୀ ଜନ୍ମ ନେଇଥିଲା। ଏହା ପରେ ସାରା ବିଶ୍ୱକୁ ଏହା ଗ୍ରାସ କରିଥିଲା। ଏବେ ବି ଭାରତ ସମେତ ବିଭିନ୍ନ ଦେଶରେ କୋଭିଡ ସଂକ୍ରମିତ ଚିହ୍ନଟ ହେଉଛନ୍ତି ଏବଂ କିଛି ଲୋକ ପ୍ରାଣ ହରାଉଛନ୍ତି। ଏହା ଏବେ ଅନ୍ୟ ରୋଗ ଭଳି ହୋଇଯାଇଛି। ଅନ୍ୟ ସାଧାରଣ ରୋଗରେ ମଧ୍ୟ ପ୍ରତିଦିନ କିଛି କିଛି ଲୋକ ଆକ୍ରାନ୍ତ ହେଉଛନ୍ତି। କରୋନା ଭାଇରସ ସଂକ୍ରମଣ ମଧ୍ୟ ସେହିପରି ସ୍ଥିତିକୁ ଆସିଯାଇଛି। ମୂଳରୁ ବୈଜ୍ଞାନିକମାନେ କହିଥିଲେ ଯେ, କରୋନା କେବେ ସମ୍ପୂର୍ଣ୍ଣ ମୂଳପୋଛ ହେବନି। ଏହା ସବୁ ଦିନ ପାଇଁ ରହିବ। କିନ୍ତୁ ପ୍ରତିଷେଧକ ବଳରେ ଏହାକୁ କେବଳ ନିୟନ୍ତ୍ରଣ କରାଯାଇପାରିବ। କୋଭିଡ ଟିକା ନେବା ପରେ ଏବଂ ଲୋକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ପରେ ମହାମାରୀ ଏବେ ନିୟନ୍ତ୍ରିତ ହୋଇପାରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ମଧ୍ୟ ସ୍ୱୀକାର କରିଛି ଯେ, କୋଭିଡ ମହାମାରୀ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ତେବେ ଗତ ଦୁଇ ବର୍ଷ ଭିତରେ ଏଥିରେ ଯେତେ ଜୀବନ ହାନୀ ହୋଇଛି ତାହା ଏକ ମହାଯୁଦ୍ଧରେ ବି ଦେଖିବାକୁ ମିଳେନି। ସରକାରୀ ହିସାବ ଅନୁଯାୟୀ ଏବେ ସୁଦ୍ଧା ବିଶ୍ୱରେ କୋଭିଡରେ ୬୬ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଗଲାଣି। କିନ୍ତୁ ବାସ୍ତବରେ ମୃତ୍ୟୁ ସଂଖ୍ୟା ଏହାର ୫ଗୁଣ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ସବୁ ଦେଶ କରୋନା ଆକ୍ରାନ୍ତଙ୍କ ବାସ୍ତବ ସଂଖ୍ୟା ଲୁଚାଉଛନ୍ତି। ଏଥିରେ ଚୀନ ସର୍ବାଗ୍ରେ ରହିଛି। ଚୀନରେ ସବୁ ତଥ୍ୟ ସରକାର ସବୁ ବେଳେ ଲୁଚାଇଥାନ୍ତି। ଏହା ସେ ଦେଶର ନୀତି। ମୂଳରୁ କରୋନାର ଉତ୍ପତ୍ତି ଓ ସଂକ୍ରମଣ ନେଇ ଚୀନ ତଥ୍ୟ ଲୁଚାଇଥିଲା। ଫଳରେ ଏହା ମହାମାରୀ ରୂପ ନେଇ ସାରା ପୃଥିବୀକୁ ଗ୍ରାସ କଲା। ସମଗ୍ର ମାନବ ସମାଜ ଚୀନର ଏହି ତ୍ରୁଟି ପାଇଁ ଦଣ୍ଡ ଭୋଗିଲେ। ଏବେ ଯେତିକି ଲୋକ କରୋନା ଆକ୍ରାନ୍ତ ହୋଇଥିବା କୁହାଯାଉଛି, ବାସ୍ତବରେ ତାହାଠାରୁ ଢେର ଅଧିକ ବ୍ୟକ୍ତି ଆକ୍ରାନ୍ତ ହୋଇଛନ୍ତି। ଟେଷ୍ଟିଂ ହ୍ରାସ ପାଉଥିବାରୁ ବାସ୍ତବ ସଂଖ୍ୟା ଜଣାପଡୁନି। ସେହି ଅନୁଯାୟୀ ଅନେକ ପ୍ରାଣ ହରାଉଛନ୍ତି। ସବୁଠାରୁ ଉଦବେଗର ବିଷୟ ହେଲା ଯେଉଁମାନେ ପୂର୍ବରୁ କରୋନା ଟିକା ନେଇଛନ୍ତି ସେମାନେ ମଧ୍ୟ ଏଥିରେ ଆକ୍ରାନ୍ତ ହେଉଛନ୍ତି। ବିଶେଷଜ୍ଞମାନଙ୍କ କହିବା କଥା ହେଲା କରୋନାର କିଛି ନୂଆ ଭାରିଆଣ୍ଟ ଯୋଗୁଁ ଏବେ ଏଥିରେ ବହୁ ଲୋକ ଆକ୍ରାନ୍ତ ହେଉଛନ୍ତି। ସ୍ମରଣ କରାଯାଇପାରେ ଯେ, ୨୦୨୧ରେ କରୋନା ଭାଇରସର ଡେଲଟା ଭାରିଆଣ୍ଟ ଯୋଗୁଁ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ଯଦି ବିଶେଷଜ୍ଞମାନଙ୍କ କଥା ସତ୍ୟ ହୁଏ ତେବେ ଏହା ଏକ ଅତ୍ୟନ୍ତ ଉଦବେଗର ବିଷୟ।



ଏବେ ବି ସତର୍କ ରହିବାର ବେଳ ଯାଇନି। ସବୁ କଥା ସରକାର କରିବେ ବୋଲି ଚିନ୍ତା କରିବା ଭୁଲ। ଆମକୁ ନିଜକୁ ସତର୍କ ରହିବାକୁ ପଡ଼ିବ। ସରକାର ସମସ୍ତଙ୍କୁ ମାଗଣାରେ ଟିକା ଦେଲେ। ମାଗଣା ଚିକିତ୍ସା ବ୍ୟବସ୍ଥା କଲେ। ଏବେ ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ ହେଲା ନିଜେ ସତର୍କ ରହିବା, ଅନ୍ୟକୁ ସତର୍କ କରାଇବା। କରୋନା ମୁକାବିଲାର ସର୍ବନିମ୍ନ ସତର୍କତାକୁ ଆପଣାଇବା।

**କୋରାପୁଟ, ଜୟପୁର**

# ରଷିଆ ଉପରେ ୟୁକ୍ରେନର ଡ୍ରୋନ ଆକ୍ରମଣ

**ମସ୍କୋ, ୨୧।୧୨:** ରଷିଆର କାଜାନ ସହର ଉପରେ ୟୁକ୍ରେନ ଡ୍ରୋନ ଆକ୍ରମଣ କରିଛି। ୟୁକ୍ରେନର ପ୍ରାୟ ୮ଟି ଡ୍ରୋନ କାଜାନସ୍ଥିତ ଏକାଧିକ ବହୁତଳ ବିଶିଷ୍ଟ କୋଠାରେ ମାଡ଼ ହୋଇଛି। ୯/୧୧ ଭଳି ଏହି ଆକ୍ରମଣ ହୋଇଛି। ଏଥିରେ କେତେକ ମୃତାହତ ହୋଇଛନ୍ତି ତାହା ସ୍ପଷ୍ଟ ହୋଇନି। କିନ୍ତୁ ଡ୍ରୋନ ଆକ୍ରମଣରେ ବଡ଼ ଧରଣର ଅଗ୍ନିକାଣ୍ଡ ହୋଇଛି ଏବଂ ବ୍ୟାପକ କ୍ଷୟକ୍ଷତି ହୋଇଛି। ରଷିଆ ପକ୍ଷରୁ ଏ ଯାବତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନି। ତେବେ ଏହାର ଜବାବ ଦେବାକୁ ରଷିଆ ପ୍ରସ୍ତୁତ ହେଉଛି ଏବଂ କିଭ ଉପରେ ଶୀଘ୍ର ବଡ଼ ଧରଣର ଆକ୍ରମଣ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ୟୁକ୍ରେନର ଡ୍ରୋନ ଆକ୍ରମଣ ପରେ କାଜାନ ବିମାନ ବନ୍ଦରକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ରଷିଆ ରାଷ୍ଟ୍ରପତି ପୁଟିନ ଏକ ଉଚ୍ଚସ୍ତରୀୟ ବୈଠକରେ ନିଜ ସେନା ଅଧିକାରୀଙ୍କ ସହ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି।

ୟୁକ୍ରେନ୍‌ର କିଲର୍ ଡ୍ରୋନ୍ ମାଡ଼ରେ ବିଲ୍ଡିଂଗୁଡିକ ଥରି ଉଠିଛି। ବିଲ୍ଡିଂଗୁଡିକ ନଷ୍ଟ ହୋଇଯାଇଛି ଏବଂ



ଏବଠାରେ ଭୟଙ୍କର ନିଆଁ ମଧ୍ୟ ଲାଗିଛି। ଏହି ପୂରା ଆକ୍ରମଣ ଘଟଣାର ଫଟୋ ଏବଂ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଛି। ବିଲ୍ଡିଂରୁ ଲୋକଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଜାରି ରହିଛି । ଡ୍ରୋନ୍ ଆକ୍ରମଣ ନେଇ ମସ୍କୋ ମିଡିଆ ସୂଚନା ଦେଇଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଭିଡିଓ ଆଧାରରେ ୮ଟି ଡ୍ରୋନ୍ ମାଡ଼ କରିଛି ୟୁକ୍ରେନ୍। କାଜାନରେ ଏହି ୮ଟି ଡ୍ରୋନ୍ ମାଡ଼ ହୋଇଛି।

ଭିଡିଓରେ ସ୍ପଷ୍ଟ ଦେଖିବାକୁ ମିଳିଛି ଯେ ଡ୍ରୋନ୍‌ଗୁଡିକ କିଭଳି ଭାବେ ଆସି ବିଶାଳ ବିଲ୍ଡିଂରେ ମାଡ଼ ହେଉଛି ଏବଂ ବିସ୍ଫୋରଣ ଘଟୁଛି। ତେବେ ୮ଟି ଡ୍ରୋନରୁ ଗୋଟିଏ ଡ୍ରୋନକୁ ନଷ୍ଟ କରାଯାଇଥିବା ନେଇ ରୁଷ ରକ୍ଷା ମନ୍ତ୍ରଣାଳୟ ସୂଚନା ରହିଛି।

ଅନ୍ୟପଟେ କାଜାନର ମେୟାର କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଡ୍ରୋନ୍ ଆକ୍ରମଣ ଯୋଗୁ ସୋଭେସ୍କି, କିରୋସ୍କି ଓ ପ୍ରିଭୋଲଜସ୍କି ତିନୋଟି ଜିଲ୍ଲାର ଘରଗୁଡିକରେ ନିଆଁ ଲାଗି ଯାଇଛି। ଲୋକେ ଭୟରେ ଘର ଛାଡ଼ି ପଳାଇଛନ୍ତି। ଏଥିସହ ଅନେକ ମୃତାହତ ହୋଇଥିବା କୁହାଯାଉଛି। କାଜାନ ସହର ଉପରେ ହୋଇଥିବା ଏହି ଆକ୍ରମଣକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଆରମ୍ଭ ହୋଇଛି, କାରଣ ଚଳିତ ବର୍ଷ ରୁଷର ଏହି ସହରରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଆକ୍ରମଣକୁ ଆମେରିକାର ୯/୧୧ ଆକ୍ରମଣ ଭଳି ମଧ୍ୟ କୁହାଯାଉଛି।

# ପୁଣି ଜେଲ୍ ଯିବେ କେଜ୍ରିୱାଲ



## ମାମଲା ରୁଜୁ ପାଇଁ ଇଡିକୁ ମିଳିଲା ଗ୍ରୀନ୍ ସିଗ୍‌ନାଲ

**ନୂଆଦିଲ୍ଲୀ, ୨୧।୧୨:** ଆଉ ମାତ୍ର ଦିନ କେଇଟା ପରେ ପଡିବ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭୋଟ। ତେବେ ନିର୍ବାଚନ ପୂର୍ବରୁ ଆମ୍ ଆଦମୀ ପାର୍ଟିକୁ ଲାଗିଛି ଜୋରଦାର ଝଟ୍‌କା। କାରଣ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ପୁଣିଥରେ ଯାଇପାରନ୍ତି ଜେଲ୍। ମଦ ଦୁର୍ନୀତି ମାମଲାରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ମିଳିଛି ଗ୍ରୀନ୍ ସିଗ୍‌ନାଲ। ଏକ୍ସାଇଜ୍ ପଲିସି ମାମଲାରେ ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ଭି.କେ ସାକ୍ସେନା ଇଡିକୁ ମଞ୍ଜୁରୀ ଦେଇଛନ୍ତି। ଇଡି ଅଭିଯୋଗ କରିଛି ଯେ କେଜ୍ରିୱାଲ ୧୦୦ କୋଟି ଟଙ୍କା ଲାଞ୍ଚ ନେଇ ଘରୋଇ ଅନୁଷ୍ଠାନକୁ ଲାଭ ଯୋଗାଇଛନ୍ତି। ଅନ୍ୟପକ୍ଷରେ ଆମ୍ ଆଦମୀ ପାର୍ଟି ଏହି ଅଭିଯୋଗକୁ ଖଣ୍ଡନ କରି କହିଛି ଯେ ଦୁଇ ବର୍ଷର ତଦନ୍ତରେ ଗୋଟିଏ ବି ଟଙ୍କା ଉଦ୍ଧାର କରାଯାଇ ନାହିଁ। ଚଳିତ ମାସ ଆରମ୍ଭରେ ଇଡି କେଜ୍ରିୱାଲଙ୍କ ବିରୋଧରେ ମକଦ୍ଦମା ଚଳାଇବା ପାଇଁ ଏଲ୍‌ଜିଙ୍କୁ ଅନୁମତି ମାଗିଥିଲା। ଏବେ ଏଲ୍‌ଜି ଭିକେ ସାକ୍ସେନା ଏଥିପାଇଁ ଇଡିକୁ ମଞ୍ଜୁରୀ ଦେଇଛନ୍ତି। ଆସନ୍ତା ବର୍ଷ ଫେବ୍ରୁଆରୀରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ କେଜ୍ରିୱାଲଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ଇଡି ଦାବି କରିଛି ଯେ ଏକ୍ସାଇଜ୍ ନୀତି ପ୍ରଣୟନ ଏବଂ କାର୍ଯ୍ୟାନ୍ୱୟନରେ ବ୍ୟାପକ ଦୁର୍ନୀତି ହୋଇଛି। ଏହି ମାମଲାରେ ଇଡି ନିଜ ତା'ର ଶେଷ ଚାର୍ଜଶିଟରେ ଅରବିନ୍ଦ କେଜ୍ରିୱାଲ ଏବଂ ମନୀଷ ସିସୋଦିଆଙ୍କୁ ମାଷ୍ଟରମାଇଣ୍ଡ ଦର୍ଶାଇ ଥିଲା। ଏଜେନ୍ସି କହିଛି ଯେ କେଜ୍ରିୱାଲ ଏବଂ ସିସୋଦିଆ ଦକ୍ଷିଣ ଲବିକୁ ସାହାଯ୍ୟ କରିବା ପାଇଁ ଏକ୍ସାଇଜ୍ ପଲିସି ୨୦୨୧-୨୨ରେ ପରିବର୍ତ୍ତନ କରିଛନ୍ତି ଯେଉଁଥିରେ ୧୦୦କୋଟି ଟଙ୍କା ଲାଞ୍ଚ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଇଡି ମାର୍ଚ୍ଚ ୨୧ ତାରିଖରେ ଅରିବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିଥିଲା। ମଇ' ମାସରେ ତାଙ୍କ ଦଳ ଓ ଅନ୍ୟ ନେତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା।

## କ୍ରିସମାସ ମାର୍କେଟରେ କାର ମାଡ଼ିଗଲା ୨ ମୃତ ୬୦ ଆହତ

**ବର୍ଲିନ,୨୧।୧୨:** ଏଠାରୁ ୧୩୦ କିମି ଦୂର ମ୍ୟାଗଡେବର୍ଗ ସିଟିର ଏକ କ୍ରିସମାସ ମାର୍କେଟରେ ଲୋକଙ୍କ ଉପରେ ଜଣେ ମଦ୍ୟପ ବିଏମଡବ୍ଲ୍ୟୁ କାର ଚଢ଼ାଇ ଦେବାରୁ ୨ଜଣ ପ୍ରାଣ ହରାଇବା ସହିତ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଅତି ଗୁରୁତର ଥିବା ଜଣାଯାଇଛି। ଦୁର୍ଘଟଣାକାରୀ ଜଣେ ଡାକ୍ତର ଏବଂ ସେ ସାଉଦୀ ଆରବର ନାଗରିକ ବୋଲି ଜଣାଯାଇଛି। ତାଙ୍କୁ ଗିରଫ କରାଯାଇଛି। ଦୁର୍ଘଟଣା ବେଳେ କ୍ରିସମାସ ମାର୍କେଟରେ ଶହ ଶହ ବ୍ୟକ୍ତି କିଣାବିକା କରୁଥିଲେ। ଦୁର୍ଘଟଣା ଏତେ ଆକସ୍ମିକ ଭାବେ ହୋଇଥିଲା ଯେ, ଲୋକେ କିଛି ବୁଝିବା ପୂର୍ବରୁ ଆଘାତପ୍ରାପ୍ତ ହୋଇଥିଲେ। ମୁହୂର୍ତ୍ତକ ଭିତରେ ସମଗ୍ର ଅଞ୍ଚଳ ଲୋକଙ୍କ ଆର୍ତ୍ତନାଦରେ ଭରି ଯାଇଥିଲା ଏବଂ ପୁରା ମାର୍କେଟ ରକ୍ତାକ୍ତ ହୋଇଯାଇଥିଲା। ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଦୁର୍ଘଟଣା ଆକସ୍ମିକ ନା ଉଦ୍ଦେଶ୍ୟମୂଳକ ସେ ସମ୍ପର୍କରେ ପୋଲିସ ତଦନ୍ତ କରୁଛି। ଜର୍ମାନୀର ଚାନସେଲର ଓଲାଫ ସ୍କଲଜ ଏହି ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହାର ଇନକ୍ୱାରୀ ଅର୍ଡର ଦେଇଛନ୍ତି। ଦୁର୍ଘଟଣାକାରୀ ଡାକ୍ତର ଜଣେ ସାଇକିଆଟ୍ରିଷ୍ଟ। ତାଙ୍କ ସମ୍ପୂର୍ଣ୍ଣ ପରିଚୟକୁ ଏବେ ଗୋପନ ରଖାଯାଇଛି।

## ଟ୍ରେନରୁ ଖସିଲେ, ଅକ୍ଷତ ବଞ୍ଚିଲେ

**ପାଟନା, ୨୧।୧୨:** ରଖେ ହରି ତ ମାରେ କିଏ? ଏହାର ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛି। ମୃତ୍ୟୁର ଅତି ନିକଟରେ ଥାଇ ମଧ୍ୟ ଜଣେ ବ୍ୟକ୍ତି ବର୍ତ୍ତି ଯାଇଛନ୍ତି। ସତେ ଯେମିତି ତାଙ୍କୁ ମିଳିଛି ନୂଆ ଜୀବନ। ବ୍ୟକ୍ତି ଜଣଙ୍କ ଚଳନ୍ତା ଟ୍ରେନରେ ଚଢ଼ୁଥିବା ବେଳେ ହଠାତ୍ ଟ୍ରାକରେ ଖସି ପଡ଼ିଥିଲେ। ଟ୍ରେନ ମଧ୍ୟ ତାଙ୍କ ଉପରେ ଅତିକ୍ରମ କରି ଯାଇଥିଲା। ହେଲେ ସୌଭାଗ୍ୟବଶତଃ ବ୍ୟକ୍ତି ଜଣଙ୍କ ସଂପୂର୍ଣ୍ଣ ଅକ୍ଷତ ଅବସ୍ଥାରେ ଟ୍ରାକ ନିକଟରୁ ଉଦ୍ଧାର ହୋଇଛନ୍ତି। ବିହାରର ସମସ୍ତିପୁର ସ୍ଥିତ ଗୋଟିଏ ରେଳବାଇ ଷ୍ଟେସନରେ ପୂରା ଘଟଣା ଘଟିଛି। ମିଳିଥିବା ସୂଚନା ଅନୁସାରେ, ବ୍ୟକ୍ତି ଜଣଙ୍କ ଗୋଟିଏ ବ୍ୟାଗ ଧରି ବିହାର ସମ୍ପର୍କ କ୍ରାନ୍ତୀ ଏକ୍ସପ୍ରେସରେ ଚଢ଼ୁଥିଲେ। ଟ୍ରେନଟି ପ୍ଲାଟଫର୍ମ ଛାଡୁଥିବା ବେଳେ ସେ ଚଢ଼ିବାକୁ ଚେଷ୍ଟା କରିଥିଲେ। ହେଲେ ଅସାବଧାନତା ଯୋଗୁ ତାଙ୍କ ଗୋଡ଼ ଖସି ଯାଇଥିଲା ଓ ସେ ରେଳ ଟ୍ରାକରେ ଖସି ପଡ଼ିଥିଲେ। ଏଥିଯୋଗୁ ବ୍ୟକ୍ତି ଜଣଙ୍କ ଟ୍ରେନ ଓ ପ୍ଲାଟଫର୍ମ କାନ୍ଥ ମଧ୍ୟରେ ଫସି ରହି ବାହାରକୁ ବାହାରି ପାରି ନଥିଲେ।

## ୮ ଥର ପଲଟିଲା କାର୍, ୫ ସୁରକ୍ଷିତ

**ଜୟପୁର, ୨୧।୧୨:** ସାମ୍ନାକୁ ଆସିଛି ଆଶ୍ଚର୍ଯ୍ୟ କରିବା ଭଳି ଭିଡିଓ। ଗୋଟିଏ ଦ୍ରୁତଗାମୀ କାର୍ ଜାତୀୟ ରାଜପଥରେ ଆଶ୍ଚର୍ଯ୍ୟଜନକ ଭାବେ ୮ଥର ପଲଟିଛି। ଏପରି କି ଗାଡ଼ିଟି ପୂରା ଛିନଛତ୍ର ହୋଇ ଗୋଟିଏ ଶୋ' ରୁମର ଗେଟରେ ଝୁଲି ପଡ଼ିଛି। କିନ୍ତୁ ଚମତ୍କାରର କଥା ହେଉଛି ଯେ ଗାଡ଼ି ଭିତରେ ଥିବା ୫ ଜଣ ପୂରା ସୁରକ୍ଷିତ ରହିଛନ୍ତି। ସେମାନେ କାର୍‌ରୁ ବାହାରି ଶୋ' ରୁମକୁ ଯିବା ସହ ସେଠାରେ ବେଶ ସ୍ୱାଭାବିକ ଢଙ୍ଗରେ ଚା' ପିଇବାକୁ ମଧ୍ୟ ମାଗିଛନ୍ତି। ରାଜସ୍ଥାନର ନାଗୌର ସ୍ଥିତ ଜାତୀୟ ରାଜପଥରେ ପୂରା ଘଟଣା ଘଟିଛି। ଏହାର ଦୃଶ୍ୟ ମଧ୍ୟ ସିସିଟିଭିରେ କଏଦ ହୋଇଛି। ସିସିଟିଭି ଫୁଟେଜ ଅନୁଯାୟୀ, ଗୋଟିଏ ଏସ୍‌ୟୁଭିରେ ୫ ଜଣ ଦ୍ରୁତଗତିରେ ଜାତୀୟ ରାଜପଥ ଅତିକ୍ରମ କରୁଥିଲେ। ତେବେ କାରର ଡ୍ରାଇଭର ଗୋଟିଏ ଟର୍ଣ୍ଣ ନେଉଥିବା ବେଳେ ହଠାତ୍ ସେ ନିୟନ୍ତ୍ରଣ ହରାଇଥିଲେ। ଫଳରେ କାର୍‌ଟି ରାସ୍ତାରେ ୮ଥର ପଲଟି ମାରିଥିଲା। ଏହାପରେ ରାସ୍ତା କଡ଼ରେ ଥିବା ଗୋଟିଏ ଶୋ' ରୁମର ଗେଟ୍‌ରେ ଓଲଟା ଢଙ୍ଗରେ ଝୁଲି ପଡ଼ିଥିଲା। ଶୋ' ରୁମର ମୁଖ୍ୟ ଫାଟକରେ ପିଟି ହେବା ପରେ ଗାଡ଼ିଟି ଛିନଛତ୍ର ହୋଇ ଗେଟରେ ଲାଖିଥିଲା। ଗାଡ଼ିଟି ଛିନଛତ୍ର ହୋଇଯାଇଥିଲେ ହେଁ ଏଥିରେ କେହି ବି ମୃତାହତ ହୋଇନାହାନ୍ତି।

## ୪୦୦ ଟଙ୍କା ପାଇଁ କ୍ୟାବ୍ ଡ୍ରାଇଭରଙ୍କୁ ଛୁରାମାଡ଼

**ନୂଆଦିଲ୍ଲୀ, ୨୧।୧୨:**ମାତ୍ର ୪୦୦ ଟଙ୍କା ପାଇଁ ହେଲା ପାଟିତୁଣ୍ଡ। କ୍ୟାବ୍ ଡ୍ରାଇଭରଙ୍କୁ ଭଡ଼ା ଦେବାକୁ ମଙ୍ଗିଲେନି ଗ୍ରାହକ। ଜୋରଦାର ଝଗଡ଼ା ହେବା ପରେ ଡ୍ରାଇଭରଙ୍କୁ ଛୁରୀ ଭୁଷି ଦେଲା ନାବାଳକ। ଫଳରେ କ୍ୟାବ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ଏଭଳି କିଛି ଅଭାବନୀୟ ଘଟଣା ଘଟିଛି ଦିଲ୍ଲୀରେ। ଉତ୍ତର-ପୂର୍ବ ଦିଲ୍ଲୀର ସୋନିଆ ବିହାର ଅଞ୍ଚଳରେ ୪୦୦ ଟଙ୍କା ଭଡାକୁ ନେଇ ରକ୍ତାକ୍ତ ସଂଘର୍ଷ ଘଟିଛି। ପରେ ଜଣେ ୨୬ ବର୍ଷୀୟ କ୍ୟାବ ଡ୍ରାଇଭରଙ୍କୁ ଯାତ୍ରୀ ଏବଂ ତାଙ୍କ ସାଙ୍ଗମାନେ ମିଶି ଛୁରୀ ଭୁଷି ହତ୍ୟା କରିଛନ୍ତି। ଡିସେମ୍ବର ୧୮ ତାରିଖ ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ପୁଲିସ କହିଛି। ପୁଲିସ କହିବା ମୁତାବକ, ମୃତକ କ୍ୟାବ୍ ଡ୍ରାଇଭର ଜଣକ ହେଲେ ସନ୍ଦୀପ। ସେ ରାପିଡୋ ପାଇଁ ଟ୍ୟାକ୍ସି ଚଳାଉଥିଲେ। ତେବେ ୧୮ ତାରିଖ ବିଳମ୍ବିତ ରାତିରେ ସନ୍ଦୀପ ସୋନିଆ ବିହାର ପୁସ୍ତା ନିକଟରେ ରାସ୍ତା କଡ଼ରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲେ। ଏହାପରେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ପୂର୍ବରୁ ସନ୍ଦୀପ ପୁଲିସକୁ କହିଥିଲେ, ସେ ନୋଏଡାରୁ ତିନିଜଣ ଯାତ୍ରୀ ଦୀପାଂଶୁ ଓରଫ ଅଶୁ, ରାହୁଲ ଏବଂ ମୟଙ୍କଙ୍କୁ ନିଜ କାର୍‌ରେ ଭଡ଼ାରେ ଆଣିଥିଲେ। ତେବେ ସୋନିଆ ବିହାରର ପୁସ୍ତା-୨ରେ ପହଞ୍ଚିବା ପରେ ତାଙ୍କ ଯାତ୍ରା ଶେଷ ହୋଇଥିଲା। ଏମାନଙ୍କ ଭଡା ବାବଦକୁ ୪୦୦ ଟଙ୍କା ହୋଇଥିଲା।

# ଦଳିତ ଶିକ୍ଷାର୍ଥୀଙ୍କ ପାଇଁ କେଜ୍ରିୱାଲଙ୍କ 'ଆମ୍ବେଦକର ବୃତ୍ତି'

**ନୂଆଦିଲ୍ଲୀ, ୨୧।୧୨:** ସମ୍ବିଧାନ ପ୍ରଣେତା ଡ ବିଆର ଆମ୍ବେଦକରଙ୍କ ନାଁରେ ଦଳିତ ଶିକ୍ଷାର୍ଥୀଙ୍କ ପାଇଁ ସ୍କଲାରଶିପ୍ ବା ବୃତ୍ତି ଘୋଷଣା କରିଛନ୍ତି ଆପ୍‌ର ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲ। ବର୍ତ୍ତମାନ ଦେଶରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ରାଜ୍ୟସଭାରେ ଆମ୍ବେଦକରଙ୍କ ପ୍ରସଙ୍ଗରେ ଦେଇଥିବା ବୟାନକୁ ନେଇ ବିବାଦ ଲାଗି ରହିଛି। ଆଗକୁ ମଧ୍ୟ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହି ବିବାଦ ଓ ନିର୍ବାଚନକୁ ଦୃଷ୍ଟିରେ ରଖି କେଜ୍ରିୱାଲ ଆଜି ଆମ୍ବେଦକର ଛାତ୍ର ବୃତ୍ତି ଲାଗୁ କରିବେ ବୋଲି କହିଛନ୍ତି। ସମ୍ବିଧାନର ପ୍ରତିଷ୍ଠାତା ଆମ୍ବେଦକରଙ୍କ ପ୍ରତି ଅମିତ ଶାହ ଅସମ୍ମାନ କରିବା ଭଳି ଶବ୍ଦ ପ୍ରୟୋଗ କରିଥିବାରୁ ଏହାର ଜବାବରେ କେଜ୍ରିୱାଲ ଏପରି ଏକ ବୃତ୍ତି ଯୋଜନା ଲାଗୁ କରିଥିବା କହିଛନ୍ତି। ଗୋଟିଏ ନିର୍ବାଚନୀ ସଭାକୁ ସମ୍ବୋଧନ କରି କେଜ୍ରିୱାଲ କହିଛନ୍ତି, ଯଦି ଆପ୍ ଆସନ୍ତା ବିଧାନସଭା ନିର୍ବାଚନରେ ଦିଲ୍ଲୀରେ ବିଜୟୀ ହୁଏ, ତା'ହେଲେ ସରକାର ବିଦେଶରେ ନାମ ଲେଖାଇଥିବା ଦଳିତ ଶିକ୍ଷାର୍ଥୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବେ। ଅର୍ଥ ଅଭାବରୁ ଦିଲ୍ଲୀର କୌଣସି ଦଳିତ ଶିକ୍ଷାର୍ଥୀ ଯେମିତି ବିଦେଶରେ ପାଠ ପଢ଼ିବା ଅଧାରୁ ନ ଛାଡ଼ିବେ, ତା'ର ବ୍ୟବସ୍ଥା ଆପ୍ କରିବ। ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସ ଓ ପଲଟିକାଲ ସାଇନ୍ସ(ଏଲଏସଇ)ରେ ପଢୁଥିବା ଆମ୍ବେଦକରଙ୍କୁ ଅର୍ଥ ଅଭାବରୁ ଅଧାରେ ପାଠ ବନ୍ଦ କରିବାକୁ ପଡ଼ିଥିଲା। ସେ ଘରକୁ ଆସିଥିଲେ ଓ ଟଙ୍କା ଯୋଗାଡ଼ କରିଥିଲେ। ଏହାପରେ ସେ ଏଲଏସଇ ଯାଇଥିଲେ ଓ ପୁଣି ନିଜର ଶିକ୍ଷା ଶେଷ କରିଥିଲେ ବୋଲି କେଜ୍ରିୱାଲ କହିଛନ୍ତି। ଆମ୍ବେଦକରଙ୍କୁ ଅମିତ ଶାହ କଟାକ୍ଷ କରିଥିବା ଅଭିଯୋଗ କରି କେଜ୍ରିୱାଲ କହିଛନ୍ତି ଯେ ସେ ଓ ଆମ୍ବେଦକରଙ୍କ କୋଟିକୋଟି ଅନୁଗାମୀ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବୟାନରେ ଆଘାତ ପାଇଛନ୍ତି। ସେ କହିଛନ୍ତି, "ସ୍ୱାଧୀନ ଭାରତରେ କେହି ବି କେବେ ସ୍ୱପ୍ନରେ ଭାବି ନଥିବେ ଯେ ସଂସଦରେ କେହି ଜଣେ ବାବା ସାହେବ ଆମ୍ବେଦକରଙ୍କୁ କଟାକ୍ଷ କରିବେ।

# ମୋଦିଙ୍କ ଦୁଇ ଦିନିଆ କୁଏତ ଗସ୍ତ



**ନୂଆଦିଲ୍ଲୀ, ୨୧।୧୨:** ପ୍ରଧାନମନ୍ତ୍ରୀ ମୋଦି ଆଜିଠାରୁ ଦୁଇ ଦିନିଆ କୁଏତ ଗସ୍ତରେ ଯିବେ। ୪୩ ବର୍ଷ ପରେ ପ୍ରଥମଥର ପାଇଁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀ କୁଏତ ଗସ୍ତରେ ଯାଉଛନ୍ତି। କୁଏତର ଆମିର ଶେଖ ମେଶଲ ଅଲ ଶବାହଙ୍କ ନିମନ୍ତ୍ରଣରେ ଡିସେମ୍ବର ୨୧ ଏବଂ ୨୨ ଦୁଇ ଦିନିଆ ଗସ୍ତରେ ସେଠାକୁ ଯାଉଛନ୍ତି ମୋଦି। ସେଠାରେ ପ୍ରଧାନମନ୍ତ୍ରୀ ମୋଦି ପ୍ରମୁଖ ନେତା ମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହା ସହ କୁଏତରେ ରହୁଥିବା ପ୍ରବାସୀ ଭାରତୀୟମାନଙ୍କ ସହ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ବୈଦେଶିକ ମନ୍ତ୍ରାଳୟର ସୂଚନା ଅନୁସାରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ପାଇଁ ଏହି ଗସ୍ତ ସହାୟକ ହେବ। ମୋଦିଙ୍କ ଏହି ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ବ୍ୟବସାୟ ଏବଂ ଅନ୍ୟ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହେବ। କୁଏତରେ ରହୁଥିବା ଭାରତୀୟ ସମୁଦାୟ ସବୁଠାରୁ ବଡ ପ୍ରବାସୀ ସମୁଦାୟ। ପ୍ରଧାନମନ୍ତ୍ରୀ ସକାଳ ୯ଟା ୧୫ରେ କୁଏତ ଅଭିମୁଖେ ବାହାରିବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ସମୟ ୧୧ଟା ୩୫ରେ ପ୍ରଧାନମନ୍ତ୍ରୀଙ୍କ ସେଠାରେ ଅବତରଣ କରିବ। ପରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଭାରତୀୟ ସମୁଦାୟ ପକ୍ଷରୁ ମୋଦିଙ୍କ ସ୍ୱାଗତ ପାଇଁ ଜୋରଦାର ପ୍ରସ୍ତୁତି ହୋଇଛି।



# ପ୍ରତାପ ଷଡ଼ଙ୍ଗୀଙ୍କ ମୁହଁ ଫୁଲିଲା ମୁକେଶଙ୍କ ମୁଣ୍ଡ ବୁଲାଉଛି

**ନୂଆଦିଲ୍ଲୀ, ୨୧।୧୨:** ସଂସଦ ପରିସରେ ହୋଇଥିବା ଧକ୍କା କାଣ୍ଡକୁ ନେଇ ଥମୁନି ରାଜନୀତି। ଏହି ଘଟଣାରେ ଦୁଇ ଜଣ ବିଜେପି ସାଂସଦ ଆହତ ହୋଇଛନ୍ତି। ତେବେ ଦୁଇ ଦିନ ପରେ ସେମାନଙ୍କ ଅବସ୍ଥା କିଳଭି ରହିଛି। ସେ ନେଇ ସାଂସଦଙ୍କ ହେଲ୍‌ଥ୍ ଅପ୍‌ଡେଟ୍ ଜାରି କରିଛି ରାମ ମନୋହର ଲୋହିଆ ହସ୍ପିଟାଲ। ବିଜେପି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ମୁକେଶ ରାଜପୁତଙ୍କ ସ୍ୱାସ୍ଥ୍ୟ ଏବେବି ସୁଧୁରିନି। ପ୍ରତାପ ଷଡ଼ଙ୍ଗୀଙ୍କ ଗାଲ ହାଡ଼ ଫୁଲିବା ସହ ନୀଳ ପଡ଼ି ଯାଇଛି। ସେହିପରି ମୁକେଶ ରାଜପୁତଙ୍କ ମୁଣ୍ଡ ଏବେବି ବୁଲାଉଛି। ସେ ସ୍ଥିର ନାହାନ୍ତି। ପ୍ରତାପ ଷଡ଼ଙ୍ଗୀଙ୍କ ଏକ୍ସ-ରେ ବାହାର କରାଯାଇଛି। ରିପୋର୍ଟ ଆସିବା ପରେ ହାଡ଼ ଭାଙ୍ଗିଛି କି ନାହିଁ ତାହା ସ୍ପଷ୍ଟ ହେବ। ତାଙ୍କ ଗାଲରେ ରକ୍ତ ଜମାଟ ବାନ୍ଧିଛି ବୋଲି ହସ୍ପିଟଲ ପକ୍ଷରୁ କୁହାଯାଇଛି। ସେହିପରି ଏହି ଘଟଣାର ଦୁଇ ଦିନ ପରେ ବି ସାଂସଦ ମୁକେଶ ରାଜପୁତଙ୍କ ମୁଣ୍ଡା ବୁଲାଉଛି। ସେ ଅସ୍ୱସ୍ତିକର ଅନୁଭବ କରୁଛନ୍ତି। ଡାକ୍ତରୀ ଟିମ୍ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି। ପ୍ରକୃତରେ ଧକ୍କା ପରେ ମୁକେଶଙ୍କ ବ୍ଲଡ୍ ପ୍ରେସର ବଢ଼ି ଯାଇଥିଲା। ମାତ୍ର ଏବେ ତାହା ସ୍ଥିର ଥିବା ଡାକ୍ତର କହିଛନ୍ତି। ଗୁରୁବାର ସଂସଦ ପରିସରେ ଆମ୍ବେଦର ପ୍ରସଙ୍ଗକୁ ନେଇ ରାହୁଲ ଗାନ୍ଧିଙ୍କ ସମେତ ବିରୋଧୀ ଦଳର ସାଂସଦମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଏହି ସମୟରେ ସେମାନେ ବିରୋଧୀ ସଂସଦ ଭିତରକୁ ପ୍ରବେଶ କରିବାକୁ ଯାଉଥିଲେ। ଏତିକି ବେଳେ ପ୍ରବେଶ ପଥର ପାହାଚରେ ବିଜେପି ସାଂସଦମାନେ ବିକ୍ଷୋଭ କରୁଥିଲେ। ଦୁଇ ପକ୍ଷ ସାଂସଦ ଗୋଟିଏ ସ୍ଥାନରେ ପହଞ୍ଚିବାରୁ ମୁହାଁମୁହିଁ ସ୍ଥିତି ହୋଇଥିଲା। ରାହୁଲ ଗାନ୍ଧି କୁଆଡ଼େ ୬୯ ବର୍ଷୀୟ ବିଜେପି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଧକ୍କା ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟତୀତ ବିଜେପିର ଅନ୍ୟ ଜଣେ ସାଂସଦ ମୁକେଶ ରାଜପୁତ ମଧ୍ୟ ଗୁରୁତର ଭାବେ ଆହତ ହୋଇଥିଲେ। ବିଜେପି ସାଂସଦଙ୍କ ଅଭିଯୋଗକ୍ରମେ ଦିଲ୍ଲୀ ପୁଲିସ୍ ରାହୁଲ ଗାନ୍ଧିଙ୍କ ନାଁରେ ମାମଲା କରିଥିଲା। ଏହାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି।

# ୧୧ କୋଟିର ଗଞ୍ଜେଇ ବିମାନବନ୍ଦରରେ ଧରାପଡ଼ିଲା

**ବ୍ୟାଙ୍କକ, ୨୧।୧୨:** ବିମାନ ବନ୍ଦରରୁ ଜବତ ହେଲା ୧୧ କୋଟିରୁ ଅଧିକ ମୂଲ୍ୟର ଗଞ୍ଜେଇ । ଜଣେ ଯାତ୍ରୀଙ୍କ ବ୍ୟାଗ୍‌ରୁ ଜବତ ହୋଇଛି ଏହି ବିପୁଳ ପରିମାଣର ନିଶା ଦ୍ରବ୍ୟ। ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତରାଷ୍ଟ୍ରୀୟ ଏୟାରପୋର୍ଟରୁ ଜବତ ହୋଇଛି ଏହି ଗଞ୍ଜେଇ।

ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ସମସ୍ତ ଯାତ୍ରୀଙ୍କ ବ୍ୟାଗ୍‌କୁ ତନ ତନ କରି ଯାଞ୍ଚ କରାଯାଇଥିଲା। ଏହାପରେ ବ୍ୟାଙ୍କକ୍‌ରୁ ଆସିଥିବା ଜଣେ ଯାତ୍ରୀଙ୍କ ବ୍ୟାଗ୍‌ରୁ ପ୍ଲାଷ୍ଟିକ ପାଉଚରୁ ଲୁଚାଇ ରଖାଯାଇଥିବା କିଛି ପଦାର୍ଥକୁ ଜବତ କରାଯାଇଥିଲା। ପରୀକ୍ଷାରୁ ତାହା ଗଞ୍ଜେଇ ବୋଲି ଜଣାପଡ଼ିଥିଲା। ଏହା ଉନ୍ନତ ମାନର ଗଞ୍ଜେଇ ହୋଇଥିବା ବେଳେ ବଜାର ମୂଲ୍ୟ ବି ଅଧିକ ଥିବା ଜଣାପଡ଼ିଛି। ଜବତ ଗଞ୍ଜେଇର ଓଜର ୧୧ କେଜି ୩୨୨ ଗ୍ରାମ ହୋଇଥିବା ବେଳେ ତାହା ବଜାର ମୂଲ୍ୟ ୧୧ କୋଟି ୩୨ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି। ଏହି ଘଟଣାରେ ପୁଲିସ୍ ସମ୍ପୃକ୍ତ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେ ଗଞ୍ଜେଇ କେଉଁଠୁ ଆଣିଲେ ଓ ଭାରତରେ କାହାକୁ ଦେବା ଉଦ୍ଦେଶ୍ୟରେ ଆଣିଲେ ତାହା ଜଣାପଡ଼ିନି। ଏହାର ଦିନକ ପୂର୍ବରୁ ମୁମ୍ବାଇ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରୁ ୨ ଜଣଙ୍କ ନିକଟରୁ ୨କେଜି ସୁନା ଜବତ ହୋଇଥିଲା। ଜଣେ ଯାତ୍ରୀ କଷ୍ଟମ ଅଧିକାରୀଙ୍କ ଆଖିରୁ ବର୍ତ୍ତିବାକୁ ନିଜ ଶରୀରରେ ସୁନାକୁ ଲୁଚାଇ ରଖିଥିଲେ। ମାତ୍ର ଯାଞ୍ଚ ବେଳେ ତାହା ଧରା ପଡ଼ିଗଲା। ଏହାବାଦ ଉକ୍ତ ସମୟରେ ଏୟାରପୋର୍ଟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ଜଣେ ଟ୍ରାନଜିଟ୍ ଯାତ୍ରୀ ନିଜ ବ୍ୟାଗ୍ ଦେଇଥିଲେ। ଯାହାକୁ ଯାଞ୍ଚ ପରେ ସେଥିରୁ ବି ସୁନା ବାହାରିଥିଲା। ଏହି ଘଟଣାରେ ଦୁଇ ଜଣଙ୍କ ନିକଟରୁ ପ୍ରାୟ ୨ କେଜିରୁ ଅଧିକ ସୁନା ଜବତ ହୋଇଛି। ଏହି ଘଟଣାରେ ପୁଲିସ୍ ଦୁଇ ଜଣଙ୍କୁ ଗିରଫ କରିଛି।

## ଘର ଜଳିଗଲା, ପରିବାରର ୪ ଦଗ୍ଧ

**ଭୋପାଳ, ୨୧।୧୨:** ହୁ ହୁ ହୋଇ ଜଳିଗଲା ଘର। ନିଆଁରେ ପୋଡି ଜୀବନ୍ତ ଦଗ୍ଧ ହୋଇଗଲେ ଗୋଟିଏ ପରିବାରର ୪ ଜଣ। ଏଭଳି କିଛି ଭୟଙ୍କର ଅଗ୍ନିକାଣ୍ଡ ଘଟଣା ଘଟିଛି ମଧ୍ୟପ୍ରଦେଶରେ। ମଧ୍ୟପ୍ରଦେଶର ଦେବାସ ସହରର ନୟାପୁର ଅଞ୍ଚଳରେ। ଏଠାରେ ଏକ ଘରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଓ ସେମାନଙ୍କ ଦୁଇ ପିଲା ଅଛନ୍ତି। ସେପଟେ ଖବର ପାଇ ଅଗ୍ନିଶମ ବାହିନୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଯେଉଁ ଘରେ ଅଗ୍ନିକାଣ୍ଡ ଘଟିଛି ତା'ର ତଳ ମହଲାରେ ଏକ କ୍ଷୀର ଫ୍ୟାକ୍ଟ୍ରି ଥିଲା। ପ୍ରଥମେ ଏହି ଫ୍ୟାକ୍ଟ୍ରିରେ ହିଁ ନିଆଁ ଲାଗିଥିଲା। ଏହାପରେ ଦେଖୁ ଦେଖୁ ଏହି ନିଆଁ ପୂରା ବିଲ୍ଡିଂକୁ ବ୍ୟାପି ଯାଇଥିଲା। ଫଳରେ ଦ୍ୱିତୀୟ ମହଲାରେ ରହୁଥିବା ସ୍ୱାମୀ-ସ୍ତ୍ରୀ ଓ ଦୁଇ ପିଲାଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଦିନେଶ, ତାଙ୍କ ପତ୍ନୀ ଗାୟତ୍ରୀ, ଝିଅ ଇସିକା ଓ ପୁଅ ଚିରାଗ। ଦିନେଶ ପେସାରେ ଜଣେ କାରପେଣ୍ଟର ଥିଲେ। ଏଥିସହ ଘରର ତଳ ମହଲାରେ କ୍ଷୀର ଫ୍ୟାକ୍ଟ୍ରି ଚଳାଉଥିଲେ। ତେବେ କେଉଁ କାରଣରୁ ତାଙ୍କ ଫ୍ୟାକ୍ଟ୍ରୀରେ ନିଆଁ ଲାଗିଲା ସେ ନେଇ କିଛି ସୂଚନା ମିଳିନାହିଁ। ଶର୍ଟସର୍କିଟ୍ ଯୋଗୁ ନିଆଁ ଲାଗିଥାଇପାରେ ବୋଲି ସନ୍ଦେହ କରାଯାଉଛି। ପୁଲିସ ପୂରା ଘଟଣାର ତଦନ୍ତ ଜାରି ରଖିଛି।

## ବୋହୂକୁ ଉଲଗ୍ନ କରି ଚେଙ୍ଗ ଦେଲେ ଶାଶୁ ଘର ଲୋକେ

**ଭୋପାଳ, ୨୧।୧୨:** ସ୍ୱାମୀ ସମେତ ଶାଶୁ ଘର ଲୋକେ ପାଲଟିଗଲେ ନିଷ୍ଠୁର। ଟପିଗଲେ ବର୍ବରତାର ସବୁ ସୀମା। ସାମାନ୍ୟ ସନ୍ଦେହରୁ ବୋହୂ ପ୍ରତି କଲେ ପଶୁ ପରି ଆଚରଣ। ବୋହୂକୁ ଉଲଗ୍ନ କରି ରାତି ସାରା ପିଟିବା ସହ ତା' ଦେହରେ ଲୁହା ରଡ ଚେଙ୍ଗ ଦେବାକୁ ପଛାଇଲେ ନାହିଁ। ସେତିକିରେ ମନ ଶାନ୍ତି ନ ହେବାରୁ ବୋହୂର ପ୍ରାଇଭେଟ ପାର୍ଟରେ ଲଙ୍କା ଗୁଣ୍ଡ ଭର୍ତ୍ତି କରିବା ପରି ହୀନ ଆଚରଣ ବି କଲେ। ଏପରି ଏକ ଅତ୍ୟନ୍ତ ଲଜ୍ଜାଜନକ ଘଟଣା ମଧ୍ୟପ୍ରଦେଶରେ ଘଟିଥିବା ବେଳେ ଏନେଇ ପୀଡ଼ିତା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୀଡ଼ିତା କରିଥିବା ଅଭିଯୋଗ ଅନୁଯାୟୀ, ଘର ପାଖର ଜଣେ ଯୁବକ ଥରେ କିଛି ଜିନିଷ ମାଗିବାକୁ ଆସିଥିଲେ। ତାହାକୁ ଆଣିବାକୁ ଯାଇଥିବା ବେଳେ ଉକ୍ତ ଯୁବକଜଣକ ଘର ଭିତରେ ପଶି ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ଉକ୍ତ ସମୟରେ ନଣନ୍ଦ ପଶି ଆସିବାରୁ ଯୁବକଜଣକ ଫେରାର ହୋଇଯାଇଥିଲେ। ଏହାପରେ ଉକ୍ତ ଯୁବକଙ୍କ ସହ ଅନୈତିକ ସମ୍ପର୍କ ଥିବା ସନ୍ଦେହରେ ଶାଶୁ, ଶ୍ୱଶୁର, ସ୍ୱାମୀ ଓ ନଣନ୍ଦ ମୋତେ ପ୍ରବଳ ଗାଳିଗୁଲଜ କରିଥିଲେ । ଏହାପରେ ସେମାନେ ମୋତେ ଉଲଗ୍ନ କରି ରାତି ସାରା ବିଧା, ଗୋଇଠା ମାରିବା ସହ ବାଡ଼ିରେ ବି ପିଟିଥିଲେ। ଅତ୍ୟଧିକ ମାଡ଼ ଯୋଗୁ ମୁଁ ଅଚେତ ହୋଇ ପଡ଼ିଥିଲି।

# କାର୍‌ରୁ ମିଳିଲା ୧୫ କିଲୋ ସୁନା

**ସୁରଟ, ୨୧।୧୨:** କାର୍ ଭିତରୁ ମିଳିଲା ପୁଳା ପୁଳା ସୁନା। କିଲୋ କି ଦୁଇ କିଲୋ ନୁହେଁ ପାଖାପାଖି ୧୫ କିଲୋଗ୍ରାମ ସୁନା ମିଳିଛି। ଏହି ମାମଲାରେ ପୁଲିସ ୨ ଜଣଙ୍କୁ ବାନ୍ଧିଛି। ଗୁଜରାଟର ସୁରଟରେ ଗାଡ଼ି ଯାଞ୍ଚ ବେଳେ ଏଭଳି କିଛି ଘଟଣା ସାମ୍ନାକୁ ଆସିଛି। ଏଠାରେ ପୁଲିସ ଏକ ଚେକ୍ ପୋଷ୍ଟରେ ଗାଡି ଯାଞ୍ଚ କରୁଥିଲା। ଏହି ସମୟରେ ଏକ କାର୍ ଭିତରୁ ୧୫ କେଜି ସୁନା ଜବତ ହୋଇଛି। କପଡା ଭିତରେ ଲୁଚାଇ ଅଭିଯୁକ୍ତମାନେ ଏହି ସୁନାକୁ ନେଇ ଯାଉଥିଲେ। ଏତିକି ବେଳେ ପୁଲିସ ଧରିଛି। ପୁଲିସ ଘଟଣାସ୍ଥଳରୁ ଦୁଇ ଜଣଙ୍କୁ ଗିରଫ କରିଛି। ପୋଲିସର ପ୍ରାରମ୍ଭିକ ପଚରାଉଚରା ବେଳେ ଗିରଫ ବ୍ୟକ୍ତି ଜଣକ କହିଛନ୍ତି ଯେ ସେ ଏହି ସୁନାକୁ ମହିଧରପୁରରୁ ଉମ୍ବେଲର ଏକ କାରଖାନାକୁ ନେଉଯାଉଥିଲେ। ତେବେ ଏହା କାହାର ସୁନା ଏବଂ କାହିଁକି ଉକ୍ତ କାରଖାନାକୁ ନିଆଯାଉଥିଲା ସେ ନେଇ ପୁଲିସ ବର୍ତ୍ତମାନ ତଦନ୍ତ ଜାରି ରଖିଛି।

ମାମଲାର ତଦନ୍ତ କରୁଥିବା ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି, ପାଟ୍ରୋଲିଂ ବେଳେ କିଛି ଲୋକ ସେଲେରିଆ କାରରେ ବିପୁଳ ପରିମାଣର ସୁନା ନେଇ ଯାଉଥିବା ନେଇ ସାସୋରି ପୁଲିସ ଷ୍ଟେସନର ଟିମ୍‌କୁ ଗୁପ୍ତ ସୂଚନା ମିଳିଥିଲା। ଏହି ସୂଚନା ଆଧାରାରେ ପୁଲିସ ଚେକିଂ କଡାକଡ଼ି କରିଥିଲା। ସିମଡା ଚେକ୍ ପୋଷ୍ଟକୁ ଅବରୋଧ କରି ଯାନ ଯାଞ୍ଚ ଆରମ୍ଭ ହୋଇଥିଲା। ଚେକିଂ ବେଳେ ପୁଲିସ ଟିମ୍ ଏହି ସୁନା ଜବତ କରିଛି। ପୁଲିସ ବର୍ତ୍ତମାନ ଏହି ଘଟଣାର ତଦନ୍ତ କରୁଛି। ଏହା କାହାର ସୁନା ଥିଲା ତଦନ୍ତ ଶେଷ ହେବା ପରେ ହିଁ ଜଣାପଡ଼ିବ ବୋଲି ପୁଲିସ କହିଛି।

# କୋଟାରେ ବର୍ଷକରେ ୧୭ ଛାତ୍ରଙ୍କ ଆତ୍ମହତ୍ୟା

**ଜୟପୁର, ୨୧।୧୨:** ରାଜସ୍ଥାନର ଶିକ୍ଷାନଗରୀ ଭାବେ ପରିଚିତ କୋଟା ଏବେ ଶିକ୍ଷାର୍ଥୀଙ୍କ ଆତ୍ମହତ୍ୟାର ହଟସ୍ପଟ ଭାବେ ପରିଚିତ ହେଲାଣି। ସାରା ଦେଶରୁ ଏଠାକୁ ଆଇଆଇଟି, ଜେଇଇ, ନିଟ୍ ପ୍ରସ୍ତୁତି ପାଇଁ ଛାତ୍ରଛାତ୍ରୀ ଆସିଥାନ୍ତି। ହେଲେ ଅତ୍ୟଧିକ ମାନସିକ ଚାପ ହେଉ ବା ଅନ୍ୟ କୌଣସି କାରଣରୁ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରିବା ଘଟଣା ଚିନ୍ତା ବଢ଼ାଇଛି। କୋଟାରେ କିଛି ଦିନର ବ୍ୟବଧାନ ପରେ ପୁଣି ଘଟିଛି ଅଘଟଣ। ଝୁଲି ପଡ଼ିଛନ୍ତି ଜଣେ ୧୬ ବର୍ଷୀୟ ଆଇଆଇଟି-ଜେଇଇ ପ୍ରସ୍ତୁତି କରୁଥିବା ଛାତ୍ର। ବିଜ୍ଞାନ ନଗର ଥାନା ଅଞ୍ଚଳରେ ଏକ ଘରୋଇ ହଷ୍ଟେଲରେ ପଙ୍ଖାରେ ଛାତ୍ରଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିବା ପୁଲିସ ସୂଚନା ଦେଇଛି।



ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ହଷ୍ଟେଲର ସମସ୍ତ ରୁମରେ ଲାଗିଥିବା ପଙ୍ଖାରେ ଆତ୍ମହତ୍ୟା ରୋକିବାକୁ ଆଣ୍ଟି-ହ୍ୟାଙ୍ଗିଂ ଡିଭାଇସ ଲାଗିଥିଲା। ଏହା ସତ୍ତ୍ୱେ ଛାତ୍ର ଜଣକ କିପରି ଏଥିରେ ଝୁଲିପଡ଼ି ନିଜ ଜୀବନ ହାରିଲେ ତାହା ଏବେ ଆଲୋଚନାର ବିଷୟ ପାଲଟିଛି। ଯଦିଓ ଏହା ଆତ୍ମହତ୍ୟା ବୋଲି ପୁଲିସ ସନ୍ଦେହ କରୁଛି, ହେଲେ ରୁମରୁ କୌଣସି ସୁଇସାଇଡ ନୋଟ ମିଳିନାହିଁ। ତେବେ ନାବାଳକ ଛାତ୍ର ଜଣକ କାହିଁକି ଏଭଳି ଚରମ ପଦକ୍ଷେପ ନେଲେ, ତାର ପ୍ରକୃତ କାରଣ ମଧ୍ୟ ଏବେ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ବିଜ୍ଞାନ ନଗର ଥାନା ଅଧିକାରୀଙ୍କ କହିବା ମୁତାବକ, ୧୬ ବର୍ଷୀୟ ମୃତ ଛାତ୍ର ଜଣକ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ର। ବିହାରର ବୈଶାଳୀ ଜିଲ୍ଲାରେ ତାଙ୍କ ଘର। ସେ ଚଳିତ ବର୍ଷ ଏପ୍ରିଲ ମାସରୁ କୋଟାର ଏକ ଘରୋଇ କୋଚିଂ ସେଣ୍ଟରରେ ଆଇଆଇଟି-ଜେଇଇ ପ୍ରସ୍ତୁତି କରୁଥିଲେ। ପୁଲିସ କହିବା ଅନୁସାରେ ନାବାଳକ ଛାତ୍ର ଜଣଙ୍କୁ ତାଙ୍କ ପରିବାର ଲୋକେ ଶୁକ୍ରବାର ଦିନ ସାରା ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ଶେଷରେ ସେମାନେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଏନେଇ ଜଣାଇଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ଯାଇଦେଖିଲେ ବେଳକୁ ଛାତ୍ରଙ୍କ ମୃତଦେହ ସେ ରହୁଥିବା ରୁମର ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତେବେ ଚିନ୍ତାର ବିଷୟ ହେଉଛି ଚଳିତ ବର୍ଷ ଜାନୁଆରୀ ମାସରୁ ଏପର୍ଯ୍ୟନ୍ତ କୋଟାରେ ଛାତ୍ର ଆତ୍ମହତ୍ୟାର ଏହା ୧୭ଶ ମାମଲା। ପୂର୍ବ ବର୍ଷ, ଅର୍ଥାତ ୨୦୨୩ରେ କୋଟାରେ ମୋଟ ୨୬ ଛାତ୍ର ଆତ୍ମହତ୍ୟା ମାମଲା ଆସିଥିଲା।

### ଅପରାଧୀଙ୍କୁ ନ ଧରିବା ମହଙ୍ଗା ପଡ଼ିଲା

## ୧୩୪ ପୁଲିସ୍ ଅଧିକାରୀଙ୍କ ବିରୋଧରେ ମାମଲା

**ପାଟନା, ୨୧।୧୨:**ଅପରାଧୀଙ୍କୁ ଧରିବା ଯାହାର ଦାୟିତ୍ୱ ସିଏ ହିଁ ସାଜୁଥିଲେ ପ୍ରତିବନ୍ଧକ । ଫଳରେ ମାମଲାଗୁଡ଼ିକ ୫ ବର୍ଷ, ୧୦ ବର୍ଷ ପଡ଼ି ରହିଥିବା ବେଳେ ନ୍ୟାୟ ପାଇଁ ଦୌଡୁଥିଲେ ସାଧାରଣ ଲୋକେ। ଏପରି ସାଂଘାତିକ ଘଟଣାର ଖୁଲାସା ହେବା ପରେ ୧୩୪ ପୁଲିସ୍ ଅଧିକାରୀଙ୍କ ବିରୋଧରେ ରୁଜୁ ହୋଇଛି ମାମଲା । ଏପରି ଏକ ଘଟଣା ବିହାରର ମୁଜଫରପୁରରେ ଦେଖିବାକୁ ମିଳିଛି। ଅପରାଧୀଙ୍କୁ ଧରିବା ସହ ପୀଡ଼ିତଙ୍କୁ ନ୍ୟାୟ ଦେବା ପୁଲିସ୍‌ର ପ୍ରଥମ କାମ । ମାତ୍ର ନିଜ ଦାୟିତ୍ୱରେ ଖିଲାପ କରୁଥିଲେ ମୁଜଫରପୁରର ୧୩୪ ପୁଲିସ୍ ଅଧିକାରୀ। ଏପରିକି ନିଜ ଟ୍ରାନ୍ସଫର ହେବା ପରେ ପରବର୍ତ୍ତୀ ଅଫିସରଙ୍କୁ ପୁରୁଣା କେସ୍‌ର ଫାଇଲ୍ ପ୍ରଦାନ କରୁ ନ ଥିଲେ।

**୧୯ବର୍ଷରୁ କମ୍ ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି**

# ଆଜି ଭାରତ-ବାଂଲାଦେଶ ଫାଇନାଲ୍ ମୁକାବିଲା



**କ୍ୱାଲାଲମ୍ପୁର,୨୧।୧୨:** ୧୯ବର୍ଷରୁ କମ୍ ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟିରେ ଫାଇନାଲ୍ ଲାଇନ୍ ଚୂଡ଼ାନ୍ତ । ଆସନ୍ତା ୨୨ ତାରିଖରେ ଭାରତ ଓ ବାଂଲାଦେଶ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ଶୁକ୍ରବାର ସୁପର-୪ ରାଉଣ୍ଡର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୪ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଏଥିସହ ଦଳ ସର୍ବାଧିକ ୭ ପଏଣ୍ଟ (+୩.୨୬୬ ରନ୍‌ରେଟ୍) ସହ ଶୀର୍ଷ ସ୍ଥାନରେ ରହି ଫାଇନାଲ୍‌ରେ ପ୍ରବେଶ କରିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ ୯ ୱିକେଟ୍‌ରେ ନେପାଳକୁ ହରାଇଥିଲା। ଦଳ ମୋଟ ୬ପଏଣ୍ଟ ସହ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଥିଲା। ଶୁକ୍ରବାର ଭାରତଠୁ ବ୍ୟାଟିଂ ଆମନ୍ତ୍ରଣ ପାଇ ଶ୍ରୀଲଙ୍କା ୯ ୱିକେଟ୍ ହରାଇ ୯୮ ରନ୍ ସଂଗ୍ରହ କରିଥିଲା। ଅଧିନାୟିକା ମାନୁଦି ନାନାୟକାରା ୩୩ (୧ଚୌକା, ୨ଛକା), ସୁମୁଡୁ ନିଶାନସାଲା ୨୧ରନ୍ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟର ୨ଅଙ୍କ ଛୁଇଁ ପାରିନଥିଲେ। ଭାରତ ପକ୍ଷରୁ ଆୟୁଷି ୪ଟି, ପାରୁଣିକା ସିସୋଦିଆ ୨ଟି ଏବଂ ସବନମ୍ ସକିଲ ଓ ଦ୍ରିତି କେଶରୀ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ୯୯ରନ୍‌ର ବିଜୟ ଲକ୍ଷ୍ୟ ନେଇ ଭାରତ ବ୍ୟାଟିଂ ଆରମ୍ଭ କରି ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୫ରନ୍ ମଧ୍ୟରେ ଦଳ ୨ଟି ୱିକେଟ୍ ହରାଇଥିଲା। ଇଶ୍ୱରୀ ଆୱାସାରେ (୦) ଓ ସାନିକା ଚାଲକେ (୪) ସହଜ ଆଉଟ୍ ହୋଇଥିଲେ। ଅନ୍ୟ ଓପନର ଜ. କମଳିନୀ ଓ ଗଙ୍ଗୋଦି ତ୍ରିଶା ଦୃଢ଼ ବ୍ୟାଟିଂ କରି ସ୍କୋରକୁ ୬୮ରେ ପହଞ୍ଚାଇ ଥିଲେ। ତ୍ରିଶା ୨ଚୌକା ଓ ୩ଛକା ବଳରେ ୩୨ରନ୍ କରି ଆଉଟ୍ ହୋଇଥିଲେ। ପରେ ପରେ କମିଳନୀ ୨୮ (୩ଚୌକା, ୧ଛକା), ନିକି ପ୍ରସାଦ ୩ ଓ ଭାବିକା ଆହିରେ ୭ରନ୍ କରି ପାଭିଲିୟନ ଫେରିଥିଲେ। ମାତ୍ର ମିଥିଳା ବିନୋଦ ଅପରାଜିତ ୧୭ରନ୍ ଯୋଗ କରିବା ଫଳରେ ଭାରତ ୩୧ଟି ବଲ୍ ବାକି ଥାଇ ୬ ୱିକେଟ୍ ବିନିମୟରେ ବିଜୟ ହାସଲ କରିଥିଲା। ଭାରତୀୟ ସ୍ପିନର ଆୟୁଷି ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।



# ଜେଲ୍ ଯିବେ ଉଥାପ୍ପା ! ଜାରି ହେଲା ଗିରଫ ୱାରେଣ୍ଟ

**ନୂଆଦିଲ୍ଲୀ, ୨୧।୧୨:** ଅଡୁଆରେ ଟିମ୍ ଇଣ୍ଡିଆରେ ପୂର୍ବତନ କ୍ରିକେଟର୍ ରବିନ୍ ଉଥାପ୍ପା। ତଙ୍କ ବିରୋଧରେ ଜାରି ହେଲା ଗିରଫ ୱାରେଣ୍ଟ। ପ୍ରୋଭିଡେଣ୍ଟ ଫଣ୍ଡରେ ହେର୍‌ଫେର୍ କରିଥିବା ନେଇ ଏହି ବ୍ୟାଟସ୍ ମ୍ୟାନ୍‌ଙ୍କ ବିରୋଧରେ ଅଭିଯୋଗ ରହିଛି। ପ୍ରକୃତରେ ଉଥାପ୍ପାଙ୍କ ସେଞ୍ଚୁରିଜ୍ ଲାଇଫଷ୍ଟାଇଲ୍ ବ୍ରାଣ୍ଡ ପ୍ରାଇଭେଟ ଲିମିଟେଡ୍ ନାମକ ଏକ କମ୍ପାନୀ ରହିଛି। ଏହି କମ୍ପାନୀ କର୍ମଚାରୀଙ୍କ ବେତନରୁ କଟାଯାଇଥିବା ଟଙ୍କାକୁ ସେମାନଙ୍କ ପିଏଫ ଆକାଉଣ୍ଟରେ ଜମା କରି ନାହିଁ। ଯେଉଁ କାରଣରୁ ପ୍ରାୟ ୨୪ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ରହିଛି। ରବିନ୍ ଉଥାପ୍ପା କର୍ମଚାରୀଙ୍କ ପ୍ରାୟ ୨୪ ଲକ୍ଷ ଟଙ୍କା ହଡ଼ପ କରି ନେଇଥିବା ଅଭିଯୋଗ ହୋଇଛି। ଏହି ଟଙ୍କା ପରିଶୋଧ କରିବାକୁ ଡିସେମ୍ବର ୨୭ ପର୍ଯ୍ୟନ୍ତ ଉଥାପ୍ପାଙ୍କୁ ସମୟ ଦିଆଯାଇଛି। ନଚେତ୍ ତାଙ୍କୁ ଗିରଫଦାରୀର ସମ୍ମୁଖୀନ ହେବାକୁ ପଡିପାରେ। ପିଏଫ୍ ଆଞ୍ଚଳିକ କମିଶନର ଶାଦକ୍ଷରୀ ଗୋପାଳ ରେଡ୍ଡୀ ଏହି ୱାରେଣ୍ଟ ଜାରି କରିଛନ୍ତି। ଏହି ୱାରେଣ୍ଟ ଜରିଆରେ ପୁଲକେଶୀନଗର ପୁଲିସକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପିଏଫ୍ କମିଶନର ଶାଦକ୍ଷରୀ ଗୋପାଳ ରେଡ୍ଡୀ ଡିସେମ୍ବର ୪ ରେ ପୁଲକେଶୀନଗର ପୁଲିସକୁ ଏକ ଚିଠି ଲେଖିଥିଲେ। ଯେଉଁଥିରେ ଉଥାପ୍ପାଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରାଯାଇଥିଲା। କିନ୍ତୁ ଉଥାପ୍ପା ତାଙ୍କ ବାସସ୍ଥାନ ବଦଳାଇଥିବା ଦର୍ଶାଇ ପୁଲିସ ୱାରେଣ୍ଟକୁ ପିଏଫ କାର୍ଯ୍ୟାଳୟକୁ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଏବେ ଅଧିକାରୀମାନେ ତଦନ୍ତ ଆଗକୁ ବଢ଼ାଇବା ପାଇଁ ବର୍ତ୍ତମାନ ଉଥାପ୍ପା କେଉଁଠାରେ ଅଛନ୍ତି ସେ ନେଇ ଅନୁସନ୍ଧାନ ଜାରି ରଖିଛନ୍ତି।

**ବର୍ଡର-ଗାଭାସ୍କର ଟ୍ରଫି**

# ଶେଷ ୨ଟି ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଦଳ ଘୋଷିତ



**ମେଲବର୍ଣ୍ଣ, ୨୧।୧୨:** ବର୍ଡ଼ର-ଗାଭାସ୍କର ଟ୍ରଫିର ଶେଷ ୨ଟି ଟେଷ୍ଟ ପାଇଁ ଘରୋଇ ଅଷ୍ଟ୍ରେଲିଆ ଦଳ ଘୋଷଣା ହୋଇଛି। ଦଳରେ ୨ଟି ପରିବର୍ତ୍ତନ କରାଯାଇଛି। ସଂଘର୍ଷରତ ଯୁବ ଓପନର ନାଥାନ ମ୍ୟାକ୍‌ସ୍ୱିନିଙ୍କ ସ୍ଥାନରେ ସାମ୍ କନ୍‌ଷ୍ଟାସ୍ ଏବଂ ଆହତ ପେସ୍ ବୋଲର ଜୋସ ହାଜେଲଉଡ୍‌ଙ୍କ ସ୍ଥାନରେ ଝେୟ ରିଚାର୍ଡସନ୍‌ଙ୍କୁ ଦଳରେ ସାମିଲ କରାଯାଇଛି। କନ୍‌ଷ୍ଟାସ୍ ମେଲବର୍ଣ୍ଣରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟରେ ପଦାର୍ପଣ କରିବା ସମ୍ଭାବନା ରହିଛି। ସେ ଉସ୍‌ମାନ ଖ୍ୱାଜାଙ୍କ ସହ ଓପନ କରିପାରନ୍ତି। ରିଚାର୍ଡସନ୍ ଦୀର୍ଘ ୩ବର୍ଷ ପରେ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମାତ୍ର ଏକାଦଶରେ ସୁଯୋଗ ପାଇବା ସମ୍ଭାବନା କମ୍। ସ୍କଟ୍ ବୋଲାଣ୍ଡ ତୃତୀୟ ପେସ୍ ବୋଲର ଭାବେ ଖେଳିବା ଏକ ପ୍ରକାର ନିଶ୍ଚିତ। ଅନ୍ୟ ପଟରେ ଜୋସ୍ ଇଂଲିଶ୍ ଓ ବିଉ ୱେବଷ୍ଟର ଦଳରେ ସ୍ଥାନ ବଜାୟ ରଖିଛନ୍ତି। ୧୯ ବର୍ଷୀୟ କନ୍‌ଷ୍ଟାସ୍ ମାତ୍ର ୧୨ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୨ଶତକ, ୩ ଅର୍ଦ୍ଧଶତକ ସହ ମୋଟ ୭୧୮ ରନ୍ କରିଛନ୍ତି। ଗତ ଭାରତ ବିପକ୍ଷ ପିଙ୍କ୍ ବଲ୍ ଅଭ୍ୟାସ ମ୍ୟାଚ୍‌ରେ ସେ ୧୦୭ରନ୍‌ର ଇନିଂସ୍ ଖେଳିଥିଲେ। ଏହାପୂର୍ବରୁ ଭାରତ ଏ' ବିପକ୍ଷ ଅନଫିସିଆଲ୍ ଟେଷ୍ଟରେ ଅପରାଜିତ ୭୩ ରନ୍ କରିଥିଲେ। ଚଳିତ ବର୍ଡର-ଗାଭାସ୍କର ଟ୍ରଫି ୧-୧ରେ ବରାବର ରହିଛି। ଆସନ୍ତା ୨୬ ତାରିଖରୁ ମେଲବର୍ଣ୍ଣରେ ଚତୁର୍ଥ ଟେଷ୍ଟ ଆରମ୍ଭ ହେବ।

**ଅଷ୍ଟ୍ରେଲିଆ ଦଳ:** ପ୍ୟାଟ୍ କମିନ୍ସ (ଅଧିନାୟକ), ସିନ୍ ଆବୋଟ, ସ୍କଟ୍ ବୋଲାଣ୍ଡ, ଆଲେକ୍ସ କ୍ୟାରୀ, ଟ୍ରେଭିସ୍ ହେଡ୍, ଜୋସ୍ ଇଂଲିଶ୍, ଉସମାନ ଖ୍ୱାଜା, ସାମ୍ କନ୍‌ଷ୍ଟାସ୍, ମାର୍ନସ ଲାବୁସାନ, ନାଥାନ ଲାୟନ, ମିଚେଲ ମାର୍ଶ, ଝେୟ ରିଚାର୍ଡସନ୍, ଷ୍ଟିଭେନ୍ ସ୍ମିଥ୍, ମିଚେଲ ଷ୍ଟାର୍କ, ବିଉ ୱେବଷ୍ଟର।

# ଜିମ୍‌ନାଷ୍ଟିକ୍ କେନ୍ଦ୍ରରେ କୌଶଳ ପରୀକ୍ଷା ସମାପନ



**ରାଉରକେଲା,୨୧।୧୨(ସଂଚାର ବ୍ୟୁରୋ):** ରାଉରକେଲା ସହରର ଛେଣ୍ଡ୍ ରେ ଥିବା ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ପରିସରରେ ଥିବା ଜିମ୍ନାଷ୍ଟିକ୍ ସେଣ୍ଟର୍ ରେ ଗତ ପ୍ରାୟ ୯ ମାସ ଧରି ପ୍ରଶିକ୍ଷଣ ନେଉଥିବା ଜିମ୍ନାଷ୍ଟିକ୍ ଖେଳାଳୀଙ୍କ ଲେଭଲ୍ ୧, ୨ ଓ ୩ ର କୌଶଳ ପରୀକ୍ଷା ଆଜି ସମାପନ ହୋଇଛି। ଓଡ଼ିଶା ଜିମ୍‌ନାଷ୍ଟିକ୍ ଏଚ ପି ସି ର ମୁଖ୍ୟ ପ୍ରଶିକ୍ଷକ ଅଶୋକ ମିଶ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ପରୀକ୍ଷାରେ ୪୫ ଜଣ ଖେଳାଳି ବିଭିନ୍ନ ଲେଭେଲ ବା ବର୍ଗର କୌଶଳ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୨୮ ଜଣ ପରବର୍ତ୍ତୀ ବର୍ଗକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏଥିରେ ୧୪ ବର୍ଷ ରୁ କମ , ୧୨ ବର୍ଷ ରୁ କମ ଓ ୧୦ ବର୍ଷ ରୁ କମ ବର୍ଗ ରେ ଫ୍ଲୋର ଏକ୍ସର୍ ସାଇଜ , ପୋମେଲ ହର୍ସ,ଷ୍ଟିଲ ରୀଙ୍ଗସ୍,ଟେବୁଲ୍ ଭୋଲ୍ଟ, ପାରାଲାଲ ବାର , ହୋରିଯୋଣ୍ଟଲ୍ ବାର, ବାଲେନ୍ସ ବିମ୍ , ୟୁନିକନ ବାର ଆଦି କୌଶଳ ପରୀକ୍ଷା ସମାପନ ହୋଇଛି । ଓଡ଼ିଶା ଗସ୍ତ ରେ ଥିବା ବିଶ୍ୱ ଜିମ୍ନାଷ୍ଟିକ୍ ମହାସଂଘ ର ଟେକ୍ନିକାଲ ବିଭାଗ ର ସଭାପତି ଆମେରିକୀୟ ଷ୍ଟିଭ ବୁଚର୍ ଏବଂ ହେଡ୍ କୋଚ୍ ଅଶୋକ ମିଶ୍ର ଏହି କୌଶଳ ପରୀକ୍ଷା କୁ ପରିଚାଳନା କରିଥିଲେ। ଏଥିରେ ରାଜ୍ୟ ଜିମ୍‌ନାଷ୍ଟିକ କେନ୍ଦ୍ରର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ପୂଜାଶ୍ରୀ ବରାଲ ଉପସ୍ଥିତ ଥିଲେ। ରାଉରକେଲା ଜିମ୍‌ନାଷ୍ଟିକ କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷକ ରମେଶ ଚନ୍ଦ୍ର ବେହେରା, ଅନ୍ୟତମ ପ୍ରଶିକ୍ଷକ ସାୟନ ଦାସଙ୍କ ସମେତ ସହଯୋଗୀ ପ୍ରଶିକ୍ଷିକା ପ୍ରମୁଖଙ୍କ ସମେତ ସୁନ୍ଦରଗଡ ଜିଲ୍ଲା ଜିମ୍ନାଷ୍ଟିକ୍ ସଙ୍ଘର କର୍ମକର୍ତ୍ତା ଓ ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ। ଉଦଯାପନୀ ଦିବସ ର ଅତିଥି ରୂପେ ପୂର୍ବତନ ପୁଲିସ ଅଧିକାରୀ ପ୍ରଶାନ୍ତ ମହାପାତ୍ର ଓ ରାଜ୍ୟ ଜି ଏସ ଟି ଯୁଗ୍ମ ଅଯୁକ୍ତ ସୁଶାନ୍ତ କୁମାର ସାହୁ ଉପସ୍ଥିତ ରହି କୁନି ଜିମ୍ନଷ୍ଟ ମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

# କୋହଲିଙ୍କ ନୂଆ 'ହେୟାର ଷ୍ଟାଇଲ'



**ନୂଆଦିଲ୍ଲୀ,୨୧।୧୨:** ବର୍ଡର-ଗାଭାସ୍କର ଟ୍ରଫିର ଗତ ଦୁଇଟି ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିବା ପରେ ଭେଟେରାନ ବିରାଟ କୋହଲି ସାଥି ଖେଳାଳିଙ୍କ ସହ ଗତକାଲି ମେଲବର୍ଣ୍ଣରେ ପହଞ୍ଚିଥିଲେ। ମେଲବର୍ଣ୍ଣ ବିମାନବନ୍ଦରରେ ଜଣେ ସାମ୍ବାଦିକାଙ୍କ ଫଟୋ ଉତ୍ତୋଳନକୁ ନେଇ ସେ ଉତ୍କ୍ଷିପ୍ତ ହୋଇଯାଇଥିଲେ। ତାଙ୍କର ନୂଆ 'ହେୟାର ଷ୍ଟାଇଲ' ସୋସିଆଲ ମିଡିଆରେ ଖୁବ ଭାଇରାଲ ହୋଇଛି। ପ୍ରଶଂସକ ଏହାକୁ ପସନ୍ଦ କରୁଛନ୍ତି। ଚତୁର୍ଥ ଟେଷ୍ଟ ପୂର୍ବରୁ କୋହଲି ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରୁଛନ୍ତି। ନୂଆ ଲୁକ୍ ଏବଂ ନୂଆ ରଣନୀତି ସହ ମେଲବର୍ଣ୍ଣ ମଇଦାନରେ ଅବତୀର୍ଣ୍ଣ ହୋଇ ନିଜ ସମାଲୋଚକଙ୍କୁ ବଡ଼ ଇନିଂସ ଖେଳି ଜବାବ ଦେବାକୁ ଚାହାନ୍ତି। ଏ ପର୍ଯ୍ୟନ୍ତ ବର୍ଡର-ଗାଭାସ୍କର ସିରିଜ ୧-୧ରେ ବରାବର ରହିଛି। ଆଉ ୨ଟି ମ୍ୟାଚ୍ ଖେଳାଯିବାକୁ ବାକି ଅଛି। ତୃତୀୟ ଟେଷ୍ଟରେ କୋହଲି ୩ ରନ୍ ଏବଂ ଦ୍ୱିତୀୟ ଟେଷ୍ଟରେ ୭ ଓ ୧୧ ରନ୍ କରିଥିଲେ। ସେହିପରି ପ୍ରଥମ ଟେଷ୍ଟରେ ୫ ଏବଂ ୧୦୦ ରନ୍ କରି ଅପରାଜିତ ରହିଥିଲେ।

# ଅଶ୍ୱିନୀ-ଅନୀଲଙ୍କ ଅବସରର ଅଜବ ସଂଯୋଗ



**ନୂଆଦିଲ୍ଲୀ,୨୧।୧୨:** ମହାନ କ୍ରିକେଟର ତଥା ଭାଷ୍ୟକାର ସୁନୀଲ ଗାଭାସ୍କର ଏକଦା କହିଥିଲେ ଏମିତି ସମୟରେ ଅବସର ଗ୍ରହଣ କରିବା ଉଚିତ୍ ଯେମିତି ସମସ୍ତେ ପଚାରିବେ 'ଏବେ କାହିଁକି'। ଭାରତକୁ ଏକାଧିକ ବିଜୟ ମୁକୁଟ ପିନ୍ଧାଇଥିବା ରବିଚନ୍ଦ୍ରନ ଅଶ୍ୱିନୀ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସ୍ପିନ ଯାଦୁଗରଙ୍କ ଯୁଗ ଶେଷ ହୋଇଛି। ବର୍ଡର ଗାଭାସ୍କର ଟ୍ରଫି ଟେଷ୍ଟ ଚାଲିଥିବା ସମୟରେ ଅଶ୍ୱିନୀ ଅବସର ଘୋଷଣା କରିଥିଲେ। ଅସବର ଘୋଷଣାକୁ ୨ ଦିନ ବିତି ଗଲାଣି ତଥାପି ଚର୍ଚ୍ଚା ଲାଗି ରହିଛି। ତେବେ ଜାଣିଛନ୍ତି ଅଶ୍ୱିନୀଙ୍କ ଅବସର ଘୋଷଣାର ସମୟ ସହ ପୂର୍ବତନ କ୍ରିକେଟର ଅନୀଲ କୁମ୍ବଲେଙ୍କ ଅବସର ସହ ମେଳ ଖାଉଛି। ଦୁଇ କ୍ରିକେଟରଙ୍କ ଅବସରର ଅଜବ ସଂଯୋଗ ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଉଭୟଙ୍କ ଅବସର- ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ ୨୦୨୪-୨୫ ଜାରି ରହିଛି। ୩ଟି ଟେଷ୍ଟ ମ୍ୟାଚ ଖେଳା ସରିଛି। ବାକି ଦୁଇଟି ମ୍ୟାଚ ବାକି ରହିଛି। ତୃତୀୟ ଟେଷ୍ଟ ଗାବାରେ ଖେଳା ଯାଇଥିଲା। ଏହି ସମୟରେ ଅଚାନକ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ ସ୍ପିନ୍ ଯାଦୁଗର ଆର ଅଶ୍ୱିନୀ। ଏହି ସମୟ ଠିକ୍ ଅନୀଲ କୁମ୍ବଲେଙ୍କ ଅବସର ସମୟ ସହ ମ୍ୟାଚ କରୁଛି। ଅନୀଲ କୁମ୍ବଲେ ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ ଖେଳୁଥିବା ସମୟରେ ଅବସର ଘୋଷଣା କରିଥିଲେ। ସେ ୨୦୦୮ରେ ଟେଷ୍ଟ ମ୍ୟାଚ ଖେଳିବା ପରେ ସନ୍ୟାସ ନେଇଥିଲେ। ଉଭୟ ସେମାନଙ୍କ ଶେଷ ମ୍ୟାଚ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଦୁହିଁଙ୍କ ନାମରେ ୫୦୦ୱିକେଟ- ଅଶ୍ୱିନୀ ୧୦୬ ଟେଷ୍ଟ ମ୍ୟାଚ ଖେଳି ୫୩୭ ୱିକେଟ ନେଇ ଅବସର ଘୋଷଣା କରିଥିଲେ। ସେହିପରି ଅନୀଲ କୁମ୍ବଲେ ଭାରତର ସର୍ବାଧିକ ୱିକେଟ ହାସଲକାରୀ ଖେଳାଳି ସହ ୧୩୨ ଟେଷ୍ଟ ଖେଳି ୬୧୯ଟି ୱିକେଟ ନେଇଛନ୍ତି। **ମିଚେଲ କନେକ୍ସନ:** ଅଶ୍ୱିନୀ ଓ ଅନୀଲ କୁମ୍ବଲେ ବର୍ଡର-ଗାଭାସ୍କର ଟ୍ରଫି ଟୁର୍ଣ୍ଣାମେଣ୍ଟର ତୃତୀୟ ଟେଷ୍ଟ ମ୍ୟାଚ ପରେ ଅବସର ନେଇଛନ୍ତି।

**ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ**

## ଭିଡିଓ ରେକର୍ଡିଂ...

ନିୟମରେ ଉଲ୍ଲେଖ କରାଯାଇଥିବା ନଥି ସର୍ବସାଧାରଣ ଯାଞ୍ଚ ପାଇଁ ଉପଲବ୍ଧ ହେବ। ଅନ୍ୟ କୌଣସି ଦସ୍ତାବିଜ ଯାହା ନିୟମ ଉଲ୍ଲେଖ ନାହିଁ, ସେଗୁଡ଼ିକ ସର୍ବସାଧାରଣ ଯାଞ୍ଚ ପାଇଁ ଉପଲବ୍ଧ ହେବନାହିଁ।"ନାମାଙ୍କନପତ୍ର ଫର୍ମ, ପୋଲ ଏଜେଣ୍ଟଙ୍କ ନିଯୁକ୍ତି, ଫଳାଫଳ ଓ ନିର୍ବାଚନ ଆକାଉଣ୍ଟ ଷ୍ଟେଟମେଣ୍ଟ ଭଳି ଦସ୍ତାବିଜ ଗୁଡ଼ିକ ସର୍ବସାଧାରଣ ଯାଞ୍ଚ ପାଇଁ ଉପଲବ୍ଧ ହେବ। ଇଲେକ୍ଟ୍ରୋନିକ୍ ଡକ୍ୟୁମେଣ୍ଟଗୁଡ଼ିକ ସର୍ବସାଧାରଣ ଯାଞ୍ଚ ନିୟମ ବାହାରେ ରହିବ। ନିର୍ବାଚନ ଅଧିକାରୀମାନେ ଆଶଙ୍କା କରିଛନ୍ତି ଯେ ବୁଥ ଭିତରେ ଥିବା ସିସିଟିଭି କ୍ୟାମେରାର ଫୁଟେଜକୁ ସାର୍ବଜନୀନ ପାଇଁ ଅନୁମତି ଦେବା ଦ୍ୱାରା ଭୋଟରଙ୍କ ଗୋପନୀୟତାର ଅପବ୍ୟବହାର ହେବ। ଏଥିରେ ବୁଝାମଣା ହୋଇପାରେ। ସେମାନଙ୍କ କହିବା କଥା ଯେ ଫୁଟେଜ୍ ସମେତ ଅନ୍ୟାନ୍ୟ ଦସ୍ତାବିଜ ପ୍ରାର୍ଥୀଙ୍କ ପାଇଁ ଉପଲବ୍ଧ ହେବ। ସଂଶୋଧନ ପରେ ମଧ୍ୟ ଏହା ସେମାନେ ପାଇପାରିବେ। କିନ୍ତୁ ଅନ୍ୟମାନେ ଇଲେକ୍ଟ୍ରୋନିକ୍ ରେକର୍ଡ ପାଇବା ପାଇଁ କୋର୍ଟଙ୍କ ନିକଟକୁ ଯାଇପାରିବେ। ନିକଟରେ ଆଇନଜୀବୀ ମହମ୍ମଦ ପ୍ରଚା ହରିୟାଣା ବିଧାନସଭା ନିର୍ବାଚନ ସମୟରେ ଗୋଟିଏ ମତଦାନ କେନ୍ଦ୍ରରେ ଭୋଟିଂ ସହ ଜଡ଼ିତ ଭିଡିଓଗ୍ରାଫି, ସିସିଟିଭି କ୍ୟାମେରା ଫୁଟେଜ ଓ ଦସ୍ତାବିଜର କପି ମାଗିଥିଲେ। ତାଙ୍କ ଆବେଦନକୁ ଦୃଷ୍ଟିରେ ରଖି ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଆବଶ୍ୟକ ଡକ୍ୟୁମେଣ୍ଟଗୁଡ଼ିକର କପି ଦେବାକୁ ପୋଲ ପ୍ୟାନେଲକୁ ନିର୍ଦ୍ଦେଶ ଦେଇଥିଲେ।

## ଭଦ୍ରକକୁ ...

ସମ୍ପୂର୍ଣ୍ଣ ଅଙ୍କିତ ସୂତା (ଏଡିୱାଇ), ପଲିଷ୍ଟର୍ ଚିପ୍ସ ଏବଂ ଆନୁସଙ୍ଗିକ ସୁବିଧା ଅନ୍ତର୍ଭୁକ୍ତ ରହିଛି। ଧାମନଗର ଛକଠାରେ ପ୍ରସ୍ତାବିତ ଟେକ୍ସଟାଇଲ ପାର୍କ ନିର୍ମାଣ ନିମନ୍ତେ ପୂର୍ବରୁ ଜମି ଅଧିଗ୍ରହଣ ହୋଇସାରିଥିଲା। କିନ୍ତୁ କାମ ଆରମ୍ଭ ହୋଇପାରୁ ନ ଥିଲା। ପ୍ରଥମେ ଏହି ସ୍ଥାନରେ ଧରଣୀ ସୁଗାର ଚିନିକଳ ନିର୍ମାଣ ପାଇଁ ୧୯୯୫ରେ ଧାମନଗର ଛକ ଜାତୀୟ ରାଜପଥ ପାର୍ଶ୍ୱରେ ୨୩୫ ଏକରରୁ ଅଧିକ ଜମି ଅଧିଗ୍ରହଣ ହୋଇଥିଲା। ଯାହା ଏବେ ଇଡ୍‌କୋ ଅଧୀନରେ ଅଛି। କିନ୍ତୁ ଚିନିକଳ ବସିଲା ନାହିଁ। ଅଧିକୃତ ହୋଇଥିବା ଜମିରେ ରାଜ୍ୟ ସରକାର ଫୁଡ୍ ପାର୍କ କରିବାକୁ କହିଥିବା ବେଳେ କେନ୍ଦ୍ର ସରକାର ଟେକ୍ସଟାଇଲ୍ ପାର୍କ ନିର୍ମାଣ ପାଇଁ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନେଇଥିଲେ। ଅଧୀକୃତ ଜମି ମଧ୍ୟରୁ ଟେକ୍ସଟାଇଲ୍ ପାର୍କ ପାଇଁ ୫୬ ଏକର ଜମି ଇଡ୍‌କୋ ପ୍ରଦାନ କରିଛି। ଏଠାରେ ପ୍ରାୟ ୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ଭଦ୍ରକ ଜିଲ୍ଲା ଶିଳ୍ପ ସମୃଦ୍ଧ ହୋଇପାରିବ। ପାର୍କ ନିର୍ମାଣ ସ୍ଥଳରେ ପାଚେରି ନିର୍ମାଣ ଶେଷ ହୋଇଥିବା ବେଳେ ରାସ୍ତା କାମ ମଧ୍ୟ କିଛି ପରିମାଣରେ ଶେଷ ହୋଇଛି। ଆଇଓସିଏଲ୍ ଅର୍ଥ ମଞ୍ଜୁର କରିବା ପରେ ଖୁବ୍‌ଶୀଘ୍ର ଟେକ୍ସଟାଇଲ୍ ପାର୍କ କାମ ଆରମ୍ଭ ହେବ ବୋଲି କୁହାଯାଉଛି। ଏହି ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ସହିତ ଅନେକ ଆନୁସଙ୍ଗିକ କଳକାରଖାନା ମଧ୍ୟ ପ୍ରତିଷ୍ଠା ହୋଇପାରିବ। ଯାହାଫଳରେ ଅନେକ ଶିକ୍ଷିତ କୁଶଳୀ ଏବଂ ଅର୍ଦ୍ଧକୁଶଳୀ ଯୁବକ ଯୁବତୀଙ୍କ ପାଇ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଭଦ୍ରକରେ ଏକ ବୟନ ପାର୍କ ସ୍ଥାପନ କରାଯିବା ସମ୍ପର୍କରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପୂର୍ବରୁ ସୂଚନା ଦେଇଥିଲେ। ସେହି ପ୍ରକଳ୍ପକୁ ସହଯୋଗ କରିବା ଲାଗି ପାରାଦୀପରେ ଏକ ମେଗା ପିଡ୍ କ୍ରାକର୍ ୟୁନିଟ୍ ସ୍ଥାପନ କରାଯିବ। ସେଥିରୁ ଯେଉଁ ଉତ୍ପାଦ ବାହାରିବ ତାହାକୁ ଭଦ୍ରକ ବୟନ ପାର୍କରେ କଞ୍ଚାମାଲ ଭାବେ ବ୍ୟବହାର କରାଯିବ।

## ସୁଭଦ୍ରା...

ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ପ୍ରଦାନ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଏବେ ଯୋଗ୍ୟ ହିତାଧିକାରୀଙ୍କ ଯାଞ୍ଚ କରାଯାଉଛି। ଯାଞ୍ଚ ସରିଲେ ଆସନ୍ତା ୩୦ରେ ଟଙ୍କା ଦେବାକୁ ଟାର୍ଗେଟ ରଖାଯାଇଛି। ଯଦି ଏହା ନ ସରେ ତେବେ ଜାନୁଆରୀରେ ସୁଭଦ୍ରା ଟଙ୍କା ଦିଆଯିବ। ରାଜ୍ୟ ସରକାର ଏପର୍ଯ୍ୟନ୍ତ ୩ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ଦେଇ ସାରିଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ପ୍ରାୟ ୨୦ ଲକ୍ଷ ମହିଳାଙ୍କୁ ଟଙ୍କା ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବାରୁ ଏହି ପର୍ଯ୍ୟାୟ ଟଙ୍କା ବିଳମ୍ବରେ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସୁଭଦ୍ରାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ପୋର୍ଟାଲରେ ଯାଇ ନିଜର ଅଭିଯୋଗ ଦାୟର କରିପାରିବେ। ଏହାବ୍ୟତୀତ ଏହି ଯୋଜନା ପାଇଁ ବ୍ଲକରେ ତିଆରି ହୋଇଥିବା କମିଟି ନିକଟରେ ମଧ୍ୟ ଅଭିଯୋଗ ଦେଇପାରିବେ। ଏହାପରେ ରାଜସ୍ୱ ବିଭାଗର କର୍ମଚାରୀମାନେ ଗାଁକୁ ଯାଇ ତଦାରଖ କରିବା ପରେ ଦେଇଥିବା ରିପୋର୍ଟ ଅନୁସାରେ, ଚତୁର୍ଥ ପର୍ଯ୍ୟାୟରେ ହିତାଧିକାରୀମାନଙ୍କୁ ସାମିଲ କରାଯିବ। ରିଜେକ୍ଟ ଲିଷ୍ଟ ଯାଞ୍ଚ ସମୟରେ ଆଧାର ଭେରିଫିକେସନ କରାଇନେବାକୁ ସେ ହିତାଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି।ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଯଦି ବାୟୋମେଟ୍ରିକରେ ଇ-କେୱାଇସି ଶେଷ ବୋଲି ଦେଖାଉଛି, ତେବେ ହିତାଧିକାରୀ ଅଚିନ୍ତା ରୁହନ୍ତୁ। ଓଟିପି ଜରିଆରେ ଇ-କେୱାଇସି କରିଥିଲେ ମଧ୍ୟ ବାୟୋମେଟ୍ରିକ କରନ୍ତୁ। ଇ-କେୱାଇସି ଅପଡେଟ ନଥିବାରୁ ୫ ଲକ୍ଷ ୧୧ ହଜାର ଆବେଦନ ପଡ଼ି ରହିଛି। ମଣ୍ଡିରେ ୫ ଏକର ଜମି ଥିବା ଦର୍ଶାଇଥିଲେ ରିଜେକ୍ଟ ଲିଷ୍ଟରେ ନାଁ ଆସିବ।

## ଇଣ୍ଟେଲିଜେଣ୍ଟ...

ନବୀନଙ୍କ ଭଉଣୀ ଗୀତା ମେହେଟା ପାଣ୍ଡିଆନଙ୍କ କିଛି କାର୍ଯ୍ୟକୁ ନେଇ ସନ୍ଦେହ କରୁଥିଲେ। ତେଣୁ ଯେତେବେଳେ ସେ ତାଙ୍କ ଶେଷ ସମୟରେ ହସ୍ପିଟାଲରେ ଥିଲେ, ତାଙ୍କୁ ଭେଟିବାକୁ ଯାଇଥିବା କିଛି ବ୍ୟକ୍ତିଙ୍କୁ ସେ ପଚାଇଥିଲେ "ପାଣ୍ଡିଆନ ଆଉ ନବୀନକୁ ମିସ୍-ଗାଇଡ କରୁନାହାଁନ୍ତି ତ"। କିନ୍ତୁ ସତ ଜାଣିବା ପୂର୍ବରୁ ସେ ଚାଲିଯାଇଥିଲେ। କ୍ଷମତାର କେନ୍ଦ୍ର ସ୍ଥଳରେ ରହିବାକୁ ଏତେମାତ୍ରାରେ ଲାଳାୟିତ ହୋଇପଡିଥିଲେ ଯେ, ସେ ସରକାରୀ ଚାକିରି ଛାଡି ରାଜନୀତିରେ ଯୋଗଦେଲେ। ଆଉ ଯେଉଁ ଦିନ ସେ ବିଜେଡିରେ ଯୋଗ ଦେଲେ ସେଦିନ ସେ ନବୀନଙ୍କ ପାଦ ଧରି ନମସ୍କାର କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ନବୀନ ରାଜନୀତିରେ ଆଉ କାହାର ପରାମର୍ଶ ଗ୍ରହଣ କରିବା ସ୍ଥିତିରେ ନଥିଲେ। ୨୦୧୯ରେ ବିଜେଡିର ୱାର ରୁମ ଦାୟିତ୍ୱରେ ଥିବା ପାଣ୍ଡିଆନ ୨୦୨୪ରେ ନିଜେ ନିର୍ବାଚନ ମୈଦାନକୁ ଡେଇଁପଡିଥିଲେ। ନେତା ଓ ସାଧାରଣ ଲୋକଙ୍କର ତାଙ୍କ ପ୍ରତିଥିବା ଆକ୍ରୋଶକୁ ସେ ନା ବାରି ପାରୁଥିଲେ ନା ଯିଏ କହିବାକୁ ଚେଷ୍ଟା କରୁଥିଲେ ତାକୁ ସେ ସହ୍ୟ କରିପାରୁଥିଲେ। ନିଜର ରାଜନୈତିକ ସ୍ୱାର୍ଥ ପାଇଁ ସେ ନିଜ ଗୁରୁ ନବୀନ ପଟ୍ଟନାୟକଙ୍କୁ ଧୂଳି ଚଟେଇଦେଲେ। ସେହିଭଳି ଏହି ପୁସ୍ତକୁ ନେଇ ସମ୍ବାଦର ସମ୍ପାଦକ ସୌମ୍ୟ ରଂଜନ ପଟ୍ଟନାୟକ କହିଛନ୍ତି ଅଦ୍ଭୁତ ପ୍ରେମକାହାଣୀର ନାୟକ ନବୀନ ପଟ୍ଟନାୟକ । କିନ୍ତୁ ଓଡ଼ିଆଙ୍କ ପାଇଁ ତାଙ୍କର ଘୃଣା କାହିଁକି? ନବୀନ ବାବୁ ଓଡ଼ିଆଙ୍କୁ ଭଲ ପାଉଥିଲେ ନା ଓଡ଼ିଆ କେବଳ ନବୀନଙ୍କୁ ଭଲ ପାଉଥିଲେ? ଜଣେ ତେଲେଙ୍ଗା ଯୁବକ ଓଡ଼ିଆ ଝିଅକୁ ପ୍ରେମ କଲେ ପରସ୍ପର ଭାଷା ଶିଖୁଛନ୍ତି, ଖାଦ୍ୟକୁ ଆପଣେଇ ନେଉଛନ୍ତି କିନ୍ତୁ ନବୀନ ବାବୁ ସେତକ ଶିଖି ପାରିଲେ ନାହିଁ । ଓଡ଼ିଆ ଲୋକ ସେମାନଙ୍କୁ ଏତେ ଦେଲେ ଅଥଚ ନବୀନ ବାବୁ ତାଙ୍କ ଭାଷା ଶିଖି ପାରିଲେ ନାହିଁ କେମିତି? ନବୀନ ବାବୁ ଓଡିଶାକୁ କେତେ ଭଲ ପାଇଥିଲେ ତାହା ପ୍ରଶ୍ନ ଉଠିବା ସ୍ୱାଭାବିକ । ମୋ ନେତା ଜଣେ ଜୋକର କି? ତାଙ୍କର ଅନେକ ଭଲ ଗୁଣ ଅଛି କିନ୍ତୁ ମୋ ନେତା ମୋ ଭାଷା ନଜାଣି କେମିତି ମୋତେ ଶାସନ କରିବେ ତେଣୁ ମୁଁ ମଧ୍ୟ ସେହି ଦଳରେ ଥିଲି ତେଣୁ ନିଜକୁ ଲଜ୍ଜିତ ଅନୁଭବ କରିବା ସହ ଧିକ୍କାର କରୁଛି ବୋଲି ସେ କହିଛନ୍ତି । ନବୀନ ପଟ୍ଟନାୟକ ଓଡ଼ିଆ କହିପାରୁନାହାନ୍ତି । ନବୀନଙ୍କୁ ଓଡ଼ିଆ ଶିଖାଇବା ପାଇଁ ଜଣେ ଓଡ଼ିଆ ଶିକ୍ଷକ ରାଜ କିଶୋର ମିଶ୍ର ଯାଉଥିଲେ । କିନ୍ତୁ ନବୀନ ଓଡ଼ିଆ ଶିଖୁ ନଥିଲେ । ତାହେଲେ ରାଜ କିଶୋର ମିଶ୍ର ଯାଉଥିଲେ କାହିଁକି ? ବର୍ଷେ କାଳ ସେ ନବୀନ ନିବାସ ଯାଉଥିଲେ ଓ ବସୁଥିଲେ । ଏହାର ଦୁଇଟି କାରଣ ଅଛି । ପୂର୍ବରୁ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ନବୀନଙ୍କୁ ପଚାରିଥିଲେ, ଆପଣ କାହିଁକି ନିଜ ମାତୃଭାଷା ଶିଖୁ ନାହାନ୍ତି । ନବୀନ କହିଥିଲେ, ମୋ ମାତୃଭାଷା ଓଡ଼ିଆ କେବେ ହେଲା ? ଜ୍ଞାନ ପଟ୍ଟନାୟକ ପଞ୍ଜାବୀ ଥିଲେ । ତେଣୁ ମୋ ମାତୃଭାଷା ଓଡ଼ିଆ ନୁହେଁ ବୋଲି କହିଥିଲେ ନବୀନ । ନବୀନ ଜ୍ୟୋତିଷଙ୍କୁ ମଝିରେ ମଝିରେ ନିଜର ହାତ ବି ଦେଖାଉଥିଲେ । ସେହିଭଳି ନବୀନ ପଟ୍ଟନାୟକ ଓ ବୈଜୟନ୍ତ ପଣ୍ଡାଙ୍କ ମଧ୍ୟରେ ବିବାଦ କେମିତି ହୋଇଥିଲା ସେ ସମ୍ପର୍କରେ ମଧ୍ୟ ରୁବେନ ତାଙ୍କ ବହିରେ ଲେଖିଛନ୍ତି । ସେମାନେ ଭଲ ସାଙ୍ଗ ଥିଲେ । ବୈଜୟନ୍ତ ପଣ୍ଡାଙ୍କ ଉପରେ ନବୀନ ପଟ୍ଟନାୟକଙ୍କର ସନ୍ଦେହ ହେଲା । ନବୀନ ପଟ୍ଟନାୟକଙ୍କୁ ଯେଉଁମାନେ ଘେରି ରହୁଥିଲେ, ସେମାନେ ବୈଜୟନ୍ତ ପଣ୍ଡାଙ୍କ ବିରୁଦ୍ଧରେ ନବୀନଙ୍କ କାନରେ ବିଷ ଭରୁଥିଲେ। ନବୀନଙ୍କୁ ତାଙ୍କ ପାଖ ଲୋକମାନେ କହିଥିଲେ, ଯେ ଆଉ ଜଣେ ବିଜୁ ପଟ୍ଟନାୟକ ହୋଇଯିବେ । ବୈଜୟନ୍ତ ଡେଙ୍ଗା, ବିଜୁ ବାବୁ ଡେଙ୍ଗା, ବୈଜୟନ୍ତ ପାଇଲଟ, ବିଜୁ ବାବୁ ହି ପାଇଲଟ, ବିଜୁ ବାବୁଙ୍କ ସ୍ତ୍ରୀ ପଞ୍ଜାବୀ, ବୈଜୟନ୍ତ ପଣ୍ଡାଙ୍କ ସ୍ତ୍ରୀ ପଞ୍ଜାବୀ । ଏମିତି ଅନେକ କିଛି ନବୀନ ବାବୁଙ୍କ କାନରେ ତାଙ୍କ ପାଖ ଲୋକ ମାନେ କହିଥିଲେ । ଏ ସବୁ ବିଷୟ ବହିରେ ଉଲ୍ଲେଖ କରାଯାଇଛି।

## ସଶକ୍ତ...

କୃଷି ଆମ ଅର୍ଥନୀତିର ସବୁଠାରୁ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଚୌଧୁରୀ ଚରଣ ସିଂହ ଚାଷୀଙ୍କ ଆର୍ଥିକ ସ୍ୱାଧୀନତା ଏବଂ ଆତ୍ମନିର୍ଭର ସଂସ୍କାରରେ ମୂଳଦୁଆ ସ୍ଥାପନ କରିବାର ବଟବୃକ୍ଷ ଥିଲେ। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବରେ ସେ ଭୂମି ସଂସ୍କାରରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ହିନ୍ଦୀ ଭାଷାକୁ ପ୍ରାଥମିକତା ଦେଇଥିଲେ, ଯାହା ତାଙ୍କର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ପ୍ରତିଫଳନ। ଆମ ସରକାର ରାଷ୍ଟ୍ରୀୟ ଶିକ୍ଷା ନୀତି ଅଧୀନରେ ଭାରତୀୟ ଭାଷାରେ ଶିକ୍ଷା କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।ଏହି ଅବସରରେ ଶ୍ରୀ ପ୍ରଧାନ କୃଷି, ସାମାଜିକ କଲ୍ୟାଣ ଏବଂ ପତ୍ରକାରିତା କ୍ଷେତ୍ରରେ ଉତ୍କୃଷ୍ଟ ଯୋଗଦାନ ଦେଇଥିବା ଗଣମାନ୍ୟ ବ୍ୟକ୍ତିବିଶେଷଙ୍କୁ ଚୌଧୁରୀ ଚରଣ ସିଂହ ପୁରସ୍କାରରେ ସମ୍ମାନିତ କରିଥିଲେ। ଚୌଧୁରୀ ଚରଣ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ପରମ୍ପରାକୁ ଆଗକୁ ବଢ଼ାଇବା ପାଇଁ କିଷାନ ଟ୍ରଷ୍ଟ ସମେତ ସମସ୍ତ ପୁରସ୍କାର ବିଜେତାଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରବାସୀ...

ରାଷ୍ଟ୍ରୀୟ ଉତ୍ସବର ମାସ ହେବାକୁ ଯାଉଛି । ୮ ରୁ ୧୦ ଜାନୁଆରୀ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ହେବ। ମୁଁ ଆପଣ ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ କରୁଛି। ଏହି ଯାତ୍ରାରେ ଆପଣ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ମଧ୍ୟ ନେଇପାରିବେ ବୋଲି କହିଛନ୍ତି ମୋଦି। ଏହା ସହିତ ପ୍ରୟାଗରାଜରେ ମହାକୁମ୍ଭ ଓ ଗଣତନ୍ତ୍ର ଦିବସ ସମାରୋହରେ ସାମିଲ ହେବାକୁ ମଧ୍ୟ ସେ ପ୍ରବାସୀ ଭାରତୀୟଙ୍କୁ ଅପିଲ୍ କରିଛନ୍ତି। କୁଏତୀ ବନ୍ଧୁଙ୍କୁ ସାଥିରେ ନେଇ ଭାରତ ବୁଲାଇବାକୁ ମଧ୍ୟ କହିଛନ୍ତି ମୋଦି। କୁଏତର ଆମିର ଶେଖ ମେଶାଲ ଅଲ ଶବାଙ୍କ ନିମନ୍ତ୍ରଣରେ ସେଠାକୁ ଦୁଇ ଦିନିଆ ଗସ୍ତରେ ଯାଇଛନ୍ତି ମୋଦି। କୁଏତ ସିଟିରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଭିତରେ ପ୍ରଧାନମନ୍ତ୍ରୀଙ୍କୁ ହୋଟେଲରେ ଜୋରଦାର ସ୍ୱାଗତ କରାଯାଇଥିଲା। ଏହାପରେ ଶେଖ ସାଦ ଅଲ ବଦୁଲ୍ଲା ଇନଡୋର ସ୍ପୋର୍ଟସ କମ୍ପ୍ଲେକ୍ସରେ ସେ ହାଲା ମୋଦି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବିଜେପିକୁ ...

ଯେଉଁ ଆଶା କରିଥିଲେ ସେମାନଙ୍କର ଧୈର୍ଯ୍ୟ ବନ୍ଧ ଭାଙ୍ଗିବାରେ ଲାଗିଛି। ଅନେକ ଅସନ୍ତୋଷକୁ ନିଜ ଭିତରେ ଚାପ ରଖୁଥିବାବେଳେ ଦିଲ୍ଲୀପଙ୍କ ଭଳି ନେତାମାନେ ତାହାକୁ ବାହାରକୁ ଆଣିଛନ୍ତି । ଉଲ୍ଲେଖନୀୟ ଯେ ନୂଆ ସରକାର ଗଠନପରେ ସାଧାରଣତଃ ବିଭିନ୍ନ ନିଗମ, ସରକାରୀ ସଂସ୍ଥା, ଆୟୋଗ ଆଦିରେ ରାଜନୈତିକ ନିଯୁକ୍ତି ହୋଇଥାଏ । ଜୁନ୍ ମାସରେ ନୂଆ ସରକାର ଦାୟିତ୍ୱ ନେବାପରେ ପୁରୁଣା ସରକାର ସମୟରେ ଥିବା ରାଜନୈତିକ ବ୍ୟକ୍ତିମାନେ ଇସ୍ତଫା ଦେଇଦେଇଛନ୍ତି । ମାତ୍ର ନୂଆ ସରକାର ବର୍ତ୍ତମାନ ସୁଦ୍ଧା ଏଥିରେ ନିଯୁକ୍ତି ଦେଉନଥିବାରୁ ତାହା ଖାଲି ପଡିଛି । ବର୍ତ୍ତମାନ ରାଜ୍ୟ ଯୋଜନା କମିଶନ ଅଧ୍ୟକ୍ଷ, ସଦସ୍ୟ ପଦବୀ ସମେତ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦବୀ, ବିଭିନ୍ନ ସରକାରୀ ନିଗମ, ମହିଳା କମିଶନ ପଦବୀ, ଓଡିଶା ବିଦ୍ୟୁତ୍ ନିୟାମକ ଅଧ୍ୟକ୍ଷ ପଦବୀ ଆଦିରେ ନିଯୁକ୍ତି ହୋଇନାହିଁ । ଏହିସବୁ ପଦବୀ ପାଇଁ ଆଶାୟୀଙ୍କ ତାଲିକା ଲମ୍ବୁଥିବାବେଳେ ଦିଲ୍ଲୀପଙ୍କ ଭଳି ପୁରୁଖା ନେତାଙ୍କ ତେରେଛା ବାଣ ଏବେ ଦଳୀୟ ନେତୃତ୍ୱ ପ୍ରତି ଚେତାବନୀ ବୋଲି କୁହାଯାଉଛି।

## ଦେଶରେ...

ଖବର ମାଧ୍ୟ ସାମ୍ନାକୁ ଆସିଛି । ଭାରତର ଜଙ୍ଗଲ ସ୍ଥିତି ରିପୋର୍ଟ ଅନୁଯାୟୀ, ଭାରତରେ ମୋଟ ଜଙ୍ଗଲ ଏବଂ ବୃକ୍ଷଲତା ଥିବା ଜମି ପରିମାଣ ବୃଦ୍ଧି ପାଇଛି। ୨୦୨୧ ପରେ ଜଙ୍ଗଲ ଜମି ପରିମାଣ ୧,୪୪୫ ବର୍ଗ କିଲୋମିଟର ବଢ଼ିଥିବା ଏହି ସଦ୍ୟ ତଥ୍ୟରୁ ଜଣାପଡ଼ିଛି । ତେବେ ମୋଟାମୋଟି ଭାବେ କହିବାକୁ ଗଲେ ୨୦୨୩ରେ ମୋଟ ଭୌଗୋଳିକ ଅଞ୍ଚଳର ୨୫.୧୭ ପ୍ରତିଶତକୁ ବୃଦ୍ଧି ପାଇଛି ।୨୦୨୩ରେ ଦେଶର ମୋଟ ଜଙ୍ଗଲ ପରିମାଣ ୭ ଲକ୍ଷ ୧୫, ହଜାର ୩୪୩ ବର୍ଗ କିଲୋମିଟରକୁ ବୃଦ୍ଧି ପାଇଛି, ଯାହାକି ମୋଟ ଭୌଗୋଳିକ ଅଞ୍ଚଳର ୨୧.୭୬ ପ୍ରତିଶତ ଅଟେ । ବୃକ୍ଷଲତା ପରିପୂର୍ଣ୍ଣ ଅଞ୍ଚଳ ୧,୨୮୯ ବର୍ଗ କିଲୋମିଟର ବୃଦ୍ଧି ପାଇଛି, ଯାହା ମୋଟ ଭୌଗୋଳିକ ଅଞ୍ଚଳର ୩.୪୧ ପ୍ରତିଶତ । ଅର୍ଥାତ୍ ମୋଟ ଜଙ୍ଗଲ ଏବଂ ଗଛଲତା ପରିପୂର୍ଣ୍ଣ ଅଞ୍ଚଳ ମିଶି ୮ ଲକ୍ଷ ୨୭, ହଜାର ୩୫୭ ବର୍ଗ କିଲୋମିଟର ହୋଇଛି, ଯାହାକି ଭାରତର ମୋଟ ଭୌଗୋଳିକ ଅଞ୍ଚଳର ୨୫.୧୭ ପ୍ରତିଶତ ଅଟେ । ମୋଟ ଜଙ୍ଗଲ ଏବଂ ବୃକ୍ଷଲତା ଆଚ୍ଛାଦିତ ଅଞ୍ଚଳରେ ମଧ୍ୟପ୍ରଦେଶ କ୍ରମାଗତ ଭାବେ ଶୀର୍ଷରେ ରହିଆସିଥିବାବେଳେ, ଏହା ପଛକୁ ଅରୁଣାଚଳପ୍ରଦେଶ ଏବଂ ମହାରାଷ୍ଟ୍ର ରହିଛି । ସେହିପରି ଛତିଶଗଡ଼, ଉତ୍ତରପ୍ରଦେଶ, ଓଡ଼ିଶା ଏବଂ ରାଜସ୍ଥାନରେ ଜଙ୍ଗଲ ଓ ବୃକ୍ଷଲତା ଆବୃତ୍ତ ଅଞ୍ଚଳ ପରିମାଣ ସର୍ବାଧିକ ବୃଦ୍ଧି ପାଇଛି ।

## ସାରିଦେଲା...

ପାଟ୍ରୋଲିଂ ଜାରି ରହିଛି। କିନ୍ତୁ ଅଧିକ ଲୋକରେ ମୂଷା ନ ମରିବା ଭଳି ପ୍ରତେକ ଦିନ ଲୁଟେରା ଧରାପଡିବା ପତିବର୍ତ୍ତେ ଲୁଟ ବଢୁଛି। କିଛିଦିନ ତଳେ କନଭୟ ପାଟ୍ରୋଲିଂ ନାଁରେ ନିଜେ ପୋଲିସ କମିଶନର, ଡିସିପି ଏଜି ଛକରେ ଯେଉଁଭଳି ସାଇରନ ବଜାଇ ବୁଲୁଥିଲେ, ଆଶା ଥିଲା ଅପରାଧ ବୋଧହୁଏ କମିଯିବ। କିନ୍ତୁ କମିବା ବଦଳରେ ଦିନକୁ ଦିନ ରାଜଧାନୀରେ ଲୁଟ ବଢିବା ଘଟଣା ଡିସିପି ପିନାକ ମିଶ୍ରଙ୍କ ପାରିବାପଣିଆ ନେଇ ସୃଷ୍ଟି କରିଛି।

# ୨୧ କାରିଗରଙ୍କୁ ସହାୟତା



ବାଲିଅନ୍ତା, ୨୧।୧୨ (ସଂଚାର ବ୍ୟୁରୋ) : ବାଲିଅନ୍ତା ବ୍ଲକ ଅଧୀନ ବାଲକାଟି ରଥିଜେମା ସ୍ଥିତ କଂସାରି ପରିବାର ବିକାଶ ଉନ୍ନୟନ ପରିଷଦ କାର୍ଯ୍ୟାଳୟ ସଭା ଗୃହରେ ଆଜି କର୍ମଶାଳା ଗୃହ ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ହସ୍ତତନ୍ତ,ବୟନ ଏବଂ ହସ୍ତ ଶିଳ୍ପ ବିଭାଗ ପକ୍ଷରୁ ମୋଟ ୨୧ ଜଣ କାରିଗରଙ୍କୁ କର୍ମଶାଳା ଗୃହ ବଣ୍ଟନ( ଶାଳ ଘର ) କରାଯାଇଛି । ସୂଚନା ଅନୁସାରେ ବାଲକାଟି ରଥିଜେମା ଅଞ୍ଚଳର ୮ ଜଣ କଂସା ପିତ୍ତଳ କାରିଗର,ବଇଁଚୁଆ ଅଞ୍ଚଳର ୪ ଜଣ କଂସା ପିତ୍ତଳ କାରିଗର, କାକରୁଦ୍ରପୁର ଏବଂ ଖମଙ୍ଗ ଅଞ୍ଚଳର ମୋଟ ୯ ଜଣ ଶିଳ୍ପୀଙ୍କୁ ତାଳପତ୍ର ଏବଂ ପଟ୍ଟଚିତ୍ର ଖୋଦେଇ କାମ ନେଇ କର୍ମଶାଳା ଗୃହ ନିର୍ମାଣ କାର୍ଯ୍ୟାଦେଶ ସହିତ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଗୃହ ନିର୍ମାଣ ନେଇ ମୋଟ ୧ ଲକ୍ଷ ୨୦ ହଜାର ଟଙ୍କା କାରିଗରଙ୍କୁ ମିଳିବ । ଏହି ଅବସରରେ ଆୟୋଜିତ ସଭାରେ କଂସାରି ପରିବାର ସଭାପତି ବୈଷ୍ଣବ ମହାରଣା ଅଧ୍ୟକ୍ଷତା କରିଥିଲେ । ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ଉପ ନିର୍ଦ୍ଦେଶକ ପ୍ରବିଣା ନାୟକ, ହସ୍ତଶିଳ୍ପ ବିକାଶ ଅଧିକାରୀ ବରଫ ସେନାପତି, ସମ୍ବିତ ମିଶ୍ର ଏବଂ ସମବାୟସମିତି ନିରୀକ୍ଷକ ଦୀପିକା ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାରିଗରମାନଙ୍କୁ କର୍ମଶାଳା ଗୃହ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ ।

## ଅବ୍ୟବସ୍ଥା ମଧ୍ୟରେ ଖୋର୍ଦ୍ଧା ମହୋତ୍ସବ ଆୟୋଜନ

# ଜଳବନ୍ଦୀରେ ବ୍ୟବସାୟୀ



ଖୋର୍ଦ୍ଧା, ୨୧।୧୨ (ସଂଚାର ବ୍ୟୁରୋ) : ନ୍ୟୁ ଥିଙ୍କିଙ୍ଗ ଫୋରମ ପକ୍ଷରୁ ଚଳିତ ଡ଼ିସେମ୍ବର ୧୫ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଖୋର୍ଦ୍ଧା ମହୋତ୍ସବ ଆରମ୍ଭରୁ ବିବାଦ ଦେଖାଦେଇଥିବା ବେଳେ ଲଘୁଚାପ ଜନିତ ବର୍ଷା ଯୋଗୁଁ ମହୋତ୍ସବ ପଡିଆରେ ଦଶ ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚରେ ବର୍ଷା ପାଣି ଜମି ରହିବା ଦ୍ୱାରା ଉକ୍ତ ସ୍ଥାନରେ ପସରା ମେଲେଇ ବସିଥିବା ବ୍ୟବସାୟୀ ମାନେ ଦୀର୍ଘ ଚବିଶ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଜଳବନ୍ଦୀ ଅବସ୍ଥାରେ ଭୋକ ଉପାସରେ ରହିଛନ୍ତି ।

ହାବେଲୀ ପଡିଆ ମଧ୍ୟରେ ମହୋତ୍ସବ ଆୟୋଜନ କରିବା ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଥିବା ବେଳେ ଚଞ୍ଚକତା କରି ମହୋତ୍ସବ ଆୟୋଜନ କରୁଥିବା ସଂସ୍ଥା ନିକଟରେ ଥିବା ବହୁ ପୁରାତନ ଜଳାଶୟଟିକୁ ମୋରମ ପକାଇ ପୋତି ଗାଡି ପାର୍କିଂ ନାରେ ଖୋର୍ଦ୍ଧା ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଅନୁମତି ଆଣି, ବ୍ୟବସାୟିକ ମନୋବୃତ୍ତି ରଖି ସେଠାରେ ବଡ ବଡ଼ ଦୋଳି ଭଳି ବିପଦ ଜନକ ଖେଳ ଦେଖାଇଲା ଭଳି ସଂସ୍ଥାକୁ ଅନୁମତି ଦେଇଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ତାର କୌଣସି ସୁଫଳ ମିଳି ପାରିନାହିଁ । ଏପରିକି ଲଘୁଚାପ ଜନିତ ବର୍ଷାରେ ସମ୍ପୃକ୍ତ ଅଞ୍ଚଳଟି ଜଳାର୍ଣ୍ଣବ ହୋଇପଡିଛି । ସେହି ସ୍ଥାନରେ ପସରା ମେଲେଇ ବସିଥିବା ବ୍ୟବସାୟୀ ମାନଙ୍କର ବହୁ ଆସବାବପତ୍ର ପାଣି ବୁଡି ନଷ୍ଟ ହୋଇଯିବା ସହିତ ଭୋକ ଉପାସରେ ରହିଛନ୍ତି । କିଛି ବ୍ୟବସାୟୀ ସମ୍ପୃକ୍ତ ସ୍ଥାନ ଛାଡି ଚାଲି ଯିବାକୁ ଚାହୁଁଥିବା ବେଳେ ମହୋତ୍ସବ ଆୟୋଜକ କର୍ତ୍ତୃପକ୍ଷ ତାଙ୍କୁ ଗୁଣ୍ଡା ଲଗାଇ ଧମକ ଦେବା ସହିତ, ଜୋର ଜବରଦସ୍ତ ସେମାନଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି । ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବା ସହିତ ଯେଉଁ ବ୍ୟବସାୟୀମାନେ ନିଜ ଗନ୍ତବ୍ୟସ୍ଥଳକୁ ଯିବାକୁ ଚାହୁଁଛନ୍ତି ତାଙ୍କୁ ଯିବାକୁ ଦେବା ସହିତ କ୍ଷତି ହୋଇଥିବା ବ୍ୟବସାୟୀଙ୍କୁ ମହୋତ୍ସବ ଆୟୋଜନ କମିଟି ପକ୍ଷରୁ କ୍ଷତିପୂରଣ ଦେବା, ମହୋତ୍ସବକୁ ଏତିକିରେ ବନ୍ଦ କରିବା ଏବଂ ଆଗକୁ ଜନବସତି ମଧ୍ୟରେ ମହୋତ୍ସବ ଆୟୋଜନ କରିବାକୁ ଅନୁମତି ନ ଦେବାକୁ ସାଧାରଣରେ ଦାବୀ ହେଉଛି ।




# କୁଜଙ୍ଗ ବନାଞ୍ଚଳ ପକ୍ଷରୁ କଇଁଛ ସୁରକ୍ଷା ସଚେତନତା ଶିବିର

କୁଜଙ୍ଗ, ୨୧।୧୨ (ସଂଚାର ବ୍ୟୁରୋ) : କୁଜଙ୍ଗ ବନାଂଚଳ ପକ୍ଷରୁ ପାରାଦୀପ ମାଛଧରା ବନ୍ଦର ନେହେରୁ ବଙ୍ଗଳା ଠାରେ ସାମୁଦ୍ରିକ କଇଂଛ ସୁରକ୍ଷା ପାଇଁ ଅନୁଷ୍ଠିତ ହୋଇଥିବା ଏହି ଶିବିରରେ ଗଗନ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୁଜଙ୍ଗ ରେଂଜର କାର୍ତ୍ତିକେଶ୍ୱର ଖାଣ୍ଡୋଇ,ପାରାଦ୍ୱୀପ ମେରାଇନ ଥାନା ଅଧିକାରୀ,ଟ୍ରଲର ମାଲିକ, ମତ୍ସ୍ୟଜୀବି, ସ୍ୱେଚ୍ଛାସେବୀ ମାନେ ଏହି ଶିବିରରେ ଯୋଗଦେଇ କଇଂଛ ସୁରକ୍ଷା ଓ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମକୁ କୁଜଙ୍ଗ ବନବିଭାଗର କର୍ମଚାରୀ ନୀରଂଜନ ମଣ୍ଡଳ, ଦୀପ୍ତିମୟୀ ଜେନା,ଚିନ୍ମୟୀ ସାହୁଙ୍କ ସମେତ ବନବିଭାଗର କର୍ମଚାରୀ ମାନେ ଶିବିର ପରିଚାଳନା କରିଥିଲେ ।

# ୧୦ଗ୍ରାମରୁ ଉର୍ଦ୍ଧ୍ୱ ଧଳା ଜହର ଜବତ, ଜଣେ ଗିରଫ

କାକଟପୁର/ଅସ୍ତରଙ୍ଗ, ୨୧।୧୨ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ଥାନା ପୁଲିସକୁ ସଫଳତା ମିଳିଛି । ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଧଳା ଜହର ଜବତ ହୋଇଛି । ପୁଲିସ ଏହି ଘଟଣାରେ ଜଣକୁ ଗିରଫ କରିଛି । ଗିରଫ ଯୁବକର ଜଣକ କାକଟପୁର ମହାନ୍ତି ସାହି ଅଞ୍ଚଳର ମଙ୍ଗରାଜ ମହାନ୍ତି । ତେବେ ମଙ୍ଗରାଜ ଙ୍କ ନିକଟରୁ ୧୦ଗ୍ରାମ୍ ୫ମିଲି ଗ୍ରାମର ଧଳା ଜହର ଜବତ କରିଛି କାକଟପୁର ପୁଲିସ । ବିଶେଷ ସୂତ୍ରରୁ ଖବର ପାଇ କାକଟପୁର ଥାନା ପୁଲିସର



ସ୍ୱତନ୍ତ୍ର ଦଳ କାକଟପୁର ଦେଉଳି ମଠ ନିକଟରୁ ଶନିବାର ସକାଳ ୫ଘଟିକାରେ ମଙ୍ଗରାଜ ମହାନ୍ତିଙ୍କୁ ଅତର୍କିତ ଭାବେ ଚଢ଼ାଉ କରି ଧଳା ଜହର ଜବତ କରିବାରେ ସକ୍ଷମ ହୋଇଛନ୍ତି, ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ମଙ୍ଗରାଜଙ୍କ ନିକଟରୁ ଏକ କଳା ରଙ୍ଗର ପଲସର, ୨୦ହଜାର ଟଙ୍କା, ଏକ ମୋବାଇଲି ଫୋନ୍ ଜବତ କରିଛି ପୁଲିସ ।କାକଟପୁର ଥାନା କେଶ ନମ୍ବର ୨୫୪/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତ କୁ ଅଦାଲତ ଚାଲାଣ କରାଯାଇଛି । ଯାହା ସୂଚନା ଦେଇଛନ୍ତି କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ । ଏହି କାରବାର ସହ ଅନ୍ତଃରାଜ୍ୟ ରାକେଟ କାମ କରୁଥିବା ଚର୍ଚ୍ଚା ହେଉଛି ।

# ଅଦିନିଆ ବର୍ଷା ଉଜାଡ଼ିଲା ଧାନ ଓ ପନିପରିବା

ନାଉଗାଁ, ୨୧।୧୨ (ସଂଚାର ବ୍ୟୁରୋ): ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଫଳରେ ଦୁଇଦିନ ହେଲାଣି ଜାରି ରହିଛି ଲଘୁଚାପ ଜନିତ ଲଗାଣ ବର୍ଷା ଯାହା ଫଳରେ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି ଧାନ ଫସଲ । ଚାଷୀ ତାର ପରିଶ୍ରମ ସହ ପୁଳା ପୁଳା ଅର୍ଥ ଖର୍ଚ୍ଚ କରି କ୍ଷେତରେ ସୁନାର ଫସଲ ଫଳେଇଥିଲା, କିନ୍ତୁ ଦଇବ ଦାଉ ସାଜିଲା । ଆସିଲା ଅଦିନିଆ ବର୍ଷା ଉଜାଡି ଦେଲା ଧାନ ଫସଲ । ଲଗାଣ ବର୍ଷା ପାଇଁ କ୍ଷେତରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିବା ସହିତ ଠିଆ ହୋଇ ରହିଥିବା ଧାନ ଫସଲ ସବୁ ଶୋଇଯାଇଛି ଓ କଟା ଧାନ ପାଣିରେ ଭାସୁଛି । ତଥାପି ଚାଷୀ ଭାଇ ତାର ସଂଘର୍ଷ ଜାରି ରଖିଛି । ବର୍ଷାରେ ସେ ଭିଜି ଭିଜି ସେହି କଟା ଧାନକୁ ପାଣିରୁ ଛାଣି ଆଣି ହିଡରେ ରଖୁଛି ।



ଯଦିଓ ଚାଷୀ ବର୍ଷାର ପୂର୍ବାନୁମାନ କରି କିଛି ଧାନ ବିଲରୁ କାଟି ଦେଇଥିଲା କିନ୍ତୁ ତାହା ବିଲରୁ ସମ୍ପୂର୍ଣ୍ଣ ଭାବରେ ଖଳାକୁ ନେଇ ପାରିନାହିଁ । ନିଜର ଫସଲକୁ ବଞ୍ଚାଇବାକୁ ଯାଇ ହିଡ ଉପରେ ଧାନ ବିଡ଼ାକୁ ସବୁ ଗଦା ମାରି ରଖିଥିଲା କିନ୍ତୁ ଏ ଲଗାଣ ବର୍ଷା ତାକୁ ବି ନଷ୍ଟ କରିଦେଲା । ଏଥିସହିତ ଏବେ ପନିପରିବା ଚାଷର ସମୟ ତାହାବି ବ୍ୟାପକ ପ୍ରଭାବିତ ହୋଇଛି । ଏବେ ତ ବଜାରରେ ପନିପରିବା ଦର ଏମିତି ରହିଚି କି ୫୦୦ ଟଙ୍କାରେ ବି ବ୍ୟାଗ୍ ପୁରୁନାହିଁ । ତେବେ ଚାଷୀ ଯେଉଁ ପରିବା ଚାଷ କରିଥିଲା ଯାହା ଜଣା ପଡୁଥିଲା କି ପରିବା ମୂଲ୍ୟ ଟିକେ ହ୍ରାସ ପାଇବ । କିନ୍ତୁ ଅଦିନିଆ ବର୍ଷା ମଧ୍ୟ ପରିବା ଚାଷକୁ ପୁରା ପୁରି ଭାବରେ ଉଜାଡ଼ି ଦେଲା । କୋବି, ବାଇଗଣ, ଟମାଟୋ, ଆଳୁ ବିନ୍, କାକୁଡ଼ି ଆଦି ଫସଲରେ ପାଣି ପଶି ଯିବାରୁ ତାହା ମଧ୍ଯ ପଚି ସଢ଼ି ଯିବାର ଆଶଙ୍କା ସୃଷ୍ଟି ହୋଇଛି । ପରିବା ଫସଲ ଠାରୁ ଆରମ୍ଭ କରି ଧାନ ଫସଲ ପର୍ଯ୍ୟନ୍ତ ବିଲରେ ଆଣ୍ଠୁଏ ଆଣ୍ଠୁଏ ପାଣି ଠିଆ ହୋଇଛି । ଯାହାକି ଚାଷୀ କୂଳର ସମ୍ପୂର୍ଣ୍ଣ ମେରୁଦଣ୍ଡକୁ ଦୋହଲାଇ ଦେଇଛି ।

ତେବେ ଏହି ଅଦିନିଆ ବର୍ଷାରେ ଚାଷୀକୁଳର କ୍ଷୟକ୍ଷତିକୁ ଆକଳନ କରି ରାଜ୍ୟ ସରକାର ସାହାଯ୍ୟ ସହଯୋଗର ହାତ ବଢାଇବା ପାଇଁ ଚାଷୀକୂଳ ଦାବି କରୁଛି ।

# ଲଘୁଚାପଜନିତ ବର୍ଷାରେ ବ୍ୟାପକ ଧାନ ଫସଲ ନଷ୍ଟ, ଚିନ୍ତାରେ ଚାଷୀ



କୋଣାର୍କ, ୨୧।୧୨ (ସଂଚାର ବ୍ୟୁରୋ): ଦୁଇ ଦିନ ଧରି ଅଦିନିଆ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ କୋଣାର୍କ ନିକଟସ୍ଥ କାଦୁଆନୂଆଗାଁ, କୁରୁଜଙ୍ଗ, ଅବଦାନ, ସିମିଳି, ବନାଖଣ୍ଡି, ମହଲପଡା, ଅଚ୍ୟୁତପୁର, ସୋରଭା, ସୁତନ, ତରକୋର ଓ ବଉଲାଙ୍ଗ ସମେତ ଏକାଧିକ ଗ୍ରାମ ପଞ୍ଚାୟତର ହଜାର ହଜାର ହେକ୍ଟର ଧାନ ଫସଲ କ୍ଷୟକ୍ଷତି ହୋଇଥିବା ବେଳେ ଚିନ୍ତାଗ୍ରସ୍ତ ଅବସ୍ଥାରେ ଚାଷୀକୂଳ ରହିଥିବା ଜଣାପଡ଼ିଛି । ଖବରରୁ ପ୍ରକାଶ ଯେ ଗତ ଶୁକ୍ରବାର ପୂର୍ବାହ୍ନ ସମୟରୁ ଲଗାଣ ଲଘୁଚାପ ଜନିତ ବର୍ଷା ଲାଗିରହିଛି । ଏହି ଲଗାଣ ବର୍ଷା ଯୋଗୁଁ କୃଷକ ମାନଙ୍କ ପରିଶ୍ରମରେ ହସି ଉଠିଥିବା ଧାନ ଫସଲ ଏବେ ପାଣିରେ ବୁଡ଼ି ନଷ୍ଟଭ୍ରଷ୍ଟ ହେବା ସହ ଧାନ ଫସଲ ଗଜା ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । କୋଣାର୍କ ନିକଟସ୍ଥ ଏକାଧିକ ଗ୍ରାମ ପଞ୍ଚାୟତର ଚାଷୀମାନେ ଚିନ୍ତାଗ୍ରସ୍ତ ଅବସ୍ଥାରେ ରହିଥିବା ବେଳେ ଫସଲ ହାନି ପରିସ୍ଥିତି ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି । ଚଳିତ ଖରିଫ ଋତୁରେ କୃଷକ ମାନେ ଧାର କରଜ କରି ଧାନ କ୍ଷେତରେ ଯେଉଁ ସୁନାର ଫସଲ ଉତ୍ପାଦନ ଅପେକ୍ଷାରେ ରହିଥିଲେ ତାହା ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବ୍ୟାପକ ଫସଲ ନଷ୍ଟ ହେବା ଭଳି ପରିସ୍ଥିତି ଉପୁଜିଛି ବୋଲି କୃଷକ ମାନଙ୍କ ମହଲରେ ନୈରାଶ୍ୟର ବାତାବରଣ ଖେଳିଯାଇଛି । ଏହି ଧାନ ଫସଲ କ୍ଷୟକ୍ଷତି ଘଟଣା ଉପରେ ଗୁରୁତ୍ୱାରୋପ କରି କୃଷି ବିଭାଗ ଓ ରାଜସ୍ୱ ବିଭାଗ ଗ୍ରାମ ପଞ୍ଚାୟତ ଓ୍ୱାରୀ କ୍ଷେତ୍ର ପରିଦର୍ଶନ କରି ଫସଲ ହାନି ସମ୍ବନ୍ଧରେ ତଦନ୍ତ ପୂର୍ବକ କୃଷକ ମାନଙ୍କୁ ସରକାରୀ ରିଲିଫ କୋଡ ଅନୁଯାୟୀ ସରକାରୀ ସହାୟତା ପ୍ରଦାନ କରିବା ପାଇଁ କୋଣାର୍କ ସମେତ ଏକାଧିକ ଗ୍ରାମ ପଞ୍ଚାୟତର କୃଷକ ମାନଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ, କୃଷି ବିଭାଗ ମନ୍ତ୍ରୀ,ରାଜସ୍ୱ ବିଭାଗ ମନ୍ତ୍ରୀ, ବିଭାଗୀୟ ସଚିବ, ମୁଖ୍ୟ ଶାସନ ସଚିବ, ପୁରୀ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୁଖଙ୍କୁ ନିବେଦନ କରିଛନ୍ତି ।

**ସହାୟତା ଦାବି**

# କଟନୀ ଛଟନୀକୁ ବିରୋଧ କରି ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ



ବୋରିଗୁମ୍ମା, ୨୧।୧୨ (ସଂଚାର ବ୍ୟୁରୋ) : କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କାମରା ମଣ୍ଡିରେ ଟୋକେନ ଓ କଟନୀ ଛଟନୀକୁ ବିରୋଧ କରି ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କଲେ ଶହ ଶହ ଚାଷୀ । ସୂଚନା ଅନୁଯାୟୀ ଗତ ୧୧ ତାରିଖରେ କୋରାପୁଟ ଜିଲ୍ଲାର କାମରା ଠାରେ ଖରିଫ ଧାନମଣ୍ଡି ଶୁଭାରମ୍ଭ ହୋଇଥିଲା । ଧାନ ମଣ୍ଡି ଶୁଭାରମ୍ଭ ହେବାର ୧୦ ଦିନ ପରେ ମଧ୍ୟ କୌଣସି ମଣ୍ଡିରୁ ପ୍ରଶାସନ ଧାନ କିଣିନାହିଁ । ଏପରିକି ଖାଦ୍ୟ ଓ ଯୋଗାଣ ବିଭାଗ ମନ୍ତ୍ରୀ ଗତ ମଙ୍ଗଳବାର ବୋରିଗୁମ୍ମା ବ୍ଲକ ଧାନ ମଣ୍ଡି ଗସ୍ତ କରି ଧାନ କ୍ରୟରେ କୌଣସି ସମସ୍ୟା ନ ଉପୁଜିବା ନେଇ ପ୍ରତିଶୃତି ଦେବା ସହ କଟନୀ ଛଟନିକୁ ପଶ୍ରୟ ଦିଆଯିବନାହିଁ ବୋଲି କହିଥିଲେ । ଅବ୍ୟବସ୍ଥା ସୃଷ୍ଟିହେଲେ ଯେଉଁମାନେ ଦୋଷୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଆବଶ୍ୟକ ହେଲେ ଗିରଫ କରାଯିବ ବୋଲି ଚେତାବନୀ ଦେଇଥିଲେ । ଏହାସତ୍ତ୍ୱେ ବି ମଣ୍ଡିରୁ ଧାନ ଉଠୁନଥିବା ଚାଷୀ ଅଭିଯୋଗ କରିଛନ୍ତି । ଏପଟେ ଟୋକେନର ସମୟ ଅବଧି ସରି ଆସୁଥିବାବେଳେ ଏବଂ ମିଲର୍ସଙ୍କ ବସ୍ତାରେ ୩ କିଲୋ ପର୍ଯ୍ୟନ୍ତ କଟନୀ ଛଟନୀକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି । ଏଦିଗରେ ପ୍ରଶାସନ ପକ୍ଷରୁ ତୁରନ୍ତ ସମାଧାନ କରାଯାଇ ଚାଷୀଙ୍କ ଧାନ କ୍ରୟ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବ୍ଲକର ଶହ ଶହ ଚାଷୀ ମାନେ ଉତ୍ତକ୍ତ ହୋଇ ଟୋକେନ ସମସ୍ୟା ଓ କଟନୀ ଛଟନୀକୁ ବିରୋଧ କରିଥିଲେ ଏବଂ ୨୬ ନଂ ଜାତୀୟ ରାଜପଥରେ ଧାନ ବସ୍ତା ରଖି ପ୍ରତିବାଦ କରିଥିଲେ ଫଳରେ ରାସ୍ତା ର ଉଭୟ ପାର୍ଶ୍ୱ ରେ ଘଣ୍ଟା ଘଣ୍ଟା ଧରି ଶହ ଶହ ଗାଡି ମଟର ଅଟକି ରହିଥିଲା ।

ଘଟଣାସ୍ଥଳରେ ଉପଜିଲ୍ଲାପାଳ ସୁଶ୍ରୀ ସିସ୍ୟା ରେଡି, ବୋରିଗୁମ୍ମା ତହସିଲଦାର ଅମୃତ ଲାଲ ବେହେରା ,ଉପଖଣ୍ଡ ଆରକ୍ଷୀ ଅଧିକାରୀ ତପସ୍ୱିନୀ କଁଅର, ବୋରିଗୁମ୍ମା ଥାନା ଅଧିକାରୀ ଯୁଗଳ କିଶୋର ସା ଏବଂ ଲ୍ୟାମ୍ପ ନିର୍ଦେଶକ ପ୍ରସନ୍ନ ମିଶ୍ର ପହଂଚି ଚାଷୀଙ୍କୁ ବୁଝାସୁଝା କରିଥିଲେ ଏବଂ ଦୁଇଦିନ ଭିତରେ ମଣ୍ଡିରୁ ଧାନ ଉଠିବାର ପ୍ରତିଶୃତି ଦେବା ପରେ ଚାଷୀ ଧାରଣାରୁ ଉଠିଥିଲେ ।

# ବାଣୀବିହାର ୮୯’ ବ୍ୟାଚର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ): ୧୯୮୯ ମସିହାରେ ବାଣୀବିହାରରୁ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିବା ସମସ୍ତ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସେହି ବର୍ଷ ଗଠିତ ବାଣୀବିହାର ୮୯’ ପୁରାତନ ଛାତ୍ର ସଂସଦ(ଭିଭି-୮୯) ଚଳିତ ବର୍ଷ ଏହାର ୩୫ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ଦେଶବିଦେଶରେ ଅବସ୍ଥାପିତ ଏହି ବ୍ୟାଚର ଶତାଧିକ ଛାତ୍ରଛାତ୍ରୀ ଅନୁଷ୍ଠାନ ସହ ସଂଯୁକ୍ତ ହୋଇ ସହଯୋଗ କରିଛନ୍ତି ।

ଡିସେମ୍ବର ୨୯ ତାରିଖରେ ବାଣୀବିହାରସ୍ଥିତ ଏମ୍‌କେସିଜି ପ୍ରେକ୍ଷାଳୟରେ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହେବ ବୋଲି ସଂସଦର ଆବାହକ ଡ. ଗଣେଶ୍ୱର ଜେନା ସୂଚନା ଦେଇଛନ୍ତି । ବାଣୀବିହାର ୮୯’ ପୁରାତନ ଛାତ୍ର ସଂସଦର ସଦସ୍ୟ ତଥା ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଜଗତସିଂହପୁରର ଲୋକସଭା ସାଂସଦ ବିଭୁପ୍ରସାଦ ତରାଇ ଅତିଥି ଭାବେ ଯୋଗଦେବେ । ସମାରୋହ ସଂକ୍ରାନ୍ତ ଯେକୌଣସି ଅନୁସନ୍ଧାନ ନିମନ୍ତେ ସଭାପତି ନୃସିଂହ ସ୍ୱାଇଁ (୯୪୩୭୦୮୭୯୫), ସମ୍ପାଦକ ଜୀତେନ୍ଦ୍ରୀୟ ପାତ୍ର (୮୮୯୫୮୮୮୪୪୯), କୋଷାଧ୍ୟକ୍ଷ ଶ୍ରୀ ଅମ୍ବିକା ପ୍ରସାଦ ରାଉତ (୯୪୩୭୩୮୯୨୭୯), ମୁଖ୍ୟ ପରାମର୍ଶଦାତା ପ୍ରଦୀପ୍ତ କୁମାର ଗାହାଣ ( ୯୪୩୮୪୮୫୨୨୮ ) ଓ ସୌଭାଗ୍ୟ କୁମାର ଆଚାର୍ଯ୍ୟ (୭୯୭୮୩୨୯୦୭୭)ଙ୍କ ସହ ସଂପର୍କ କରିବା ପାଇଁ ଆବାହକ ଡ. ଜେନା ଅନୁରୋଧ କରିଛନ୍ତି ।

# ସାଂସ୍କୃତିକ ଓ ସିନେ ତାରକାଙ୍କ ଝଲକରେ ଝଲସିବ ଜିଲ୍ଲା ମହୋତ୍ସବ

## ୭୦ ଲକ୍ଷ ବ୍ୟୟ ଅଟକଳ: ୩୧୩ ଷ୍ଟଲରେ ବ୍ୟବସାୟ ବାଣିଜ୍ୟ

ନୟାଗଡ଼, ୨୧।୧୨ (ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ମହୋତ୍ସବ ପାଇଁ ଆଜି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ୨୪ରୁ ୨୮ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବ ପାଇଁ କରାଯାଇଥିବା ପ୍ରସ୍ତୁତି ବିଷୟରେ ବ୍ୟାପକ ସୂଚନା ପ୍ରଦାନ କରିଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହୋତ୍ସବ ଉଦଘାଟନ କରିବାକୁ ସମ୍ମତି ପ୍ରଦାନ କରିଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି ।



ଚଳିତ ବର୍ଷ ମହୋତ୍ସବ ପାଇଁ ୩୧୩ଟି ଷ୍ଟଲ ପ୍ରସ୍ତୁତ କରାଯାଇଛି । ଯାହା ମଧ୍ୟରେ ଓରମାସ ୧୧୬ଟି ଷ୍ଟଲରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ବ୍ୟବସାୟୀଙ୍କୁ ସୁଯୋଗ ଦେବ ବୋଲି କୁହାଯାଇଛି । ପୁସ୍ତକ ମେଳା ପାଇଁ ୨୦ଟି ଷ୍ଟଲ, କୃଷି ଯନ୍ତ୍ରପାତି ମେଳା ପାଇଁ ୬୦ଟି ଷ୍ଟଲ, ପୁଲିସ, ଫାୟାର ଓ ମେଡିକାଲ ପାଇଁ ୬ଟି ଷ୍ଟଲ, ବିଭିନ୍ନ ବିଭାଗ ପାଇଁ ୨୪ଟି ଷ୍ଟଲ ଏବଂ ବିଜ୍ଞାପନ ପାଇଁ ୭ଟି ଷ୍ଟଲ ପ୍ରସ୍ତୁତ କରାଯାଇଛି । ଜଗନ୍ନାଥମନ୍ଦିରଠାରୁ ପିଟିଏସ୍ ପର୍ଯ୍ୟନ୍ତ ରାସ୍ତା ଓ ଆଲୋକିକରଣ କାର୍ଯ୍ୟ ମିଶନ ମୋଡରେ କରାଯାଇ ସମାପ୍ତି କରାଯିବ । ଟ୍ରାଫିକ ଓ ଆଇନ ଶୃଙ୍ଖଳା ପାଇଁ ପୁଲିସ ଓ ଗୃହ ରକ୍ଷୀ ବାହିନୀ ମୁତୟନ କରାଯିବ । ମୋଟ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ଏସପି ଏସ୍ ସୁଶ୍ରୀ ସୂଚନା ଦେଇଛନ୍ତି । ଏହା ସହିତ ଏନସିସି କ୍ୟାଡେଟଙ୍କୁ ସାମିଲ କରାଯିବ । ସମଗ୍ର ମହୋତ୍ସବକୁ ସିସିଟିଭି କଭରେଜ୍ ମଧ୍ୟରେ ରଖାଯିବ । କଂଟ୍ରୋଲ ରୁମ ବ୍ୟବସ୍ଥା ମଧ୍ୟ କରାଯାଇଛି । ପିଟିଏସ୍ ପଡ଼ିଆରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଟ୍ରାଫିକ ଆଡଭାଇଜର ଜାରି କରାଯିବ ବୋଲି ଏସପି କହିଛନ୍ତି ।

# ଅନାଥ ପିଲାଙ୍କୁ ଥଇଥାନ ପାଇଁ ରଣନୀତି




ନବରଙ୍ଗପୁର, ୨୧।୧୨ (ସଂଚାର ବ୍ୟୁରୋ) : ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଆଜି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତରଫରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍ଦେଶ୍ୟରେ ଜିଲ୍ଲାରେ ଶିଶୁମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ଚାରିଟି କମିଟି ଯଥା- ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତିକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କ ଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲ୍ଡ ଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଆଜି ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ମିଳିତ ବୈଠକରେ ଜିଲ୍ଲାପାଳ ଡଃ ମହାପାତ୍ର ଅଧ୍ୟକ୍ଷତା କରି ଜିଲ୍ଲାରେ ଥିବା ସମସ୍ତ ଅନାଥ ଶିଶୁ ଓ ଏକକ ମାତା ପିତା ଥିବା ଶିଶୁ ମାନଙ୍କର ଥଇଥାନ ପାଇଁ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ତିନି ମାସ ମଧ୍ୟରେ ଜିଲ୍ଲାର ଦଶଗୋଟି ବ୍ଲକରେ ଶିଶୁ ମଙ୍ଗଳ କମିଟିର କ୍ୟାମ୍ପ କୋର୍ଟ କରାଯାଇ ସମସ୍ତ ଅନାଥ ଶିଶୁ ଓ ଏକକ ମାତା ପିତା ଥିବା ଶିଶୁ ମାନଙ୍କୁ ବିଧିବଦ୍ଧ ଭାବରେ ଉପସ୍ଥିତ କରାଇବା ଓ ଜିଲ୍ଲାରେ ସମସ୍ତ ଅଙ୍ଗନବାଡି ସ୍ତରରେ ଦାଦନ ଶ୍ରମିକ ମାନଙ୍କର ତଥ୍ୟ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

# ଲଗାଣ ବର୍ଷାରେ ବ୍ୟାପକ ଧାନ ଫସଲ ନଷ୍ଟ ଆଶଙ୍କା

ହାଟଡିହୀ, ୨୧।୧୨ (ସଂଚାର ବ୍ୟୁରୋ) : ସଂପ୍ରତି ଖରିଫ୍ ଧାନ ଅମଳର ଋତୁ ଚାଲିଥିବା ବେଳେ ଅବେଳରେ ହୋଇଥିବା ଝିପିଝିପି ବର୍ଷା ଓ ପବନ ଚାଷୀକୂଳକୁ ହତାଶା ମଧ୍ୟକୁ ଠେଲି ଦେଇଛି । ବର୍ଷାରେ କ୍ଷେତରେ ସ୍ୱର୍ଣ୍ଣ ଫସଲରେ ପାଣି ହୋଇଯାଇଥିବାରୁ ଚାଷୀ ମନରେ ଛନକା ପଶିଛି । ବର୍ଷାର ପରିମାଣ ବୃଦ୍ଧି ହେଉଥିବାରୁ କିଆରୀର ପାଚିଲା ଧାନ ନଷ୍ଟ ହେବାର ଆଶଙ୍କା ପ୍ରକାଶ କରିଛନ୍ତି ହାଟଡିହୀ ଅଞ୍ଚଳର ଚାଷୀକୁଳ । ଝିପିଝିପି ବର୍ଷା ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ ବୋଲି ହାଟଡିହି ଅଞ୍ଚଳର କେତେକ ଚାଷୀ ଦୁଃଖରେ ପ୍ରକାଶ କରିଛନ୍ତି । ଅମଳ ସମୟର ଏ ଅଦିନିଆ ବର୍ଷା ଚାଷୀଙ୍କ ମେରୁଦଣ୍ଡ ସତେ ଯେମିତି ଦୋହଲାଇ ଦେଇଛି ।

ଶୁକ୍ରବାର ସକାଳଠାରୁ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିଥିବାବେଳେ ଅପରାହ୍ନ ୪ଟା ଠାରୁ ବର୍ଷା ଓ କୋହଲା ପାଗ ଆରମ୍ଭ ହୋଇଯାଇଥିଲା । ବର୍ଷାରୁ ନିଜ ଅମଳ ଧାନକୁ ସୁରକ୍ଷିତ ରଖିବା ପାଇଁ ଚାଷୀମାନେ କ୍ଷେତରେ କାଟିଥିବା ଧାନକୁ ଗଦା କରି ରଖିଥିବାବେଳେ ଖଳାରେ ଥିବା ଧାନକୁ ଜରି ପାଲ ଘୋଡ଼ାଇ ରଖିଛନ୍ତି । କେତେଜଣ ଚାଷୀ ବର୍ଷାରେ ଓଦା ହୋଇ ବିଲରୁ ଖଳାକୁ ଧାନ ବୋହି ନେବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଧାନରେ ପାଣି ଲାଗି ଓଦା ହେବା ପରେ ବିକ୍ରିରେ



ସମସ୍ୟା ହେବା ସହିତ ଧାନ ଗଜା ହେବାର ଆଶଙ୍କା ରହିଛି । ମାଟି ଓଦା ହେବାରୁ କଟା ହେବାକୁ ଥିବା ଜମିରେ ଅମଳ ଯନ୍ତ୍ର ପଶିପାରି ନାହିଁ । ଯାହାଫଳରେ ଧାନ ଅମଳ ଆହୁରି ବିଳମ୍ବ ହେବ ବୋଲି କେତେକ ଚାଷୀଭାଇ ପ୍ରକାଶ କରିଛନ୍ତି । ବହୁ ପରିଶ୍ରମରେ ଉପାର୍ଜିତ ଫସଲ ଅମଳରେ ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଦାଉ ସାଧୁଥିବାରୁ ଚାଷୀ ଭାଇଭଉଣୀମାନଙ୍କର ଚିନ୍ତା ଦ୍ୱିଗୁଣିତ ହୋଇଯାଇଛି । ଏବଂ ଅସମୟରେ ଏଭଳି ଦୁର୍ବିପାକ ଫଳରେ ଧାନ ମଣ୍ଡିରେ ଚାଷୀଙ୍କ ନିର୍ଦ୍ଧାରିତ ସମୟରେ ଧାନ ଦେବା ପାଇଁ ଧାର୍ଯ୍ୟ ସମୟର ଟୋକନ ଥିବାରୁ ଅମଳରେ ବିଳମ୍ବ ଯୋଗୁଁ ଟୋକନ୍ ର ଅବଧି ବୃଦ୍ଧି କରିବାକୁ ରାଜ୍ୟ ସରକାରଙ୍କୁ ସ୍ଥାନୀୟ ଚାଷୀ ମାନେ ଅନୁରୋଧ କରିଛନ୍ତି ।

# ଆଇଡିଆଲ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

କେନ୍ଦ୍ରାପଡ଼ା, ୨୧।୧୨: କେନ୍ଦ୍ରାପଡା ସହରସ୍ଥ ଆଇଡିଆଲ ପବ୍ଲିକ ସ୍କୁଲର ୩୩ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତା ଉତ୍ସବର ଉଦ୍‌ଘାଟନୀ ସଭାରେ କେନ୍ଦ୍ରାପଡା ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ମତପୋଷଣ କରିଥିଲେ । ଅନୁଷ୍ଠାନର ସଭାପତି ସରୋଜ ରାଜ ସିଂହ ଓ ସମ୍ପାଦକ ଅଧିକାରୀ ପ୍ରଭାତ କୁମାର ଦାଶ କ୍ରୀଡା ପ୍ରତିଯୋଗିତା କିପରି ମଣିଷକୁ ଶୃଙ୍ଖଳା ଶିକ୍ଷା ଦିଏ ସେ ବିଷୟରେ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ବାବାଜୀ ଚରଣ ମୁଦୁଲି କ୍ରୀଡାର ମହନୀୟତା ସମ୍ବନ୍ଧରେ ଶିକ୍ଷାର୍ଥୀମାନଙ୍କୁ ପ୍ରେରଣା ଦେଇଥିଲେ । ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ କିଶୋର କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ୫୦୦ରୁ ଅଧିକ ଶିକ୍ଷାର୍ଥୀ କୁହୁକ ମେଜ, ଆଳୁ ଚାମଚ, ବାଧା ଦୌଡ, ଠେକୁଆ ଡିଆଁ, ଅଖାଡିଆଁ, ଗୋଳାଫିଙ୍ଗା, ଲମ୍ବଡିଆଁ, ନିର୍ଦ୍ଧାରିତ ମାପର ଦୌଡ, କୌତୁକ ପୋଷାକ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସ୍କୁଲର ଉପାଧ୍ୟକ୍ଷ ବଦ୍ରିନାରାୟଣ ସିଂହ, ଶିକ୍ଷକ ରଞ୍ଜନ କୁମାର ପତି, ଶୁଭେନ୍ଦୁ କୁମାର କର, ସୁଶାନ୍ତ ପତି, ବିଜୟ କେତନ ସାହୁ, ହିମାଂଶୁ କୁମାର ଦାସ, ମିତା ମହାନ୍ତି, ସସ୍ମିତା ରାଜ, ଅନୁସୂୟା ପରିଡା, ସସ୍ମିତା ଖଟୁଆ, ସାହିଦା ବେଗମ୍, ରଚନା ନାୟକ, ସ୍ମିତାରାଣୀ ଲେଙ୍କା, ସଂଘମିତ୍ରା ରାଉତରାୟ, ରାଜଶ୍ରୀ ମମତା ଦାସ, ସାହିସ୍ତା ପରୱିନ, ଅଖିଳ ପରିଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ । ବିପିନ ବିହାରୀ ଖୁଣ୍ଟିଆ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

# କେନାଲକୁ ଓଲଟିଲା କାର, ଚାଳକ ସମେତ ୨ ଆହତ

ବାଲିଅନ୍ତା, ୨୧।୧୨ (ସଂଚାର ବ୍ୟୁରୋ): ବାଲିଅନ୍ତା - ହଂସପାଳ - ଅଭୟମୁଖୀ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ବାଲିଅନ୍ତା ବ୍ଲକ ଅଧୀନ ଗୋପବ୍ରାଞ୍ଚ କେନାଲ ବନ୍ଧ କୂଳସାହି ସ୍ଥିତ ମା ବାସୁଳେଇ ପୀଠ ନିକଟରେ ଆଜି ଅପରାହ୍ନ ୪ଟା ସମୟରେ ହଠାତ ଏକ ଦ୍ରୁତଗାମୀ କାର ଭାରସାମ୍ୟ ହରାଇ କେନାଲ ଭିତରକୁ ଓଲଟି ପଡିଥିଲା । ଫଳରେ କାର ଚାଳକ ସମେତ କାର ଭିତରେ ଥିବା ଅନ୍ୟ ୨ ଜଣ ଯାତ୍ରୀ ଆହତ ହୋଇପଡ଼ିଥିଲେ । କାର ଓଲଟି ପଡିବା ଦେଖି ଜଣେ ପ୍ରତ୍ୟକ୍ଷ ଦର୍ଶୀ ଚିତ୍କାର କରିଥିଲ । ପାଟି ଶୁଣି ନିକଟସ୍ଥ ବିଦ୍ୟୁତ ବିଲ ସଂଗ୍ରହ କାର୍ଯ୍ୟାଳୟର କର୍ମଚାରୀ ତାପସ ପଟ୍ଟନାୟକ ପହଞ୍ଚି କାର ଗ୍ଲାସକୁ ଗୋଇଠା ମାରି ଉଦ୍ଧାର କରିଥିଲେ । ଫଳରେ ତାପସଙ୍କ ପାଦ ଗଭୀର ଭାବେ କ୍ଷତାକ୍ତ ହୋଇଛି । ସେହିପରି କାର ଚାଳକ ସମେତ କାର ଭିତରେ ଥିବା ୩ ଜଣ ଯାତ୍ରୀ ମଧ୍ୟ ଆହତ ହୋଇଛନ୍ତି । ହେଲେ ରିପୋର୍ଟ ଲେଖା ହେବା ବେଳକୁ ଆହତ ଚାଳକ ଓ ଅନ୍ୟ ଯାତ୍ରୀ ଦ୍ୱୟ ଅଡ଼ଶପୁର ଅଞ୍ଚଳର ବୋଲି ଜଣା ପଡ଼ିଥିଲେ ହେଁ ସମ୍ପୂର୍ଣ୍ଣ ପରିଚୟ ମିଳି ପାରିନାହିଁ । ସ୍ଥାନୀୟ ଲୋକେ ଆହତ ତାପସଙ୍କ ସମେତ ସମସ୍ତଙ୍କୁ ଅଠାନ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଖବର ପାଇ ବାଲିପାଟଣା



ଅଗ୍ନି ଶମ ବାହିନୀ ଏବଂ ବାଲିଅନ୍ତା ପୁଲିସ ପହଞ୍ଚି ତଦନ୍ତ କରିଥିଲା । ତାପସଙ୍କ ଗୋଡ଼ରେ ୬ଟି ଷ୍ଟିଚ ପଡିଛି । ସୂଚନାନୁସାରେ କାର ହଂସପାଳରୁ ଅଭୟମୁଖୀ ଅଭିମୁଖେ ଯାଉଥିବା ବେଳେ ମା ବାସୁଳେଇ ପୀଠ ନିକଟରେ ନିୟନ୍ତ୍ରଣ ହରାଇ କେନାଲ ଭିତରକୁ ଓଲଟି ପଡିଥିଲା ।

# ୨୮ରେ ଆସିବେ ଶାହ

ଭୁବନେଶ୍ୱର,୨୧।୧୨ (ସଂଚାର ବ୍ୟୁରୋ): ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ସମେତ କେନ୍ଦ୍ରମନ୍ତ୍ରୀମାନେ ବାରମ୍ବାର ଗସ୍ତ କରୁଛନ୍ତି। ଚଳିତ ବର୍ଷ ଶେଷରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆସନ୍ତା ୨୮ତାରିଖରେ ସମ୍ବଲପୁର ଆସିବେ ସ୍ୱରାଷ୍ଟ୍ରମନ୍ତ୍ରୀ। ସମଲେଶ୍ୱରୀ ମନ୍ଦିର ଦର୍ଶନ ପରେ ଜିଏମ କଲେଜ ଅଡିଟୋରିୟମରେ ବୈଠକ କରି ଦଳୀୟ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବେ। ଏହାସହିତ ବୁର୍ଲା ସୁପରସ୍ପେଶାଲିଟି ବିଲ୍ଡିଂର ଉଦଘାଟନ କରିବା ସାଙ୍ଗକୁ ଅନ୍ୟ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ଅମିତ ଶାହାଙ୍କ ଗସ୍ତକୁ ନେଇ ବିଜେପି ଶିବିରରେ ଉତ୍ସାହ ଭରିଯାଇଛି। କେନ୍ଦ୍ରୀୟ ନେତୃତ୍ୱ ଓଡିଶା ଯେତିକି ଗସ୍ତ କରିବେ ସେତିକି ଓଡିଶାକୁ ଫାଇଦା ଦେବ ବୋଲି କହିଛନ୍ତି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର। ସୂଚନାଯୋଗ୍ୟ, ନଭେମ୍ବର ୧୮ରେ ଏହି ସୁପର ସ୍ପେସିଆଲିଟି ହସ୍ପିଟାଲ ଉଦ୍‌ଘାଟନ ହେବାର ଥିଲା । କିନ୍ତୁ କୌଣସି କାରଣରୁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା ।

# ଏଣିକି ମିଳିବ ମାସିକିଆ ରାସନ



● ୨୫ ସୁଦ୍ଧା ବଣ୍ଟନ ପ୍ରକ୍ରିୟା ଶେଷ

ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ): ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀମାନଙ୍କୁ ଜାନୁୟାରୀ ୨୦୨୫ ପାଇଁ ମାସିକିଆ ରାସନ ପ୍ରଦାନ କରାଯାଉଛି । ଏଥି ନିମନ୍ତେ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ସହ ସରକାରୀ ଗୋଦାମରୁ ପିଡିଏସ୍ ସାମଗ୍ରୀ ନିର୍ଦ୍ଧାରିତ ସମୟରେ ଉଠାଣ ଓ ବଣ୍ଟନ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି କ୍ରମରେ ଗତ ୬ ତାରିଖରୁ ସରକାରୀ ଗୋଦାମଗୁଡ଼ିକରୁ ଡିଲରମାନେ ଚାଉଳ ଉଠାଣ ଜାରି ରଖିଛନ୍ତି। ଗତ ୧୪ ଦିନ ମଧ୍ୟରେ ଉଭୟ ନବରଙ୍ଗପୁର ଏବଂ ଦେବଗଡ଼ ଜିଲ୍ଲାର ଜିଲ୍ଲାପାଳମାନେ ସେମାନଙ୍କ ଜିଲ୍ଲା ପାଇଁ ଧାର୍ଯ୍ୟ ଚାଉଳ ଉଠାଣ ଗତକାଲି ସୁଦ୍ଧା ଶେଷ କରିଛନ୍ତି। ଅନ୍ୟ ଜିଲ୍ଲାଗୁଡ଼ିକ ଶନିବାର ସୁଦ୍ଧା ଚାଉଳ ଉଠାଣ ଶେଷ କରିବେ। ଏଥିସହ ରାଜ୍ୟର ଅନେକ ସ୍ଥାନରେ ଡିଲରମାନେ ସରକାରୀ ସୁଲଭ ମୂଲ୍ୟ ଦୋକାନ ତଥା ଡିଲର ପଏଣ୍ଟଠାରେ ହିତାଧିକାରୀମାନଙ୍କୁ ବଣ୍ଟନ ପ୍ରକ୍ରିୟା ଜାରି ରଖିଛନ୍ତି । ବାକିଥିବା ଅନ୍ୟ ଡିଲର ପଏଣ୍ଟଠାରେ ଆସନ୍ତା ୨୫ ତାରିଖ ସୁଦ୍ଧା ବଣ୍ଟନ ପ୍ରକ୍ରିୟା ଶେଷ ହେବା ନେଇ ସମସ୍ତ ଜିଲ୍ଲାପାଳଙ୍କୁ ପରାମର୍ଶ ଦିଆଯାଇଛି।

ହିତାଧିକାରୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କୁ ମାସିକିଆ ରାସନ୍ ପ୍ରଦାନ କରାଯାଉଛି। ଏହି ମର୍ମରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଉପସ୍ଥିତିରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ମାସିକିଆ ରାସନ ପ୍ରଦାନ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏତଦ୍‌ବ୍ୟତୀତ ହିତାଧିକାରୀମାନଙ୍କ ଇ-କେୱାଇସି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରି ଆସନ୍ତା ମାସ ସୁଦ୍ଧା ଶେଷ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

## ଶ୍ରୀମନ୍ଦିରରେ ମାରପିଟ ଘଟଣା

# ୨ ସେବାୟତଙ୍କୁ କାରଣ ଦର୍ଶାଅ ନୋଟିସ



ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ): ଶ୍ରୀମନ୍ଦିରରେ ବିଶୃଙ୍ଖଳା ପାଇଁ ଦୁଇ ଜଣ ସେବକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସେମାନେ ହେଲେ ମୁଖ ପଖାଳ ସେବକ ମଦନ ମୋହନ ଖୁଣ୍ଟିଆ ଓ ବିଶ୍ୱନାଥ ଖୁଣ୍ଟିଆ। ଶ୍ରୀମନ୍ଦିର ଆଇନ୍ ୨୧-କ ଧାରା ଅନୁସାରେ ଉଭୟଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବ, ସେ ନେଇ ସନ୍ତୋଷଜନକ କୈଫିୟତ ରଖିବାକୁ ସେମାନଙ୍କୁ ୭ ଦିନ ସମୟ ଦିଆଯାଇଛି। ଶ୍ରୀମନ୍ଦିର କମାଣ୍ଡରଙ୍କ ଜରିଆରେ ଏହି କୈଫିୟତ ଦାଖଲ କରିବାକୁ ସେମାନଙ୍କୁ କୁହାଯିବା ସହ ଧାର୍ଯ୍ୟ ସମୟ ଭିତରେ ଏହା ହସ୍ତଗତ ନହେଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ଏହି କାରଣ ଦର୍ଶାଅ ନୋଟିସରେ କୁହାଯାଇଛି ଯେ ଗତ ୧୬ ତାରିଖ ଦିନ ମୁକ୍ତିମଣ୍ଡପ ସାମ୍ନାରେ ଅବକାଶ ପାଦୁକା ବଣ୍ଟନକୁ ନେଇ ଉଭୟ ସେବକ ପରସ୍ପରକୁ ଗାଳିଗୁଲଜ କରିବା ସହ ମାରପିଟ୍ କରି ରକ୍ତାକ୍ତ ହୋଇଥିଲେ। ଏହି ଘଟଣାକୁ ଯୋଗୁଁ ଶ୍ରୀମନ୍ଦିର ପରିସରରେ ସେତେବେଳ ଉପସ୍ଥିତ ଥିବା ଭକ୍ତମାନେ ଏହାର ଶୃଙ୍ଖଳା ନେଇ ସନ୍ଦେହ ପ୍ରକାଶ କରିଥିଲେ। ସେହିପରି ଶ୍ରୀମନ୍ଦିରର ଗାରିମା ଓ ମର୍ଯ୍ୟାଦା ମଧ୍ୟ କ୍ଷୁଣ୍ଣ ହୋଇଥିଲା। ତେଣୁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବ ସେ ନେଇ ସନ୍ତୋଷଜନକ କୈଫିୟତ ଦାଖଲ କରିବାକୁ ନୋଟିସରେ କୁହାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏହି ନୋଟିସ୍ ଜାରି କରିବା ସହ ଆଉ ଥରେ ସ୍ପଷ୍ଟ କରିଛନ୍ତି ଯେ, ଶ୍ରୀମନ୍ଦିର ମଧ୍ୟରେ ବିଶୃଙ୍ଖଳାକୁ କଦାପି ବରଦାସ୍ତ କରାଯିବ ନାହିଁ।

# ଆଜି ବଦଳିବ ପାଗ: ନୟାଗଡ଼ରେ ସର୍ବାଧିକ ବର୍ଷା

ଭୁବନେଶ୍ୱର,୨୧।୧୨ (ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ତତ୍ ପରବର୍ତ୍ତୀ ଅବପାତ ପ୍ରଭାବରେ ଗତକାଲିଠାରୁ ରାଜ୍ୟରେ ବର୍ଷା ଲାଗି ରହିଥିବା ବେଳେ ଆସନ୍ତାକାଲି ବର୍ଷାର ପରିମାଣ ବହୁ ମାତ୍ରାରେ କମିଯିବାର ସମ୍ଭାବନା ରହିଛି। ଶନିବାର ଏହି ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି।

ଟ୍ୱିନ୍ ସିଟି ସମେତ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଗତ ୨୪ ଘଣ୍ଟାରେ ସବୁଠୁ ଅଧିକ ବର୍ଷା ହୋଇଛି ନୟାଗଡ଼ ଜିଲ୍ଲା ରଣପୁରରେ। ଏଠାରେ ୧୦୮.୪ ମିମି ବର୍ଷା ରେକର୍ଡ କରାଯାଇଛି। ଜଟଣୀରେ ୭୫, ପିପିଲରେ ୭୫, ଜଗତସିଂହପୁର ନୂଆଗାଁରେ ୭୩, ଖୋର୍ଦ୍ଧା ବାଣପୁରରେ ୭୦, ଗଞ୍ଜାମର ବେଲଗୁଣ୍ଠାରେ ୬୯.୨, କୃଷ୍ଣପ୍ରସାଦରେ ୬୭ ଓ ଗୋପରେ ୬୬ ମିମି ବର୍ଷା ରେକର୍ଡ କରାଯାଇଛି।

ରବିବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି ଓ ନୟାଗଡ଼ ଜିଲ୍ଲାର ଅନେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ ଓ ସୁନ୍ଦରଗଡ଼ ଆଦି ଜିଲ୍ଲାର କିଛି ସ୍ଥାନରେ ହାଲକା ବର୍ଷା ହେବ। ଆଗାମୀ ୪୮ ଘଣ୍ଟା ଯାଏଁ କେନ୍ଦୁଝର, ଝାରସୁଗୁଡ଼ା, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର କିଛି କିଛି ସ୍ଥାନରେ ଘନ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଦିନର ତାପମାତ୍ରା ୪-୫ ଡିଗ୍ରୀ କମିଛି। ସେଥିପାଇଁ ବର୍ଷା ସହିତ ଶୀତ ହେଉଛି। କିନ୍ତୁ ରାତିର ସର୍ବନିମ୍ନ ତାପମାତ୍ରା ବହୁତ ବଢ଼ିଯାଇଛି। ରାତିର ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ୫ରୁ ୭ ଡିଗ୍ରୀ ବଢ଼ିଯାଇଛି। ଆଗାମୀ ଦୁଇ ଦିନ ପରେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି କିଛି ସ୍ଥାନରେ ରାତିର ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ କମିଯିବ।



# ଧୋଇଗଲା ବର୍ଷକର ଆୟ

ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ): ଲଘୁଚାପ ପ୍ରଭାବରେ ରାଜ୍ୟରେ ଲାଗି ରହିଛି ପ୍ରବଳ ବର୍ଷା । ଧାନ ଅମଳ ବେଳେ ବର୍ଷା ହେବାରୁ ଚାଷୀର ବର୍ଷ ଯାକର ପରିଶ୍ରମକୁ ପାଣିରେ ପଡ଼ିଛି। ଦୁଇଦିନ ଦିନ ହେଲା ଦକ୍ଷିଣରୁ ଉପକୂଳ ପର୍ଯ୍ୟନ୍ତ ଲଗାଣ ବର୍ଷା ଜାରି ରହିଛି। ବର୍ଷା ପ୍ରଭାବରେ ଶହଶହ ଏକର ଜମିରେ ଧାନ, ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଜମିରେ କଟା ହୋଇ ପଡ଼ି ରହିଥିବା ଧାନ ଉଠାଇବା ସମ୍ଭବ ହେଉନି। ଖଳାରେ ଗଦା ହୋଇଥିବା ଧାନ ଭିଜୁଥିବାରୁ ଗଜା ହେବା ଅଶାଙ୍କା ପ୍ରକାଶ ପାଇଛି। ଅମଳ ହୋଇଥିବା ଧାନକୁ ବର୍ଷା ଦାଉରୁ ରକ୍ଷା କରିବାକୁ କିଏ ପଲିଥିନ ଢାଙ୍କୁଛି ତ ଆଉ କିଏ ବସ୍ତାରେ ସାଇତି ରଖୁଛି। ଅନେକ ଅଞ୍ଚଳରେ ବିଲ ହୁଡ଼ା, ରାସ୍ତା କଡରେ ଧାନ ଓଦା ହୋଇ ନଷ୍ଟ ହେଉଛି। ଧାନ ଭିଜି ଥିବାରୁ କିଛି ଆଦାୟ ହେବ ନାହିଁ ବୋଲି ଚାଷୀମାନେ କହିଛନ୍ତି। ପରିବା ବିଲରେ ପାଣି ଜମି ରହିଛି। ଲଗାଣ ବର୍ଷା ଯୋଗୁ ବିଲରୁ ଜଳ ନିଷ୍କାସନ ହୋଇପାରୁନି। କୋବି, ବାଇଗଣ, ଶାଗ, ବିଲାତି, ବିନ୍ ଆଦି ପରିବା ପଚିଯିବା ଆଶଙ୍କା ସୃଷ୍ଟି ହୋଇଛି। ବିଶେଷକରି ବିଲରେ ଲାଗିଥିବା ଆଳୁ ମଞ୍ଜି ପଚିଯିବା ଆଶଙ୍କା କରାଯାଉଛି। ବିରି, ମୁଗ, ଚଣା, କାନ୍ଦୁଲ ଭଳି ରବି ଫସଲ ନଷ୍ଟ ହୋଇଛି। ଏଭଳି ସ୍ଥିତିରେ ଚାଷୀ ଫସଲ ପାଇଁ କରିଥିବା ଋଣ ପରିଶୋଧ କରିବା ସମ୍ଭବ ହୋଇ ନ ପାରେ। ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ଼, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ବାଲେଶ୍ୱର, ଢେଙ୍କାନାଳ, ଅନୁଗୁଳ ଆଦି ଜିଲ୍ଲାରେ ଅଦିନିଆ ବର୍ଷା ଚାଷୀ କୁଳକୁ ସର୍ବସ୍ୱାନ୍ତ କରିବା ଆଙ୍କା ପ୍ରକାଶ ପାଇଛି।

# ହେରୋଇନ ଜବତ, ୩ ଗିରଫ




ପିପିଲି, ୨୧।୧୨ (ସଂଚାର ବ୍ୟୁରୋ): କାର୍‌ରୁ ୩୭୮ ଗ୍ରାମର ହେରୋଇନ୍ ଜବତ କରାଯାଇଛି। ପିପିଲି ଥାନା ଅନ୍ତର୍ଗତ ନିମାପଡ଼ା ବାଇପାସ୍ ଛକରୁ ଏକ ମାରୁତି ସୁଜୁକି କାର୍‌ରୁ ହେରୋଇନ୍ ଜବତ ହେବା ସହିତ ୩ ଜଣଙ୍କୁ ଗିରଫ କରାଯାଇଛି। ଜବତ ହେରୋଇନର ମୂଲ୍ୟ ପ୍ରାୟ ୩୯ ଲକ୍ଷ ଟଙ୍କା ହେବ। ଶୁକ୍ରବାର ରାତିରେ ରାଉରକେଲାରୁ ପୁରୀକୁ ବ୍ରାଉନ ସୁଗାର ନେଇ ଆସୁଥିବା ବେଳେ ଗୋଇନ୍ଦା ସୂଚନା ପାଇ ପୁରୀ ଅବକାରୀ ବିଭାଗ ନିମାପଡ଼ା ବାଇପାସ୍ ଛକରେ ଏକ ମାରୁତି ସୁଜୁକି କାର୍‌କୁ ଅଟକାଇଥିଲା। ଏଥିରୁ ୩୭୮ ଗ୍ରାମର ହେରୋଇନ୍ ଜବତ କରି କାର୍ ଭିତରେ ଥିବା ୨ ଜଣଙ୍କୁ ଗିରଫ କରିଥିଲା। ୨ ଯୁବକଙ୍କୁ ପଚରାଉଚରା ବେଳେ କାର୍ ମାଲିକ ଏହି ରାକେଟ୍‌ର କିଙ୍ଗପିନ୍ ବୋଲି ଜଣାପଡ଼ିଥିଲା। ସେମାନଙ୍କ ତଥ୍ୟକୁ ଆଧାର କରି ପୋଲିସ କାର୍ ମାଲିକଙ୍କୁ ଗିରଫ କରିଛି। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। କାର୍ ସମେତ ୩ଟି ମୋବାଇଲ୍ ଫୋନ ଜବତ ହୋଇଛି। କାରରୁ ଗିରଫ ଦୁଇ ଅଭିଯୁକ୍ତ ହେଲେ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ମୁସଲିମପଡ଼ାର ଇମାମ୍ ଅହମ୍ମଦ ରାଜା(୨୭) ଏବଂ ରାଉରକେଲା ପ୍ଲାଣ୍ଟସାଇଟ ଅଞ୍ଚଳର ମହମ୍ମଦ ଆବୁ ତଲହା(୨୯)।

# ପ୍ଲାନେଟ୍ ପରେଡ: ଖାଲି ଆଖିରେ ଦେଖିହେବ ୫ ଗ୍ରହ



ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ): ୨୦୨୪ ମସିହା, ଡିସେମ୍ବର ୨୦୨୪ ର ଦ୍ୱିତୀୟାର୍ଦ୍ଧ ଏବଂ ଜାନୁୟାରୀ ୨୦୨୫ ର ପ୍ରଥମାର୍ଦ୍ଧି ଆକାଶରେ ଥିବା ୫ଟି ଗ୍ରହକୁ ଖାଲି ଆଖିରେ ଦେଖିବା ପାଇଁ ଉତ୍କୃଷ୍ଟ ସୁଯୋଗ ଆସିବ । ଆମେ ଏହାକୁ ଗ୍ରହ ସମାବେଶ ବା ଇଂରାଜୀ ରେ ଏହାକୁ ଏକ 'ପ୍ଲାନେଟ୍ ପରେଡ' କୁହାଯାଏ । ଯଦିଓ ଏହି ଶବ୍ଦର କୌଣସି ବୈଜ୍ଞାନିକ ସଂଜ୍ଞା ନାହିଁ କିନ୍ତୁ ଜ୍ୟୋତିର୍ବିଜ୍ଞାନରେ ଏହା ବହୁଳ ଭାବରେ ବ୍ୟବହୃତ ହେଉଛି, ଯାହା ଏକ ବିରଳ ମହାକାଶୀୟ ଘଟଣାକୁ ସୂଚାଇଥାଏ । ଆମେ ଜାଣିଛେ ଯେ ସୂର୍ଯ୍ୟ ଚାରିପଟେ ୮ ଟି ଗ୍ରହ ବୁଲୁଛନ୍ତି । ଏହି ୮ ଟି ଗ୍ରହ ଭିତରୁ ପୃଥିବୀକୁ ଛାଡି ଆମେ ୫ଟି ଗ୍ରହକୁ ଖାଲି ଆଖିରେ ଦେଖିପାରୁ । ସୂର୍ଯ୍ୟାସ୍ତ ପରେ ପଶ୍ଚିମ ଦିଗବଳୟର କିଛି ଉପରେ ଦେଖାଯିବ ଉଜ୍ଜ୍ୱଳ ଶୁକ୍ର ଗ୍ରହ, ତାର କିଛି ଉପରକୁ ଥିବ ଇସତ୍ ହଳଦି ରଙ୍ଗର ଶନି ଗ୍ରହ ଓ ପୂର୍ବ ଦିଗବଳୟର କିଛି ଉପରେ ଥିବ ଉଜ୍ଜ୍ୱଳ ବୃହସ୍ପତି ଗ୍ରହ । ରାତି ବଢ଼ିବା ସଙ୍ଗେ ଏହି ଗ୍ରହ ଗୁଡିକ ପୂର୍ବରୁ ପଶ୍ଚିମ ଆଡକୁ ଗତି କରି କ୍ରମାନ୍ୱୟରେ ଅସ୍ତ ହେବେ । ରାତି ୯ଟା ବେଳକୁ ପ୍ରଥମେ ଶୁକ୍ର ଗ୍ରହ ଅସ୍ତ ହେବ ଓ ପ୍ରାୟ ସେତିକି ବେଳକୁ ଲାଲ ରଙ୍ଗର ମଙ୍ଗଳ ଗ୍ରହ ପୂର୍ବ ଦିଗବଳୟରେ ଉଦୟ ହେବ । ସେହି କ୍ରମରେ ବୁଧ ଗ୍ରହ ପୂର୍ବ ଦିଗବଳୟରେ ଭୋର ସମୟରେ ଉଦୟ ହେବ। ସାଧାରଣତଃ ବୁଧ ଗ୍ରହ, ଖାଲି ଆଖିରେ ଦେଖାଯିବା ଅତ୍ୟନ୍ତ ବିରଳ । ଡିସେମ୍ବର ମାସ ୨୦ ତାରିଖରୁ ୩୦ ତାରିଖ ଯାଏଁ ପୂର୍ବ ଆକାଶରେ ସୂର୍ଯ୍ୟ ଉଦୟର ଠିକ୍ ପୂର୍ବରୁ ଦିଗବଳୟର ପ୍ରାୟ ୩୦ ଡିଗ୍ରୀ ମଧ୍ୟରେ ଦେଖାଯିବ ।

ଏହା ଛଡା ୟୁରାନସ୍ ଓ ନେପଚୁନ୍ ଗ୍ରହକୁ ମଧ୍ୟ ଛୋଟ ଦୂରବୀକ୍ଷଣରେ ଦେଖି ହେବ। ଆଗ୍ରହୀ ଜ୍ୟୋତିର୍ବିଜ୍ଞାନୀମାନେ ନିଜର ଦୂରବୀକ୍ଷଣ ଧରି ଏହି ମହାକାଶୀୟ ଉତ୍ସବ ଦେଖିବା ପାଇଁ ଓ ଜନସାଧାରଣଙ୍କୁ ଦେଖାଇବା ପାଇଁ ପ୍ରସ୍ତୁତ ହେଲେଣି । ଏଭଳି ଏକ ଉତ୍କୃଷ୍ଟ ସୁଯୋଗ ହାତଛଡା ନକରିବାକୁ ସେମାନେ ପରାମର୍ଶ ଦେଉଛନ୍ତି ।

# ପୋଲରେ ବାଡ଼ ନଥିବାରୁ ଓଲଟିଲା ବସ୍, ୧୦ ଆହତ



ପଟ୍ଟାମୁଣ୍ଡାଇ ତା ୨୧।୧୨(ସଂଚାର ବ୍ୟୁରୋ): ପୋଲରେ ବାଡ଼ ନଥିବାରୁ ଆଜି ସନ୍ଧ୍ୟାରେ ବଡ଼ପଡା ଠାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ବାଡ଼ ନଥିବା ଯୋଗୁଁ ବସଟି ଭାରସାମ୍ୟ ହରାଇ ଓଲଟି ପଡିଛି । ଫଳରେ ୧୦ଜଣ ଯାତ୍ରୀ ଆହତ ହୋଇ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି ହୋଇଛନ୍ତି । ପ୍ରକାଶ ଯେ ଓଡି ୨୯୮୮୬୬ ନମ୍ବର ଉମାଶଙ୍କର ଯାତ୍ରୀବାହୀ ବସ ୩୫ଜଣ ଯାତ୍ରୀଙ୍କୁ ନେଇ କଟକରୁ ଜମ୍ବୁ ଯାଉଥିବା ବେଳେ ଆଜି ସନ୍ଧ୍ୟା ୬. ୩୦ ମିନିଟ ସମୟରେ ବଡ଼ପଡା ଗାଁ ଗୋଳେଇ ଛକରେ ବୁଲି ବାଡ଼ ନଥିବା ପୋଲ ଉପରକୁ ଯିବା ସମୟରେ ବର୍ଷା ପାଗ ଯୋଗୁଁ ମାଟି ଦବି ଯାଇଥିବା ଯୋଗୁଁ ଭାରହରାଇ ଓଲଟି ପଡିଥିଲା । ଏହା ଦେଖି ଘଟଣାସ୍ଥଳରେ ଉପସ୍ଥିତ ଶିକ୍ଷାବିତ ବିଧୁଭୂଷଣ ମହାନ୍ତିଙ୍କ ନେତୃତ୍ୱରେ ଗ୍ରାମବାସୀ ବସ୍‌ରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ବସ୍‌ରେ ଥିବା ୩୫ଜଣ ଯାତ୍ରୀଙ୍କ ମଧ୍ୟରୁ ୧୦ଜଣ ଯାତ୍ରୀଙ୍କ ଅବସ୍ଥା ଗୁରୁତର ହୋଇପଡିଛି । ଏହି ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ ଘଟଣାସ୍ଥଳରେ ପହଂଚି ଲୋକ ମାନଙ୍କୁ ଉଦ୍ଧାର କରିବା ସହିତ ଦୁର୍ଘଟଣାରେ ଆହତ ଲୋକମାନଙ୍କୁ ତତ୍କାଳ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଥିଲେ। ଏହି ଦୁର୍ଘଟଣାରେ ବସ ହେଲ୍ପର ଗୋଡ଼ ଭାଙ୍ଗିଯାଇଛି। ବଡ଼ପଡା ଗାଁ ରେ ଥିବା ପୋଲରେ ବାଡ଼ ନଥିବାରୁ ବାରମ୍ବାର ଏଠାରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ବଡ଼ପଡା ଗାଁ ନିକଟରେ ଥିବା ପୋଲରେ ବାଡ଼ ନିର୍ମାଣ କରିବା ପାଇଁ ଦାବି ହେଉଛି ।



ବିଧାନସଭା ସଚିବ ଦାଶରଥୀ ଶତପଥିଙ୍କ ସହ ବିଧାନସଭା ପରିଭ୍ରମଣରେ ଆସିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ବେକ୍ଷକ ଶିକ୍ଷାନବୀଶ ।

# ଆଡଭୋକେଟ ୱେଲଫେୟାର ଫଣ୍ଡକୁ ୧୦ କୋଟି ଦେଲେ ସରକାର

ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ): ଓଡ଼ିଶା ଆଡ଼ଭୋକେଟ ୱେଲଫେୟାର ଫଣ୍ଡ ରାଶି ୫ କୋଟିରୁ ୧୦ କୋଟିକୁ ବୃଦ୍ଧି । ୧୦ କୋଟି ପ୍ରଦାନ କଲେ ରାଜ୍ୟ ସରକାର। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ପକ୍ଷରୁ ଏହି ଅନୁଦାନ ଦିଆଯାଇଛି। ଆଇନଜୀବୀଙ୍କ ମୃତ୍ୟୁ ଓ ଅବସରକାଳୀନ ସହାୟତା ପାଇଁ ଏହି ଅନୁଦାନ । ଓକିଲଙ୍କ ସହାୟତା ପାଇଁ ରହିଛି ଓଡିଶା ଆଡ଼ଭୋକେଟ ୱେଲଫେୟାର ଫଣ୍ଡ । ୱେଲଫେୟାର ଫଣ୍ଡ ଟ୍ରଷ୍ଟ କମିଟିର ଅଧ୍ୟକ୍ଷ ହେଉଛନ୍ତି ଆଡଭୋକେଟ ଜେନେରାଲ। ରାଜ୍ୟରେ ସ୍ୱତନ୍ତ୍ର ଆକ୍ଟ ଅନୁଯାୟୀ ରହିଛି ୭ ଜଣିଆ ୱେଲଫେୟାର ଫଣ୍ଡ ଟ୍ରଷ୍ଟ କମିଟି। ପୂର୍ବରୁ ଆଇନଜୀବୀଙ୍କୁ ମୃତ୍ୟୁ ବା ଅବସରକାଳୀନ ଅନୁଦାନ ମିଳୁଥିଲା ସାଢ଼େ ୪ ଲକ୍ଷ । ଏବେ ଏହି ଅନୁଦାନ ମିଳିବ ୯ ଲକ୍ଷ ଟଙ୍କା । ୱେଲଫେୟାର ଫଣ୍ଡ ରାଶି ବୃଦ୍ଧି ନେଇ ଆଡଭୋକେଟ ଜେନେରାଲ ବରିଷ୍ଠ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ ଟ୍ୱିଟ ଯୋଗେ ସୂଚନା ଦେଇଛନ୍ତି ।

# ପ୍ରବାସୀ ଭାରତୀୟ ଦିବସ: ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟ ସଚିବ

ଭୁବନେଶ୍ୱର, ୨୧।୧୨ (ସଂଚାର ବ୍ୟୁରୋ): ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଆୟୋଜନର ପ୍ରସ୍ତୁତି ଅଗ୍ରଗତି ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଉପ-କମିଟିରେ ସଦସ୍ୟ ଥିବା ସଂପୃକ୍ତ ବିଭାଗୀୟ ସଚିବମାନେ ସେମାନଙ୍କର କାର୍ଯ୍ୟ ଅଗ୍ରଗତି ସଂପର୍କରେ ବୈଠକରେ ସୂଚନା ଦେଇଛନ୍ତି।

ପ୍ରବାସୀ ଭାରତୀୟ ଦିବସ ପାଇଁ ଡିସେମ୍ବର ୯ ରେ ଜନତା ମଇଦାନ ଠାରେ ଭୂମି ପୂଜନ କରାଯାଇଛି। କାର୍ଯ୍ୟକ୍ରମ ସ୍ଥଳରେ ଭି.ଭି.ଆଇ.ପି, ଅତିଥି,ପ୍ରବାସୀ ଭାରତୀୟ, ସ୍ଥାନୀୟ ଦର୍ଶକମାନଙ୍କ ବସିବା ବ୍ୟବସ୍ଥା, ଯାନବାହାନ ପାର୍କିଂ ସ୍ଥଳ, ପ୍ରବାସୀ ଭାରତୀୟଙ୍କ ଖାଦ୍ୟ ବ୍ୟବସ୍ଥା ସହ ଆନୁଷଙ୍ଗିକ ପ୍ରସ୍ତୁତି, ନକ୍ସା ଉପସ୍ଥାପନ ଓ ଅନୁମୋଦନ ମୁତାବକ କାର୍ଯ୍ୟ ଅଗ୍ରଗତି ଚାଲିଥିବା ସଂପର୍କରେ ଶିଳ୍ପ ବିଭାଗ ତରଫରୁ ସୂଚନା ଦିଆଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ କେଉଁମାନେ ଅଂଶ ଗ୍ରହଣ କରିବେ, ତାହା ଓଡ଼ିଆ ଭାଷା ଓ ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଚୂଡ଼ାନ୍ତ କରାଯାଇଛି। ୭ରୁ ୧୧ରାଜାରାଣୀ ମ୍ୟୁଜିକ୍ ଫେଷ୍ଟିଭାଲ, ମୁକ୍ତେଶ୍ୱର ନୃତ୍ୟ ଉତ୍ସବ , ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଏବଂ ଏକାମ୍ର କାନନ ଠାରେ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ । ୮ ଜାନୁଆରୀରେ ସାଂସ୍କୃତିକ ଫ୍ୟୁଜନ ନୃତ୍ୟ ପରିବେଷଣ, ୫ ରୁ ୧୫ ଜାନୁଆରୀ ପର୍ଯ୍ୟନ୍ତ ଆଦିବାସୀ ମେଳା, ୬ରୁ ୧୨ ଜାନୁଆରୀ ପର୍ଯ୍ୟନ୍ତ ଚିଲିକା ପକ୍ଷୀ ଉତ୍ସବ, ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଖାଦ୍ୟ ମେଳା, ପଥ ଉତ୍ସବ ଏବଂ ରାତ୍ରୀକାଳୀନ ବଜାର(ନାଇଟ୍ ଫ୍ଲି ମାର୍କେଟ୍) ଅନୁଷ୍ଠିତ ହେବା ନିମନ୍ତେ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏହି ଅବସରରେ ଓଡ଼ିଶାର ଗୌରବ ଉପରେ ଆଧାରିତ ଓଡ଼ିଶା ଥିମ୍ ପାଭିଲିଅନ ଆୟୋଜିତ ହେବ। ଜାନୁଆରୀ ୮ ରେ ଯୁବ ପ୍ରବାସୀ ଭାରତୀୟ ଦିବସ, ଜାନୁଆରୀ ୯ରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଏବଂ ଶେଷ ଦିନ ଜାନୁଆରୀ ୧୦ ତାରିଖରେ ଉଦଯାପନୀ ଦିବସ ସହିତ ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମର ପ୍ରସାର ପ୍ରଚାର ପାଇଁ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ମିଡିଆ ପ୍ଲାନ ପ୍ରସ୍ତୁତି ପୂର୍ବକ ଆବଶ୍ୟକ ପ୍ରସ୍ତାବ ଦିଆଯାଇଛି। ସହରରେ ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଚିହ୍ନଟ ହୋଇଥିବା ୫୫ଟି ରାସ୍ତାର ସୌନ୍ଦର୍ଯ୍ୟକରଣ, ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା, ନିରାପତ୍ତା ପ୍ରସ୍ତୁତି ଜାରି ରହିଛି। ଅତିଥି, ପ୍ରବାସୀ ଭାରତୀୟ ଏବଂ ବୈଦେଶିକ ବ୍ୟାପାର ବିଭାଗ ଅଧିକାରୀମାନଙ୍କ ରହଣି ପାଇଁ ପ୍ରକୋଷ୍ଠ ବୁକିଂ କରାଯାଇଛି। ପ୍ରବାସୀ ଭାରତୀୟମାନଙ୍କ ତରଫରୁ ପଞ୍ଜୀକରଣ ଜାରି ରହିଛି ।



# ରାତି ହେଲେ ଯନ୍ତ୍ରଣା ବଢ଼େ




କଟକ, ୨୧।୧୨ (ସଂଚାର ବ୍ୟୁରୋ): ରାତ୍ରି ଆଶ୍ରୟସ୍ଥଳୀ ଅଛି, ହେଲେ କାମରେ ଲାଗୁନି। ଶୀତରାତିରେ ଅସହାୟ ଲୋକେ ଥରିଥରି ରାସ୍ତାକଡ଼ରେ ରହୁଛନ୍ତି। କିଟିକିଟି ଅନ୍ଧାରକୁ ପ୍ରବଳ ଶୀତ। ରାତି ବଢୁଛି, ଯନ୍ତ୍ରଣା ବଢୁଛି। କଟକ ସହରରେ ଥିବା ୪ଟି ରାତ୍ରି ଆଶ୍ରୟସ୍ଥଳୀରେ ସମସ୍ୟା ଭରି ରହିଥିବା ବେଳେ ସମାଧାନ କରବାକୁ ଯେମିତି କେହି ନାହାନ୍ତି। କଟକକୁ ଉନ୍ନତ ସହର କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ହେଲେ ରାତିରେ ଲୋକେ ବେସାହାରା ଭାବେ ରହିଥିବା ଦେଖିଲେ, ଏହି ସ୍ୱପ୍ନ ସ୍ୱପ୍ନରେ ରହିଯିବା ପରି ଲାଗୁଛି। କିଏ ରାସ୍ତାକଡ଼ରେ ତ କିଏ ବସଷ୍ଟାଣ୍ଡରେ । ଏମାନଙ୍କ ସବୁ ରାତି ଏମିତି କଟେ। ଦିନରେ କୌଣସି ପ୍ରକାରେ ଚଳିଯାଆନ୍ତି। କିନ୍ତୁ ରାତି ହେଲେ କଷ୍ଟ ବଢ଼ିଯାଏ । କଟକରେ ଥିବା ୪ଟି ରାତ୍ରି ଆଶ୍ରୟସ୍ଥଳୀ କାମରେ ଲାଗୁନାହିଁ । ସମସ୍ୟା ଲାଗି ରହିଛି। ସିସିଟିଭି ବ୍ୟବସ୍ଥା ଅଚଳ । ମଶା ଦାଉରୁ ରକ୍ଷା ପାଇଁ ମଶାରି ନାହିଁ। ଆଶ୍ରୟସ୍ଥଳୀ ଖୋଲି ଦେଇ ପ୍ରଶାସନ ଯେମିତି ଚୁପ୍ ବସି ଯାଇଛି । ଆଶ୍ରୟସ୍ଥଳୀ ନେଇ ଲୋକ ସୂଚନା ବି ପାଉନାହାନ୍ତି। ଏନେଇ ମହାନଗର ନିଗମ କମିଶନର କହିଛନ୍ତି, ବାଦାମବାଡ଼ି ଓ ଷ୍ଟେସନ୍ ଭଳି ଜନଗହଳି ସ୍ଥାନରେ ଆଉ ଦୁଇଟି ନୂଆ ରାତ୍ରି ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଯୋଜନା କରାଯାଉଛି । କିଛି ରାତ୍ରି ଆଶ୍ରୟସ୍ଥଳୀରେ ପରିଚୟପତ୍ର ଦରକାର ପଡୁଥିବାରୁ ଲୋକ ରହିବାକୁ ରାଜି ହେଉନାହାନ୍ତି।

# ଏସ୍‌ସିବି କାଜୁଆଲଟିରେ ୨୦୦ରୁ ଅଧିକ ନର୍ସ ପଦ ଖାଲି




କଟକ,୨୧।୧୨ (ସଂଚାର ବ୍ୟୁରୋ): କଟକ ବଡ଼ ଡାକ୍ତରଖାନା(ଏସ୍‌ସିବି) ନନଟ୍ରମା କାଜୁଆଲିଟିରେ ଦିନରାତି ରୋଗୀଙ୍କ ଭିଡ ଜମୁଥିବା ବେଳେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବା ପାଇଁ ଆବଶ୍ୟକ ସଂଖ୍ୟକ ନର୍ସ ନାହାନ୍ତି। ଗୋଟିଏ ସିଫ୍ଟରେ ୪ଜଣ ନର୍ସଙ୍କୁ ଏସ୍‌ସିବି କର୍ତ୍ତୃପକ୍ଷ ନନଟ୍ରମା କାଜୁଆଲିଟିରେ ଡ୍ୟୁଟି ଦେଉଛନ୍ତି। ଯାହାକୁ ନେଇ ସେବା ପ୍ରଭାବିତ ହେବା ସହିତ ବହୁ ସମସ୍ୟା ଦେଖାଦେଉଛି।

ଜଣେ ଷ୍ଟାଫ ନର୍ସଙ୍କ ଅଭିଯୋଗ ଅନୁଯାୟୀ, ନନଟ୍ରମା କାଜୁଆଲିଟିକୁ ଦୈନିକ ଶତାଧିକ ରୋଗୀ ଆସୁଛନ୍ତି। କେବଳ ରାତି ସମୟରେ ରୋଗୀଙ୍କ ସଂଖ୍ୟା ଏ ୪୦୦ରୁ ଅଧିକ ରହୁଛି। ମାତ୍ର ହାତଗଣତି ନର୍ସଙ୍କୁ ନେଇ କାଜୁଆଲିଟି ପରିଚାଳନା କରିବା କାଠିକର ପାଠ। କେହି ଛୁଟିରେ ରହିଲେ ସ୍ଥିତି ସଙ୍ଗୀନ ହେଉଛି। ମେଡିକାଲ କର୍ତ୍ତୃପକ୍ଷ ଏ ବାବଦରେ ଦୃଷ୍ଟି ଦେବା ଉଚିତ ବୋଲି ସେ ଦାବି କରିଛନ୍ତି।

ରାଜ୍ୟର ସର୍ବବୃହତ୍ତ ସରକାରୀ ହସ୍ପିଟାଲ ଏସ୍‌ସିବିରେ ଶଯ୍ୟା ସଂଖ୍ୟା ବୃଦ୍ଧି ପାଇ ୨୧୦୦ରେ ପହଞ୍ଚିଛି। ଅନେକ ୱାର୍ଡରେ ରୋଗୀ ଚଟାଣରେ ଶୋଇ ଚିକିତ୍ସିତ ହେଉଛନ୍ତି। ଏହାକୁ ମିଶାଇଲେ ରୋଗୀ ସଂଖ୍ୟା ଆନୁମାନିକ ୩୦୦୦। ଜାତୀୟ ମେଡିକାଲ କମିଶନ (ଏନ୍ଏମ୍‌ସି) ଏବଂ ଇଣ୍ଡିଆନ ନର୍ସିଂ କାଉନସିଲ(ଆଇଏନ୍‌ସି) ଗାଇଡଲାଇନ ଅନୁସାରେ ମେଡିକାଲରେ ରୋଗୀ ଏବଂ ନର୍ସ ଅନୁପାତ ୩:୧ ରହିବା ଉଚିତ। ଅର୍ଥାତ ୩ଜଣ ରୋଗୀଙ୍କ ନିମନ୍ତେ ଜଣେ ନର୍ସ ରହିବେ। ସେହିପରି ଗାଇଡଲାଇରେ ଆଇସିୟୁ ନିମନ୍ତେ ଅନୁପାତ ଭିନ୍ନ ରହିଛି। ଆଇସିୟୁରେ ରୋଗୀ ଏବଂ ନର୍ସ ଅନୁପାତ ହେଉଛି ୧:୧। ଜଣେ ରୋଗୀ ପାଇଁ ଜଣେ ନର୍ସ ରହିବା ଆବଶ୍ୟକ। ଏସ୍‌ସିବି ମେଡିକାଲରେ ୩ ହଜାରରୁ ଅଧିକ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଏଠାରେ ନର୍ସ ଅଛନ୍ତି ୧୦୨୬ଜଣ। ତେବେ ବଡ ମେଡିକାଲରେ ନର୍ସଙ୍କ ମଞ୍ଜୁରପ୍ରାପ୍ତ ପଦ ହେଉଛି ୧୨୮୧ଜଣ। ୨୦୦ରୁ ଅଧିକ ନର୍ସ ପଦ ଏବେ ବି ଫାଙ୍କା ରହିଛି। ଏସ୍‌ସିବି ନର୍ସିଂ କର୍ମଚାରୀ ସଂଘର ଜଣେ ବରିଷ୍ଠ ସଦସ୍ୟା କହିଛନ୍ତି ଯେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏ ନେଇ ଅନେକ ଥର ଅବଗତ କରାଯାଇଛି। ଏ ସଂକ୍ରାନ୍ତରେ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନର୍ସମାନେ ଚିଠି ଲେଖିଛନ୍ତି। ମାତ୍ର ସନ୍ତୋଷଜନକ ଉତ୍ତର ମିଳି ପାରିନାହିଁ। ଏସ୍‌ସିବି ମେଡିକାଲରେ ନର୍ସ ସଙ୍କଟ ରହିଥିବା ହେତୁ ଆଇସିୟୁରେ ସମସ୍ୟା ହେଉଛି। ଆଇସିୟୁରେ ୪୦ଜଣ ରୋଗୀଙ୍କ ଦେଖାଶୁଣା କରିବା ପାଇଁ ମାତ୍ର ୧୦ଜଣ ନର୍ସଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। ଏହାବ୍ୟତିତ ଦାୟିତ୍ୱ ବଣ୍ଟନରେ ତ୍ରୁଟି ହେତୁ ଏହି ସମସ୍ୟା ବହୁଗୁଣିତ ହୋଇଛି ବୋଲି ସେ କହିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ନୂଆବର୍ଷରେ ଲଞ୍ଚ ହେବ ଅନେକ ହାଇବ୍ରିଡ୍ କାର୍

**ନୂଆଦିଲ୍ଲୀ, ୨୧।୧୨:** ଅନେକ ନୂଆ ହାଇବ୍ରିଡ୍ କାର୍ ଗୋଟିଏ ପରେ ଗୋଟିଏ ଭାରତରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ଉତ୍ତରପ୍ରଦେଶ ସମେତ ଦେଶର ଅନ୍ୟ ରାଜ୍ୟ ସାରକାର ହାଇବ୍ରିଡ୍ କାର୍ ଉପରେ ଫୋକସ କରୁଛନ୍ତି। ଆଗାମୀ ସମୟରେ, ଏହି କାରଗୁଡିକ ପାଇଁ ଅନେକ ଡିମାଣ୍ଡ ସାରା ଦେଶରେ ଦେଖିବାକୁ ମିଳେ। ହାଇବ୍ରିଡ୍ କାର୍ ହେଉଛି ସେହି ଗାଡି ଯାହା ଏକରୁ ଅଧିକ ମୋଡରେ ଚଲାଇପାରିବେ। ଏଥିରେ ଏକ ଇଣ୍ଟରନାଲ କମ୍ବିନେସନ୍ ଇଞ୍ଜିନ୍ ଲଗାଯାଇଛି ଏବଂ ଏକ ଇଲୋକ୍ଟ୍ରିକ୍ ମୋଟର ମଧ୍ୟ ଅଛି। ଏହି କାରରେ ଥିବା ବ୍ୟାଟେରୀ ରିଜେନେରେଟିଭ ବ୍ରାକିଙ୍ଗ୍ ସିଷ୍ଟମ ଏବଂ ଇଣ୍ଟରନାଲ୍ କମ୍ବ୍ୟୁସନ ଇଞ୍ଜିନ ସାହାଯ୍ୟରେ ଚାର୍ଜ କରାଯାଏ। ନୂଆ ବର୍ଷରେ ଯେଉଁ ହାଇବ୍ରିଡ୍ କାର୍ ଲଞ୍ଚ ହେବାକୁ ଯାଉଛି, ତାହା ବିଷୟରେ ଆପଣଙ୍କୁ କହିବୁ।




**ଟୟୋଟଶ ହାୟରଡେର:** ଟୟୋଟଶ ହାୟରଡେର ହେଉଛି ଏକ ୫-ସିଟର ଏସୟୁଭି। ଏହି କାର୍ ଏକ ଲକ୍ଷ ରୁ ଅଧିକ ୟୁନିଟ୍ ବର୍ତ୍ତମାନ ପର୍ଯ୍ୟନ୍ତ ମାର୍କେଟରେ ସେଲ୍ ହୋଇସାରିଛି। ଏହି କାର୍ର ଅନ୍-ରୋଡ ପ୍ରାଇସ୍ ୧୩.୨୩ ଲକ୍ଷରୁ ଆରମ୍ଭ ହୋଇ ୨୩.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଏ। ବର୍ତ୍ତମାନ ଅଟୋ ମେକରମାନେ ୨୦୨୫ ମସିହାରେ ଏହି ହାୟରଡେର କାରର ୭-ସିଟର ମଡେଲ୍ ଲଞ୍ଚ କରିବାକୁ ପ୍ଲାନ୍ କରୁଛନ୍ତି। ଏହି ୭-ସିଟର ମଡେଲ କାରର ଏକ୍ସଠ-ସୋରୁମ୍ ପ୍ରାଇସ୍ ପ୍ରାୟ ୧୭ ଲକ୍ଷ ଟଙ୍କା ହୋଇପାରେ।

**ମରୁତି ଗ୍ରାଣ୍ଡ୍ ଭିଟ୍ରା:** ଟୟୋଟା ହାୟରଡେର ସହିତ ଏହାର ରାଇବଲ୍ ମାରୁତି ଗ୍ରାଣ୍ଡ ଭିଟ୍ରାର ମଧ୍ୟ ୭-ସିଟର ମଡେଲ ମାର୍କେଟକୁ ଅଣାଯାଇପାରେ। ଗ୍ରାଣ୍ଡ ଭିଟ୍ରା ହେଉଛି ଟୟୋଟା ହାୟରଡେରର ରିବେଜ୍ଡ ଭର୍ସନ। ଗ୍ରାଣ୍ଡ ଭିଟ୍ରା ର ୭-ସିଟର ମଡେଲକୁ ମଧ୍ୟ ୨୦୨୫ ମସିହାରେ ଲଞ୍ଚ ହେବ ବୋଲି ଆଶା କରାଯାଉଛି। ଏହି ଗାଡିର ଏକ୍ସ-ସୋରୁମ୍ ପ୍ରାଇସ୍ ୧୮.୫ ଲକ୍ଷ ଟଙ୍କା ହୋଇପାରେ।

**ମାରୁତିର ଛୋଟ ହାୟରଡେର:** ମାରୁତି ଲୋକଙ୍କର ଡିମାଣ୍ଡକୁ ବୁଝି ସମସ୍ତ ସେଗମେଣ୍ଟରେ କାର୍ ଆଣିବାକୁ ଚାହୁଁଛି। ବର୍ତ୍ତମାନ ଅଟୋମେକରମାନେ ମଧ୍ୟ ଏକ ଛୋଟ ଏବଂ ଶସ୍ତା ହାଇବ୍ରିଡ୍ କାର୍ ଭାରତରେ ଆଣିବାକୁ ପ୍ଲାନ୍ କରୁଛନ୍ତି। ମାରୁତି ୨୦୨୫ ମସିହାରେ ମାର୍କେଟରେ ହାଇବ୍ରିଡ୍ ପାୱାର ଟ୍ରେନ୍ ସହିତ ମାରୁତି ସ୍ୱିଫ୍ଟ କୁ ଲଞ୍ଚ କରିପାରେ। ଏହି କାରର ଏକ୍ସ ସୋ-ରୁମ୍ ପ୍ରାଇସ୍ ୮.୫ ଲକ୍ଷ ଟଙ୍କା ହୋଇପାରେ।

**କିଆ ସେଲ୍ଟସ୍ ହାଇବ୍ରିଡ୍:** ରିପୋର୍ଟ ଅନୁଯାୟୀ, କିଆ ନିଜର ପପୁଲାର୍ ସବ୍-କମ୍ପାକ୍ଟ ଏସୟୁଭି ସେଲ୍ଟସ୍ର ହାଇବ୍ରିଡ୍ ଭର୍ସନରେ କାମ କରେ। କିଆ ସେଲଟସ୍ ପପୁଲାର ଏବଂ ଭାରତରେ ହାଇବ୍ରିଡ୍ କାରଗୁଡିକର କ୍ରେଜ ସହିତ ଏହି କାର୍ ଭାରତିୟ ବଜାରରେ ମଧ୍ୟ ଲଞ୍ଚ ହୋଇପାରିବ। କିଆ ସେଲ୍ଟସ୍ ହାଇବ୍ରିଡ୍ ୨୦୨୫ ମସିହାରେ ଏକ୍ସ-ସୋରୁମ୍ ପ୍ରାଇସ୍ ୧୫ ଲକ୍ଷ ଟଙ୍କା ସହିତ ଲଞ୍ଚ କରାଯାଇପାରିବ।

# ଗୁଗୁଲ୍‌ରେ ହେବ ବଡ଼ ଧରଣର ଛଟେଇ

## ୧୦% ହ୍ରାସ ପାଇଁ ଘୋଷଣା କଲେ ସୁନ୍ଦର ପିଚାଇ



ନୂଆଦିଲ୍ଲୀ, ୨୧।୧୨: ଗୁଗୁଲ୍‌ରେ ହେବାକୁ ଯାଉଛି ବଡ଼ ଧରଣର ଛଟେଇ। ଗୁଗଲ୍ ସିଇଓ ସୁନ୍ଦର ପିଚାଇ ନିଜେ ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ କମ୍ପାନୀ ଡାଇରେକ୍ଟର୍ସ ଏବଂ ଭାଇସ୍ ପ୍ରେସିଡେଣ୍ଟସ୍ ସମେତ ମ୍ୟାନେଜରିଆଲ୍ ରୋଲ୍ସରେ ୧୦ ପ୍ରତିଶତ କର୍ମଚାରୀ ହ୍ରାସ କରିବ। ଟେକ୍ କମ୍ପାନୀ ଅନ୍ୟ ପୋଷ୍ଟଗୁଡ଼ିକୁ ମଧ୍ୟ ହଟାଇ ଦେଇଛି। ଏଆଇରେ ପ୍ରତିଯୋଗିତାମୂଳକ ବୃଦ୍ଧି ହେତୁ ଗୁଗଲ୍ ଏହି ଛଟେଇ କରୁଛି। କମ୍ପାନୀ ନିଜ କର୍ମଚାରୀମାନଙ୍କ ସଂଖ୍ୟା କମାଇବାକୁ ଚାହୁଁଛି। ଗୁଗଲ୍ ପ୍ରବକ୍ତାଙ୍କ ମୁତାବକ, ୧୦ ପ୍ରତିଶତ ମଧ୍ୟରୁ କିଛି ଚାକିରିକୁ ଇଣ୍ଡିଭିଜୁଆଲ୍ କଣ୍ଟ୍ରିବ୍ୟୁଟର ରୋଲ୍ସରେ ପରିବର୍ତ୍ତନ କରାଯାଇଥିବା ବେଳେ ଆଉ କିଛି ରୋଲ୍ସକୁ ହଟାଇ ଦିଆଯାଇଛି। ରିପୋର୍ଟ ଅନୁସାରେ, ପିଚାଇ କହିଛନ୍ତି ଯେ ଗୁଗଲ୍ ଗତ କିଛି ବର୍ଷ ମଧ୍ୟରେ କମ୍ପାନୀକୁ କାର୍ଯ୍ୟକ୍ଷମ କରିବା ଏବଂ ଏହାର ଗଠନକୁ ସରଳ କରିବା ପାଇଁ ପରିବର୍ତ୍ତନ ଆଣିଛି। ବର୍ତ୍ତମାନ ମ୍ୟାନେଜର, ଡାଇରେକ୍ଟର ଏବଂ ଭାଇସ୍ ପ୍ରେସିଡେଣ୍ଟ ଭଳି ପଦରେ କମ୍ପାନୀ ଚାକିରି କାଟ୍ କରିବ। ଗତ ଦୁଇ ବର୍ଷ ମଧ୍ୟରେ ଗୁଗଲ ଦକ୍ଷତା ବୃଦ୍ଧି ପାଇଁ ଅନେକ ପଦକ୍ଷେପ ନେଇଛି। ଏହାପୂର୍ବରୁ ୨୦୨୨ ସେପ୍ଟେମ୍ବରରେ ପିଚାଇ କହିଥିଲେ ଯେ ସେ ଚାହୁଁଛନ୍ତି, ଗୁଗଲ ୨୦% ଅଧିକ ଦକ୍ଷ ହେଉ। ଏହାପରେ ଜାନୁଆରୀରେ ୧୨,୦୦୦ କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା। ଏବେ ଗୁଗଲ ଓପନଏଆଇ ପରି ନିଜର ଏଆଇ କମ୍ପିଟିଟର୍ସ କାରଣରୁ ପୁଣିଥରେ ଛଟେଇ ପଦକ୍ଷେପ ନେଇଛି, ଯାହା ନୂଆ ପ୍ରଡକ୍ଟସ୍ ଆଣୁଛି। ଏହି ଉତ୍ପାଦଗୁଡ଼ିକ ଗୁଗଲର ସର୍ଚ୍ଚ ବିଜନେସକୁ ପ୍ରଭାବିତ କରିପାରିବ। ଓପନଏଆଇ ସହ ପ୍ରତିଯୋଗିତାର ଜବାବରେ ଗୁଗଲ୍ ନିଜର ମୂଳ ବ୍ୟବସାୟରେ ଜେନେରେଟିଭ୍ ଏଆଇ ଫିଚର୍ସ ଅନ୍ତର୍ଭୁକ୍ତ କରିଛି।

# ଓରେରାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ



ଭୁବନେଶ୍ୱର,୨୧।୧୨: ଓଡ଼ିଶା ରିଅଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି (ଓରେରା) ର ନୂତନ ୱେବ୍‌ସାଇଟ୍ https://rera.odisha.gov.in ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଓରେରା ସଂସ୍କରଣ ୨.୦ର ଆନୁଷ୍ଠାନିକ ଶୁଭାରମ୍ଭ ମଧ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ ଓରେରା ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓରେରା (ସଦସ୍ୟ) ପ୍ରଦୀପ କୁମାର ବିଶ୍ୱାଳ ଏବଂ ଗୋପାଳ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତି ଥିଲେ। ଏହି ଅବସରରେ ଦାସ କହିଥିଲେ, ବ୍ୟବସ୍ଥାରେ ସ୍ୱଚ୍ଛତା, ଦକ୍ଷତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବାରେ ରେରା ପାଇଁ ଏହା ଏକ ଐତିହାସିକ ଦିନ ହୋଇଥିଲାବେଳେ ରେକର୍ଡ ସମୟ ମଧ୍ୟରେ ଏହି ନୂତନ ୱେବ୍‌ସାଇଟକୁ ସଫଳତାର ସହ କାର୍ଯ୍ୟକାରୀ କରିଥିବାରୁ ସେ ସମସ୍ତ ଅଧିକାରୀ ଏବଂ ଦଳର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏପରିକି ଏହା ବ୍ୟବହାରକାରୀ ଅନୁକୂଳ ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ସହାୟକ ହେବ ବୋଲି ଦାସ ଆଶା କରିଛନ୍ତି। ସେହିଭଳି ଓରେରା ସଚିବ ଶ୍ରାବଣୀ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅର୍ଥ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଦୀପକ କୁମାର ବେଶରା ଧନ୍ୟବାଦ ଅର୍ପଣ କରିଥିଲେ।

# ଚେତକର ନୂଆ ୩୫ ସିରିଜ ଲଞ୍ଚ କଲା ବଜାଜ

ନୂଆଦିଲ୍ଲୀ, ୨୧।୧୨: ବଜାଜ ଅଟୋ ଭାରତରେ ନୂଆ ଚେତକ ୩୫ ସିରିଜ୍ ଲଞ୍ଚ କରିଛି। ପୂର୍ବ ଅପେକ୍ଷା ନୂତନ ଚେତକ ଅଧିକ ଉନ୍ନତ ଏବଂ ସ୍ମାର୍ଟ ହୋଇପାରିଛି। ଅନେକ ନୂତନ ଏବଂ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହୋଇଛି। ବିଶେଷ କଥା ହେଉଛି ବର୍ତ୍ତମାନ ଏହା ଥରେ ଚାର୍ଜରେ ଅଧିକ ରେଞ୍ଜ ମଧ୍ୟ ପ୍ରଦାନ କରିବ। ଦୈନନ୍ଦିନ ବ୍ୟବହାରକୁ ଦୃଷ୍ଟିରେ ରଖି ବଜାଜ ନୂଆ ଚେତକ ସ୍କୁଟରର ପରିକଳ୍ପନା କରାଯାଇଛି। ନୂତନ ଚେତକ ୩୫ ସିରିଜରେ ୩.୫ kWh ଅଣ୍ଡର ଫ୍ଲୋର ବ୍ୟାଟେରୀ ପ୍ୟାକ୍ ଅଛି। ବଜାଜ ଅଟୋ ଦାବି କରିଛି ଯେ ଏଥିରେ ସ୍ଥାପିତ ବ୍ୟାଟେରୀର ସମ୍ପୂର୍ଣ୍ଣ ଚାର୍ଜରେ ୧୫୩ କିଲୋମିଟର ରେଞ୍ଜ ଥିବାବେଳେ ଏହାର ପ୍ରକୃତ ସମୟ ସୀମା ୧୨୫ କିଲୋମିଟର ହେବ। କମ୍ପାନୀ ଦାବି କରିଛି ଯେ ଏହାର ବ୍ୟାଟେରୀ ମାତ୍ର ୩ ଘଣ୍ଟା ମଧ୍ୟରେ 80% ପର୍ଯ୍ୟନ୍ତ ଚାର୍ଜ ହୋଇଯାଏ। ଆପଣ ଏହି ସ୍କୁଟରକୁ ସାଧାରଣ ଘରୋଇ ପାୱାର୍ ସକେଟ୍ ସହିତ ସଂଯୋଗ କରି ସହଜରେ ଚାର୍ଜ କରିପାରିବେ। ଏହାର ଉଭୟ ଇକୋ ଏବଂ ସ୍ପୋର୍ଟସ୍ ମୋଡ୍ ଅଛି। ଚେତକ୍ ୩୫ ସିରିଜ୍ ସଂପୂର୍ଣ୍ଣ ନୂଆ ପ୍ଲାଟଫର୍ମରେ ଅଣାଯାଇଛି। ଲଗେଜ୍ ରଖିବା ପାଇଁ ଏଥିରେ ୩୫ ଲିଟର ଅଣ୍ଡର ସିଟ୍ ଷ୍ଟୋରେଜ୍ ସହିତ ମଧ୍ୟ ଯୋଗାଇ ଦିଆଯାଉଛି, ଯେଉଁଥିରେ ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ଆପଣ ସହଜରେ ଏକ ବ୍ୟାଗ୍ କିମ୍ବା ହେଲମେଟ ମଧ୍ୟ ରଖିପାରିବେ। କେବଳ ଏତିକି ନୁହେଁ, ଚାର୍ଜ କରିବା ପାଇଁ ଏକ ଅଲଗା କମ୍ପାର୍ଟମେଣ୍ଟ ଯୋଗାଇ ଦିଆଯାଇଛି। ଲଗେଜ୍ ରଖିବା ପାଇଁ ଅନେକ ଛୋଟ ଷ୍ଟୋରେଜ୍ ମଧ୍ୟ ଯୋଗାଇ ଦିଆଯାଉଛି। ମୋଟ ଦୁଇଟି ପ୍ରକାରରେ ନୂଆ ବଜାଜ ଚେତକ ୩୫ ସିରିଜ୍ ଲଞ୍ଚ କରାଯାଇଛି। ଏହାର ବେସ୍ ଭାରିଆଣ୍ଟ (୩୫୦୨) ର ମୂଲ୍ୟ ୧,୨୦,୦୦୦ ଟଙ୍କା ଥିବାବେଳେ ଟପ୍ ଭାରିଆଣ୍ଟ (୩୫୦୧) ର ମୂଲ୍ୟ ୧,୨୭,୨୪୩ ଟଙ୍କା। ନୂତନ ବଜାଜ ଚେତକ ୩୫ ସିରିଜର ପ୍ରକୃତ ପ୍ରତିଯୋଗିତା ଆଥର ରିଜଟା, ଟିଭିଏସ୍ ଆଇକ୍ୟୁବ୍, ଆମ୍ପେର୍ ନେକ୍ସସ୍ ଏବଂ ଓଲା ଏସ୧ ସହିତ ହେବ।



# ବିଆଇଏସ୍‌ର ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୧।୧୨: ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ(ବିଆଇଏସ୍)ର ୨ଦିନିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ମାନକ ମାଧ୍ୟମରେ ବିଜ୍ଞାନ ଶିକ୍ଷା' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦୈନନ୍ଦିନ ଜୀବନରେ ବିଜ୍ଞାନଭିତ୍ତିକ ଚିନ୍ତାଧାରାକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଆଇଏସ୍‌ର ଭୁବନେଶ୍ୱର ଶାଖା ନିର୍ଦ୍ଦେଶକ ଏ.କେ. ପୁରୋହିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ବିଆଇଏସ୍‌ର ଯୁଗ୍ମ ନିର୍ଦ୍ଦେଶକ ଦୀପକ ପାତ୍ର, ରଜନୀ ପନୱର, ସଞ୍ଜୀବ କୁମାର ନାଏକ, ସ୍ୱପନିଲ୍ ପ୍ରତାପ, ହିରିରାମ୍ ପନ୍‌ସାରୀ ପ୍ରମୁଖ ଉପସ୍ଥିତ ଥିଲେ। ଦୈନନ୍ଦିନ ଜୀବନରେ ମାନକର ଗୁରୁତ୍ୱ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ବିଆଇଏସ୍‌ର ଯୁଗ୍ମ ନିର୍ଦ୍ଦେଶକ ଦୀପକ ପାତ୍ର ବିଆଇଏସ୍‌ର କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଇଲେକ୍ଟ୍ରିକ୍ ପ୍ରେସରକୁକର ଉପରେ ମେଥୋଡୋଲୋଜି ଓ ଡେମୋନଷ୍ଟ୍ରେଶନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ୪୦ ଜଣ ଶିକ୍ଷକ ୭ଟି ଗ୍ରୁପ୍‌କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶସ୍ତା ହୋଇପାରେ ଅନ୍‌ଲାଇନ୍ ଖାଦ୍ୟ

**ନୂଆଦିଲ୍ଲୀ, ୨୧।୧୨:** ଆଜି ବସୁଛି ୫୫ ତମ ଜିଏସ୍‌ଟି କାଉନ୍‌ସିଲ୍ ବୈଠକ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ରାଜସ୍ଥାନର ଜୈସଲମେର୍‌ରେ ଏହି ବୈଠକ ବସିବ। ଏହି ଜିଏସଟି ପରିଷଦ ବୈଠକରେ ରାଜ୍ୟର ସମସ୍ତ ଅର୍ଥମନ୍ତ୍ରୀ ଓ ସଚିବଙ୍କ ସହ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଭାଗ ନେବେ। ବୈଠକରେ ସ୍ୱିଗି ଓ ଜମାଟୋ ଭଳି ଫୁଡ୍ ଡେଲିଭରୀ ପ୍ଲାଟ୍‌ଫର୍ମ ଗୁଡ଼ିକ ପାଇଁ ଜିଏସ୍‌ଟି ହାର କମାଯାଇପାରେ। ଏହା ହେଲେ ଅନ୍‌ଲାଇନ୍ ଖାଦ୍ୟ ଅର୍ଡର ଶସ୍ତା ହୋଇପାରେ। ଏହି ଆପ୍‌ଗୁଡ଼ିକ ଉପରେ ଜିଏସ୍‌ଟି କମାଇପାରନ୍ତି ସରକାର। ବର୍ତ୍ତମାନ ଆଇଟିସି(ଇନ୍‌ପୁଟ୍ ଟାକ୍ସ କ୍ରେଡିଟ୍) ସହିତ ଏହି ଆପ୍‌ଗୁଡ଼ିକ ଉପରେ ୧୮% ଜିଏସ୍‌ଟି ଲାଗୁଛି। ଏହାକୁ ୫%କୁ ଖସାଇବାର ପ୍ରସ୍ତାବ ରହିଛି। ସେହିପରି ପାଣି ବୋତଲ ଓ ସାଇକଲେ ଉପରେ ମଧ୍ୟ ଟ୍ୟାକ୍ସ ଛାଡ଼ କରିବାକୁ ନିଷ୍ପତ୍ତି ନିଆଯାଇଛି। ଇଲେକ୍ଟ୍ରୋନିକ୍ ଯାନ ଉପରେ ଜିଏସ୍‌ଟି ହାର ବଢ଼ିପାରେ। ବୈଠକରେ ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ଉପରେ ଟିକସ ହ୍ରାସ ନେଇ ଆଲୋଚନା ହୋଇପାରେ। ଲଗ୍‌ଜୁରୀ ହାତଘଣ୍ଟା, ଫୁଟ୍‌ୱେର, ପୋଷାକ ଉପରେ ଟିକସ ବୃଦ୍ଧି ନେଇ ମଧ୍ୟ ଆଲୋଚନା କରାଯିବା ସମ୍ଭାବନା ରହିଛି। ସେହିପରି ତମାଖୁ ଜାତୀୟ ଦ୍ରବ୍ୟ ଉପରେ ୩୫ ପ୍ରତିଶତର ଏକ ପୃଥକ ଜିଏସ୍‌ଟି ସ୍ଲାବ ଉପସ୍ଥାପନ ହୋଇପାରେ। ପ୍ରାୟ ୧୪୮ଟି ସାମଗ୍ରୀ ଗୁଡ଼ିକର GST ହାରରେ ପରିବର୍ତ୍ତନ କରାଯାଇପାରେ। ଆଭିଏସନ୍ ଟରବାଇନ୍ ଫୁଏଲକୁ ବି ଜିଏସ୍‌ଟି ପରିସରକୁ ଅଣାଯାଇପାରେ। ଏଥିସହିତ ଇଲେକ୍ଟ୍ରୋନିକ୍ ଯାନ ସମେତ କ୍ଷୁଦ୍ର ପେଟ୍ରୋଲ ଓ ଡିଜେଲ ଗାଡିର ବିକ୍ରି ଉପରେ ଜିଏସ୍‌ଟି ହାର ୧୨ରୁ ୧୮ %କୁ ବଢ଼ିପାରେ। ଏହା ହେଲେ ବ୍ୟବହୃତ ତଥା ପୁରୁଣା କ୍ଷୁଦ୍ର କାର ଏବଂ ଇଭିର ଦର ପୁରୁଣା ବଡ଼ ଗାଡ଼ି ସହ ସମାନ ହୋଇଯିବ। ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍‌କୁ ଟିକସ ଛାଡ ପାଇଁ ପ୍ରସ୍ତାବ ରଖାଯାଇଛି। ସେହିପରି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଉପରେ ପ୍ରିମିୟମ୍‌କୁ ଜିଏସ୍‌ଟି ମୁକ୍ତ କରାଯାଇପାରେ। ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ନେତୃତ୍ୱରେ ପରିଷଦ ପକ୍ଷରୁ ଗଠିତ ଏକ ମନ୍ତ୍ରୀଗୋଷ୍ଠୀ ନଭେମ୍ବରରେ ନିଜ ବୈଠକରେ ଟର୍ମ ଲାଇଫ୍ ଇନ୍‌ସ୍ୟୁରାନ୍ସ ପଲିସିଗୁଡ଼ିକ ପାଇଁ ପୈଠ କରାଯାଉଥିବା ପ୍ରିମିୟମକୁ ଜିଏସ୍‌ଟିରୁ ବାହାରେ ରଖିବା ପାଇଁ ସହମତି ବ୍ୟକ୍ତ କରିଥିଲେ।

**ଜିଏସଟି କାଉନସିଲ୍ ବୈଠକ**

# ଚମକ ହରାଇଲା ବିଟ୍‌କଏନ୍

## ଦାମ୍ ୯୩,୦୦୦ ଡଲାରକୁ ଖସିଲା



ନୂଆଦିଲ୍ଲୀ, ୨୧।୧୨: ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ନିର୍ବାଚିତ ହେବାର କିଛି ଦିନ ମଧ୍ୟରେ ବିଶ୍ୱର ସବୁଠୁ ଲୋକପ୍ରିୟ କ୍ରିପ୍ଟୋକରେନ୍ସି ବିଟ୍‌କଏନ୍ ଦାମ୍ ଦ୍ରୁତ ଗତିରେ ବଢ଼ିଥିଲା। କିଛି ଦିନ ତଳେ ତାହାର ଦାମ୍ ୧ ଲକ୍ଷ ୬ ହଜାର ଡଲାରରୁ ଅଧିକ ହୋଇଯାଇଥିଲା। ମାତ୍ର ଆମେରିକାର ଫେଡେରାଲ୍ ରିଜର୍ଭ (ରିଜର୍ଭ ବ୍ୟାଙ୍କ ଭଳି ସଂସ୍ଥା)ର ମୁଖ୍ୟ ଜେରୋମି ପାୱେଲ୍‌ଙ୍କ ଏକ ମନ୍ତବ୍ୟ ପରେ ବିଟ୍‌କଏନ୍‌ର ଭବିଷ୍ୟତକୁ ନେଇ ପୁଣି ଅନିଶ୍ଚିତତା ଦେଖାଦେଇଛି। ତାହାର ପ୍ରଭାବରେ ଏହାର ଦାମ୍ ୯୩,୬୩୭ ଡଲାରକୁ ଖସିଆସିଛି। ଆମେରିକାର ଏକ ବିଟକଏନ୍ ଭଣ୍ଡାର ଗଠନ କରିବ ବୋଲି ଚର୍ଚ୍ଚା ହେଉଥିଲା। ଟ୍ରମ୍ପ୍ ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ସେହି ଭଣ୍ଡାର ଗଠନ କରାଯିବ ବୋଲି କୁହାଯାଉଥିଲା। ମାତ୍ର ସେଭଳି କୌଣସି ଯୋଜନା କିମ୍ବା ସମ୍ଭାବନା ନାହିଁ ବୋଲି ପାୱେଲ ଗତ ବୁଧବାର ସ୍ପଷ୍ଟ କରିବା ପରେ ବିଟ୍‌କଏନ୍ ଦାମ୍ ହ୍ରାସ ପାଉଛି। ବିଟ୍‌କଏନ୍ ରଖିବା ଲାଗି ଆମକୁ ଅନୁମତି ନାହିଁ ବୋଲି ପାୱେଲ୍ କହିଥିଲେ। ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ସମୟରେ ବିଟ୍‌କଏନ୍ ଏକ ବଡ଼ ପ୍ରସଙ୍ଗ ଥିଲା। ଟ୍ରମ୍ପଙ୍କ ନିର୍ବାଚନକୁ ସମର୍ଥନ କରୁଥିବା ବିଶ୍ୱର ଏକ ନମ୍ବର ଧନୀ ତଥା ଟେସ୍‌ଲାର ମୁଖ୍ୟ ଏଲନ୍ ମସ୍କ ମଧ୍ୟ ଏହା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଟ୍ରମ୍ପଙ୍କ ନିର୍ବାଚନୀ ପାଣ୍ଠିକୁ ମଧ୍ୟ ବିଟ୍‌କଏନ୍ ଜରିଆରେ ସଂଗ୍ରହ କରାଯାଇଥିଲା। ଟ୍ରମ୍ପ୍ ରାଷ୍ଟ୍ରପତି ହେବା ପରେ କ୍ରିପ୍ଟୋକରେନ୍ସିକୁ ନେଇ ଏକ ସ୍ପଷ୍ଟ ନିୟମ ଆସିବ ବୋଲି ଆଶା କରାଯାଉଥିଲା।

# ପୁରୁଣା ଗାଡ଼ି ବିକ୍ରି ଉପରେ ୧୮% ଜିଏସଟି

**ନୂଆଦିଲ୍ଲୀ, ୨୧।୧୨:** ଦେଶରେ ପୁରୁଣା ଏବଂ ବ୍ୟବହାର ହୋଇସାରିଥିବା ଗାଡ଼ି ମାର୍କେଟ୍ ଏବେ ବଡ଼ ହେବାରେ ଲାଗିଛି। କମ୍ପାନିଗୁଡ଼ିକ ପୁରୁଣା ଗାଡ଼ିକୁ କମ ଦାମରେ ବିକ୍ରି କରୁଛନ୍ତି। କିନ୍ତୁ ଏହି ପୁରୁଣା ଗାଡ଼ିର ବିକ୍ରି ଉପରେ ଲାଗୁ ହେଉଥିବା ଟିକସକୁ ନେଇ ଶନିବାର ଜିଏସଟି କାଉନସିଲ ବୈଠକରେ ବଡ଼ ନିଷ୍ପତ୍ତି ନିଆଯାଇଛି। ଇଲେକ୍ଟ୍ରିକ୍ ବାହାନ ସମେତ ପୁରୁଣା ଗାଡ଼ି ବିକ୍ରି ଉପରେ ଟ୍ୟାକ୍ସ ହାର ବଢାଇବା ଉପରେ ସହମତି ହୋଇଛି। ଏହି ଟିକସ ହାରକୁ ୧୨ ପ୍ରତିଶତରୁ ବଢାଇ ୧୮ ପ୍ରତିଶତ କରିବା ଉପରେ ସହମତି ହୋଇଛି। ବିଜନେସ୍ ଟୁଡେର ରିପୋର୍ଟ ଅନୁସାରେ ପରିବର୍ତ୍ତିକ ଜିଏସଟି ହାର କମ୍ପାନି ଏବଂ ଡିଲର୍ସଙ୍କ ଦ୍ୱାରା ବିକ୍ରି ହେଉଥିବା ପୁରୁଣା ଗାଡ଼ିର ନେଣଦେଣ ଉପରେ ଲାଗୁ ହେବ। ଅର୍ଥାତ୍ କାଉନସିଲ୍ ଦ୍ୱାରା ଏହି ସଂଶୋଧିତ ହାର ମାର୍ଜିନ ସହ ବିକ୍ରି କରାଯାଉଥିବା ଏବଂ ଏହି ସେକ୍ଟରରେ କାମ କରୁଥିବା କମ୍ପାନି ଦ୍ୱାରା କିଣାଯାଉଥିବା ଗାଡ଼ି ଉପରେ ଲାଗୁ ହେବ। ତେବେ ପୁରୁଣା ଗାଡ଼ି ବିକ୍ରି ଏବଂ କିଣୁଥିବା ବ୍ୟକ୍ତିଙ୍କ ଉପରେ ପୂର୍ବପରି ୧୨ ପ୍ରତିଶତ ଟିକସ ଲାଗୁ ରହିବ। ଅର୍ଥାତ୍ ଇଣ୍ଡିଭିଜୁଆଲ୍ କ୍ରେତା ଏବଂ ବିକ୍ରେତାଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ବର୍ତ୍ତମାନ ପ୍ରଚଳିତ ନିୟମ ଅନୁସାରେ ନୂଆ ୧୨୦୦ସିସି କିମ୍ବା ଏହାଠାରୁ ଅଧିକ କ୍ଷମତା ବିଶିଷ୍ଟ ଇଞ୍ଜିନ ଏବଂ ୪୦୦୦ଏମ୍‌ଏମ୍ ଏବଂ ଏହାଠାରୁ ଅଧିକ ଲମ୍ବ ଥିବା ପ୍ରେଟ୍ରୋଲ୍, ଏଲ୍‌ପିଜି ଏବଂ ସିଏନ୍‌ଜି ଗାଡ଼ି ଉପରେ ୧୮% ଜିଏସଟି ଦେବାକୁ ପଡୁଛି।

# ନିଷିଦ୍ଧ ହେବ ଲଗାମହୀନ ଋଣ

## ନିୟମ ଖିଲାପ କଲେ ୭ ବର୍ଷ ଜେଲ୍, ୫୦ କୋଟି ଜରିମାନା




ନୂଆଦିଲ୍ଲୀ, ୨୧।୧୨: କୌଣସି ପ୍ରକାର ବ୍ୟବସ୍ଥା ଅଧୀନରେ ନ ରହି ଖୋଲାଖୋଲି ଭାବେ ବେଆଇନ ଋଣ କାରବାର କରୁଥିବା ସଂସ୍ଥାଗୁଡ଼ିକ ଉପରେ ଲଗାମ କଷିବା ଲାଗି ଏକ କଡ଼ା ଆଇନ ଆଣିବା ଉପରେ ସରକାର ବିଚାର କରୁଛନ୍ତି। ଏହି ଆଇନରେ ଏଭଳି ଲଗାମହୀନ ସଂସ୍ଥାଗୁଡ଼ିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାର ବ୍ୟବସ୍ଥା ରହିବ। ଦଶ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା କରାଯିବ। ଗ୍ରାହକଙ୍କୁ ନିର୍ଯ୍ୟାତନା ଦେଉଥିବା ବେଆଇନ ସଂସ୍ଥାଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାର ବ୍ୟବସ୍ଥା ରହିବ। ସେମାନଙ୍କ ଲାଗି ତିନିରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଓ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତର ଜରିମାନା ଲାଗୁ କରିବା ଲାଗି ଆଇନରେ ବ୍ୟବସ୍ଥା କରାଯିବ। ଋଣ କାରବାର କରୁଥିବା ବେଆଇନ ସଂସ୍ଥାଗୁଡ଼ିକ ଲାଗି ଦୁଇରୁ ସାତ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ରହିବ। ବାରମ୍ବାର ନିୟମ ଖିଲାପକାରୀଙ୍କ ପାଇଁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ କରାଯିବ। ନୂଆ ନିୟମରେ ବେଆଇନ ଋଣ କାରବାରକୁ ଜାମିନବିହୀନ ଅପରାଧରେ ପରିଣତ କରାଯିବ। ବହୁ ସଂଖ୍ୟାରେ ବେଆଇନ ସଂସ୍ଥା ଅନଲାଇନ୍‌ରେ ଋଣ ଦେଇ ଲୋକଙ୍କୁ ହଇରାଣ କରୁଥିବା ଓ ଗ୍ରାହକମାନେ ଜୀବନ ହାରୁଥିବା ଅଭିଯୋଗ ପହଞ୍ଚିବା ପରେ ସରକାର ଏହି କଡ଼ା ଆଇନ ଆଣିବା ସମ୍ପର୍କରେ ବିଚାର କରୁଛନ୍ତି। ବିଶେଷ କରି ଚୀନ୍‌ର ଆପ୍‌ଗୁଡ଼ିକ ଡିଜିଟାଲ୍ ମାଧ୍ୟମରେ ଋଣ ଦେଇ ଲୋକମାନଙ୍କୁ ବିଭିନ୍ନ ଉପାୟରେ ହଇରାଣ କରୁଛନ୍ତି। ସେମାନଙ୍କୁ ବ୍ଲାକ୍‌ମେଲ୍ କରିବାକୁ ପଛାଉନାହାନ୍ତି। ଉତ୍ପୀଡ଼ନ ସହି ନ ପାରି କିଛି ଗ୍ରାହକ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି। ଲଗାମହୀନ ଋଣ କାରବାର ଉପରେ ନଜର ରଖିବା ଲାଗି ଏକ ସ୍ୱତନ୍ତ୍ର କର୍ତ୍ତୃପକ୍ଷ ଗଠନ କରାଯିବ ଯାହାର ମୁଖ୍ୟ ଭାବେ ଜଣେ ସଚିବ ସ୍ତରର ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ତାଙ୍କ ପାଖରେ ବେଆଇନ ସଂସ୍ଥାର ସମ୍ପତ୍ତି ଜବତ କରିବା ଓ ତଥ୍ୟ ମାଗିବା ଭଳି କ୍ଷମତା ରହିବ। ଏଜେନ୍ସି ଯେଉଁ ସବୁ ତଥ୍ୟ ପାଇବ ତାହାକୁ ସିବିଆଇ ଓ ରାଜ୍ୟ ପୁଲିସକୁ ଦେବ।

# ଛାଇଗଲାଣି ଚୀନ୍ ଇସ୍ପାତ: ଆମଦାନି ୮ ବର୍ଷରେ ସର୍ବାଧିକ

ନୂଆଦିଲ୍ଲୀ, ୨୧।୧୨: ଦେଶର ଇସ୍ପାତ ଶିଳ୍ପ ଏବେ ଏକ ଭିନ୍ନ ସମସ୍ୟା ଦେଇ ଗତି କରୁଛି। ତାହା ହେଉଛି ଚୀନ୍‌ରୁ ଶସ୍ତାରେ ହେଉଥିବା ଆମଦାନି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଆଠ ମାସରେ ଚୀନ୍‌ରୁ ୧.୯୬ ନିୟୁତ ଟନ୍ ଇସ୍ପାତ ଆମଦାନି କରାଯାଇଛି ଯାହା ଗତ ଆଠ ବର୍ଷ ମଧ୍ୟରେ ସର୍ବାଧିକ। ଗତବର୍ଷ ତୁଳନାରେ ଚଳିତ ବର୍ଷ ୨୨.୮ ପ୍ରତିଶତ ଅଧିକ ଇସ୍ପାତ ଚୀନ୍‌ରୁ ଆସିଛି। ଚୀନ୍ ମୁଖ୍ୟତଃ ଷ୍ଟେନ୍‌ଲେସ୍ ଷ୍ଟିଲ୍, ହଟ୍-ରୋଲ୍‌ଡ କଏଲ୍, ପ୍ଲେଟ୍, ଇଲେକ୍ଟ୍ରିକାଲ୍ ସିଟ୍, ଗାଲ୍‌ଭାନାଇଜଡ୍ ଇସ୍ପାତ, ପାଇପ୍, ବାର୍ ଓ ରଡ୍ ଆଦି ପଠାଉଛି। କେବଳ ଚୀନ୍ ନୁହେଁ ଜାପାନ ଓ ଦକ୍ଷିଣ କୋରିଆରୁ ମଧ୍ୟ ବିପୁଳ ପରିମାଣର ଇସ୍ପାତ ଆମଦାନି କରାଯାଇଛି। ଦେଶକୁ ଯେତିକି ଇସ୍ପାତ ଆମଦାନି କରାଯାଇଛି ସେଥିରେ ଚୀନ୍, ଜାପାନ ଓ ଦକ୍ଷିଣ କୋରିଆର ଭାଗ ୭୯ ପ୍ରତିଶତ ରହିଛି। ଆଲୋଚ୍ୟ ଆଠ ମାସରେ ଜାପାନରୁ ୧.୪ ନିୟୁତ ଟନ୍ ଇସ୍ପାତ ଆମଦାନି ହୋଇଛି ଯାହା ଗତ ଛଅ ବର୍ଷ ମଧ୍ୟରେ ସର୍ବାଧିକ। ସୁଲଭ ମୂଲ୍ୟର ଇସ୍ପାତ ଆମଦାନି ହେଉଥିବାରୁ ତାହା ଦେଶ ଭିତରେ ଇସ୍ପାତ ଉତ୍ପାଦନ କରୁଥିବା କମ୍ପାନିଗୁଡ଼ିକ ଲାଗି କଡ଼ା ଆହ୍ୱାନ ସୃଷ୍ଟି କରିଛି। ସେମାନଙ୍କୁ ସୁରକ୍ଷା ଦେବା ଲାଗି ଆମଦାନି ହେଉଥିବା ଇସ୍ପାତ ଉପରେ ୨୫ ପ୍ରତିଶତ ପର୍ଯ୍ୟନ୍ତ ଟିକସ ଲଗାଇବା ଉପରେ ଭାରତ ସରକାର ବିଚାର କରୁଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ବେଳକୁ ଭାରତ ଏକ ଇସ୍ପାତ ଆମଦାନିକାରୀ ଦେଶରେ ପରିଣତ ହୋଇଥିଲା। ତା'ପରଠାରୁ ବାହାର ଦେଶରୁ ଇସ୍ପାତ କିଣା ବଢ଼ିବାରେ ଲାଗିଛି। କମ୍ ଦାମ୍‌ରେ ଚୀନ୍ ପଠାଉଥିବା ଇସ୍ପାତ ମିଳିଯାଉଥିବାରୁ ଦେଶରେ ଉତ୍ପାଦନ ହେଉଥିବା ଇସ୍ପାତର ଚାହିଦା ହ୍ରାସ ପାଇଛି। ତେଣୁ ବାଧ୍ୟ ହୋଇ ଛୋଟ ଛୋଟ ଇସ୍ପାତ କମ୍ପାନିଗୁଡ଼ିକ ଉତ୍ପାଦନ ହ୍ରାସ କରିଥିବା ବେଳେ କର୍ମଚାରୀ ଛଟେଇ କରିବା ଉପରେ ଗମ୍ଭୀରତାର ସହ ବିଚାର କରୁଛନ୍ତି। ଭାରତରେ ଭିତ୍ତିଭୂମି ନିର୍ମାଣ ଓ ଅର୍ଥନୈତିକ କାର୍ଯ୍ୟକଳାପ ଜାରି ରହିଥିବାରୁ ଇସ୍ପାତ ଚାହିଦା ବଜାୟ ରହିଛି। ଅନ୍ୟ ଦେଶଗୁଡ଼ିକରେ କିନ୍ତୁ ସେଭଳି ସ୍ଥିତି ନାହିଁ। ସେଥି ଲାଗି ସାରା ବିଶ୍ୱର ଇସ୍ପାତ ନିର୍ମାତାମାନେ ଭାରତର ସେମାନଙ୍କ ଉତ୍ପାଦ ବିକ୍ରି କରି ନିଜର ବ୍ୟାବସାୟିକ ସ୍ଥିତିକୁ ଦୃଢ଼ ରଖିବା ଲାଗି ପ୍ରୟାସ କରୁଛନ୍ତି। ଗୋଟିଏ ପଟେ ଚୀନ୍‌ରୁ ଇସ୍ପାତ ଆସି ଭାରତରେ ପ୍ରବେଶ କରୁଥିବା ବେଳେ ଭାରତରେ ଉତ୍ପାଦନ ହେଉଥିବା ଇସ୍ପାତ ବିଭିନ୍ନ ଦେଶକୁ ଯାଇଛି।



# ଜୀରା ନଦୀର ସୁରକ୍ଷା କାହା ଦାୟିତ୍ୱ



**ବରଗଡ଼,୨୧।୧୨(ସଂଚାର ବ୍ୟୁରୋ):** ଆସନ୍ତା ଜାନୁଆରୀ ୩ ତାରିଖ ରୁ ବରଗଡ଼ ରେ ଆରମ୍ଭ ହେବାକୁ ଯାଉଛି ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା। ଏହି ସମୟରେ ସହର ମଧ୍ୟ ଦେଇ ବୋହି ଯାଇ ଥିବା ଜୀରା ନଦୀ ପୌରାଣିକ ଯମୁନା ନଦୀ ର ମାନ୍ୟତା ପାଇଥାଏ, ଜୀରା କୁ ବରଗଡ ର ଜୀବନ ରେଖା ମଧ୍ୟ କୁହାଯାଏ ଓ ଏହାକୁ ପବିତ୍ର ନଦୀ ଭାବେ ଗ୍ରହଣ କରାଯାଏ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଧନୁଯାତ୍ରା ସମୟରେ ଏହାର ଅପ ବ୍ୟବହାର ଅଧିକ ହୋଇ ଥାଏ । ନଦୀ କୁ ପୋତି ସମତୁଲ କରି ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ ଯାହାକି ନଦୀର ଅସ୍ତିତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରୁଛି ବୋଲି ରାଜେନ୍ଦ୍ର ସିକନ୍ଦର ଅଭିଯୋଗ କରିଛନ୍ତି ସେହିପରି ପରିବେଶ ସୁରକ୍ଷା ଦୃଷ୍ଟି ରୁ ମଧ୍ୟ ଏହା ବ୍ୟତିକ୍ରମ ସୃଷ୍ଟି କରୁଛି, ଯେଉଁ ମାତ୍ରାରେ ନଦୀ ଗର୍ଭରୁ ବାଲି ଉଠା ଯାଉଛି ଯାଫଳ ରେ କି ନଦୀ ନିଜର ଅସ୍ତିତ୍ୱ ହରାଇ ବସୁଛି ତେଣୁ ଏହାର ସୁରକ୍ଷା ଦୃଷ୍ଟି ରୁ ଜୀରା ନଦୀ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରା ଯାଇଛି। ଯେଉଁ ଥିରେ ବ୍ୟବସାୟିକ ଗୋଷ୍ଠୀ କିମ୍ବା ପ୍ରତିଷ୍ଠାନ କୁ ନଦୀ ଭିତରେ ସ୍ଥାନ ନ ଦେବା, ନଦୀ ଭିତରେ ମାଟି ପୋତା କୁ ବନ୍ଦ କରିବା ଅବାଧ ବାଲି ଉତ୍ତୋଳନ ଉପରେ ଅଙ୍କୁଶ ଲଗେଇବା ସହ ଧନୁଯାତ୍ରାର ମନୋହର ଦୃଶ୍ୟ ଅକ୍ରୁର ଗମନ ସମୟରେ ନଦୀ ଭିତରେ ଉଠିଥିବା କାଇଁଶ ବଣ କୁ ପରିଷ୍କାର କରିବାକୁ ଦାବୀ କରାଯାଇଛି। ଏଥିରେ ଭବାନୀ ସାହୁ, ସରୋଜ ନାଏକ, ନିଖିଲ ପାଣିଗ୍ରାହୀ, ମାରିୟମ ବାର୍ଲା, ପବିତ୍ର ଦେହେରୀ, ଫିରୋଜ ଖାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ପାଣି ପାଇଁ ଆଉଟୁପାଉଟୁ ୨ ବ୍ଲକର ୧ଲକ୍ଷରୁ ଊର୍ଦ୍ଧ୍ୱ ଲୋକ

## ମେଗା ପାନୀୟ ଜଳ ପ୍ରକଳ୍ପରେ କେବେ ମିଳିବ ପାଣି ?

**କାକଟପୁର/ଅସ୍ତରଙ୍ଗ,୨୧।୧୨(ସଂଚାର ବ୍ୟୁରୋ):** ଲୁଣି ଓ ଖାରି ପାଣି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ୧ଲକ୍ଷରୁ ଊର୍ଦ୍ଧ୍ୱ ଲୋକ। ଖରା ଦିନେ ଆସିଲେ ମାଇଲ ମାଇଲ ବାଟ ଚାଲିବାକୁ ପଡୁଛି। କଳସେ କିଣା ପାଣି ଶୋଷ ମେଣ୍ଟାଉଛି। ଭୋକ ଯନ୍ତ୍ରଣା ଠୁ ବଳି ପଡୁଛି ଶୋଷ ଯନ୍ତ୍ରଣା। ଏଣୁ ଏହି ପାନୀୟ ଜଳ ସମସ୍ୟା କୁ ଆଖି ଆଗରେ ରଖି ପୂର୍ବ ସରକାର ଜଳ ଜୀବନ ମିଶନ (ଜେ ଜେ ଏମ୍) ଯୋଜନାରେ ପୁରୀ ଜିଲ୍ଲାର କାକଟପୁର ଓ ଅସ୍ତରଙ୍ଗ ବ୍ଲକ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର କରିଥିଲେ। ଦୁର୍ଭାଗ୍ୟ, ଅନୁଦାନ ମଞ୍ଜୁରୀରୁ ଦେଢ଼ ବର୍ଷ ବିତିଗଲାଣି, କିନ୍ତୁ ପ୍ରକଳ୍ପ କାମ ଆଗେଇ ପାରୁନି। ଇତି ମଧ୍ୟରେ ଜିଲ୍ଲାପାଳ ବହୁବାର ସମୀକ୍ଷା କରି ତୁରନ୍ତ ଜମିଜମା ସମସ୍ୟା ଦୂର କରି ପ୍ରକଳ୍ପ କାମ ଆଗେଇ ନେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସମୀକ୍ଷା, ସମୀକ୍ଷା ବାଟରେ ଓ ଅଧିକାରୀ, ଅଧିକାରୀଙ୍କ ବାଟରେ। ଫଳ ସୁଦୂର ପାନୀୟ ଜଳ ସମସ୍ୟା କେବେ ଦୂର ହେବ ତାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ପୁରୀ ଜିଲ୍ଲାର



କାକଟପୁର ଓ ଅସ୍ତରଙ୍ଗ ବ୍ଲକରେ ଭୂତଳ ଜଳ ଲୁଣିଆ ଓ ଖାରି। ଏଣୁ ମେଗା ପାନୀୟ ଜଳ ପ୍ରକଳ୍ପ ଜରିଆରେ ଏହି ଅଂଚଳରେ ମଧୁର ପାନୀୟ ଜଳ ଯୋଗାଣ ପାଇଁ ଯୋଜନା କରାଯାଇଛି। ପୁରୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପୁରୀ ଜିଲ୍ଲାରେ ମେଗା ପାନୀୟ ଜଳ ପ୍ରକଳ୍ପର ଦାୟିତ୍ୱ ମୁଣ୍ଡାଇଛି। ଏହି ପ୍ରକଳ୍ପ ଟେଣ୍ଡର ମୁମ୍ବାଇର ଠିକାସଂସ୍ଥା ଏମ୍ ଏସ ଟି ଇଣ୍ଡିଆନ ହ୍ୟୁମ ପାଇପ କୋ. ଲିମିଟେଡ଼ କୁ ଦିଆଯାଇଛି। ୨ବର୍ଷ ଭିତରେ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ୫ଟି ରୂପାନ୍ତରଣରେ ଅନ୍ତର୍ଭୁକ୍ତ ରହିଛି। ନଦୀ ଜଳକୁ ବିଶୋଧନ କରି ପ୍ରତି ଗାଁ କୁ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ କାକଟପୁର ରେ ଗୋଟିଏ ବିଶୋଧନ ପ୍ରକଳ୍ପ କରିବାକୁ ଯୋଜନା କରାଯାଇଛି। ଯଦ୍ୱାରା ପୁରୀ ଜିଲ୍ଲା କାକଟପୁର ବ୍ଲକର ୧୦ଟି ପଂଚାୟତ ଅଧୀନ ୬୪ଟି ଗାଁର ୫୩ହଜାର ୯ଶହ ୮୨ଜଣ ଓ ଅସ୍ତରଙ୍ଗ ବ୍ଲକର ୧୧ଟି ପଂଚାୟତ ଅଧୀନ ୬୮ଟି ଗାଁର ୫୯ହଜାର ୭ଶହ ୭୨ଜଣ ଲୋକ ଉପକୃତ ହୋଇ ପାରିବେ। ଇତି ମଧ୍ୟରେ କାକଟପୁର ବ୍ଲକର ପ୍ରକଳ୍ପ ଜାଗା ସମସ୍ୟାରେ ଅଟକିଛି। କାକଟପୁର ପ୍ରକଳ୍ପ ରୁ କାକଟପୁର, ଅସ୍ତରଙ୍ଗ ଜଳ ଯୋଗାଣ ଲକ୍ଷ୍ୟ ରଖାଯାଇଛି। କିନ୍ତୁ ଜମି ମିଳୁନଥିବାରୁ ଏହି ପ୍ରକଳ୍ପ ଆଗେଇ ପାରୁନି। କାକଟପୁର ପ୍ରକଳ୍ପ ପାଇଁ ନିଆଳି ଠାରୁ ପାଣି ଆଣି ବିଶୋଧନ କରି ଯୋଗାଣର ଲକ୍ଷ୍ୟ ରଖାଯାଇଛି। କାକଟପୁର ପ୍ରକଳ୍ପ ପାଇଁ ଜାଗା ମିଳୁନଥିଲା। ଲତାହରଣ ଠାରେ ଜାଗା ମିଳିବା ପରେ ମାଟି ପରୀକ୍ଷା ଏହାର ଡିଜାଇନି ହୋଇ ପ୍ରକଳ୍ପ କାମ ଆରମ୍ଭ ହେବା କଥା। କିନ୍ତୁ ଏହି କାମରେ ବି ସେତେଟା ଅଗ୍ରଗତି ଦେଖିବାକୁ ମିଳିନି।

# ୨୬ ତମ ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ



**ଖପ୍ରାଖୋଲ,୨୧।୧୨(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଘୁନସରରେ ୨୬ ତମ ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଐଶର୍ଯ୍ୟ ଶେଖର ଦେବତାଙ୍କ ଅଧ୍ୟକ୍ଷତାରେ ଉଦ୍ଘାଟନୀ ଉତ୍ସବରେ ଘୁନସର ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ଅନୁସୟା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍ଘାଟନ କରି କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଗ୍ରାମଦେବୀଙ୍କ ଠାରୁ ମଶାଲ ଏକ ବିରାଟ ଶୋଭାଯାତ୍ରାରେ ବିଦ୍ୟାଳୟ କୁ ଅଣାଯାଇଥିଲା । କ୍ରୀଡା ଉତ୍ସବରେ ଶିକ୍ଷକ ଶ୍ରୀଯୁକ୍ତ ଡୋଲାମଣି ପଧାନ ଖେଳ ପରିଚାଳନା କରିଥିଲେ । ସନ୍ଧ୍ୟାରେ ବିଦ୍ୟାଳୟ ବାର୍ଷିକୋତ୍ସବ ଆରମ୍ଭ ହୋଇଥିଲା । ଏହି ଉତ୍ସବରେ ଖପ୍ରାଖୋଲ ଗୋଷ୍ଠୀ ସହକାରୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ରୁଦ୍ରଦେବ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମଞ୍ଚସିନ ଥିଲେ ନବରତ୍ନ ଉଚ୍ଚ ବିଦ୍ୟାଳୟ ତେଲେନପାଲି ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ଦାସ, ଏହା ସହ ମଞ୍ଚାସିନ ଥିଲେ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ବିକାଶ ଦାସ, ସମାଜ ସେବୀ ଟେକେନ୍ଦ୍ର ଜାଲ, ବିଦ୍ୟାଳୟ ଉପଦେଷ୍ଟା ମାୟାଧର ସାହୁ, ଦୁର୍ଯ୍ୟୋଧନ ସାହୁ, ଦାମୋଦର ସାହୁ, ଦେବରାଜ ପଧାନ, ଚିନ୍ତାରଥ ବାରିକ, ତେଲେନପାଲି ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରମୋଦ ବାଗ,ଫରମ୍ ସାଏ ମାଝୀ, ଦୁତ ତରିଆ, ମାଆ ମଙ୍ଗଳ ସ୍ୱୟଂ ସହାୟକ ଗୋଷ୍ଠୀ, ମାଆ ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ର ସମସ୍ତ ସଭ୍ୟ ସଭ୍ୟା ପ୍ରମୁଖ ଉତ୍ସବରେ ଉପସ୍ଥିତ ହୋଇ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ଉତ୍ସବରେ ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଘୁନସରର ଶିକ୍ଷକ ଉସତ୍ ଗଡତୀଆ, କୃଷ୍ଣଧର ପାତ୍ର, ଝରଣା କର, ରଥ ଗୁରୁ, କୃଷ୍ଣଧର ପାତ୍ର, ଗୌର ମାଝୀ, ଦିପାଞ୍ଜଲି ପ୍ରଧାନ, କିରାଣୀ କାହ୍ନୁଚରଣ ସାହୁ, ଦୁର୍ଯୋଧନ ସାହୁ, ଅଲେଖ ସ୍ୱାଇଁ, ରମେଶ ମାଝୀ, ସାଗର ବାଗ ପ୍ରମୁଖ ସହଯୋଗ କରିଥିଲେ ।

# ଜଳ ପରିମଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ଭେଡେନ,୨୧।୧୨(ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳରେ ଜଳ ଜୀବନ ମିଶନ ଓ ବସୁଧା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପାନୀୟ ଜଳ ପ୍ରକଳ୍ପର ସୁପରିଚାଳନା ଓ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ସମଗ୍ର ଗ୍ରାମର ବ୍ୟାହ ମଳ ମୁକ୍ତ ସ୍ଥିତି ବଜାୟ ରଖି ଏକ ସ୍ୱଚ୍ଛ ଓ ସୁସ୍ଥ ବାତାବରଣ ସୁନିଶ୍ଚିତ କରିବା ପାଇଁ ଗଠନ ହୋଇଥିବା ଗ୍ରାମ୍ୟ ଜଳ ଓ ପରିମଳ କମିଟିଗୁଡିକର କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଏକ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ମିଳନୀ କକ୍ଷ ଭେଡେନ ବ୍ଲକ ଠାରେ ଅନୁଷ୍ଠିତ ହୋଇଅଛି । ଏହି କାର୍ଯ୍ୟକ୍ରମ ରେ ସୁରଜ କୁମାର ପଟ୍ଟନାୟକ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପ୍ରଶାସନ), ଜିଲ୍ଲା ପରିଷଦ, ବରଗଡ଼ ମୁଖ୍ୟ ଅତିଥି, ତ୍ରିପୁରା ମହାନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମଧୁ ସୂଦନ ସେଠୀ, ଲିଙ୍ଗରାଜ ଦାସ ଜିଲ୍ଲା ପରିମଳ ପରାମର୍ଶଦାତା, ଜିଲ୍ଲା ପରିଷଦ, ବରଗଡ଼, ସମୀର ପଧାନ , ବ୍ଲକ ସମ୍ବଳ ସଂଯୋଜକ, ଭେଡେନ ବ୍ଲକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଡ଼. ସୁଧୀର ପଣ୍ଡା , ପେରସନ (ଏସ୍ଆଇଆରଡି) ପ୍ରଶିକ୍ଷଣ ଦେଇଥିବା ବେଳେ ପ୍ରିତେଶ ଦୋରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶ୍ରୀମତୀ ମଞ୍ଜୁ ସୁହୁଲା, ସହକାରୀ ଯନ୍ତ୍ରୀ , ଶ୍ରୀମତୀ ଅମିତା ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ରେ ବିଭିନ୍ନ ଗ୍ରାମପଞ୍ଚାୟତ ର ସରପଞ୍ଚ ନିର୍ବାହୀ ଅଧିକାରୀ ଏବଂ ଅନ୍ୟ ସଦସ୍ୟ ମାନେ ଯୋଗ ଦେଇଥିଲେ ।

# ପତିତପାବନ ଏକାଡେମୀ ହୀରକ ଜୟନ୍ତୀ ଉଦ୍‌ଘାଟିତ



**ବଲାଙ୍ଗୀର,୨୧।୧୨ (ସଂଚାର ବ୍ୟୁରୋ):** ଆଜି ପତିତପାବନ ଏକାଡେମୀ ହୀରକ ଜୟନ୍ତୀ ଉତ୍ସବ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଦୁଇଦିନ ଧରି ପାଳିତ ହେବାକୁ ଥିବା ଏହି ଉତ୍ସାବ ରେ ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ରୂପେ ଉଚ୍ଚ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ମୁଖ୍ୟ ବକ୍ତା ଭାବରେ ସୋଆ ବିଶ୍ୱବିଦ୍ୟାଳୟ ର ନିର୍ଦ୍ଦେଶକ ନଚିକେତା ଖମାରୀ ଦାସ ଶର୍ମା ଯୋଗଦେଇ ଥିଲେ । ଅନ୍ୟମନଙ୍କ ମଧ୍ୟରେ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇଶଲ ୱାର୍ ଓ ବଲାଙ୍ଗୀର ଏସ୍ ପି ରିଷିକେଶ ଖିଲାରୀ ମଞ୍ଚାସୀନ ଥିଲେ । ଡାଇମଣ୍ଡ ଜୁବଲି କମିଟି ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା । ପରେ ପତିତପାବନ ଏକାଡେମୀ ର ପୂର୍ବତନ ଶିକ୍ଷକ ଓ ପ୍ରଧାନ ଡାଇମଣ୍ଡ ଜୁବୁଲି କମିଟିର ଉପସଭାପତି ହେମନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭା କୁ ପ୍ରମେୟ କେବିକେ ସଂସ୍କରଣ ମୁଖ୍ୟ ଅଖିଳ ଚଂଦ୍ର ହୋତା ସଂଯୋଜନା କରିଥିଲେ । ଶେଷ ରେ ଡାଇମଣ୍ଡ ଜୁବୁଲି କମିଟିର ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପୁରାତନ ଛାତ୍ର ଅନିଲ ନନ୍ଦ, ଶ୍ରୀମନ୍ତ ପଣ୍ଡା, ସତ୍ୟ ମିଶ୍ର, ସନ୍ତକ ବହିଦାର, ରୁତରାଜ ସିଂହ ପ୍ରମୁଖ ସହଯୋଗ କରିଥିବା ବେଳେ ପ୍ରଥମ ଅଧିବେଶନରେ ସ୍କୁଲର ବହୁ ପୂରାତନ ଛାତ୍ର,ଶିକ୍ଷକ,ବର୍ତ୍ତମାନର ଶିକ୍ଷକ,ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ନବମ ଓପି ଜିନ୍ଦଲ ମେମୋରିଆଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ




**ଯୋଡ଼ା,୨୧।୧୨(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତ ସିଆଳିଯୋଡ଼ାଠାରେ ଅବସ୍ଥିତ ଜିନ୍ଦଲ ସ୍ପୋର୍ଟସ କମ୍ପ୍ଲେକ୍ସରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ନବମ ଓପି ଜିନ୍ଦଲ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ସାନବଡ଼ବିଲ ଫୁଟବଲ୍ କ୍ଲବ ବିଜୟୀ ହୋଇଛି। ଫାଇନାଲ ମ୍ୟାଚ ସାନବଡ଼ବିଲ ଫୁଟବଲ କ୍ଲବ ଓ ଅସେଇକଳା ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ସାନବଡବିଲର ଖେଳାଳି ମାର୍ଶାଲ ପୂର୍ତ୍ତିଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ମିଳିଥିବା ବେଳେ ସର୍ବାଧିକ ଗୋଲ ପାଇଁ ସାନବଡ଼ବିଲର ଅମିତ ବେହେରାଙ୍କୁ ପୁରସ୍କାର ମିଳିଛି। ସିଆଳିଯୋଡ଼ା ଫୁଟବଲ କ୍ଲବ ଓ ବିଲେଇପଦା ଫୁଟବଲ କ୍ଲବ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚର ଉଦଘାଟନୀ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଦେଓଝର ପଞ୍ଚାୟତର ସରପଞ୍ଚ ଧ୍ରୁବ ଚରଣ ନାଏକ, ବୀରକଳା ପଞ୍ଚାୟତର ସମିତି ସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ, କାଣ୍ଡ୍ରା ପଞ୍ଚାୟତର ସମିତି ସଭ୍ୟ ସୋମନାଥ ମହାନ୍ତ, ଦେଓଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆଦିମ ସଂସ୍କୃତିର ସାଧାରଣ ସମ୍ପାଦକ ଡକ୍ଟର ରୁଦ୍ରମଣି ପାତ୍ର ଓ କାଣ୍ଡ୍ରା ପଞ୍ଚାୟତର ନାଏବ ସରପଞ୍ଚ ମଙ୍ଗୁ ଚାତାର ଯୋଗ ଦେଇଥିଲେ। ସେହିପରି ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱର ପକ୍ଷରୁ ଜିନ୍ଦଲ ପେଲେଟ ପ୍ଲାଣ୍ଟର ୟୁନିଟ ହେଡ୍ ପୁରୁଷୋତ୍ତମ ଏମ ଡି, ଏଚଆର ଏଣ୍ଡ ଇଏସ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ସିଏସଆର ହେଡ୍ ଭର୍ଜିଲ ଲାକ୍ରା ଓ ଚିଫ୍ ମେଡିକାଲ ଅଫିସର ଡକ୍ଟର ରାମାନନ୍ଦ ପ୍ରସାଦ ଅତିଥି ଭାବେ ଯୋଗଦେଇଥିଲେ। ଗତ ୧୯ ତାରିଖରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା । ଏଥିରେ ଦେଓଝର, ବୀରକଳା, କାଣ୍ଡ୍ରା, ଅସେଇକଳା ଓ ଚମକପୁର ଅଞ୍ଚଳର ୪୦ଟି ଫୁଟବଲ୍ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଦେଖିବା ପାଇଁ ବହୁ ଫୁଟବଲ୍ ପ୍ରେମୀ ଉପସ୍ଥିତ ଥିଲେ।

**କୃଷକ ସଂଗଠନର ବୈଠକ**

# ବିଜୁଳି କାଟ ହେଲେ ଆନ୍ଦୋଳନ

**ଭଟଲି,୨୧।୧୨(ସଂଚାର ବ୍ୟୁରୋ):** ବଜାର ପ୍ରାଙ୍ଗଣରେ କୃଷକ ପରିବାର ତରଫରୁ ବିଦ୍ୟୁତ ବିଲ ଏବଂ ଧାନ ବିକ୍ରି ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ଲାଇନ କାଟିଲେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଭାପତି ଥବିର ସାହୁ ଙ୍କ ସଭାପତିତ୍ୱ ରେ ପ୍ରଥମେ ଗତ ବିଧାନସଭା ରେ ବିଭାଗୀୟ ବିଦ୍ୟୁତ ମନ୍ତ୍ରୀ କେ ପି ସିଂ ଦେଓ କହିଥିଲେ ଯେ ଗତ ବିଜେଡି ସରକାର ୪ ହଜାର କୋଟି ଟଙ୍କା ରୁ ଊର୍ଦ୍ଧ୍ୱ ଛାଡ଼ କରିଥିବା ପ୍ରକାଶ କଲେ ଏବଂ ବର୍ତ୍ତମାନ କମ୍ପାନୀ ମାନେ ୧୦୯୬ କୋଟି ଟଙ୍କା ଦେଉ ନ ଥିବା କହିଛନ୍ତି। କମ୍ପାନୀ ମାନଙ୍କୁ ହଜାର ହାଜର କୋଟି ଟଙ୍କା ଛାଡ଼ କରୁଥିବା ବେଳେ ଚାଷୀ ମାନଙ୍କ ପାଇଁ କାହିଁକି ଏହି କଠୋର ନୀତି ବୋଲି ବକ୍ତା ମାନେ କ୍ଷୋଭ ପ୍ରକାଶ କରିଛନ୍ତି। ହୀରାକୁଦ ଜଳସେଚନ ର ପୁନଃଦ୍ଧାର ପାଇଁ ୮୫୫ କୋଟି ଟଙ୍କା ଦେଇ ସରକାର କେନାଲ ମରାମତି କରିବେ। ଅଣ ଜଳସେଚିତ ର ଚାଷୀ କାହିଁକି ସାବତ ପୁଅ ହେବ ଏଣୁ ଗଭୀର ନଳ କୂପ ଜରିଆରେ ଜଳସେଚନ ବ୍ୟବସ୍ଥା ମଧ୍ୟ ସରକାର ବହନ କରିବା କଥା ଯଦି ସରକାର ବହନ ନ କରିବେ ତାହାହେଲେ ଚାଷୀ ଚାଷ କରିବା ଦୁଃସହ ହୋଇଯିବ। ଆଜିର ବୈଠକ ରେ ଯାହାର ପାଖରେ ଟଙ୍କା ଅଛି ଦେଇପାରେ କିନ୍ତୁ ବାଧ୍ୟବାଧକତା ଲାଇନ ବିଲ ଅସୁଲି କୁ ଗ୍ରହଣ କରାଯିବ ନାହିଁ ଏବଂ ଦରକାର ପଡିଲେ ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବୁ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ବୈଠକ ରେ ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ବାରପାହାଡ଼ କୃଷକ ସଂଗଠନ ସଭାପତି ଈଶାନ୍ତ ଭୋଇ ସହିତ ଭଟଲି ବ୍ଲକ କୃଷକ ସଂଗଠନ ର ଶାନ୍ତନୁ ମାଝୀ, ସୁରେନ୍ଦ୍ର ସାହୁ, ଦିଲ୍ଲୀବ ସାହୁ, ବିନୟ ସାହୁ, ହେମନ୍ତ ସାହୁ, ଅନନ୍ତ ଖମାରି, ଅକ୍ଷୟ ପଧାନ, ସୁରଥ ସାହୁ, ସଂଜୀବ ନାୟକ, ଅରୁଣ ମୁନା, ପିଣ୍ଟୁ ପଟେଲ ଗଙ୍ଗାରାମ ଭୁଏ, କ୍ଷୀରୋଦ୍ର ସାହୁ।



# ଜାନୁୟାରୀ ୮ରୁ ବିଦେଶୀ ପକ୍ଷୀ ଗଣନା



**ସମ୍ବଲପୁର,୨୧।୧୨(ସଂଚାର ବ୍ୟୁରୋ):** ଡେବିରିଗଡ଼ ଅଭୟାରଣ୍ୟ ତଥା ହୀରାକୁଦ ଜଳ ଭଣ୍ଡାରରେ ପୁଣି ଏକାଠି ହୋଇଛନ୍ତି ବିଦେଶୀ ପକ୍ଷୀ, ବିଦେଶୀ ପକ୍ଷୀ ବସବାସ କରୁଥିବା ଏହି ଅଞ୍ଚଳକୁ ୨୦୨୧ ମସିହାରେ ୭୦୦ ବର୍ଗ କି.ମି. ହିରାକୁଦ୍ ଆର୍ଦ୍ରଭୂମି ରାମସର ସାଇଟ୍ ଭାବରେ ଘୋଷିତ ହୋଇଥିଲା। ଚାରି ପ୍ରକାରର ଟର୍ନସ୍, ବାର୍ ହେଡ୍ ଗୋସ୍, ଟୁଫଟେଡ୍ ଡକ୍, ବିଭିନ୍ନ ପୋଚାର୍ଡ, ହ୍ୱିସିଲ୍ ଡକ୍, ସ୍ୟାଣ୍ଡପାଇପର, ଉତ୍ତର ପିଣ୍ଟେଲ୍ ଇତ୍ୟାଦି ଅଛି । ଏହି ଶୀତରେ ହିରାକୁଦରେ ତାପମାତ୍ରା ୨୦ ରୁ ୨୬ ଡିଗ୍ରୀ ମଧ୍ୟରେ ବଦଳିଥାଏ ଯେଉଁଠାରେ ରାତିର ତାପମାତ୍ରା ୧୦ ଡିଗ୍ରୀକୁ ଖସିଯାଏ ଏବଂ ସେମାନଙ୍କ ପାଇଁ ଉପଯୁକ୍ତ ଶୀତକାଳୀନ ସ୍ଥାନକୁ ସହଜ କରିଥାଏ । ପ୍ରତିବର୍ଷ ଭଳି ହୀରାକୁଦ ବନ୍ୟ ପ୍ରାଣୀ ବିଭାଗ ପକ୍ଷରୁ ନବବର୍ଷ ଜାନୁୟାରୀ ୧୮ ତାରିଖରେ ବିଦେଶୀ ପକ୍ଷୀଙ୍କ ଗଣନା କାର୍ଯ୍ୟକ୍ରମ କରାଯିବ, ୨୦୨୪ ବର୍ଷରେ ଡେବିରିଗଡ଼ ଓ ହୀରାକୁଦ ଜଳ ଭଣ୍ଡାରରେ ୧୧୨ ପ୍ରଜାତିର ୩,୪୨,୩୩୯ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିଲା।

# ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ

**ବାଲେଶ୍ୱର,୨୧।୧୨(ସଂଚାର ବ୍ୟୁରୋ):** ୧୫ ବର୍ଷ ହେଲାଣି ସରୁନି ଜାତୀୟ ରାଜପଥ କାମ । ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଗଲାଣି । ଯିବା ଆସିବା କଲା ବେଳେ ରାସ୍ତାରେ ଧୂଳି ଉଡ଼ି ଲୋକଙ୍କୁ ଅସ୍ତବ୍ୟସ୍ତ କରାଉଛି। ଯେଉଁଥିପାଇଁ ୧୫ ବର୍ଷ ଭିତରେ ୭୨ଜଣଙ୍କ ଜୀବନ ଗଲାଣି। ୭ ଶହରୁ ଅଧିକ ଲୋକ ଆହତ ହୋଇଛନ୍ତି । ଆମେ କହୁଛୁ ବାଲେଶ୍ୱର ଭେଲୋରା ଛକ ନିକଟରେ ଥିବା ୬୦ନଂ ଜାତୀୟ ରାଜପଥ। ପ୍ରଶାସନିକ ଅବହେଳା ପାଇଁ ଅସମ୍ପୂର୍ଣ୍ଣ ହୋଇ ପଡ଼ିଛି ରାସ୍ତା। ଏ ହେଉଛି ବାଲେଶ୍ୱର ଭେଲୋରା ଛକ ନିକଟ ୬୦ନଂ ଜାତୀୟ ରାଜପଥ। ଦୁର୍ଘଟଣା ମୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାରେ ଏହି ରାଜପଥକୁ ସାମିଲ କରାଯାଇଛି । ୪ ଲାଇନ ବିଶିଷ୍ଟ ରାସ୍ତାରେ ଭୂତଳ ବ୍ରିଜ ନିର୍ମାଣ ପାଇଁ ରାସ୍ତା ଖୋଳାହୋଇଛି। ୨୦୧୦ରେ ୫ଶହ ମିଟର ବାଇପାସ କାମ ଆରମ୍ଭ ହୋଇଥିବା ବେଳେ କାମ ଅଧା କରି ଠିକାଦାରଙ୍କ ଦେଖାନାହିଁ। ଫଳରେ ଆଜିକୁ ୧୫ବର୍ଷ ବିତିଯାଇଥିଲେ ବି ରାସ୍ତା କାମ ସରିନି। ଏନେଇ ଲୋକମାନେ ବାରମ୍ବାର ଅଭିଯୋଗ ପରେ ୨୦୨୨ରେ ଏହି କାମ ନୂତନ ଠିକାଦାରଙ୍କୁ ଦିଆଯାଇଥିଲା । ମାତ୍ର ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ବ୍ରିଜ୍ କାମ ଆଗେଇ ପାରୁନି । ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଛି ।



# ପତ୍ନୀର ତଣ୍ଟିକାଟି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ



**ପଦ୍ମପୁର,୨୧।୧୨(ସଂଚାର ବ୍ୟୁରୋ):** ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଥାନା ଅନ୍ତର୍ଗତ ଜେନକେଡା ଗ୍ରାମର କଲୋନୀ ପଡାରେ ପତ୍ନୀର ତଣ୍ଟିକାଟି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ତଦନ୍ତ ଆରମ୍ଭ କରିଛି । ମିଳିଥିବା ସୂଚନା ଅନୁସାରେ ଚନ୍ଦ୍ରକାନ୍ତି ସାହୁକୁ ରାତିରେ ଧାରୁଆ ଅସ୍ତ୍ରରେ ତଣ୍ଟି କାଟିଲେ ତାଙ୍କର ସ୍ୱାମୀ ରାମ ସାହୁ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ରାତିରେ ଦୁହିଜଣ ଶୋଇଥିବା ସମୟରେ ସେ ଏହି କାଣ୍ଡ ଘଟାଇ ଥିବା ଅନୁମାନ କରାଯାଉଛି । ଶବକୁ ଦେଖିଲେ ଓ ଦୁର୍ଗନ୍ଧରୁ ଦୁଇଦିନ ପୂର୍ବରୁ ହତ୍ୟା କରିଥିବା ଅନୁମାନ କରାଯାଉଛି । ଅଭିଯୁକ୍ତ ଜଣକ ହତ୍ୟା କରି ଫେରାର ହୋଇଯାଇଛି । ପାରିବାରିକ କଳହରୁ ହତ୍ୟାକାଣ୍ଡ ହୋଇଥିବା ଜଣାପଡୁଛି । ଘଟଣାସ୍ଥଳରେ ଗାଇସିଲେଟ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ବର୍ଣ୍ଣାଳୀ ତାଲିମ ଶିବିର ଉଦ୍‌ଯାପିତ

**ବୋରିଗୁମ୍ମା,୨୧।୧୨(ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ସଦର ମୋହକୁମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ବର୍ଣ୍ଣାଳୀ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ କୁ ବୋରିଗୁମ୍ମା ଗୋଷ୍ଠି ଶିକ୍ଷା ଅଧିକାରୀ ଡ଼. ସଚିନ ମଲ୍ଲିକ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଉଦଘାଟନ କରିଥିଲେ ଏବଂ ପରେ ସହଶିକ୍ଷାଧିକାରୀ ସଂଯୁକ୍ତା ପଣ୍ଡା, ସୁବାଷ ଚନ୍ଦ୍ର ମାଝୀ ତାଲିମ କାର୍ଯ୍ୟକ୍ରମ ପରିଦର୍ଶନ ରେ ଆସି ଲିଙ୍ଗଗତ ଭେଦଭାବ ଦୂରୀକରଣ ପାଇଁ ଶ୍ରେଣୀ ପରିଚାଳନା ର କୌଶଳ ଓ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ଭୂମିକାବିଷୟରେ ପରାମର୍ଶ ଦେଇଥିଲେ। ସିଆରସିସି ମୋନଜ କୁମାର ବିଷୋୟୀ, ଶିକ୍ଷକ ଆଶିଷ କୁମାର ପ୍ରଧାନ, ଲବ ପେଣ୍ଡିଆ, ରମାକାନ୍ତ ମହାପାତ୍ର, ବୈକୁଣ୍ଠ ନାଥ ବେଉରା, ଏ. ବବିତା ରାଣୀ ଦୋରା,ଓ ଉମାଶଙ୍କରୀ ଆଚାରୀ ମୁଖ୍ୟ ଆଲୋଚକ ଭାବେ ଯୋଗଦାନ କରିଥିଲେ । ବର୍ଣାଳୀ ତାଲିମ ଶିବିରରେ ଦୁଇଟି ଭେନ୍ୟୁ ରେ ସମୁଦାୟ ୧୨୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଲିଙ୍ଗଗତ ଓ ସାମାଜିକ ଭେଦଭାବର ଦୂରୀକରଣ ପାଇଁ ଶ୍ରେଣୀ ପରିଚାଳନା ର କୌଶଳ,ପାଠ୍ୟକ୍ରମ,ପାଠ୍ୟପୁସ୍ତକର ବର୍ଣ୍ଣାଳୀ କାର୍ଯ୍ୟପୁସ୍ତିକା ସହ ସଂଯୋଗୀକରଣ ବିଷୟରେ ପ୍ରଶିକ୍ଷଣ ରେ ଅଂଶଗ୍ରହଣ କରିଥିଲେ। ବୋରିଗୁମ୍ମା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟାନନ୍ଦ ପଟନାୟକ, ଶିକ୍ଷକ ତପନ କୁମାର ତନ୍ତୀ, ସୁତମ ବିଷୋୟୀ, ରବୀନ କୁମାର ସାହୁ ଓ ଏମ. ପ୍ରଶାନ୍ତ ଆଚାରୀ ସମେତ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ।



# ଅମଳ ସମୟରେ ଧାନ ଫସଲ ନଷ୍ଟ କରୁଛନ୍ତି ହାତୀପଲ



**ସୁବର୍ଣ୍ଣପୁର,୨୧।୧୨(ସଂଚାର ବ୍ୟୁରୋ):** ଉଲୁଣ୍ଡା ବନାଞ୍ଚଳରେ ଦୁଇ ଦିନ ହେଲା ୨୧ ଟିକିଆ ହାତୀ ପଲ ଘୁରି ବୁଲୁଥିବା ବ୍ୟାପକ ଧାନ ଫସଲ ନଷ୍ଟ କରୁଛନ୍ତି। ଅମଳ ସମୟରେ ଧାନ ଫସଲ ନଷ୍ଟ କରୁଛନ୍ତି ହାତୀପଲ, ଚେଇଁ ଶୋଇଚି ବନ ବିଭାଗ, ଲୋକେ ହାତୀ ଘଉଡାଇ ଘଉଡାଇ ନୟାନ୍ତ ଅମଳ ସମୟରେ ଧାନ ଫସଲ ନଷ୍ଟ କରୁଛନ୍ତି ହାତୀପଲ । ଆଜି ସକାଳୁ ଯାଲୋଏ ଫରେଷ୍ଟ ବିଟ ଅଞ୍ଚଳରେ ହାତୀ ମାନେ ଥିବାବେଳେ ବିଲରେ ପାଚିଲା ଧାନ ଥିବାରୁ ଚାଷୀ ଚିନ୍ତାରେ ପଡ଼ିଛି । ଏନେଇ ବନ ବିଭାଗକୁ ଖବର ଦେଲେ ହେଁ ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବାକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ବାଧ୍ୟ ହୋଇ ଚାଷୀମାନେ ଜୀବନକୁ ବାଜି ଲଗାଇ ହାତୀକୁ ଘଉଡ଼ାଇବା ପାଇଁ ଚେଷ୍ଟା କରୁଛନ୍ତି । ତେବେ କ୍ଷୟ କ୍ଷତିର ଆକଳନ କରି ତୁରନ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି ।

# ଗଜବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା

**ଡୁଙ୍ଗୁରିପାଲି,୨୧।୧୨(ସଂଚାର ବ୍ୟୁରୋ):** ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ପଞ୍ଚାନନ କମ୍ପ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ଅନନ୍ତ ନାରାୟଣ ବଂଛୋର ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ଉଦଘାଟନ କରିଥିଲେ । ଦୌଡ଼,ଉଚ୍ଚ ଡିଆଁ,ଲମ୍ବଡିଆଁ,ଗୋଲା ଫିଙ୍ଗା, ଡିସ୍କସ ଥ୍ରୋ, ଜାଭେଲିନ ଥ୍ରୋ, ସ୍ଲୋ ସାଇକେଲ, ମ୍ୟୁଜିକ ଚେୟାର ପରି ପ୍ରତିଯୋଗିତା ବାଳକ ଓ ବାଳିକା ଉଭୟ ବର୍ଗ ରେ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଯୁଧିଷ୍ଠିର ରଣା,କଳାକାହ୍ନୁ ରଣା, ଶଙ୍କର ପ୍ରସାଦ ଭୋଇ, ଶିକ୍ଷୟିତ୍ରୀ ପଦ୍ମାବତୀ ହାତୀ, ପ୍ରମିତା ପଧାନ, ଅମୁଲ୍ୟ ଝାଙ୍କର ଖେଳ ଗୁଡିକୁ ପରିଚାଳନା କରିଥିଲେ । ସଂଯୁକ୍ତା ଭୋଇ,ସୁବାସ ଭୋଇ, କିରଟି ନାଏକ ସହଯୋଗ କରିଥିଲେ । ପ୍ରାୟ 80 ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଗଜବନ୍ଧ ସିଆରସିସି ନରେନ୍ଦ୍ର ପୁରୋହିତ, ଅଭିଭାବକ ଓ ଅଂଚଳ ର ଜନସାଧାରଣ ଏହି କାର୍ଯ୍ୟକ୍ରମ କୁ ପ୍ରଶଂସା କରିଛନ୍ତି ।

